# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅଗଷ୍ଟ ୨୫/୨୦୨୨ (୧୪ ପୃଷ୍ଠା) | Sambalpur, Thursday, August 25/2022 | Page 14 | ₹ 7.00 | ★★

୧୮ଶ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 248 | ମୂଲ୍ୟ ₹୭/-




**ଶୁଭ୍ରାନ୍ତୋ ଶ୍ରେଷ୍ଠ**

କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ଅନୁଷ୍ଠିତ ରାଜ୍ୟ ସନ୍ତରଣ ଚାମ୍ପିୟନଶିପ୍‌ରେ ଗଞ୍ଜାମର ଶୁଭ୍ରାନ୍ତୋ ପାତ୍ର ଶ୍ରେଷ୍ଠ ପୁରୁଷ ପ୍ରତିଯୋଗୀ ବିବେଚିତ ହୋଇଛନ୍ତି।

୧୪

୧୦

**ଶାହାରୁଖଙ୍କ ଟାଇଟଲ ଚାହାନ୍ତି ବିଜୟ୍**

ଟଲିଉଡ୍‌ର ଭର୍ସାଟାଇଲ ଆକ୍ଟର ବିଜୟ ଦେବରକୋଣ୍ଡା ବଲିଉଡ୍ ଅଭିନେତା ଶାହାରୁଖ୍ ଖାନ୍‌ଙ୍କ 'କିଙ୍ଗ୍' ଟାଇଟଲ ଚାହାନ୍ତି ବୋଲି କହିଛନ୍ତି।






କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟକୁ ନେଇ ସୁଭାଷ ସଙ୍ଗଠନର କର୍ମକର୍ତ୍ତାମାନେ ରାସ୍ତାରେ ଗଡ଼ି ପ୍ରତିବାଦ କରୁଛନ୍ତି। (ରିପୋର୍ଟ: ପୃଷ୍ଠା-୪)

# କିଡ୍‌ନୀ ବିକିଦେଲେ ସ୍ୱାମୀ

**ମାଲକାନଗିରି,୨୪।୮(ଡି.ଏନ୍.ଏ./ସ୍ୱ.ପ୍ର.)**

ମାଲକାନଗିରି ଜିଲାର ଜଣେ ମହିଳାଙ୍କ କିଡ୍‌ନୀକୁ ତାଙ୍କ ସ୍ୱାମୀ ଛଳନା କରି ବିକ୍ରି କରିଦେଇଥିବା ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତା ଜଣକ ହେଲେ ମାଲକାନଗିରି ସଦର ବ୍ଲକ କତାମେଟା ଗ୍ରାମର ରଞ୍ଜିତା କୁଣ୍ଡୁ। ସେ ବୁଧବାର ଗଣମାଧ୍ୟମକୁ କହିଛନ୍ତି, ବିବାହ ପରେ ସ୍ୱାମୀ ପ୍ରଶାନ୍ତ କୁଣ୍ଡୁ ଓ ନଣନ୍ଦ ଯୌତୁକ ନିର୍ଯାତନା ଦେଉଥିଲେ। ୨୦୧୮ରେ ତାଙ୍କ କିଡ୍‌ନୀରେ ଷ୍ଟୋନ୍ ହେବାରୁ ଚିକିତ୍ସା ପାଇଁ ସ୍ୱାମୀ ଏବଂ ନଣନ୍ଦ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ରକ୍ତ ପରୀକ୍ଷା କରାଯିବ ବୋଲି ମିଛ କହି କିଡ୍‌ନୀ ବିକ୍ରି କରିଦେଲେ। ସ୍ୱାମୀ ଏବଂ ନଣନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତାଙ୍କୁ ନ୍ୟାୟ ଦେବାକୁ ନିବେଦନ କରି ରଞ୍ଜିତା ବୁଧବାର ପରିବାରବର୍ଗ, ଗ୍ରାମବାସୀ ଏବଂ ସାମାଜିକ କର୍ମୀ ଶରତ ବୁରୁଦାଙ୍କ ସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି।



ରଞ୍ଜିତା କୁଣ୍ଡୁ

ସାମାଜିକ କର୍ମୀ ଶରତ କହିଛନ୍ତି, ରଞ୍ଜିତା ୧୨ ବର୍ଷ ତଳେ ଏମ୍‌ଭି-୩୮ ଗ୍ରାମର ପ୍ରଶାନ୍ତଙ୍କୁ ପ୍ରଥମେ ପ୍ରେମ କରି ପରେ ବିବାହ କରିଥିଲେ। ତାଙ୍କର ଗୋଟିଏ ଝିଅ ଏବଂ ପୁଅ ରହିଛନ୍ତି। ବିବାହ ପରଠାରୁ ସ୍ୱାମୀ ପ୍ରଶାନ୍ତ ଏବଂ ତାଙ୍କ ଭଉଣୀ(ନଣନ୍ଦ) ମିଶି ବାପଘରୁ ଟଙ୍କା ଆଣିବାକୁ କହି ମାଡ଼ ମାରୁଥିଲେ। ୨୦୧୮ରେ ଭୁବନେଶ୍ୱରରେ ମାଡ଼ମାରି ତାଙ୍କ ଇଚ୍ଛା ବିରୋଧରେ ଏମ୍‌ଭି-୩୮ ଗ୍ରାମର ଅସିମ୍ ହଲ୍‌ଦାର ନାମକ ବ୍ୟକ୍ତିଙ୍କୁ ରଞ୍ଜିତାଙ୍କ ଏକ କିଡ୍‌ନୀ ବିକିଦେଲେ। ସେ ବାବଦ ଟଙ୍କା ସ୍ୱାମୀ ଏବଂ ନଣନ୍ଦ ନେଇ ଖର୍ଚ୍ଚ କରିଦେଲେ। ଗୋଟିଏ କିଡ୍‌ନୀ ଥିବାରୁ ଏବେ ଶରୀର ଅସୁସ୍ଥ। ଏଭଳି ପରିସ୍ଥିତିରେ ପ୍ରଶାନ୍ତ ଅତ୍ୟନ୍ତ୍ର ବିବାହ କରିଛନ୍ତି। ୨ ଝିଅ ପୁଅଙ୍କୁ କେମିତି ପୋଷିବେ ସେନେଇ ରଞ୍ଜିତା ଚିନ୍ତାରେ ରହିଛନ୍ତି। ସ୍ୱାମୀ ଏବଂ ନଣନ୍ଦଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ☞ପୃଷ୍ଠା-୪

# ଡିସେମ୍ବର ୨୭ରୁ ବରଗଡ଼ ଧନୁଯାତ୍ରା ମହୋତ୍ସବ

**ବରଗଡ଼ ଅଫିସ,୨୪।୮**

**୨ବର୍ଷ ପରେ କମ୍ପିବ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୭ରୁ ଆରମ୍ଭ ହେବ। ଦୀର୍ଘ ୧୧ ଦିନ ଧରି ୨୦୨୩ ଜାନୁୟାରୀ ୬ ପର୍ଯ୍ୟନ୍ତ ଏହା ଚାଲିବ। କରୋନା କଟକଣା ଯୋଗୁ ଗତ ୨ବର୍ଷ ଧରି ହୋଇପାରି ନ ଥିବା ଯୋଗୁ ଅନ୍ୟ ବର୍ଷ ତୁଳନାରେ ଏଥର ଧନୁଯାତ୍ରା ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବ। ବୁଧବାର ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଧନୁଯାତ୍ରା ମହୋତ୍ସବ ସମିତିର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ତଥା ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ ପ୍ରାରମ୍ଭିକ ବିବରଣୀ ଉପସ୍ଥାପନ କରିଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟ କହିଥିଲେ, ଏଥର ଧନୁଯାତ୍ରା ☞ପୃଷ୍ଠା-୪

# ଡ୍ରୋନ୍ ସହାୟତାରେ ଫାଟ ଯାଞ୍ଚ ନିର୍ଦ୍ଦେଶ

**ହୀରାକୁଦ ଜଳଭଣ୍ଡାର ସୁରକ୍ଷା ଚିନ୍ତା**

**ସମ୍ବଲପୁର,୨୪।୮(ବ୍ୟୁରୋ)**

ହୀରାକୁଦ ଡ୍ୟାମର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ବନ୍ଧ ନିରାପତ୍ତା (ଡ୍ୟାମ୍ ସେଫ୍ଟି) ମୁଖ୍ୟଯନ୍ତ୍ରୀ। ତୁରନ୍ତ ଡ୍ୟାମ ସୁରକ୍ଷାର ଯାଞ୍ଚ କରିବାକୁ ବନ୍ଧ ନିରାପତ୍ତା ମୁଖ୍ୟଯନ୍ତ୍ରୀ ଶିବାଶିଷ ପାଢ଼ୀ ଗତ ୧୬ ତାରିଖରେ ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଡ୍ରୋନ ସାହାଯ୍ୟରେ ଡ୍ୟାମ୍‌ର ଅପ୍‌ଷ୍ଟ୍ରିମ୍ ଓ ଡାଉନ୍ ଷ୍ଟ୍ରିମ୍‌ରେ ଫାଟ(କ୍ରାକ୍) ସମ୍ପର୍କରେ ଯାଞ୍ଚ କରି ଭିଡିଓଗ୍ରାଫି କରିବା ସହ ତଥ୍ୟ ପ୍ରମାଣ ସହ ରିପୋର୍ଟ ଦେବା, ୧୯୯୯ ସର୍ଭେ ପରେ ଚିହ୍ନଟ ଫାଟଗୁଡ଼ିକର ପରିସୀମା ବୃଦ୍ଧିପାଇଛି ନା ନାହିଁ ତା'ର ରିପୋର୍ଟ ପ୍ରସ୍ତୁତ କରିବା, ଅପରେଶନ ଗ୍ୟାଲେରିରେ ଥିବା ଫାଟ୍‌ଗୁଡ଼ିକର ସ୍ଥିତି ଓ କିଭଳି ମରାମତି କରାଯାଇଛି ତା'ର ରିପୋର୍ଟ ଦେବାକୁ ବନ୍ଧ ନିରାପତ୍ତା ମୁଖ୍ୟଯନ୍ତ୍ରୀଙ୍କ ଚିଠିରେ ନିର୍ଦ୍ଦେଶ ରହିଛି। ଏହିସବୁ ରିପୋର୍ଟ ପୂର୍ଣ୍ଣାଙ୍ଗ ଭାବେ ଦାଖଲ କରାଗଲେ ବନ୍ଧ ନିରାପତ୍ତା ବିଶେଷଜ୍ଞ କମିଟି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି କୁହାଯାଇଛି।

ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି ଯେ, ବନ୍ଧର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହା ଏକ ଗତାନୁଗତିକ କାର୍ଯ୍ୟ। ଆମ ପକ୍ଷରୁ ଡ୍ୟାମ ସୁରକ୍ଷାର ସର୍ଭେ ପାଇଁ ୨୦୨୨ ମେ' ୨୭ରେ ବନ୍ଧ ନିରାପତ୍ତା ମୁଖ୍ୟଯନ୍ତ୍ରୀଙ୍କୁ ଚିଠି କରାଯାଇଥିଲା। ଏଣୁ ବନ୍ଧ ନିରାପତ୍ତା ମୁଖ୍ୟଯନ୍ତ୍ରୀଙ୍କ ପକ୍ଷରୁ ଆବଶ୍ୟକ ତଥ୍ୟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ପାଞ୍ଚବର୍ଷରେ ହୀରାକୁଦ ଡ୍ୟାମ୍‌ର ସୁରକ୍ଷା ନେଇ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ☞ପୃଷ୍ଠା-୪

# ପୁଣି ୬ ମାସ ବଢ଼ିଲା ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ

**ଭୁବନେଶ୍ୱର,୨୪।୮(ବ୍ୟୁରୋ)**



ସୁରେଶ ଚନ୍ଦ୍ର ମହାପାତ୍ର

ରାଜ୍ୟ ମୁଖ୍ୟ ଶାସନ ସଚିବ ତଥା ୧୯୮୬ ବ୍ୟାଚ୍ ଆଇଏଏସ୍ ଅଫିସର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ଆଉ ୬ ମାସ ବୃଦ୍ଧି କରିଛନ୍ତି। ଦ୍ୱିତୀୟ ଥର ପାଇଁ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ସେ ଆସନ୍ତା ସେପ୍ଟେମ୍ବର ପହିଲାରୁ ୨୦୨୩ ଫେବୃୟାରୀ ୨୮ ପର୍ଯ୍ୟନ୍ତ ରାଜ୍ୟ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରିବେ । କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ☞ପୃଷ୍ଠା-୪


INSTITUTE OF ENTREPRENEURSHIP DEVELOPMENT, ODISHA
*An Institute of*
MSME Department, Govt. of Odisha

ADMISSION NOTICE 2022-23

IMBA

INTEGRATED MASTER OF BUSINESS ADMINISTRATION
*(Affiliated to Utkal University)*
QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into **IMBA 5 years programme** for the session **2022-23**. Interested candidates can collect the Application Form personally from IED Odisha on payment of ₹ **500/-** **(₹ 200/- for SC/ST/PH Candidates)** in shape of cash or DD in favour of **IED ODISHA IMBA, payable at Bhubaneswar. Details of Forms and prospectus can be downloaded from our website.**
***Hostel Facility is available in Institute's Campus.**

| | |
|---|---|
| Last date for submission of IMBA Application Form with all relevant documents and fees: | 02.09.2022 |
| Commencement of Admission into IMBA 1st Semester and 7th Semester at IED Odisha | 07.09.2022 |

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 7978120939, 9437163828, 9437491548
Website : www.iedodisha.org.in, Email : iedodisha87@gmail.com


# ମିଳିଲା ମଙ୍ଗଳ ମାଟି ଉପଯୋଗୀ ଉଦ୍ଭିଦ




**ନୂଆଦିଲ୍ଲୀ, ୨୪।୮**

**ଅନ୍ୟ ଗଛ ବଢ଼ିବାରେ ସାହାଯ୍ୟ କରିବ ଆଲ୍‌ଫାଲ୍‌ଫା**

ମଙ୍ଗଳରେ ମନୁଷ୍ୟ ରହିପାରିବା ଭଳି ପରିବେଶ ସୃଷ୍ଟି ନିମନ୍ତେ ଗବେଷଣାରତ ବୈଜ୍ଞାନିକମାନେ ନୂଆ ନୂଆ ତଥ୍ୟ ଆବିଷ୍କାର କରୁଛନ୍ତି। ପୃଥିବୀର ନିକଟତମ ଗ୍ରହ ମଙ୍ଗଳରେ ଜଳ ଥିବା ନିର୍ଦ୍ଦିଷ୍ଟ ସ୍ଥାନର ମ୍ୟାପ୍ ୟୁରୋପୀୟ ମହାକାଶ ସଂସ୍ଥା (ଇଏସ୍ଏ) ପାଇଁ ଜାରି କରିସାରିଥିବାବେଳେ ଏବେ ସେଠାରେ ଚାଷ ନିମନ୍ତେ ବ୍ୟବସ୍ଥା କରିବାକୁ ଉଦ୍ୟମ ଚାଲିଛି। ଲୋହିତ ଗ୍ରହ ମାଟିରେ ଲାଗିପାରିବା ଭଳି ଏକ ପ୍ରକାର ଉଦ୍ଭିଦ ଖୋଜି ବାହାର କରାଯାଇଛି। ଏହାର ନାଁ 'ଆଲ୍‌ଫାଲ୍‌ଫା'। ଏହି ଗଛ ମଙ୍ଗଳ ମାଟିରେ ଉର୍ବରକ ଭଳି କାମ କରିବ। ଫଳରେ ଲାଲ୍ ଗ୍ରହରେ ଚାଷ ସମେତ ବିଭିନ୍ନ ପ୍ରକାର ଉଦ୍ଭିଦ ଲଗାଯାଇପାରିବ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଏହି ରିପୋର୍ଟ ପ୍ଲସ୍ ୱାନ୍ ଜର୍ନାଲରେ ପ୍ରକାଶ ପାଇଛି।

ଅନେକ ଦେଶର ମହାକାଶ ଏଜେନ୍ସି ମଙ୍ଗଳ ଦୌଡ଼ରେ ଲାଗିଥିବାବେଳେ ସେଠାକୁ ମାନବମିଶନ ପ୍ରସ୍ତୁତି ଚଳାଇଛନ୍ତି। ମାନବ ରହିବା ବ୍ୟବସ୍ଥା ହୋଇଗଲେ ମଧ୍ୟ ଏହି ଗ୍ରହରେ ଖାଦ୍ୟପାନୀୟ ସଙ୍କଟ ମୁଖ୍ୟ ଚ୍ୟାଲେଞ୍ଜ ହେବ। ପୃଥିବୀରୁ ମଙ୍ଗଳକୁ ଖାଦ୍ୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଭାରତର ଆଦିବାସୀ ଲୋକକଥା





**କଦାପି ହାତଛଡ଼ା କରନ୍ତୁ ନାହିଁ!**

| ମୋଟ ପ୍ରାପ୍ୟ ପ୍ରିମିଅମ | ଲେଟ୍ ଫୀ ରିହାତି % | ସର୍ବାଧିକ ରିହାତି ସୀମା |
|---|---|---|
| ₹1,00,000 ପର୍ଯ୍ୟନ୍ତ | 25% | ₹2,500 |
| ₹1,00,001 ରୁ ₹3,00,000 ପର୍ଯ୍ୟନ୍ତ | 25% | ₹3,000 |
| ₹3,00,001 ଓ ଅଧିକ | 30% | ₹3,500 |

*ନିୟମ ଓ ସର୍ତ୍ତାବଳୀ ଲାଗୁ

*ପ୍ଲାନ୍ ସର୍ତ୍ତାବଳୀ ଅନୁଯାୟୀ ପୈଠ କରାଯାଇ ନ ଥିବା ପ୍ରଥମ ପ୍ରିମିୟମ୍ ତାରିଖରୁ 5 ବର୍ଷ ମଧ୍ୟରେ ପଲିସିଗୁଡ଼ିକୁ ପୁନଃସକ୍ରିୟ କରାଯାଇପାରିବ ।

କନେକ୍ଟେଡ୍ ରୁହନ୍ତୁ । ଏଲ୍‌ଆଇସି ନିକଟରେ ଆପଣଙ୍କର ମୋବାଇଲ ନମ୍ବର ଇମେଲ୍ ଆଇଡି ଏବଂ ପ୍ୟାନ୍ ବିବରଣୀ ଅପ୍‌ଡେଟ୍ କରନ୍ତୁ ।

ଫିଟ୍ ରୁହନ୍ତୁ, ସୁସ୍ଥ ରୁହନ୍ତୁ । ନିଜର ନିଷ୍କ୍ରିୟ ଏଲ୍‌ଆଇସି ପଲିସିକୁ ପୁନଃସକ୍ରିୟ କରନ୍ତୁ ଓ ରିସ୍କ କଭରକୁ ସୁନିଶ୍ଚିତ କରନ୍ତୁ ।

ଅଧିକ ସୂଚନା ପାଇଁ ନିଜର ଏଜେଣ୍ଟ/ନିକଟତମ ଶାଖା ସହିତ ଯୋଗାଯୋଗ କରନ୍ତୁ କିମ୍ବା www.licindia.in ଦେଖନ୍ତୁ

କଲ୍ ସେଣ୍ଟର ସେବା (022) 68276827 | ଡାଉନଲୋଡ୍ କରନ୍ତୁ ଏଲ୍‌ଆଇସି ମୋବାଇଲ୍ ଆପ୍ "MyLIC" | ଦେଖନ୍ତୁ: licindia.in

ଆମକୁ ଫଲୋ କରନ୍ତୁ: LIC India Forever | IRDAI Regn No.: 512

ଭ୍ରମାତ୍ମକ ଫୋନ୍ କଲ୍ ଏବଂ ମିଛ/ଠକାମିମୂଳକ ଅଫର୍‌ଗୁଡ଼ିକ ପ୍ରତି ସାବଧାନ:
ଆଇଆରଡିଏଆଇ ବୀମା ପଲିସି ବିକ୍ରୟ କରିବା କିମ୍ବା ବୋନସ୍ ଘୋଷଣା କରିବା କିମ୍ବା ପ୍ରିମିୟମ୍ ନିବେଶ ଭଳି ଗତିବିଧିରେ ସଂଶ୍ଳିଷ୍ଟ ନୁହେଁ । ଏପରି ଫୋନ୍ କଲ୍ ପ୍ରାପ୍ତ କରୁଥିବା ଜନସାଧାରଣଙ୍କୁ ପୋଲିସରେ ଅଭିଯୋଗ ଦାଏର କରିବା ଲାଗି ଅନୁରୋଧ କରାଯାଉଛି । ଆଶଙ୍କାଗତ କାରକ, ନିୟମ ଓ ସର୍ତ୍ତାବଳୀ ସମ୍ପର୍କରେ ଅଧିକ ସୂଚନା ପାଇଁ, ଦୟାକରି ବିକ୍ରି ଚୂଡ଼ାନ୍ତ କରିବା ପୂର୍ବରୁ ସୂଚନା ପୁସ୍ତିକାକୁ ଧ୍ୟାନପୂର୍ବକ ପଢ଼ିନିଅନ୍ତୁ ।

Azadi Ka Amrit Mahotsav

LIC
ଲାଇଫ ଇନ୍ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ

LIC/MI / 2022-23 / 05 / Ori

**ସୋନାଲି ଫୋଗଟଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବି**

ଅଭିନେତ୍ରୀ ତଥା ହରିୟାଣାର ଭାଜପା ନେତ୍ରୀ ସୋନାଲି ଫୋଗଟଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇନାହିଁ, ତାଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ତାଙ୍କ ସହ ଗୋଆ ଯାଇଥିବା ଦୁଇଜଣ ସହଯୋଗୀ ଏହି ଷଡ଼ଯନ୍ତ୍ର ସହ ସମ୍ପୃକ୍ତ ଥିବା ସୋନାଲିଙ୍କ ଭାଇ ରିଙ୍କୁ ଫୋଗଟ କହିଛନ୍ତି। ସୋନାଲିଙ୍କ ବ୍ୟକ୍ତିଗତ ସହକାରୀ (ପିଏ) ସୁଧୀର ସଙ୍ଗ୍ୱାନ ଓ ତାଙ୍କ ବନ୍ଧୁ ସୁଖୱିନ୍ଦର ସିଂଙ୍କୁ ହତ୍ୟା ମାମଲାରେ ଗିରଫ କରାଯିବା ସହ ମାମଲାର ସିବିଆଇ ତଦନ୍ତ ଲାଗି ସେ ଦାବି କରିଛନ୍ତି।

# ନିର୍ଣ୍ଣାୟକ ମୋଡ଼ରେ ଆଣବିକ ଚୁକ୍ତି

## ଆମେରିକା-ଇରାନ ନିକଟତର


ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍
ଇରାନ ରାଷ୍ଟ୍ରପତି ଇବ୍ରାହିମ୍ ରଇସି

**ୱାଶିଂଟନ/ତେହରାନ,୨୪।୮**

୨୦୧୫ ଇରାନ ଆଣବିକ ଚୁକ୍ତିର ପୁନଃ ପ୍ରଚଳନ ପାଇଁ ତେହରାନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଉପରେ ଆଗକୁ ବଢ଼ିବା ନିମନ୍ତେ ଚଳିତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିଷ୍ପତ୍ତି ନେଇପାରନ୍ତି। ତେବେ ଏହି ଐତିହାସିକ ଡିଲ୍‌କୁ ପୁଣି ଥରେ ପ୍ରତିଷ୍ଠିତ କରିବା ଲାଗି ଉଭୟ ପକ୍ଷ କୌଣସି ନିର୍ଣ୍ଣାୟକ ନିଷ୍କର୍ଷରେ ପହଞ୍ଚିପାରୁ ନ ଥିବାରୁ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଆମେରିକୀୟ ଅଧିକାରୀମାନଙ୍କ ମତରେ ୟୁରୋପୀୟ ଚିଠା ପ୍ରସ୍ତାବ ଉପରେ ଇରାନର ପ୍ରତିକ୍ରିୟାକୁ ସେମାନେ ଅପେକ୍ଷା କରିଛନ୍ତି, ଯାହାକି ବୁଧବାର ସୁଦ୍ଧା ଆସିଯିବ। ଏହା ପରେ ଆଉ ଏକ ପର୍ଯ୍ୟାୟରେ ବୈଷୟିକ ବିବରଣୀର ଆଦାନପ୍ରଦାନ କରାଯିବ। ଡିଲ୍ ଉପରେ ଅନୁଧ୍ୟାନ କରୁଥିବା ଯୁଗ୍ମ କମିଶନଙ୍କ ବୈଠକ ପରେ ଜଏଣ୍ଟ କମ୍ପ୍ରିହେନ୍ସିଭ୍ ପ୍ଲାନ୍ ଅଫ୍ ଆକ୍ସନ (ଜେସିପିଓଏ) ନାମରେ ପରିଚିତ ଇରାନ ଆଣବିକ ଚୁକ୍ତି ନୂଆ ରୂପରେ ଆସିବ। ଏହି କ୍ଷେତ୍ରରେ ବର୍ତ୍ତମାନ ତେହରାନ ଓ ୱାଶିଂଟନ ନିକଟତର ହୋଇଛନ୍ତି।

ଡିଲ୍ ଏକ ନିର୍ଣ୍ଣାୟକ ମୋଡରେ ପହଞ୍ଚିଥିବା ସତ୍ତ୍ୱେ ଏହା ଆଗରେ ଅନେକ ପ୍ରତିବନ୍ଧକ ରହିଛି। ସବୁଠୁ ବଡ଼ କଥା ହେଉଛି ପୂର୍ବ ଡିଲ୍ ଫେରିଲେ ଇରାନକୁ ସଂଯମ ରହି ନିଜ ଆଣବିକ କାର୍ଯ୍ୟକ୍ରମ ଉପରେ ରୋକ ଲଗାଇବାକୁ ପଡ଼ିବ। ଏହା ବଦଳରେ ଇରାନ ଉପରେ ଲାଗିଥିବା କଟକଣାଗୁଡ଼ିକୁ ହଟାଇ ଦିଆଯିବ। ଏପରି କରାଗଲେ ଇରାନ ଦୈନିକ ୫୦ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ରପ୍ତାନି କରିପାରିବ। ଏଥିସହିତ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ପ୍ସ (ଆଇଆର୍‌ଜିସିପି)କୁ ଆମେରିକା ପରରାଷ୍ଟ୍ର ବିଭାଗ ନିଜ ବିଶ୍ୱ ଆତଙ୍କବାଦୀ ସଙ୍ଗଠନ ତାଲିକାରୁ ବାଦ୍ ଦେଉ ବୋଲି ଇରାନ ପୂର୍ବରୁ ଦାବି କରିଆସୁଥିଲା। ୟୁରୋପୀୟ ସଂଘ ମଧ୍ୟସ୍ଥତାରେ ଆମେରିକା ସହ ଇରାନର ଆଲୋଚନା ଆଗରେ ଏହାକୁ ମୁଖ୍ୟ ପ୍ରତିବନ୍ଧକ ବୋଲି ବିବେଚନା କରାଯାଉଥିବାବେଳେ ତେହରାନ ନିଜ ଦାବିରୁ ଓହରିଯାଇଛି। ହେଲେ ଇରାନର ୩ଟି ସ୍ଥାନରେ ୟୁରାନିୟମ୍ ଗଚ୍ଛିତ ରଖିବା ନେଇ ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ତଦନ୍ତ ଓ ମିଥ୍ୟା ଦୋଷାରୋପ ବନ୍ଦ କରୁ ବୋଲି ତେହରାନ ପୂର୍ବ ଦାବିକୁ ଦୋହରାଇଛି। ସେପଟେ ପୂର୍ବ ଡିଲ୍ ଫେରାଇ ଆଣିବାରେ ୱାଶିଟନରେ ବାଇଡେନ୍ ପ୍ରଶାସନକୁ ଉଭୟ ଶାସକ ଡେମୋକ୍ରାଟ୍ ଓ ବିରୋଧୀ ରିପବ୍ଲିକାନ୍‌ଙ୍କ ପକ୍ଷରୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ। କାରଣ କଂଗ୍ରେସ ମତରେ ଏହି ଡିଲ୍ ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରେ। ବାଇଡେନ ପ୍ରଶାସନର ବରିଷ୍ଠ ଅଧିକାରୀମାନେ କହିଛନ୍ତି, ଦୁଇ ସପ୍ତାହ ତଳେ ଡିଲ୍‌କୁ ନେଇ ଥିବା ସ୍ଥିତିରେ ଏବେ ଅଗ୍ରଗତି ଆସିଛି। ତେବେ ବ୍ୟବଧାନ ପୂରଣ ହୋଇ ନ ଥିବାରୁ ଏହାର ପରିଣାମକୁ ନେଇ ସତର୍କତା ସହ କାର୍ଯ୍ୟ କରାଯାଉଛି। ଟ୍ରମ୍ପ ପ୍ରଶାସନ ୨୦୧୮ରେ ଉକ୍ତ ଡିଲ୍ ରଦ୍ଦ କରିବା ପରେ ତେହରାନ ଉପରେ ଲଗାଇଥିବା କଟକଣା ନୂଆ ଡିଲ୍ ଯୋଗୁ ହଟିଯିବ। ଏପରି ହେଲେ ଇରାନ ପୂର୍ବ ଭଳି ଆଣବିକ କାର୍ଯ୍ୟକ୍ରମ ଜାରି ରଖିପାରେ ବୋଲି ହ୍ୱାଇଟ୍ ହାଉସ୍‌ର ସନ୍ଦେହ ଦୂର ହୋଇନାହିଁ। ପ୍ରକାଶ ଯେ, ଇରାନ ନିକଟରେ ବର୍ତ୍ତମାନ ୩,୮୦୦୦ କେ.ଜି. ୟୁରାନିୟମ ରହିଛି। ଆଣବିକ ଡିଲ୍ ପରେ ଏହି ପରିମାଣ ୩୦୦ କେ.ଜି.କୁ ଖସିଆସିବ। ଇରାନ କେତେ ମାତ୍ରାରେ ୟୁରାନିୟମ ଗଚ୍ଛିତ ରଖୁଛି ତାହା ଉପରେ ଅନ୍ତର୍ଜାତୀୟ ନିରୀକ୍ଷକ ଓ ସର୍ଭିଲାନ୍ସ କ୍ୟାମେରାର କଡ଼ା ନଜର ରହିବ। ତେହରାନ ଏହି ସର୍ତ୍ତକୁ ମାନିନେଇଥିବାବେଳେ ଆମେରିକା ଆଗରେ ଆଉ ଏକ ଦାବି କରିଛି। ତାହା ହେଲା ଟ୍ରମ୍ପ ପ୍ରଶାସନ ଭଳି ଭବିଷ୍ୟତରେ କୌଣସି ରାଷ୍ଟ୍ରପତି ଆଣବିକ ଚୁକ୍ତିରୁ ଓହରିଯିବେ ନାହିଁ କି ଇରାନ ଉପରେ ନୂଆ କଟକଣା ଲଗାଇବେ ନାହିଁ। ଏନେଇ ୱାଶିଂଟନ ନିଶ୍ଚିତ କରୁ ବୋଲି ତେହରାନ କରିଥିବା ଦାବି ସମ୍ପର୍କରେ ୱାଶିଂଟନ ଗ୍ୟାରେଣ୍ଟି ଦେଇପାରୁ ନାହିଁ।

## ଭାରତର ଲାଭ କ'ଣ



ଇରାନ-ଆମେରିକା ନ୍ୟୁକ୍ଲିୟର ଡିଲ୍ ଉପରେ ନୂଆଦିଲ୍ଲୀର ତୀକ୍ଷ୍ଣ ନଜର ରହିଛି। କାରଣ ଏହି ଚୁକ୍ତି ଦ୍ୱାରା ଭାରତ ମଧ୍ୟ ଲାଭାନ୍ୱିତ ହେବ। ଭାରତ ନିଜ ଚାହିଦା ପୂରଣ ପାଇଁ ୮୦% କ୍ରୁଡ୍ ଅଏଲ୍ ବାହାରୁ ଆମଦାନୀ କରିଥାଏ। ପୂର୍ବରୁ ଏହାର ବଡ଼ଭାଗ ଇରାନରୁ ଆସୁଥିଲା। ଏଥିଲାଗି ୪୫% ଦେୟ ଟଙ୍କାରେ ପଇଠ କରୁଥିଲା। ଏବେ ବାହାରୁ ଆମଦାନୀ ହେଉଥିବା ଅଶୋଧିତ ତେଲ ପାଇଁ ନୂଆଦିଲ୍ଲୀ ଡଲାରରେ ଦେୟ ପଇଠ କରୁଛି। ଡିଲ୍ ପରେ ଇରାନ ଉପରୁ ତୈଳ ରପ୍ତାନି କଟକଣା ଉଠିଯିବ। ଫଳରେ ଭାରତ ତେହରାନକୁ ଟଙ୍କା ଦେଇ କ୍ରୁଡ୍ ଅଏଲ୍ କିଣିପାରିବ। ଡଲାରର ବିନିମୟ ମୂଲ୍ୟ ବଢ଼ିବାରେ ଲାଗିଥିବାବେଳେ ନ୍ୟୁକ୍ଲିୟର ଡିଲ୍‌ରେ ଅଗ୍ରଗତି ଭାରତକୁ ଆଶ୍ୱସ୍ତି ଆଣିଦେଇଛି।

## କେଁ କେଉଁଠି

**୨୦୧୫** ଜୁଲାଇରେ ଭିଏନାଠାରେ ଇରାନ ଏବଂ ଆମେରିକା ସମେତ ପାଶ୍ଚାତ୍ୟର ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସ୍ୱାକ୍ଷରିତ ଐତିହାସିକ ଚୁକ୍ତି ଜଏଣ୍ଟ କମ୍ପ୍ରିହେନ୍ସିଭ୍ ପ୍ଲାନ୍ ଅଫ୍ ଆକ୍ସନ (ଜେସିପିଓଏ) ନାମରେ ପରିଚିତ। ଏହି ଚୁକ୍ତି ପରେ ଇରାନ ନିଜ ପରମାଣୁ କାର୍ଯ୍ୟକ୍ରମ ଉପରେ ରୋକ ଲଗାଇଥିଲା। ଫଳରେ ତା' ଉପରେ ଲାଗିଥିବା କଟକଣାଗୁଡ଼ିକୁ କୋହଳ କରାଯାଇଥିଲା।

**୨୦୧୮** ମେ' ୮ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଅମଳର ସବୁଠୁ ଖରାପ ଚୁକ୍ତି ବୋଲି ଅଭିହିତ କରିଥିଲେ। ଏଥିସହ ଉକ୍ତ ଡିଲ୍ ଇରାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଓ କ୍ଷେତ୍ରୀୟ ପ୍ରଭାବ ଉପରେ ରୋକ



ଲଗାଇବାରେ ବିଫଳ ହୋଇଥିବା ଦର୍ଶାଇଥିଲେ। ଟ୍ରମ୍ପଙ୍କ ନିଷ୍ପତ୍ତି କ୍ରମେ ଏଥିରୁ ଆମେରିକା ଓହରିଯାଇଥିଲା। ସେତେବେଳେ ତେହରାନ ଚୁପ୍ ବସିଯିବ ନାହିଁ ବୋଲି ଇରାନର ତତ୍କାଳୀନ ରାଷ୍ଟ୍ରପତି ହାସନ ରୁହାନି କହିଥିଲେ। ବର୍ଷକ ପରେ ଇରାନ ଆଣବିକ କାର୍ଯ୍ୟକ୍ରମ ସମ୍ପର୍କିତ ନିଜ ସୀମାକୁ ଅଣଦେଖା କରି ପୁନଃ ନୂଆ ନ୍ୟୁକ୍ଲିୟର ପ୍ରୋଜେକ୍ଟ ଆରମ୍ଭ କରିଥିଲା।

**୨୦୨୨** ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରଠାରୁ ବିଶ୍ୱରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ତେଲ ଯୋଗାଣରେ ଅସୁବିଧା ହେତୁ ପେଟ୍ରୋଲ ଡିଜେଲ ଦର ଆକାଶଛୁଆଁ ହୋଇଛି। ଆକ୍ରମଣକୁ ୬ ମାସ ପୂରିଥିବାବେଳେ ନିକଟ ଭବିଷ୍ୟତରେ ଯୁଦ୍ଧର ଅବସାନ ଘଟିବା ଆଶା ଦିଶୁନାହିଁ। ଫଳରେ ବିଶ୍ୱ ବଜାରରେ କ୍ରୁଡ୍ ଅଏଲ୍ ଦର ବଢ଼ିବାରେ ଲାଗିଛି। ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି ୟୁରୋପୀୟ ରାଷ୍ଟ୍ର। ଏଥିପାଇଁ ପୂର୍ବ ଡିଲ୍‌କୁ ପୁନଃ ଅବସ୍ଥାପିତ କରିବା ଲାଗି ଆମେରିକା ଓ ଇରାନ ମଧ୍ୟରେ ୟୁରୋପୀୟ ସଂଘ ମଧ୍ୟସ୍ଥତାରେ ଉଦ୍ୟମ ଆରମ୍ଭ ହୋଇଛି।

⇨ଡିଲ୍ ଅନୁସାରେ ଇରାନର ୧୭ ବ୍ୟାଙ୍କ ଓ ୧୫୦ ଆର୍ଥିକ ସଂସ୍ଥା ଉପରୁ କଟକଣା ହଟିବ। ଏଥିସହ ଚୁକ୍ତି ସ୍ୱାକ୍ଷର ହେବା ପରଠୁ ୪ ମାସ ପର୍ଯ୍ୟନ୍ତ ତେହରାନ ଦୈନିକ ୫୦ ନିୟୁତ ବ୍ୟାରେଲ ତୈଳ ରପ୍ତାନି କରିପାରିବ।

⇨ତେବେ ଆଣବିକ ଚୁକ୍ତିକୁ ପୁନଃ କାର୍ଯ୍ୟକାରୀ କରିବା ଦିଗରେ ଆମେରିକା କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ନେଇ ଇରାନ ଅଭିଯୋଗ ଆଣିଛି। ସଦ୍ୟତମ ପର୍ଯ୍ୟାୟ ଆଲୋଚନା ଲାଗି ଆମେରିକାକୁ ଅଗ୍ରସର କରିବା ସକାଶେ ୟୁରୋପ କୌଣସି ପଦକ୍ଷେପ ନେଇ ନ ଥିବା ମଧ୍ୟ ତେହରାନ କହିଛି।

⇨ଆମେରିକାରେ ବର୍ତ୍ତମାନ ବନ୍ଦୀ ଥିବା ୧୨ରୁ ଊର୍ଦ୍ଧ୍ୱ ଇରାନ ନାଗରିକଙ୍କୁ ମୁକ୍ତ କରି ସ୍ୱଦେଶକୁ ଫେରିବା ପାଇଁ ଇରାନ ଦୀର୍ଘ ସମୟ ଧରି ଦାବି କରିଆସୁଥିବାବେଳେ ୱାଶିଂଟନ ଅନେକ ଇରାନୀୟ-ଆମେରିକୀୟ ଦ୍ୱୈତ ନାଗରିକଙ୍କୁ ଛାଡ଼ିବାକୁ କହୁଛି।

## ନ୍ୟୁକ୍ଲିୟର ଡିଲ୍ ପଛର କଥା



୧୯୬୭ରେ ଆମେରିକା ସହାୟତାରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୧୯୭୯ରେ ଇସ୍‌ଲାମିକ ରିଭୋଲ୍ୟୁଶନ୍ ବେଳେ ଆମେରିକା ଇରାନକୁ ଏହି ସହାୟତା ପ୍ରଦାନ ବନ୍ଦ କରିଦେଇଥିଲା। ଇରାନର ପରମାଣୁ କାର୍ଯ୍ୟକ୍ରମ ସାମରିକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ତେହରାନ ବାରମ୍ବାର ଦୋହରାଇଥିଲା। ହେଲେ ଇରାନର ସଫେଇକୁ କୌଣସି ରାଷ୍ଟ୍ର ଭରସା କରିପାରି ନ ଥିଲେ। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ବିଶ୍ୱ ସମୁଦାୟର ମୁଣ୍ଡବ୍ୟଥା ବଢ଼ିବାରୁ ତେହରାନ ଉପରେ ଜାତିସଂଘ ୧୦ ବର୍ଷ ପାଇଁ କଟକଣା ଜାରି କରିଥିଲା। ୨୦୧୫ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ଇରାନ ଉପରେ ଅଙ୍କୁଶ ଲଗାଇବାକୁ ଯାଇ ଉପାୟ ପାଞ୍ଚିଥିଲେ। ମିଳିତ ବିସ୍ତୃତ କାର୍ଯ୍ୟ ଯୋଜନାର ରୂପରେଖ (ଜେସିପିଓଏ) ପ୍ରସ୍ତୁତ ହେବା ପରେ ୨୦୧୫ ଜୁଲାଇ ୧୪ରେ ଅଷ୍ଟ୍ରିଆର ରାଜଧାନୀ ଭିଏନାରେ ଇରାନ ସହ କେତେକ ଶକ୍ତିଶାଳୀ ରାଷ୍ଟ୍ର ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଜାତିସଂଘ ସୁରକ୍ଷା ପରିଷଦର ୫ ସ୍ଥାୟୀ ସଦସ୍ୟ ଆମେରିକା, ବ୍ରିଟେନ, ଫ୍ରାନ୍ସ, ରୁଷିଆ, ଚାଇନା ସମେତ ଜର୍ମାନୀ ଏବଂ ୟୁରୋପୀୟ ସଂଘ (ଇୟୁ) ଏହି ଚୁକ୍ତି ସମ୍ପାଦନ କରିଥିଲେ। ୨୦୧୫ ଅକ୍ଟୋବର ୧୮ରୁ ଏହା ବଳବତ୍ତର ରହିଥିଲା। ସେବେଠୁ ଇରାନର ଆଣବିକ ବୋମା ପ୍ରସ୍ତୁତି ଉପରେ ଆମେରିକା ଓ ଅନ୍ତର୍ଜାତୀୟ ସମୁଦାୟ ପକ୍ଷରୁ ଆର୍ଥିକ କଟକଣା ଜାରି ହୋଇଥିଲା। ଫଳରେ ଇରାନ ୧ ଲକ୍ଷ କେ.ଜି. ବଦଳରେ ଇନ୍ଧନ ରିଆକ୍ଟର ପାଇଁ ମାତ୍ର ୩୦୦ କେ.ଜି. ଓଜନର ୟୁରାନିୟମ୍ ବୋମା ପ୍ରସ୍ତୁତ କରିପାରିବ ବୋଲି ଏଥିରେ ସର୍ତ୍ତ ରହିଥିଲା। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ଇରାନ ଏହାକୁ ଉଲ୍ଲଂଘନ କରିଥିବା ଜଣାପଡ଼ିଥିଲା। ସିରିଆ ଓ ୟେମେନରେ ଇରାନର ଭୂମିକା ତେହରାନକୁ ସନ୍ଦେହ ଘେରକୁ ଟାଣି ନେଇଥିଲା। ୨୦୧୭ ଅକ୍ଟୋବର ୧୩ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଓବାମା ପ୍ରଶାସନର ଏକ ବିପର୍ଯ୍ୟୟ ଓ ସବୁଠୁ ନିକୃଷ୍ଟ ଚୁକ୍ତି ଭାବେ ଅଭିହିତ କରି ଆମେରିକା ଏଥିରୁ ଓହରିଯିବ ବୋଲି ନିଷ୍ପତ୍ତି ନେଇଥିଲେ।

## ସଂକ୍ଷେପରେ

**ଝାଡ଼ଖଣ୍ଡ ବେଆଇନ ଖଣି ଖନନ ମାମଲା**

### ଇଡି ଚଢ଼ାଉ ବେଳେ ଏକେ-୪୭ ଜବତ

**ରାଞ୍ଚି,୨୪।୮:** ଝାଡ଼ଖଣ୍ଡରେ ବେଆଇନ ଖଣି ଖନନ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଚଢ଼ାଉ ବେଳେ ଦୁଇଟି ଏକେ-୪୭ ରାଇଫଲ ଏବଂ ୬୦ ରାଉଣ୍ଡ ଗୁଳି ଜବତ ହୋଇଛି। ଇଡି ଅଧିକାରୀମାନେ ଝାଡ଼ଖଣ୍ଡ ସମେତ ବିହାର, ତାମିଲନାଡୁ ଓ ଦିଲ୍ଲୀର ପ୍ରାୟ ୨୦ଟି ସ୍ଥାନରେ ଚଢ଼ାଉ କରିଥିଲେ। ରାଞ୍ଚିର ଏକ ଘରୁ ଉପରୋକ୍ତ ଅସ୍ତ୍ର ଜବତ ହୋଇଛି। ଉକ୍ତ ଘର ସହ ସମ୍ପୃକ୍ତ ପ୍ରେମ ପ୍ରକାଶ ଖଣି ଦୁର୍ନୀତିରେ ସାମିଲ ଥିବା ଇଡି କହିଛି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ରାଜନୈତିକ ସହଯୋଗୀ ପଙ୍କଜ ମିଶ୍ରା ଓ ତାଙ୍କ ଘନିଷ୍ଠ ଭାବେ ଜଣାଶୁଣା ବଚ୍ଚୁ ଯାଦବଙ୍କୁ ଜେରା ବେଳେ ଦୁର୍ନୀତିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ପୂର୍ବରୁ ମିଶ୍ରା ଓ ଯାଦବଙ୍କୁ ଗିରଫ କରାଯାଇଛି। ପ୍ରେମ୍ ପ୍ରକାଶଙ୍କର ମୁଖ୍ୟମନ୍ତ୍ରୀ ସୋରେନ୍ ଓ ତାଙ୍କ ପରିବାର ବନ୍ଧୁ ଅମିତ ଅଗ୍ରୱାଲଙ୍କ ସହ ସମ୍ପର୍କ ରହିଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅଭିଯୋଗ କରିଛନ୍ତି। ସେ କିପରି ଏକେ-୪୭ ପାଇଲେ ଏବଂ ଏଥିସହିତ ଆତଙ୍କବାଦୀ ସମ୍ପୃକ୍ତ ରହିଛି କି ନାହିଁ ତାହାର ଏନ୍‌ଆଇଏ ତଦନ୍ତ ହେବା ଆବଶ୍ୟକ ବୋଲି ସ୍ୱାଧୀନ ବିଧାୟକ ସରୟୁ ରାୟ ଦାବି କରିଛନ୍ତି।

### ପପ୍ପନ ସିଂଙ୍କ ଆତ୍ମହତ୍ୟା

**ଲକ୍‌ଡାଉନ ବେଳେ ଶ୍ରମିକମାନଙ୍କୁ ବିମାନରେ ଘରକୁ ପଠାଇଥିଲେ**

**ନୂଆଦିଲ୍ଲୀ,୨୪।୮:** କୋଭିଡ୍ ଲକ୍‌ଡାଉନ ବେଳେ ପ୍ରବାସୀ ଶ୍ରମିକମାନଙ୍କୁ ବିମାନରେ ସେମାନଙ୍କ ଘରକୁ ପଠାଇ ଚର୍ଚ୍ଚିତ ହୋଇଥିବା ନୂଆଦିଲ୍ଲୀର ଜଣାଶୁଣା ଛତୁଚାଷୀ ପପ୍ପନ ସିଂ ଗେହଲଟ ଆତ୍ମହତ୍ୟା କରିଛନ୍ତି। ଦିଲ୍ଲୀର ଆଲିପୋର ଅଞ୍ଚଳରେ ନିଜ ଘର ସମ୍ମୁଖରେ ଥିବା ମନ୍ଦିର ସିଲିଂରୁ ତାଙ୍କର ଝୁଲନ୍ତା ମୃତଦେହ ବୁଧବାର ମିଳିଛି। ସେଠାରୁ



ପୋଲିସ ଏକ ସୁଇସାଇଡ୍ ନୋଟ ଜବତ କରିଛି। ତାଙ୍କ ଆତ୍ମହତ୍ୟା ପାଇଁ ଅସୁସ୍ଥତା ଦାୟୀ ବୋଲି ସେଥିରେ ଉଲ୍ଲେଖ ରହିଛି। ୨୦୨୦ ମାର୍ଚ୍ଚରୁ ଦେଶରେ ଲକ୍‌ଡାଉନ ଘୋଷଣା ହେବା ପରେ ହଜାର ହଜାର ପ୍ରବାସୀ ଶ୍ରମିକ ଘରକୁ ଫେରିବା ଲାଗି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହି ସମୟରେ ପପ୍ପନ ତାଙ୍କ କ୍ଷେତରେ କାମ କରୁଥିବା ଶ୍ରମିକମାନଙ୍କୁ ସେମାନଙ୍କ ବାସସ୍ଥାନ ବିହାର ପଠାଇବା ଲାଗି ବିମାନ ଟିକେଟ କିଣିଦେଇଥିଲେ। କୋଭିଡ୍ ସ୍ଥିତିରେ ସୁଧାର ଆସିବା ପରେ ସେ ପୁଣିଥରେ ବିମାନ ଯୋଗେ ଶ୍ରମିକମାନଙ୍କୁ ଫେରାଇ ଆଣିଥିଲେ।

### ଶିକ୍ଷକଙ୍କ ମାଡ଼ରେ ଆଉ ଜଣେ ଦଳିତ ଛାତ୍ର ହସ୍ପିଟାଲରେ ଭର୍ତ୍ତି

**ବାର୍‌ମେର,୨୪।୮:** ରାଜସ୍ଥାନର ଜାଲୋର ଅଞ୍ଚଳରେ ଥିବା ଏକ ସ୍କୁଲ୍‌ରେ ସବର୍ଣ୍ଣଙ୍କ ପାଇଁ ଉଦ୍ଦିଷ୍ଟ ପାଣି ମାଠିଆ ଛୁଇଁବାରୁ ଜଣେ ୯ ବର୍ଷର ପିଲାଙ୍କୁ ଶିକ୍ଷକ ନିର୍ଘାତ ମାଡ଼ ମାରିଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର ୧୫ ଦିନ ପରେ ରାଜସ୍ଥାନର ବାର୍‌ମେର ଅଞ୍ଚଳରେ ଅନ୍ୟ ଜଣେ ଦଳିତ ଛାତ୍ର ଶିକ୍ଷକଙ୍କ ମାଡ଼ରେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସପ୍ତମ ଶ୍ରେଣୀ ଛାତ୍ର ଜଣକ ପରୀକ୍ଷାରେ ଗୋଟିଏ ପ୍ରଶ୍ନ ଛାଡ଼ିଦେଇ ଥିବାରୁ ଶିକ୍ଷକ ତାଙ୍କ ମୁଣ୍ଡକୁ କାନ୍ଥରେ ପିଟିଦେଇଥିଲେ। ସେଠାରେ ଛାତ୍ର ଜଣକ ସଂଜ୍ଞାହୀନ ହୋଇପଡ଼ିଥିଲେ। ଶିକ୍ଷକ ଅଶୋକ ମାଲିଙ୍କୁ ପୋଲିସ ଗିରଫ କରି ପଚରାଉଚରା କରୁଛି।

### ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ମାମଲାରେ ଲାଲୁ ଦୋଷମୁକ୍ତ

**ନୂଆଦିଲ୍ଲୀ,୨୪।୮:** ୨୦୧୫ରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ନେଇ ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ପ୍ରମାଣ ଅଭାବରୁ ବୁଧବାର ତାଙ୍କୁ ଅଦାଲତ ଦୋଷମୁକ୍ତ କରିଛନ୍ତି। ପୁଅ ତେଜସ୍ୱୀ ଯାଦବଙ୍କ ପାଇଁ ଲାଲୁ ରାଘୋପୁରରେ ପ୍ରଚାର କରୁଥିବାବେଳେ ବିଧାନସଭା ନିର୍ବାଚନ ପଛୁଆ ବର୍ଗ ଏବଂ ସବର୍ଣ୍ଣ ଜାତିଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ବୋଲି କହିଥିଲେ। ଯାଦବ ଓ ଅନ୍ୟ ପଛୁଆ ବର୍ଗର ଭୋଟରମାନେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ପରାସ୍ତ କରିବା ଲାଗି ଧର୍ମନିରପେକ୍ଷ ମେଣ୍ଟ ସପକ୍ଷରେ ଭୋଟ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଜାତିଆଣ ମନ୍ତବ୍ୟ ପାଇଁ ଲାଲୁଙ୍କ ବିରୋଧରେ ମାମଲା ଦାଏର ହୋଇଥିଲା।

# କେନ୍ଦ୍ର ସର୍ବଦଳୀୟ ବୈଠକ ଡାକୁନି କାହିଁକି

**ମାଗଣା ସୁବିଧା ପ୍ରତିଶ୍ରୁତି ଗମ୍ଭୀର ପ୍ରସଙ୍ଗ : ସୁପ୍ରିମକୋର୍ଟ**

**ନୂଆଦିଲ୍ଲୀ,୨୪।୮**

ରାଜନୈତିକ ଦଳଗୁଡ଼ିକ ଲୋକଙ୍କୁ ମାଗଣା ସୁବିଧା ପ୍ରତିଶ୍ରୁତି ପ୍ରଦାନ କରିବା ଧାରା ଏକ ଗମ୍ଭୀର ପ୍ରସଙ୍ଗ ବୋଲି ସୁପ୍ରିମକୋର୍ଟ ବୁଧବାର କହିବା ସହ ଏହା ଉପରେ ବିତର୍କ ଜରୁରୀ ବୋଲି କହିଛନ୍ତି। ତେବେ କେନ୍ଦ୍ର ସରକାର କ'ଣ ପାଇଁ ସର୍ବଦଳୀୟ ବୈଠକ ଡାକିପାରୁ ନାହାନ୍ତି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ମାଗଣା ସୁବିଧା ପରମ୍ପରା ଅର୍ଥନୀତିକୁ ଧ୍ୱଂସ କରିଦେବାକୁ ଯାଉଛି। ଏହା ବନ୍ଦ ହେବା ଦରକାର। ଏନେଇ ରାଜନୈତିକ ଦଳଗୁଡ଼ିକ ସର୍ବସମ୍ମତ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ କିଛି କରିହେବ ନାହିଁ ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନା (ସିଜେଆଇ)ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ହିମା କୋହଲି ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। କ'ଣ ପାଇଁ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକୁନାହାନ୍ତି ବୋଲି ଖଣ୍ଡପୀଠ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ।

ଆବେଦନକାରୀ ଅଶ୍ୱିନୀ କୁମାର ଉପାଧ୍ୟାୟଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ବିକାଶ ସିଂ ଅଦାଲତଙ୍କୁ ଏକ କମିଟି ଗଠନ ଲାଗି ପ୍ରସ୍ତାବ ଦେଇଥିଲେ। ସର୍ବୋଚ୍ଚ ଅଦାଲତର ଅବସରପ୍ରାପ୍ତ ବିଚାରପତି ଉକ୍ତ କମିଟିର ଅଧ୍ୟକ୍ଷ ରହିବାକୁ ସେ କହିଥିଲେ। ଅବସର ନେଇଥିବା କିମ୍ବା ଅବସର ନେବାକୁ ଥିବା ଜଣେ ବ୍ୟକ୍ତିଙ୍କର ଦେଶରେ କ'ଣ ମୂଲ୍ୟ ରହିଛି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ମାମଲାର ପକ୍ଷ ବାହାରେ ସେଣ୍ଟର ଫର୍ ପବ୍ଲିକ୍ ଇଣ୍ଟେରେଷ୍ଟ ଲିଟିଗେଶନ ନାମକ ଏନ୍‌ଜିଓ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏକ ଆବେଦନ ବଳରେ ୩ ପ୍ରକାର ମାଗଣା ସୁବିଧା ବନ୍ଦ ହେବା ଆବଶ୍ୟକ ବୋଲି ଯୁକ୍ତି ଦର୍ଶାଇଥିଲେ। ସେଗୁଡ଼ିକ ହେଲା ଭେଦଭାବପୂର୍ଣ୍ଣ କିମ୍ବା ମୌଳିକ ଅଧିକାର ଉଲ୍ଲଂଘନ କରୁଥିବା ଯୋଜନା, ସାଧାରଣ ନୀତି ବିରୋଧୀ ଯୋଜନା ଏବଂ ନିର୍ବାଚନର ଠିକ୍ ପୂର୍ବରୁ ଦିଆଯାଉଥିବା ସୁବିଧା ବା ପ୍ରତିଶ୍ରୁତି।

# ସ୍ୱାଧୀନତା ଦିବସ ପାଳିଲା ୟୁକ୍ରେନ୍

**୩ ବିଲିୟନ ଡଲାର ସାମରିକ ସହାୟତା ଘୋଷଣା କଲେ ବାଇଡେନ୍**

**କିଭ୍/ୱାଶିଂଟନ୍, ୨୪।୮**

ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ୬ ମାସ ପୂରିଯାଇଥିବାବେଳେ ବୁଧବାର ଏହି ପୂର୍ବ ୟୁରୋପୀୟ ଦେଶ ୩୧ ତମ ସ୍ୱାଧୀନତା ଦିବସ ପାଳନ କରିଛି। ଏହି ଦିନ ରୁଷିଆ କିଭ୍‌କୁ ଟାର୍ଗେଟ କରିବା ଆଶଙ୍କା ଥିବାବେଳେ ମସ୍କୋ ସେଭଳି କିଛି ଆକ୍ରମଣ କରି ନ ଥିବା ଜଣାପଡ଼ିଛି। ଏହି ଦୃଷ୍ଟିରୁ ରାଜଧାନୀରେ କୌଣସି ପ୍ରକାର ରାଲି ଆୟୋଜନ ଉପରେ କଟକଣା ଲଗାଯାଇଥିଲା। ସକାଳେ ସାଇରନ୍ ଶବ୍ଦରେ କିଭ୍ ବାସୀଙ୍କ ନିଦ ଭାଙ୍ଗିଥିବାବେଳେ ନିରାଡମ୍ବରଭାବେ ସେମାନେ ସ୍ୱାଧୀନତା ଦିବସ ପାଳନ କରିଛନ୍ତି। ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏବଂ ସ୍ତ୍ରୀ ଓଲେନା ୟୁକ୍ରେନ୍ ପାଇଁ ଜୀବନବଳି ଦେଇଥିବା ସୁରକ୍ଷାକର୍ମୀ, ସୈନ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ୬ ମାସ ଧରି ଶକ୍ତିଶାଳୀ ରୁଷିଆ ବିରୋଧରେ ସାହସିକତାର ସହ ଲଢ଼େଇ କରିଥିବାରୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନ୍‌କୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ୍‌କୁ ଅତିରିକ୍ତ ସାମରିକ ସହାୟତା ଭାବେ ୩ ବିଲିୟନ ଡଲାର ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହି ପ୍ୟାକେଜ୍‌ରେ ଏୟାର ଡିଫେନ୍ସ ସିଷ୍ଟମ, ଆର୍ଟିଲାରି ସିଷ୍ଟମ, ଡ୍ରୋନ୍ ଏବଂ ଅନ୍ୟ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ରହିବ। ଅପରପକ୍ଷେ ବ୍ରିଟେନର ବିଦାୟୀ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ବୁଧବାର କିଭ୍‌ରେ ପହଞ୍ଚି ଜେଲେନ୍‌ସ୍କିଙ୍କୁ ଭେଟିଛନ୍ତି। ୟୁକ୍ରେନ୍ ନିଶ୍ଚିତ ଭାବେ ଏହି ଯୁଦ୍ଧ ଜିତିପାରିବ ଏବଂ ଜିତିବ ବୋଲି ବୋରିସ୍ କହିଛନ୍ତି।



ରୁଷିଆ ଆକ୍ରମଣରେ ପ୍ରାଣ ହରାଇଥିବା ସୈନ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏବଂ ଫାଷ୍ଟ ଲେଡି ଓଲେନା।

### ଯୁଦ୍ଧ ବନ୍ଦ ପାଇଁ ପୋପ୍‌ଙ୍କ ଆହ୍ୱାନ

ସୋଭିଏଟ୍ ସଂଘଠାରୁ ଅଲଗା ହୋଇ ୩୧ତମ ସ୍ୱାଧୀନତା ଦିବସ ପାଳିଥିବା ୟୁକ୍ରେନ୍‌ରେ ଯୁଦ୍ଧ ବନ୍ଦ କରିବା ପାଇଁ କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ ପୋପ୍ ଫ୍ରାନ୍ସିସ୍ ଆହ୍ୱାନ ଦେଇଛନ୍ତି। ଭାଟିକାନ୍‌ରେ ଆୟୋଜିତ ସାପ୍ତାହିକ କାର୍ଯ୍ୟକ୍ରମରେ ପୋପ୍ କହିଛନ୍ତି, ୬ ମାସ ହେଲା ୟୁକ୍ରେନ୍‌ବାସୀ ଯୁଦ୍ଧର ଭୟାବହ ପରିଣତି ଭୋଗୁଛନ୍ତି। ସେଠାରେ ଆଣବିକ ବିପର୍ଯ୍ୟୟର ମଧ୍ୟ ଆଶଙ୍କା ରହିଛି। ଏପରି ଘଟିବାକୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା ଜରୁରୀ ବୋଲି ପୋପ୍ କହିଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୨୮,୦୨,୮୦୬ | ୬୪,୭୭,୧୯୧ | ୫୭,୭୬,୩୨,୮୮୯ |
| ଭାରତ | ୪,୪୩,୬୮,୧୯୫ | ୫,୨୭,୪୫୨ | ୪,୩୭,୪୪,୩୦୧ |
| ଓଡ଼ିଶା | ୧୩,୨୫,୭୬୬ | ୯୧୬୭(+୫୩) | ୧୩,୧୪,୭୫୨ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଅନ୍‌ଲାଇନ ଶୈକ୍ଷିକ ଗେମ୍ 'ଆଜାଦୀ କ୍ୱେଷ୍ଟ' ଶୁଭାରମ୍ଭ



କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ବୁଧବାର ଶିକ୍ଷଣୀୟ ଅନ୍‌ଲାଇନ ମୋବାଇଲ ଗେମ୍ ସିରିଜ୍ 'ଆଜାଦୀ କ୍ୱେଷ୍ଟ'ର ଶୁଭାରମ୍ଭ କରୁଛନ୍ତି। ପାଖରେ ମନ୍ତ୍ରଣାଳୟର ସଚିବ ଅପୂର୍ବା ଚନ୍ଦ୍ରା, ଜିଙ୍ଗା ଇଣ୍ଡିଆ କମ୍ପାନୀର ଭାରତ ମୁଖ୍ୟ କିଶୋର କିଚ୍‌ଲି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ନୂଆଦିଲ୍ଲୀ,୨୪।୮(ପି.ଆଇ.ବି)

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଭାରତୀୟ ସ୍ୱାଧୀନତ ସଂଗ୍ରାମର ଗୌରବ ଗାଥାର ପ୍ରଚାର ପ୍ରସାର ଲାଗି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ବୁଧବାର ଏକ ଶିକ୍ଷଣୀୟ ଅନ୍‌ଲାଇନ ମୋବାଇଲ ଗେମ୍ ସିରିଜ୍ 'ଆଜାଦୀ କ୍ୱେଷ୍ଟ'ର ଶୁଭାରମ୍ଭ କରିଛନ୍ତି। ବେଙ୍ଗାଲୁରୁର ଅନ୍‌ଲାଇନ ଗେମ୍ କମ୍ପାନୀ ଜିଙ୍ଗା ଇଣ୍ଡିଆ ଏବଂ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ମିଳିତ ଭାବେ ଉକ୍ତ ଅନ୍‌ଲାଇନ ଗେମ୍‌ର ବିକାଶ କରିଛନ୍ତି। ଏଥିପାଇଁ ଉଭୟଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହାର ଲଞ୍ଚ୍ ଅବସରରେ ମନ୍ତ୍ରଣାଳୟର ସଚିବ ଅପୂର୍ବା ଚନ୍ଦ୍ରା, ଜିଙ୍ଗା ଇଣ୍ଡିଆର ଭାରତ ପାଇଁ ଥିବା ମୁଖ୍ୟ କିଶୋର କିଚ୍‌ଲି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇଥିବା ଅଖ୍ୟାତ ସଂଗ୍ରାମୀ ଓ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ଏହି ଅନ୍‌ଲାଇନ ଗେମ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଦେଶର ସବୁ ବୟସ ବର୍ଗର ଲୋକେ ଏହି ଗେମ୍‌ରେ ସାମିଲ ହେବେ ବୋଲି ଅନୁରାଗ ଆଶାବ୍ୟକ୍ତ କରିଛନ୍ତି। ଖେଳନା ଓ ଗେମ୍ ମାଧ୍ୟମରେ ଲୋକମାନଙ୍କୁ ଯୋଡ଼ିବା, ସେମାନଙ୍କ ମନୋରଞ୍ଜନ କରାଇବା ଓ ଶିକ୍ଷା ପ୍ରଦାନ ଲାଗି ପ୍ରୋତ୍ସାହିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ। ଆଜାଦୀ କ୍ୱେଷ୍ଟ ଏହାର ଏକ ଅଂଶବିଶେଷ। ଭାରତରେ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ଡିଭାଇସ୍‌ରେ ଇଂଲିଶ ଓ ହିନ୍ଦୀରେ ଏହା ଲଞ୍ଚ ହୋଇଥିବାବେଳେ ସେପ୍ଟେମ୍ବରରେ ସାରା ବିଶ୍ୱରେ ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ବଦଳିବନି ଏଏସ୍‌ଓ ପରୀକ୍ଷା କେନ୍ଦ୍ର

### ୨୭ରେ ବନ୍ଦ ରହିବ ଖୋର୍ଦ୍ଧା ଜିଲାର ୧୩୯ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ଲିଖିତ ପରୀକ୍ଷା ପାଇଁ କୌଣସି ପରୀକ୍ଷାକେନ୍ଦ୍ର ବଦଳିବ ନାହିଁ। ପୂର୍ବରୁ ପରୀକ୍ଷା ପାଇଁ ଯେଉଁସବୁ ପରୀକ୍ଷାକେନ୍ଦ୍ର ଚୟନ କରାଯାଇଥିଲା, ସେଠାରେ ହିଁ ପରୀକ୍ଷା ହେବ। ଏ ନେଇ ବୁଧବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ସ୍ପଷ୍ଟ କରିଛି। ଓପିଏସ୍‌ସି ପକ୍ଷରୁ କୁହାଯାଇଛି ଯେ, ୨୧ ତାରିଖରେ ଏଏସ୍‌ଓ ଲିଖିତ ପରୀକ୍ଷା ପାଇଁ ପରୀକ୍ଷାକେନ୍ଦ୍ର ଚୟନ କରାଯାଇଥିଲା। ବର୍ତ୍ତମାନ ରାଜ୍ୟରେ ବନ୍ୟା ପରିସ୍ଥିତି ପାଇଁ ପରୀକ୍ଷାକୁ ୨୭ତାରିଖକୁ ଘୁଞ୍ଚାଯାଇଥିଲା। କିନ୍ତୁ ପୂର୍ବରୁ ଯେଉଁ ପରୀକ୍ଷା କେନ୍ଦ୍ର ଥିଲା, ସେଥିରେ କୌଣସି ପରିବର୍ତ୍ତନ ହେବ ନାହିଁ। ସେହିପରି ଏଏସ୍‌ଓ ପରୀକ୍ଷା ପାଇଁ ପ୍ରାର୍ଥୀମାନେ ପୂର୍ବରୁ ଓପିଏସ୍‌ସି ୱେବ୍‌ସାଇଟ୍‌ରୁ ଆଡ଼ମିଶନ ସାର୍ଟିଫିକେଟ ଡାଉନ୍‌ଲୋଡ୍ କରିସାରିଥିଲେ। ତେଣୁ ଏବେ ଆଉଥରେ ଡାଉନ୍‌ଲୋଡ୍ କରିବାର କୌଣସି ଆବଶ୍ୟକ ନାହିଁ ବୋଲି ଓପିଏସ୍‌ସି କହିଛି। ସେପଟେ ଏଏସ୍‌ଓ ପରୀକ୍ଷା ପାଇଁ ୨୭ ତାରିଖରେ ଖୋର୍ଦ୍ଧା ଜିଲାର ୧୩୯ଟି ଶିକ୍ଷାନୁଷ୍ଠାନ ବନ୍ଦ ରହିବ। କାରଣ ଏହି ସବୁ ଶିକ୍ଷାନୁଷ୍ଠାନରେ ପରୀକ୍ଷା କେନ୍ଦ୍ର କରାଯାଇଛି। ସୂଚନାଯୋଗ୍ୟ, ୭୭୬ ଏଏସ୍‌ଓ ପଦବୀ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେବ।

# ଶ୍ରବଣବାଧିତଙ୍କୁ ଅତ୍ୟାଧୁନିକ ଯନ୍ତ୍ର ଯୋଗାଇବ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ

**ଭୁବନେଶ୍ୱର,୨୪।୮(ବ୍ୟୁରୋ):** ଶ୍ରବଣବାଧିତଙ୍କ ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଅତ୍ୟାଧୁନିକ ଶ୍ରବଣ ଯନ୍ତ୍ର କିଣିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ପ୍ରାୟ ୮୦୦ ଅତ୍ୟାଧୁନିକ ଶ୍ରବଣ ଯନ୍ତ୍ର କିଣିବା ନିମନ୍ତେ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ବିଟିଇର ୮ ଚ୍ୟାନେଲ ଓ ୧୨ ଚ୍ୟାନେଲ ବିଶିଷ୍ଟ ପ୍ରତ୍ୟେକରୁ ୨୦୦ ଲେଖାଏ ଏବଂ ଆଇଟିସିର ୮ ଓ ୧୨ଚ୍ୟାନେଲ୍ ବିଶିଷ୍ଟ ପ୍ରତ୍ୟେକରୁ ୨୦୦ ଲେଖାଏ କରି ମୋଟ ୮୦୦ ଅତ୍ୟାଧୁନିକ ଶ୍ରବଣ ଯନ୍ତ୍ର କିଣିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଉତ୍ତମ ବ୍ରାଣ୍ଡର ଶ୍ରବଣ ଯନ୍ତ୍ର ଉପରେ ଗୁରୁତ୍ୱ ଦିଆଯାଇଛି। ଏଗୁଡ଼ିକ ପାରମ୍ପରିକ ଶ୍ରବଣ ଯନ୍ତ୍ରଠାରୁ ଅଧିକ ଉନ୍ନତ। ବିଟିଇ ଶ୍ରବଣ ଯନ୍ତ୍ରଟି କାନର ଉପରେ ରଖାଯିବ ଓ ଏହା କାନର ପଛପାଖରେ ଝୁଲି ରହିବ। ଏପରି ଯନ୍ତ୍ର ସମସ୍ତ ବୟସ୍କ ଲୋକଙ୍କ ସବୁପ୍ରକାର ଶ୍ରବଣ ବାଧକତାକୁ ଦୂର କରିବାରେ ସହାୟକ ହେବ। ଅନ୍ୟପକ୍ଷରେ ଆଇଟିସି ଶ୍ରବଣଯନ୍ତ୍ରଟି କାନ ଭିତରେ ରହିପାରିବ। ଅତ୍ୟନ୍ତ ଗୁରୁତର ଶ୍ରବଣ ସମସ୍ୟା ରହିଥିବା ଲୋକମାନଙ୍କ ପାଇଁ ଏହା ଅତ୍ୟନ୍ତ ଉପାଦେୟ ହେବ।




# ୪ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

### ଆପାର୍ଟମେଣ୍ଟ ଆସୋସିଏଶନ ମାଲିକାନା ପ୍ରସଙ୍ଗ

## ସେପ୍ଟେମ୍ବର ୨୭ରେ ମାମଲାର ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର,୨୪।୮(ବ୍ୟୁରୋ)

ଆପାର୍ଟମେଣ୍ଟ ଆସୋସିଏଶନ ଅଫ୍ ଆଲଟିଜ୍ ଗଠନ ଏବଂ କମନ ଏରିଆ ଅଫ୍ ଲ୍ୟାଣ୍ଡକୁ ଅସୋସିଏସନ ଅଫ୍ ଆଲଟିଜ୍‌ଙ୍କ ନାମରେ କରିବାକୁ ପଞ୍ଜୀକରଣ ଅନୁମତି ଦେବାକୁ ହାଇକୋର୍ଟରେ ହୋଇଥିବା ମାମଲାର ଶୁଣାଣି ବୁଧବାର ହୋଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଖଣ୍ଡପୀଠରେ ହୋଇଥିବା ଶୁଣାଣିରେ ଆପାର୍ଟମେଣ୍ଟ ମାଲିକଙ୍କୁ ଆଶ୍ୱସ୍ତି ମିଳିଛି। ଆସନ୍ତା ୪ସପ୍ତାହ ମଧ୍ୟରେ ଆପାର୍ଟମେଣ୍ଟ ମାଲିକ ଆସୋସିଏଶନ ଗଠନ କରିବା ନିମନ୍ତେ ନୂଆ ସଂଶୋଧିତ ଆଇନ ଆଣିବା ପାଇଁ ପଦକ୍ଷେପ ନେବାକୁ ଖଣ୍ଡପୀଠ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୭କୁ ଧାର୍ଯ୍ୟ ହୋଇଛି। ଏଥିସହିତ ଆଇଜିଆର୍‌ଙ୍କ ନିର୍ଦ୍ଦେଶକ୍ରମେ ଗତ ମେ ୧୨ତାରିଖରୁ ବନ୍ଦ ହୋଇଥିବା ଆପାର୍ଟମେଣ୍ଟେ ରେଜିଷ୍ଟ୍ରେଶନ କରିବାକୁ ଅନୁମତି ଦେବାକୁ ବିପକ୍ଷଙ୍କ ପକ୍ଷରୁ ହୋଇଥିବା ଆବେଦନକୁ ଅଗ୍ରାହ୍ୟ କରି ସଂଶୋଧିତ ଆଇନ ଅଣାଯିବା ପରେ ପରବର୍ତ୍ତୀ ନିର୍ଦ୍ଦେଶ ଦିଆଯିବ ବୋଲି କୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ ରାଜ୍ୟର ବିଭିନ୍ନ ଭାଗରେ ରିୟଲିଷ୍ଟେଟ ଓ ପ୍ରମୋଟରଙ୍କ ଦ୍ୱାରା ବହୁ ସଂଖ୍ୟାରେ ଆପାର୍ଟମେଣ୍ଟ ବ୍ୟବସାୟିକ ଉଦ୍ଦେଶ୍ୟରେ ନିର୍ମାଣ କରାଯାଉଛି। ବିଲଡରମାନେ ସେଗୁଡ଼ିକୁ ଲୋକମାନଙ୍କୁ ବିକ୍ରି କରୁଛନ୍ତି। ଘରଗୁଡିକ ବିକ୍ରି ହେଉଥିଲେ ମଧ ଏହାର ଚତୁଃପାର୍ଶ୍ୱରେ ରହୁଥିବା କମନ୍ ଏରିଆର ମାଲିକାନା ବିଲଡରଙ୍କ ହାତରେ ରହୁଛି। ମାଲିକାନା ନ ଥିବାରୁ ଆପାର୍ଟମେଣ୍ଟରେ ରହୁଥିବା ଘରମାଲିକମାନେ ସେସବୁ ସ୍ଥାନକୁ ବିନିଯୋଗ କରି ପାରୁ ନାହାନ୍ତି। ଆପାର୍ଟମେଣ୍ଟ ଆସୋସିଏଶନ ନ ଥିବାରୁ ସେହି ଜମିକୁ ଆପାର୍ଟମେଣ୍ଟ ମାଲିକାନାକୁ ଆସି ପାରୁ ନାହିଁ। ଆସୋସିଏଶନଗୁଡିକୁ ପଞ୍ଜୀକରଣ କରିବାକୁ ଆପାର୍ଟମେଣ୍ଟ ମାଲିକାନା ଆଇନ-୧୯୮୨କୁ କାର୍ଯ୍ୟକାରୀ କରାଯାଉ ନାହିଁ। ଗ୍ରାହକଙ୍କୁ ସେମାନଙ୍କଠାରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ରିୟଲ ଇଷ୍ଟେଟ୍ (ରେଗୁଲେଶନ ଆଣ୍ଡ୍ ଡେଭେଲପମେଣ୍ଟ) ଆଇନ-୨୦୧୬ କାର୍ଯ୍ୟକାରୀ କରିଛନ୍ତି। ଏହାର ବର୍ଷକ ପରେ ରାଜ୍ୟ ସରକାର ଓଡ଼ିଶା ରିୟଲ ଇଷ୍ଟେଟ୍(ରେଗୁଲେଶନ ଆଣ୍ଡ ଡେଭେଲପ୍‌ମେଣ୍ଟ) ରୁଲ୍‌ସ-୨୦୧୭ କାର୍ଯ୍ୟକାରୀ କରିବା ସହିତ ଓରେରା ଗଠନ କରିଛନ୍ତି। ତେବେ ଏହି ଆଇନ ପରିସରରେ ଆପାର୍ଟମେଣ୍ଟ ଆସୋସିଏଶନ ଗଠନ କରିବାକୁ ନିର୍ଦ୍ଦେଶ ରହିଛି। ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆପାର୍ଟମେଣ୍ଟ ଓନରଶିପ ରୁଲ୍ସ-୨୦୨୧ କାର୍ଯ୍ୟକାରୀ କରାଯାଇଛି। ଏଥିରେ ଆସୋସିଏଶନ ଗଠନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଆପାର୍ଟମେଣ୍ଟ ମାଲିକମାନଙ୍କ ପାଇଁ ଆଇନ ସମ୍ମତ ଆସୋସିଏଶନ ଗଠନ ହୋଇପାରୁ ନାହିଁ। ଆପାର୍ଟମେଣ୍ଟ ମାଲିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ଆପାର୍ଟମେଣ୍ଟ ମାଲିକାନା ଆଇନ ଆଣିବାକୁ ଦାବି କରାଯାଇଛି। ଏ ନେଇ ରେରା ଆକ୍ଟିଭିଷ୍ଟ ବିମଳେନ୍ଦୁ ପ୍ରଧାନ ୨୦୧୯ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ଆଇନ, ଗୃହ ଓ ନଗର ଉନ୍ନୟନ ବିଭାଗ, ଆଇଜିଆର୍ ଏବଂ ରେରାକୁ ପକ୍ଷଭୁକ୍ତ କରାଯାଇଛି। ମାମଲାର ପରିଚାଳନା ପାଇଁ ରାଜ୍ୟ ସରକାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ସଚିବଙ୍କୁ କମ୍ପିଟେଣ୍ଟ ଅଥରିଟି ଭାବେ ନିଯୁକ୍ତି କରିଛନ୍ତି। ବୁଧବାର ଶୁଣାଣି ସମୟରେ ଆପାର୍ଟମେଣ୍ଟ ମାଲିକାନା (ସଂଶୋଧିତ)ଆଇନ-୨୦୨୧ ପ୍ରସ୍ତୁତ ହୋଇଛି। ଆଇନ ବିଭାଗର ସମ୍ମତି ପରେ ଆସନ୍ତା ମାସକ ମଧ୍ୟରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ କୋର୍ଟଙ୍କୁ ଅବଗତ କରିବା ପରେ କୋର୍ଟ ୪ସପ୍ତାହ ମଧ୍ୟରେ ଏସମ୍ପର୍କରେ ପଦକ୍ଷେପ ନେଇ କୋର୍ଟଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ମୋହିତ ଅଗ୍ରୱାଲ ମାମଲା ପରିଚାଳାନା କରୁଛନ୍ତି।







# ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଏସ୍‌ସିବି ସ୍ଥାନାନ୍ତର



ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯାଉଛି।

ଜୟପୁର/କୋରାପୁଟ, ୨୪।୮(ନି.ପ୍ର./ସ୍ୱ.ପ୍ର.)

ଅସୁସ୍ଥ ହୋଇ ଗତ ରବିବାର ଜୟପୁରସ୍ଥିତ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ପଦ୍ମଶ୍ରୀ କମଳା ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ବୁଧବାର କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ପଠାଯାଇଛି।

ରବିବାର ଅସୁସ୍ଥ ହୋଇଥିବା ପଦ୍ମଶ୍ରୀ କମଳାଙ୍କୁ କୋରାପୁଟ ଡାକ୍ତରଖାନାରେ ଏକ ସ୍ୱତନ୍ତ୍ର କ୍ୟାବିନ୍‌ରେ ରଖାଯାଇ ଚିକିତ୍ସା କରାଯାଉଥିଲା। ମଙ୍ଗଳବାର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। କିନ୍ତୁ ସେ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ଜଣାପଡ଼ିବା ପରେ ତାଙ୍କୁ ତୁରନ୍ତ କଟକ ସ୍ଥାନାନ୍ତର କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତର ଦିଲୀପ ବିଶ୍ୱାଳ ଓ ସୂଚନା ଦେଇଥିବା ସିଡିଏମ୍‌ଓ ଡାକ୍ତର ଅରୁଣ କୁମାର ପାଢ଼ୀ କହିଛନ୍ତି। ପ୍ରକାଶ ଯେ କୋରାପୁଟ ଜିଲାର ପାତ୍ରପୁଟରେ ୩୦୦ରୁ ଅଧିକ ପାରମ୍ପରିକ ଧାନ ବିହନ ସଂରକ୍ଷଣ କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ କମଳା ପୂଜାରୀ।

# ୩ରୁ ସ୍ୱତନ୍ତ୍ର ଓଜେଇଇ

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ବା ଦ୍ୱିତୀୟ ଓଜେଇଇ ପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ସେପ୍ଟେମ୍ବର ୩ରୁ ୭ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଓଜେଇଇ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୩, ୪ ଏବଂ ୭ରେ ପରୀକ୍ଷା ହେବ। ୩ ତାରିଖରେ ୪ଟି ଶିଫ୍ଟରେ ଏବଂ ବାକି ଦୁଇଦିନ ୩ଟି ଶିଫ୍ଟରେ ପରୀକ୍ଷା ହେବ। ସବୁ ପରୀକ୍ଷାର ବ୍ୟବଧାନ ଏକ ଘଣ୍ଟା ରହିଛି। ପ୍ରଥମ ଶିଫ୍ଟ ପୂର୍ବାହ୍ନ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦ୍ୱିତୀୟ ଶିଫ୍ଟ ପୂର୍ବାହ୍ନ ସାଢ଼େ ୧୧ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା, ତୃତୀୟ ଶିଫ୍ଟ ଅପରାହ୍ନ ୨ଟାରୁ ୩ଟା ଏବଂ ଚତୁର୍ଥ ଶିଫ୍ଟ ସାଢ଼େ ୪ଟାରୁ ସାଢ଼େ ୫ଟା ଯାଏ ହେବ। ୩ ତାରିଖରେ ପ୍ରଥମ ଓ ଦ୍ୱିତୀୟ ଶିଫ୍ଟରେ ଏମ୍‌ବିଏ, ତୃତୀୟ ଏବଂ ଚତୁର୍ଥ ଶିଫ୍ଟରେ ଲାଟେରାଲ ଏଣ୍ଟ୍ରି-ଟେକ୍ (ଡିପ୍ଲୋମା) ବିଷୟର ପରୀକ୍ଷା ରହିଛି। ୪ ତାରିଖରେ ପ୍ରଥମ ତିନୋଟି ଶିଫ୍ଟରେ ବିଟେକ୍ ପାଇଁ ପରୀକ୍ଷା ହେବ। ୭ତାରିଖରେ ପ୍ରଥମ ଶିଫ୍ଟରେ ବି.ଫାର୍ମ, ଦ୍ୱିତୀୟ ଶିଫ୍ଟରେ ବି.ଫାର୍ମ, ଏମ୍‌ଟେକ୍ (ସମସ୍ତ ବିଷୟ), ଏମ୍.ଆର୍କ, ଏମ୍.ଫାର୍ମ, ଲାଟେରାଲ ଏଣ୍ଟ୍ରି-ଟେକ୍ (ବିଏସ୍‌ସି) ଏବଂ ତୃତୀୟ ଶିଫ୍ଟରେ ଏମ୍‌ସିଏ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଓଜେଇଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ଯୁକ୍ତ୩ ନାମଲେଖା ଅବଧି ଘୁଞ୍ଚିଲା

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୁକ୍ତ୩ ନାମଲେଖା ଅବଧିକୁ ରାଜ୍ୟ ସରକାର ଘୁଞ୍ଚାଇ ଦେଇଛନ୍ତି। ଏ ସମ୍ପର୍କରେ ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଅନୁମୋଦନ କ୍ରମେ ଯୁକ୍ତ୩ ନାମଲେଖା ନିମନ୍ତେ ପରିବର୍ତ୍ତିତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଅନ୍‌ଲାଇନ ସିଏଏଫ୍ (କମନ ଆପ୍ଲିକେଶନ ଫର୍ମ) ଆବେଦନ ତାରିଖ ଅଗଷ୍ଟ ୨୫ ଥିଲା। କିନ୍ତୁ ନୂତନ କାର୍ଯ୍ୟସୂଚୀ ଅନୁଯାୟୀ, ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୧ ନିର୍ଦ୍ଧାରିତ କରାଯାଇଛି। ଯୁକ୍ତ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ସେପ୍ଟେମ୍ବର ୨ରୁ ୫ ତାରିଖ ମଧ୍ୟରେ ହେବାର ଥିଲା। କିନ୍ତୁ ତାହା ଏବେ ସେପ୍ଟେମ୍ବର ୭ରୁ ୧୧ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସେପ୍ଟେମ୍ବର ୧୨ରୁ ୧୪ ତାରିଖ ସ୍ଥିର କରାଯାଇଥିବାବେଳେ ଏହାକୁ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ପୂର୍ବ ସୂଚୀ ଅନୁଯାୟୀ, ସ୍ପଟ ନାମଲେଖାର ଅବଧି ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାର ଥିଲା। ଏବେ ତାହା ୨୧ ତାରିଖରୁ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଛି। ତେବେ ଛାତ୍ରୀଛାତ୍ରମାନେ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ ସାମ୍ସ ୱେବସାଇଟ୍‌କୁ ଦେଖିବା ସକାଶେ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ନାମଲେଖା ପ୍ରକ୍ରିୟାର ସମସ୍ତ ପରିବର୍ତ୍ତିତ କାର୍ଯ୍ୟସୂଚୀ ସାମ୍ସ ୱେବ୍‌ସାଇଟ samsodisha.gov.inରେ ଉପଲବ୍ଧ ଅଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରଣୀର ସଜ ରାତିଖିଆ ପରେ**
**ଦାରୀଙ୍କର ସଜ ସଞ୍ଜକୁ**
**ଦୋକାନୀର ସଜ ସକାଳ ପହରୁ**
**ବୁଢ଼ାଙ୍କର ସଜ ପୂଜାକୁ ।**

ଘରଣୀଟି ରାତ୍ରଭୋଜନ ପରେ ସ୍ୱାମୀର ଶଯ୍ୟାସଙ୍ଗିନୀ ହେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଭଳି ବିଟପି ନାରୀ ସଞ୍ଜ ହେଲେ ବେଶ ପରିପାଟି ହୋଇ ପରପୁରୁଷର ଆଗମନକୁ ପ୍ରତୀକ୍ଷା କରିଥାଏ। ଠିକ୍ ସେହିପରି ଦୋକାନୀ ତା'ର ଗ୍ରାହକଙ୍କ ପାଇଁ ସକାଳୁ ପ୍ରସ୍ତୁତ ହୋଇ ରହୁଥିବା ବେଳେ ବୃଦ୍ଧାବୃଦ୍ଧ ସଞ୍ଜ ସକାଳେ ଠାକୁରଙ୍କ ପୂଜା ପାଠ କରିବା ପାଇଁ ନିଜର ପ୍ରସ୍ତୁତି କର୍ମ ଶେଷ କରୁଥିବା ନେଇ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଘିଅ ସାଙ୍ଗରେ କି ମହୁ**
**ଦୀପ ସାଙ୍ଗରେ କି ଦିହୁଡ଼ି ଜଳିବ**
**ଝିଅ ସାଙ୍ଗରେ କି ବୋହୂ ?**

ବାପ ମା' ଙ୍କର ଝିଅ ଯେତେ ନିକଟତର, ବୋହୂ ସେତେ ହୋଇ ନ ଥାଏ। ବୋହୂ ଅପେକ୍ଷା ଝିଅ ହିଁ ବାପ ମା'ଙ୍କର ସେବା କରିବା ଦିଗରେ ଅଧିକ ଧ୍ୟାନ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ପାଇବେ ଦିଲ୍ଲୀପ, ନରେନ୍ଦ୍ର

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା

**ଭୁବନେଶ୍ୱର,୨୪।୮(ବ୍ୟୁରୋ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ଓ ବାଲ୍ ପୁରସ୍କାର-୨୦୨୨ ବୁଧବାର ଘୋଷଣା କରାଯାଇଛି। ଶିଶୁ ସାହିତ୍ୟିକ ତଥା ବିଜେବି କଲେଜର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ଦାସ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଓଡ଼ିଆ ଭାଷାରେ ରଚିତ ତାଙ୍କ କ୍ଷୁଦ୍ର ଗଳ୍ପ ପୁସ୍ତକ 'କୋଳାହଳ ନା ହଳାହଳ' ପାଇଁ ସେ ଏହି ପୁରସ୍କାର ପାଇବେ। ଉକ୍ତ ପୁରସ୍କାର କମିଟିରେ ପ୍ରଫେସର ଆଦିକନ୍ଦ ସାହୁ, ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଓ ଗାୟତ୍ରୀ ସରାଫ୍ ଜୁରି ସଦସ୍ୟ ରହିଥିଲେ। ଚଳିତ ବର୍ଷ ୨୩ଟି ଭାଷାରେ ଏହି ପୁରସ୍କାର ଦିଆଯାଉଛି। ସେହିପରି ଯୁବ ଲେଖକ ତଥା ଚିକିତ୍ସକ ଦିଲ୍ଲୀପ ବେହେରା ତାଙ୍କ ରଚିତ କ୍ଷୁଦ୍ର ଗଳ୍ପ ପୁସ୍ତକ 'ଲଣ୍ଠନ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇବେ। ୨୪ଟି ଭାଷାରେ ଏହି ପୁରସ୍କାର ଦିଆଯାଉଥିବା ବେଳେ ମରାଠୀ ଭାଷାର ଚୟନ ବିଳମ୍ବରେ ଘୋଷଣା କରାଯିବ। ଭଗବାନ ଜୟସିଂହ, ଗାୟତ୍ରୀବାଳା ପଣ୍ଡା ଓ ଗୁର୍‌ପ୍ରୀତ କୌର ଗିଲ୍ ଏହି ପୁରସ୍କାର କମିଟିରେ ଜୁରି ସଦସ୍ୟ ରହିଥିଲେ। ଆସନ୍ତା ନଭେମ୍ବର ୧୪ରେ ନୂଆଦିଲ୍ଲୀରେ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କାର ବାବଦରେ ନଗଦ ୫୦ହଜାର ଟଙ୍କା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବ। କେନ୍ଦ୍ର ସାହିତ୍ୟ ଏକାଡେମୀର ଆବାହକ ବିଜୟାନନ୍ଦ ସିଂ ଏ ନେଇ ସୂଚନା ଦେଇଛନ୍ତି।


ନରେନ୍ଦ୍ର ଦାସ


ଦିଲ୍ଲୀପ ବେହେରା

# ରାସ୍ତାରେ ଗଡ଼ି ପ୍ରତିବାଦ

## କଟକ ସହରରେ ରାସ୍ତାଘାଟ ବିପର୍ଯ୍ୟସ୍ତ

**କଟକ ଅଫିସ, ୨୪।୮**

କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟକୁ ନେଇ ସୁଭାଷ ସଙ୍ଗଠନ ପକ୍ଷରୁ ବୁଧବାର ପଥ ସତ୍ୟାଗ୍ରହ କରାଯାଇଛି। ଜିଲା ପ୍ରଶାସନ, ପୂର୍ତ୍ତ ବିଭାଗର ଖାମଖିଆଲି ମନୋଭାବ ଯୋଗୁ କଟକ ସହର ଓ ଏହାର ଉପକଣ୍ଠରେ ଥିବା ପ୍ରମୁଖ ଛକଗୁଡିକର ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଅନେକ ସ୍ଥାନରେ ରାସ୍ତାରୁ ପିଚୁ ଉଠିଯାଇଥିବାବେଳେ ଆଉ କେତେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଲୋକମାନେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସଙ୍ଗଠନର କର୍ମକର୍ତ୍ତାମାନେ ମଙ୍ଗଳାବାଗ ରିଂରୋଡ୍‌ସ୍ଥିତ ଏକ ନର୍ସିଂହୋମ୍ ନିକଟରୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ଗଡି ଗଡି ଆନ୍ଦୋଳନ କରିଥିଲେ। ଏଥିସହ ଜିଲା ପ୍ରଶାସନ ବିରୋଧରେ ନାରାବାଜି ଦେଇଥିଲେ। ରାସ୍ତା ମରାମତି ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ଆଗାମୀ ଦିନରେ ସହରର ପ୍ରମୁଖ ରାସ୍ତାଗୁଡିକ ନିର୍ମାଣ ଓ ମରାମତି କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରାଯିବା ପାଇଁ ସଙ୍ଗଠନ ପକ୍ଷରୁ କୁହାଯାଇଛି। ନ ହେଲେ ସୂଚନା ଅଧିକାର ଆଇନ୍ ବଳରେ ଏ ସମ୍ପର୍କରେ ତଥ୍ୟ ମଗାଯିବ। ଉକ୍ତ ତଥ୍ୟରେ ଯଦି ଅନିୟମିତତା ସମ୍ପର୍କରେ ଜଣାପଡେ ତେବେ ସହରର ବିଭିନ୍ନ ସ୍ଥାନରେ ଏଭଳି ଅଭିନବ ଉପାୟରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର କର୍ମକର୍ତ୍ତା ବାପୁଜୀ କର, ମନୋଜ ବେହେରା, ପୃଥ୍ୱୀରାଜ ବେହେରା, ଶିବ ଶୁକ୍ଳ, ରାକେଶ ବଡ଼ିଆ, ଲକ୍ଷ୍ମୀଧର ମହାପାତ୍ର, ସୋମନାଥ ସାହୁ, ବିରଞ୍ଚି ସାମଲ, ନିଗମ ମିଶ୍ର, ପ୍ରଶାନ୍ତ ଜେନା, ପ୍ରଶାନ୍ତ ସାମଲ, ଶ୍ରୀନିବାସ ରେଡ୍ଡୀ, ମଣ୍ଟୁ ସାହୁ, ଜ୍ଞାନରଞ୍ଜନ ଦାସ, କାର୍ତ୍ତିକ ବେହେରା, ସଞ୍ଜୟ ସିଂହ, ଜ୍ୟୋତି ପ୍ରକାଶ ସ୍ୱାଇଁ, ଲଳିତ ଦାସ, ଲୋକନାଥ ସାହୁ ଓ ଆଶୁତୋଷ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ୫ ଖଣି ନିଲାମ ପାଇଁ ଟେଣ୍ଡର ଆହ୍ୱାନ

**ଭୁବନେଶ୍ୱର,୨୪।୮(ବ୍ୟୁରୋ)**

ରାଜ୍ୟର ୫ଟି ଖଣି ନିଲାମ କରିବା ପାଇଁ ରାଜ୍ୟ ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । କେନ୍ଦୁଝର, କଳାହାଣ୍ଡି, ବୌଦ୍ଧ, ମୟୂରଭଞ୍ଜ ଜିଲାର ୫ଟି କ୍ୱାର୍ଜାଇଟ ଖଣି ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ଏହି ସବୁ ଖଣିରେ ପ୍ରାୟ ୩୦ ଲକ୍ଷ ଟନ୍ କ୍ୱାର୍ଜାଇଟ ମହଜୁଦ ରହିଛି । ଟେଣ୍ଡର ଆବେଦନ କରିବାର ଶେଷ ତାରିଖ ଅକ୍ଟୋବର ୧୭ ରଖାଯାଇଛି । ଏହି ୫ ଖଣି ବ୍ୟତୀତ ଆହୁରି ୧୨ଟି ସ୍ୱତନ୍ତ୍ର ପଥର ଥିବା ଖଣି ନିଲାମି ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ । ଚଳିତ ବର୍ଷ ୧୨ଟି ଲୁହାପଥର, ବକ୍ସାଇଟ ଓ ମାଙ୍ଗାନିଜ ଖଣି ନିଲାମ ପାଇଁ ପ୍ରସ୍ତୁତ ଥିବା ବେଳେ ଏହାର ପ୍ରକ୍ରିୟା ମଧ୍ୟ କରାଯାଇଛି।

# ଭିଜିଲାନ୍ସ ଜାଲରେ ସିଏଚ୍‌ସି କନିଷ୍ଠ କିରାଣି

**ଭବାନୀପାଟଣା,୨୪।୮(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କନିଷ୍ଠ କିରାଣି ଏମ୍ ଦିବ୍ୟଜ୍ୟୋତି ବୁଧବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ମୃତ୍ୟୁ ପ୍ରମାଣ ପତ୍ର ଦେବା ପାଇଁ ଜଣେ ବିପିଏଲ କାର୍ଡ ଧାରୀଙ୍କଠାରୁ ୯ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଉକ୍ତ ଗ୍ରାମର ଆଉ ୫ଜଣ ବ୍ୟକ୍ତି ମଧ୍ୟ ମୃତ୍ୟୁପ୍ରମାଣ ପତ୍ର ପାଇଁ ଆବେଦନ କରିଥିଲେ। ଗୋଟିଏ ସାର୍ଟିଫିକେଟକୁ ୩ହଜାର ଟଙ୍କା ହିସାବରେ ଉପରୋକ୍ତ ୬ଜଣ ବ୍ୟକ୍ତିଙ୍କୁ ୧୮ ହଜାର ଟଙ୍କା ସେ ଦାବି କରିଥିଲେ। ଏହି ଟଙ୍କାକୁ ୨ଟି ପର୍ଯ୍ୟାୟରେ ଦେବା ପାଇଁ ସେମାନଙ୍କୁ କନିଷ୍ଠ ଯନ୍ତ୍ରୀ ଦିବ୍ୟଜ୍ୟୋତି କହିଥିଲେ। ବୁଧବାର ପ୍ରଥମ ପର୍ଯ୍ୟାୟରେ କନିଷ୍ଠ କିରାଣି ଦିବ୍ୟଜ୍ୟୋତିଙ୍କୁ ୯ ହଜାର ଟଙ୍କା ବିପିଏଲ କାର୍ଡଧାରୀ ଦେଉଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲା। କନିଷ୍ଠ କିରାଣିଙ୍କଠାରୁ ୯ ହଜାର ଟଙ୍କା ଭିଜିଲାନ୍ସ ବିଭାଗ ଜବତ କରିଥିଲା। ଏ ନେଇ ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ.୨୮/୨୨) ରୁଜୁ କରି ଏମ୍ ଦିବ୍ୟଜ୍ୟୋତିଙ୍କୁ ଗିରଫ କରିଛି। ଚଢ଼ାଉରେ କଳାହାଣ୍ଡି ଓ ନୂଆପଡା ଭିଜିଲାନ୍ସ ବିଭାଗ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।


ଏମ୍ ଦିବ୍ୟଜ୍ୟୋତି

## ପ୍ରଥମ ପୃଷ୍ଠାରୁ...

### ଡିସେମ୍ବର ୨୭ରୁ ବରଗଡ଼ ...


ଧନୁଯାତ୍ରା ମହୋତ୍ସବ ସମିତିର ସାଧାରଣ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା, ଅଧିକାରୀ ଓ ଜନପ୍ରତିନିଧିମାନେ।

ମହୋତ୍ସବ ପ୍ଲାଟିନମ ଜୁବିଲି ପାଳନ କରିବାକୁ ଯାଉଛି। ଫଳରେ ଏହାର ସ୍ମାରକ ଭାବେ ଗାନ୍ଧୀଛକରେ ଏକ ସୁଦୃଶ୍ୟ ଗେଟ୍ ସ୍ଥାପନ ପାଇଁ ସେ ପ୍ରସ୍ତାବ ଦେଇଥିଲେ। ସେହିପରି ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବରଗଡ଼ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ନିର୍ଦ୍ଦେଶକଙ୍କ ଏହି ଗସ୍ତରେ ଧନୁଯାତ୍ରାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ତାଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏଥର ସଞ୍ଚାର, ଧୂନକେଲ୍, କଳାକୁଞ୍ଜ ଭଳି ଲୋକକଳାକୁ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଇଥିଲେ। ଏହାସହିତ ଥିଏଟର୍, ଫିଲ୍ମ ଇଣ୍ଡଷ୍ଟ୍ରିର ପ୍ରଖ୍ୟାତ କଳାକାରଙ୍କୁ ଆମନ୍ତ୍ରଣ କରିବାକୁ ଛୁରିଆ ପ୍ରସ୍ତାବ ଦେଇଥିଲେ। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ବୈଠକରେ ଉପସ୍ଥିତ ରହି ଧନୁଯାତ୍ରାରେ ବିଗତ ବର୍ଷ ଭଳି ଏଥର ମଧ୍ୟ ଜାତୀୟ ହସ୍ତତନ୍ତ ଏକ୍ସପୋ ଆୟୋଜନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଏବଂ ଅନ୍ୟବର୍ଷ ତୁଳନାରେ ଅଧିକ ଆଡ଼ମ୍ବରରେ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଧନୁଯାତ୍ରାରେ ପାରମ୍ପରିକତା ସହ ନୂତନତାକୁ ଯୋଡ଼ିବାକୁ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାରଙ୍କ ବିନା ଅନୁମତିରେ ହାତୀ ଆସିପାରୁ ନ ଥିବା ଯୋଗୁ ଧନୁଯାତ୍ରା ପାଇଁ ଉଦ୍ଦିଷ୍ଟ ହାତୀ ଆଣିବାକୁ ଏବେଠାରୁ ପଦକ୍ଷେପ ନେବା ପାଇଁ ସମିତି ସମ୍ପାଦକ ଶତପଥୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଂସ୍କୃତିକ କମିଟି ସଭ୍ୟା ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ ଧନୁଯାତ୍ରାବେଳେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମର ଆର୍ଥିକ କାରବାରରେ ସ୍ୱଚ୍ଛତା ଆଣିବାକୁ ପ୍ରସ୍ତାବ ଦେଇଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମର ଦାୟିତ୍ୱ ଜିଲା ସଂସ୍କୃତି ଅଧିକାରୀଙ୍କୁ ପ୍ରଦାନ ପାଇଁ ଉପସ୍ଥିତ ସଭ୍ୟ ପ୍ରସ୍ତାବ ଦେଇଥିଲେ। ବୈଠକରେ ସମିତିର ଉପସଭାପତି ତଥା ଏସ୍‌ପି ସ୍ମିତ୍ ପି. ପରମାର୍, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝିଙ୍କ ସମେତ ବିଭିନ୍ନ କମିଟିର ଆବାହକ, ସଦସ୍ୟମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ମର୍ଦ୍ଧା ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ ।

### ଡ୍ରୋନ୍ ସହାୟତାରେ ...

ଏଥିରେ ନୂତନ ଫାଟ, ହେଉଥିବା ସିପେଜ୍‌ର ସ୍ଥିତି ସମୀକ୍ଷା କରାଯାଏ। ହୀରାକୁଦ ବନ୍ଧ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି। ଏହାକୁ ନେଇ ଭୟଭୀତ ହେବାର ନାହିଁ। ବହୁବର୍ଷରୁ ପାଣି ସିପେଜ୍ ହୋଇଆସୁଛି। ଏହାକୁ ନେଇ ପୂର୍ବରୁ ବମ୍ବେର ଡାୟୋନୋସିସ୍ ନାମକ କମ୍ପାନୀ ଦ୍ୱାରା ସର୍ଭେ କରାଯାଇଥିଲା। ସିପେଜ୍‌ର ସ୍ଥିତି ଉପରେ ରିପୋର୍ଟ କରାଯାଇଥିଲା। ଏବେ ମଧ୍ୟ ଉକ୍ତ କମ୍ପାନୀ ସହ ଯୋଗାଯୋଗ କରାଯାଇଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ବନ୍ୟା ନିୟନ୍ତ୍ରଣ, ବିଜୁଳି ଉତ୍ପାଦନ ଓ ଜଳସେଚନରେ ଲାଭଦାୟକ ହେଉଥିବା ହୀରାକୁଦ ଜଳଭଣ୍ଡାରର ଫାଟ ଥିବା ନେଇ ଚର୍ଚ୍ଚା ହୋଇଆସୁଛି। ବନ୍ଧ କର୍ତ୍ତୃପକ୍ଷ ମଧ୍ୟ ପାଣି ସିପେଜ୍ ହେଉଥିବା ଓ ଫାଟ ଥିବା ନେଇ ସ୍ୱୀକାର କରୁଛନ୍ତି। ଡ୍ୟାମ୍‌ର ଡାହାଣ ଓ ବାମପାଖ ସ୍ଲୁଇସ୍ ଗେଟ୍ ବେରେଲରେ ସମସ୍ୟା ଥିବା ନେଇ ଅଭିଯୋଗ ହେଉଛି। ମରାମତି ଓ ସୁରକ୍ଷାକୁ ନେଇ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଏହାର ସ୍ଥାୟୀ ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

### ମିଳିଲା ମଙ୍ଗଳ ମାଟି ...

ପଠାଇବାପରେ ମାସାଧିକ କାଳ ଲାଗିବ, ଯାହା କି ଅତ୍ୟନ୍ତ କଷ୍ଟକର ଏବଂ ଖର୍ଚ୍ଚାନ୍ତ ପ୍ରକ୍ରିୟା। ତେଣୁ ଲାଲ୍ ଗ୍ରହରେ କୃଷିର ବିକାଶ କରିବା ପାଇଁ ଅଧ୍ୟୟନ ମଧ୍ୟରେ ବୈଜ୍ଞାନିକମାନେ 'ଆଲ୍‌ଫାଲ୍‌ଫା' ଉଦ୍ଭିଦ ଖୋଜି ପାଇଛନ୍ତି। ମଙ୍ଗଳ ମାଟିରେ ଲୁଣ ଓ ଖଣିଜ ପଦାର୍ଥ ଭରପୂର ଥିବାବେଳେ ସେଥିରେ ଜୈବିକ ପଦାର୍ଥ କିମ୍ବା ଗଛକୁ ବଞ୍ଚାଇ ରଖିବା ଭଳି ଅଣୁଜୀବ ନାହିଁ। ତେଣୁ ସେଠାରେ ଅଧିକାଂଶ ଉଦ୍ଭିଦ ବଢ଼ିବା କଷ୍ଟକର। ସଦ୍ୟ ଅଧ୍ୟୟନରେ ଏହାର ସମାଧାନ ଆଲଫା ପ୍ଲାଣ୍ଟରେ ଆବିଷ୍କୃତ ହୋଇଛି। ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଛନ୍ତି ଯେ ଏହି ଉଦ୍ଭିଦ ମଙ୍ଗଳ ଗ୍ରହରେ ଆଗ୍ନେୟଗିରି ସଦୃଶ କଠିନ ମାଟିରେ ମଧ୍ୟ ବଢ଼ିପାରିବ। ଏଥିରୁ ଖାଦ୍ୟ ଭାବେ ବ୍ୟବହାର କରାଯିବା ସହ ଏହାର ପତ୍ର ଏବଂ ବିଭିନ୍ନ ଅଂଶରୁ ସେଠାକାର ମାଟି ଚାଷ ଉପଯୋଗୀ ହୋଇପାରିବ। ଫଳରେ ସେଠାରେ ଶାଗ, ମୂଳା ଭଳି ଗଛ ବଢ଼ିପାରିବ। ଗବେଷଣାରେ ବୈଜ୍ଞାନିକମାନେ ପ୍ରଥମେ ମଙ୍ଗଳ ଭଳି ମୃତ୍ତିକା ପ୍ରସ୍ତୁତ କରି ସେଥିରେ ବିଭିନ୍ନ ପ୍ରକାର ମଞ୍ଜି ଓ ଚାରାର ପରୀକ୍ଷଣ କରିଥିଲେ। ଆଲ୍‌ଫାଲ୍‌ଫା ଉଦ୍ଭିଦ ଏଭଳି ମାଟିରେ ବଢ଼ିପାରିବ ବୋଲି ଅଧ୍ୟୟନରୁ ଜଣାପଡ଼ିଛି।

### ପୁଣି ୬ ମାସ ବଢ଼ିଲା ମୁଖ୍ୟ ...

ରାଜ୍ୟ ସାଧାରଣ ପ୍ରଶାସନ ବିଭାଗକୁ ଲେଖା ଯାଇଥିବା ଚିଠିରେ ମୁଖ୍ୟ ସଚିବଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧିକୁ ଅନୁମୋଦନ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଗଷ୍ଟ ୧୦ ତାରିଖରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ମହାପାତ୍ରଙ୍କୁ ମୁଖ୍ୟ ସଚିବ ଭାବେ ଆଉ ୬ ମାସ ବୃଦ୍ଧି କରିବାକୁ ଅନୁରୋଧ କରିଥିଲା। ତାଙ୍କ କାର୍ଯ୍ୟକାଳ ଅଗଷ୍ଟ ୩୧ ତାରିଖରେ ଶେଷ ହେବାର ଥିଲା। ଏବେ ସେ ଆସନ୍ତାବର୍ଷ ଫେବୃଆରୀ ୨୮ ପର୍ଯ୍ୟନ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିବେ।

### କିଡ୍‌ନୀ ବିକିଦେଲେ ...

ଏ ନେଇ ରଞ୍ଜିତା ପ୍ରଥମେ ଜୁଲାଇ ୨୮ରେ ମାଲକାନଗିରି ଥାନାରେ ଏତଲା ଦେଇଥିବାବେଳେ ବୁଧବାର ପୁଣି ଥାନାକୁ ଆସି ନ୍ୟାୟ ଦାବି କରିଛନ୍ତି। ଏ ନେଇ ଥାନାରେ ୪୩୨/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ୍ କିଣ୍ଡୋ କହିଛନ୍ତି। ଅନ୍ୟପକ୍ଷରେ ଘଟଣା ନେଇ ରଞ୍ଜିତାଙ୍କ ସ୍ୱାମୀ ପ୍ରଶାନ୍ତଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପାରିବାରିକ କ୍ଷେତ୍ରରେ ସାମାନ୍ୟ କାରଣରୁ ବିତର୍କ ଲାଗି ମାନସିକ ଅବସ୍ଥା ଭଲ ରହିବ ନାହିଁ। ଜମିଜମା, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ, ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ ବିଫଳତାରୁ ଚିନ୍ତିତ ରହିବେ। ସମ୍ପତ୍ତିକୁ କେନ୍ଦ୍ରକରି ଭାଇ ଭାଇ ଭିତରେ ଟଣାଓଟରା ଦେଖା ଦେଇପାରେ।

**ବୃଷ** – କର୍ମକ୍ଷେତ୍ରରେ ଟିକିଏ ଜୋର ଦେଇ କଥା କହିବା କାରଣରୁ ଅନ୍ୟମାନେ ଭୁଲ୍ ବୁଝିବେ। ଅସୁବିଧାକୁ ଜଣାଇଲେ ମଧ୍ୟ ଉପରିସ୍ଥ କର୍ମଚାରୀ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ** – ବନ୍ଧୁଙ୍କ ସାହାଯ୍ୟରୁ ଅଭାବନୀୟ ପରିସ୍ଥିତି ବଦଳି ଯିବ । ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। କଳେବଳେ କୌଶଳେ ପ୍ରାପ୍ୟ ଅର୍ଥ ପାଇବାକୁ ଚେଷ୍ଟା କରିବେ । ଅଫିସରେ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିବାରୁ ଅଶାନ୍ତିକର ପରିସ୍ଥିତି ଉପୁଜିବ। ଅସୁବିଧାରେ ପଡ଼ିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ସମାଲୋଚିତ ହେବେ ।

**କର୍କଟ** – ପାରିବାରିକ ସ୍ତରରେ ରହିଥିବା କେତେକ ଅସଜଡ଼ା କାମକୁ ନେଇ ମାନସିକ ସ୍ଥିତି ଜଟିଳ ହେବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି । ସକାଳୁ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ ।

**ସିଂହ** – ପିଲାମାନଙ୍କ ଅଭାବନୀୟ ପରିସ୍ଥିତିକୁ କେନ୍ଦ୍ର କରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କିନ୍ତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ । ପରିସ୍ଥିତି ବଶତଃ ମନ ନ ଥିଲେ ମଧ୍ୟ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**କନ୍ୟା** – ଆଜି ହଠାତ୍ ବହୁତ ଦିନରୁ ରହିଯାଇଥିବା କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡ଼ିଶା ଲୋକଟି ଆପଣଙ୍କ ସକାଶେ ବହୁତ ଉପକାରରେ ଆସିବ। ବାଣିଜ୍ୟ, ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ ଓ ଜମା ରାଶି ବୃଦ୍ଧି ପାଇବ । ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ।

**ତୁଳା** – ସବୁ ପରିସ୍ଥିତି ପ୍ରତି ସତର୍କ ରହି କାମ କରନ୍ତୁ, ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଅବଶ୍ୟ ଆଜି ଆକସ୍ମିକ ଭାବରେ କୌଣସି ଯୁବକଙ୍କଠାରୁ ଯଥେଷ୍ଟ ସହାୟତା ପାଇବେ। ଆଶା କରୁଥିବା ସ୍ଥାନରୁ ବନ୍ଧୁମାନଙ୍କ ସାହଯ୍ୟରୁ ଦ୍ରବ୍ୟଲାଭ ହେତୁ ଖୁସି ହେବେ । ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ବିଛା** – ବନ୍ଧୁମାନଙ୍କ ଦ୍ୱାରା କାର୍ଯ୍ୟ ସାଧିତ ହେବ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହି ପାରେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳତଃ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** – ବିଭିନ୍ନ ସମସ୍ୟା ଭିତରେ ଗତି କରୁଥିବାରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ନିଜ ଲୋକମାନେ ଈର୍ଷାପରାୟଣତା କାରଣରୁ ଦାଉ ସାଧିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପଡ଼ୋଶୀମାନେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ମଧ୍ୟ କଳହ କରିବେ ।

**ମକର** – ଆଜି ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ । ମାତ୍ର ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ** – ଆଜିର କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥା ଅସାଧାରଣ ପରିସ୍ଥିତି ସୃଷ୍ଟି କରିବ। ବାଦବିବାଦ, ଧନହାନି ଓ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ମାନସିକ ଅସ୍ଥିରତା ଦୂର ହେବ। ନିର୍ମାଣ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** – ଶାରୀରିକ ଅସୁସ୍ଥତା ଲାଗିରହିବା କାରଣରୁ କେତେକ କାମ ଅଟକି ରହିଯିବ। ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି, କିନ୍ତୁ କିଛି କରି ପାରିବେ ନାହିଁ। ରାଜନୀତି ଓ ସାଂଗଠନିକ ସ୍ତରରେ ସହକର୍ମୀମାନଙ୍କର ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇ ଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।


## classifieds Everyday 0674-2580101, 2549302

automobile

**SALE**

2011 November INNOVA in tiptop condition for sale. 7894463932. D-71354

real estate

**SALE**

Infocity-II, Madanpur ପାଖରେ 2000sqft. କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023. D-1270

Bhubaneswar Gangapada Maharaja କଲେଜକୁ ଲାଗି 1500sqft. plot-12,75,000/- ନେଇ ଘର କରନ୍ତୁ। (40 plot available). 9938016295. D-73298

ନଖରା East କଲେଜଠାରୁ 2.5k.m. ଦୂରତାରେ @870/- ପାଚେରି ଥାଇ Govt. Medical ନିକଟରେ ଘରବାରି ପ୍ଲଟ୍ ମିଳୁଛି। 9348152874. D-73291

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

healthcare

Newly open full body massage, ladies and gents. 7846923244. D-73956

Newly open full body massage 1099 free massage one. Mo: 9583808247. D-1164

Relax, Refresh your body, Mind at Saikrupa Spa with best therapies. 8984068077. D-1248

Fullbody relax massage refresh your body with trend therapist. 7008773793. D-73635

Newly open full body massage ladies and gents. 8327740003, 8093860513. D-73958

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

astrology

ଘରେ କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି? ବିଳମ୍ବ ନକରି ଯୋଗାଯୋଗ ''ଆଷ୍ଟ୍ରୋବାସ୍ତୁ ସମାଧାନ।'' 7978736177. D-68297

**AFFIDAVIT**

"I, Chandan Kumar Sahoo, S/o-Pitambar Sahu, At/Po/Ps- Daringbadi, Odisha- 762104 have changed my name to Cchandan Sahu for my future needful purpose, sworn in front of Notary P.C. PATNAIK, Affidavit No.- A3368." D-1346

**10th Happy Birthday**


(Aanshu)
**Aaryan Anshuman**
Ratilo, Nimapada, Puri
May you continue to improve as a person with each passing year wishing you a very
Happy Birthday.
D-73861


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆସ୍ଥା ଭୋଟ ଜିତିଲେ ନୀତୀଶ

ପାଟନା,୨୪।୮(ପି.ଟି.)



ନୀତୀଶ କୁମାର

ଜେଡିୟୁ ନେତା ନୀତୀଶ କୁମାରଙ୍କ ନେତୃତ୍ୱରେ ନବଗଠିତ ମହାଗଠବନ୍ଧନ ସରକାର ବୁଧବାର ବିହାର ବିଧାନସଭାରେ ଆସ୍ଥା ଭୋଟ ଜିତିଛି। ଭୋଟ ପୂର୍ବରୁ ଭାଜପା ବିଧାୟକମାନେ କକ୍ଷତ୍ୟାଗ କରିଥିଲେ। ଧ୍ୱନି ମତରେ ନୀତୀଶ ସରକାରଙ୍କ ସପକ୍ଷରେ ସଂଖ୍ୟାଗରିଷ୍ଠତା ଥିବା ସ୍ପଷ୍ଟ ଜଣାପଡ଼ିଥିଲେ ହେଁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିଜୟ କୁମାର ଚୌଧରୀଙ୍କ ଅନୁରୋଧକ୍ରମେ ଉପବାଚସ୍ପତି ମହେଶ୍ୱର ହଜାରୀ ମୁଣ୍ଡ ଗଣତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୪୩ ସଦସ୍ୟ ବିଶିଷ୍ଟ ବିହାର ବିଧାନସଭାରେ ଆସ୍ଥା ଭୋଟ ସପକ୍ଷରେ ମୋଟ ୧୬୦ ବିଧାୟକ ଭୋଟ ଦେଇଥିବାବେଳେ ବିରୋଧରେ ଗୋଟିଏ ହେଲେ ଭୋଟ ପଡ଼ି ନ ଥିଲା। ଏପରିକି ଶାସକ ମେଣ୍ଟରେ ନ ଥିବା ଏଆଇଏମ୍ଆଇଏମ୍‌ର ଏକମାତ୍ର ବିଧାୟକ ଅଖତରୁଲ ଇମାନ ମଧ୍ୟ ଆସ୍ଥା ସପକ୍ଷରେ ଭୋଟ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିଧାନସଭାରେ ଉଦ୍‌ବୋଧନ ଦେଉଥିବାବେଳେ କେତେଜଣ ଭାଜପା ବିଧାୟକ ଗୃହ ମଧ୍ୟଭାଗକୁ ଚାଲିଆସି

## ଭାଜପା ବିଧାୟକଙ୍କ କକ୍ଷତ୍ୟାଗ

ଉପବାଚସ୍ପତି ଅନାବଶ୍ୟକ ମୁଣ୍ଡ ଗଣତିରେ ସମୟର ଅପଚୟ ନ କରି ଆଜି ଦିନର କାର୍ଯ୍ୟକ୍ରମ ପରିଚାଳନା କରନ୍ତୁ ଓ ପ୍ରୋସିଡିଂ ବର୍ଜନ ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ। ଉପବାଚସ୍ପତି ପ୍ରୋସିଡିଂକୁ ଶୁକ୍ରବାର ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଗୁରୁବାର ନୂଆ ବାଚସ୍ପତି ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ ହେବ ବୋଲି ସେ ଗୃହକୁ ଜଣାଇଥିଲେ। ନୀତିଶ ତାଙ୍କର ଅଧଘଣ୍ଟାର ଭାଷଣରେ ଭାଜପା ତରଫରୁ ଏଲ୍‌ଜେପି ନେତା ଚିରାଗ ପାଶ୍ୱାନ ବିଦ୍ରୋହ କରୁଥିବା ଏବଂ ଆର୍.ସି.ପି. ସିଂ ଜେଡିୟୁରେ ବିଭାଜନ ଘଟାଇବାକୁ ଉଦ୍ୟମ ଚଳାଇଥିବା ସମ୍ପର୍କରେ ପରୋକ୍ଷ ସୂଚନା ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ସେ ମିଳିତ ବିରୋଧୀ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ଭାଜପା କରୁଥିବା ଅଭିଯୋଗକୁ ଖଣ୍ଡନ କରି ନୀତୀଶ କହିଥିଲେ, ତାଙ୍କର କୌଣସି ବ୍ୟକ୍ତିଗତ ଅଭିଳାଷ ନାହିଁ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ ନ ନେଇ ବର୍ତ୍ତମାନର କେନ୍ଦ୍ର ସରକାର ପ୍ରଚାର ପ୍ରସାର ବିନା କିଛି କରୁ ନ ଥିବା କହିଥିଲେ। ଆଲୋଚନାରେ ଭାଗ ନେଇ ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଥିଲେ, ଜେଡିୟୁ ସହ ତାଙ୍କ ଦଳର ନୂଆ ମେଣ୍ଟ ଐତିହାସିକ। ଏହି ଇନିଂସ୍‌ର ଶେଷ ହେବ ନାହିଁ ଏବଂ ମେଣ୍ଟରୁ କେହି ଓହରିଯିବେ ନାହିଁ ବୋଲି ତେଜସ୍ୱୀ କହିଥିଲେ।

# ନବଗଠିତ ଯୁବ କାର୍ଯ୍ୟକର୍ତ୍ତାଙ୍କୁ ବରିଷ୍ଠଙ୍କ ଗୁରୁମନ୍ତ୍ର

ଭୁବନେଶ୍ୱର,୨୪।୮(ବ୍ୟୁରୋ)

ବିଜୁ ଯୁବ ଜନତା ଦଳର ନବଗଠିତ ନୂତନ କର୍ମକର୍ତ୍ତାଙ୍କୁ ନେଇ ବୁଧବାର ଭର୍ଚୁଆଲ ପ୍ଲାଟଫର୍ମରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ନୂତନ ବିକଶିତ ଓଡ଼ିଶା ଗଠନ ପରିକଳ୍ପନାରେ ସମସ୍ତ ଯୁବକ ନିଜକୁ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ବିଜୁ ଜନତା ଦଳ ଏକମାତ୍ର ରାଜନୈତିକ ଦଳ ଭାବେ ସଦାସର୍ବଦା ଯୁବକମାନଙ୍କୁ ଗୁରୁତ୍ୱ ଦେଇଛି। ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ। ସମସ୍ତ ନୂତନ ଯୁବ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଦେବା ସହ ଦଳର ସମସ୍ତ ସାମାଜିକ ସେବା କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଭର୍ଚୁଆଲ ବୈଠକରେ ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ(ଯୁବ-ଛାତ୍ର ବ୍ୟାପାର) ତଥା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ବୈଠକରେ ଯୁବ ବିଜେଡିର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ, ଶୁଭେନ୍ଦୁ ମଙ୍ଗରାଜ, ଧୃତି ରଞ୍ଜନ ମାର୍ଥା, ମହାସଚିବ ଏଲିନା ଦାଶ, ସମସ୍ତ ନୂତନ ରାଜ୍ୟ କର୍ମକର୍ତ୍ତାଙ୍କ ସମେତ ଜୋନ୍ ସଭାପତି ଏବଂ ଜିଲା ସଭାପତିମାନେ ଯୋଗ ଦେଇଥିଲେ ବୋଲି ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

# ଗେହଲଟ ହୋଇପାରନ୍ତି କଂଗ୍ରେସ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୪।୮

ଆସନ୍ତା ମାସ ସୁଦ୍ଧା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ହେବାକୁ ଥିବାବେଳେ ଗାନ୍ଧୀ ପରିବାରର ଅନୁଗତ ଭାବେ ଜଣାଶୁଣା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ଏହି ପଦବୀ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ୨୦୨୪ ଲୋକ ସଭା ନିର୍ବାଚନକୁ କଂଗ୍ରେସ ଗେହଲଟ୍‌ଙ୍କ ନେତୃତ୍ୱରେ ଲଢ଼ିବା ପାଇଁ ଦଳର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଚାହୁଁଥିବା କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଯଦି ସୋନିଆ ଏଭଳି ପ୍ରସ୍ତାବ ଦିଅନ୍ତି, ତେବେ ଗେହଲଟ ମନା କରିପାରିବେ ନାହିଁ ବୋଲି କୁହାଯାଉଛି। ମଙ୍ଗଳବାର ଗେହଲଟ ସୋନିଆଙ୍କୁ ଭେଟିବା ପରେ ଦଳୀୟ ମହଲରେ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ଗଣମାଧ୍ୟମର ମନଗଢ଼ା କାହାଣୀ କହି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଏହାକୁ ଏଡ଼ାଇ ଯାଇଛନ୍ତି। ଠିକ୍ ସମୟରେ ଦଳ ତା'ର ଅଧ୍ୟକ୍ଷ ନିର୍ବାଚନ କରିବ। ଏଥିପାଇଁ କଂଗ୍ରେସରେ ବହୁ ତୁଙ୍ଗ ଓ ଦାୟିତ୍ୱସମ୍ପନ୍ନ ନେତା ରହିଥିବା ଗେହଲଟ କହିଛନ୍ତି। ତେବେ ସୋନିଆଙ୍କ ସହ ବୈଠକରେ କ'ଣ ଆଲୋଚନା ହୋଇଥିଲା ତାହା ସେ କହିନାହାନ୍ତି। ସୋନିଆ ଗାନ୍ଧୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ବିଦେଶ ଯାଉଥିବାବେଳେ ଖୁବ୍‌ଶୀଘ୍ର ସାଂଗଠନିକ ନିର୍ବାଚନ ନେଇ ତାରିଖ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ତେବେ ସୋନିଆ ଆଉ ୫ ବର୍ଷ ଲାଗି ଦଳର ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ହେବାକୁ ଆଗ୍ରହୀ ନ ଥିବା ବେଳେ ରାହୁଲ ଗାନ୍ଧୀ ମଧ୍ୟ ଏହି ପଦରେ ପୁଣି ଥରେ ରହିବାକୁ ଚାହୁଁ ନ ଥିବା କହିଛନ୍ତି। ତେବେ ଦଳରେ ଗୋଟିଏ ଗୋଷ୍ଠୀ ରାହୁଲ ପୁଣିଥରେ ନେତୃତ୍ୱ ନିଅନ୍ତୁ ବୋଲି ଦାବି କରି ଆସୁଛନ୍ତି।

# ୪ ବିଧାୟକଙ୍କୁ ୨୦ କୋଟି ଲେଖାଏ ଯାଚିଥିଲା ଭାଜପା

ନୂଆଦିଲ୍ଲୀ,୨୪।୮(ପି.ଟି.)

## ଏଏପିର ଗୁରୁତର ଅଭିଯୋଗ

ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଭାଙ୍ଗିବା ପାଇଁ ଭାଜପା ଜୋର୍‌ଦାର ଉଦ୍ୟମ ଚଳାଇଥିଲା। ୪ ଜଣ ଏଏପି ବିଧାୟକଙ୍କୁ ନିଜ ଦଳରେ ସାମିଲ କରିବା ଲାଗି ଭାଜପା ସେମାନଙ୍କୁ ୨୦ କୋଟି ଲେଖାଏଁ ଟଙ୍କା ଯାଚିଥିବା ଏଏପି ରାଷ୍ଟ୍ରୀୟ ମୁଖପାତ୍ର ସଞ୍ଜୟ ସିଂ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ଯଦି ସେମାନେ ଅନ୍ୟ ବିଧାୟକମାନଙ୍କୁ ଭାଜପାକୁ ଆଣନ୍ତି, ତେବେ ସେମାନଙ୍କୁ ୨୫ କୋଟି ଲେଖାଏ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରସ୍ତାବରେ ରାଜି ନ ହେଲେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଭଳି ସେମାନଙ୍କ ବିରୋଧରେ ସିବିଆଇ ଏବଂ ଇଡି ଦ୍ୱାରା ମିଛ ମାମଲା ରୁଜୁ କରାଯିବ ବୋଲି ଭାଜପା ପକ୍ଷରୁ ଧମକ ଦିଆଯାଇଥିଲା। ଏଏପି ବିଧାୟକ ଅଜୟ ଦତ୍ତ, ସଞ୍ଜୀବ ଝା, ସୋମନାଥ ଭାରତୀ ଏବଂ କୁଲ୍‌ଦୀପ କୁମାରଙ୍କ ସହ ଭାଜପା ଯୋଗାଯୋଗ କରିଥିଲା ବୋଲି ସଞ୍ଜୟ କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଟୁଇଟ୍ କରି ଏହାକୁ ଅତ୍ୟନ୍ତ ଗୁରୁତର ଘଟଣା ବୋଲି କହିଛନ୍ତି। ପରବର୍ତ୍ତୀ ପଦକ୍ଷେପ ଲାଗି ସେ ଦଳର ରାଜନୈତିକ ବ୍ୟାପାର କମିଟି ବୈଠକ ଡାକିଛନ୍ତି। କେଜ୍‌ରିୱାଲ ସରକାର ଭାଙ୍ଗିବା ପାଇଁ ଯେନତେନ ପ୍ରକାରେ ଏଏପି ବିଧାୟକମାନଙ୍କୁ ଭାଜପାକୁ ନେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ୟମ ଚଳାଇଥିବା ସଞ୍ଜୟ ଅଭିଯୋଗ କରିଛନ୍ତି।

## ରାଜ୍ୟ ଖବର

# ସୁଡାର ନୂତନ ପୋର୍ଟାଲ ଉଦ୍‌ଘାଟନ କଲେ ମନ୍ତ୍ରୀ

**ଭୁବନେଶ୍ୱର,୨୪।୮(ବ୍ୟୁରୋ):** ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ବୁଧବାର ନଗର ଉନ୍ନୟନ ବିଭାଗ ଅଧୀନ ସହରାଞ୍ଚଳ ଉନ୍ନୟନ ସଂସ୍ଥା(ସୁଡା) ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସୁଡାର ନୂତନ ପୋର୍ଟାଲ ଉଦ୍‌ଘାଟନ କରିଛନ୍ତି। ସୁଡା ନିର୍ଦ୍ଦେଶକ ସାରଦା ପ୍ରସାଦ ପଣ୍ଡା କହିଛନ୍ତି, ଉକ୍ତ ସଂସ୍ଥା ହେଉଛି ଗୃହ ଓ ନଗର ଉନ୍ନୟନ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ୨୦୧୫ରୁ ଆରମ୍ଭ ହୋଇଥିବା ଆହାର କେନ୍ଦ୍ର ବର୍ତ୍ତମାନ ୧୧୫ ପୌରାଞ୍ଚଳରେ ୧୬୭ କେନ୍ଦ୍ର ମାଧ୍ୟମରେ ଦୈନିକ ୧ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ୫ ଟଙ୍କାରେ ଖାଦ୍ୟ ଯୋଗାଇ ଦିଆଯାଉଛି। ଏଥିରେ ୧୬୩ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ନିୟୋଜିତ ଅଛନ୍ତି। ସେମାନେ ୭୯.୮ କୋଟି ଟଙ୍କା ମୂଲ୍ୟର କାର୍ଯ୍ୟ କରିଛନ୍ତି। ସେଥିପାଇଁ ସେମାନଙ୍କୁ ୮.୮୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ମୁକ୍ତା ଯୋଜନାରେ ୧୬ ହଜାରରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୫୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ୪୪,୫୦୦ ପ୍ରକଳ୍ପ ନିର୍ମାଣ କରିଛନ୍ତି। ୬ ଲକ୍ଷରୁ ଅଧିକ ଶ୍ରମିକ ଏହାଦ୍ୱାରା ଉପକୃତ ହୋଇଛନ୍ତି। ମଜୁରି ବାବଦକୁ ୨୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

# ୧୭୫୨ କୋଟି ଟଙ୍କାର ୬ ନୂତନ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

## ଓଏମ୍‌ବିଏଡିସି ନିର୍ଦ୍ଦେଶକ ପରିଷଦ ବୈଠକ ଅନୁଷ୍ଠିତ

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଓଏମ୍‌ବିଏଡିସି ନିର୍ଦ୍ଦେଶକ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୬ଟି ନୂତନ ପ୍ରକଳ୍ପ ପାଇଁ ବର୍ତ୍ତମାନ ୧,୭୫୨ କୋଟି ଟଙ୍କାର ମଞ୍ଜୁର କରାଯାଇଛି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ବିଷୟବସ୍ତୁ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଛନ୍ତି। ଓଏମ୍‌ବିଏଡିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜି.ରାଜେଶ ପ୍ରକଳ୍ପଗୁଡ଼ିକର ସଦ୍ୟତନ ତଥ୍ୟ ସହ ବିଭିନ୍ନ ବିଭାଗରୁ ମିଳିଥିବା ନୂଆ ପ୍ରକଳ୍ପଗୁଡ଼ିକର ତଥ୍ୟ ରଖିଛନ୍ତି। ଅଧିକ ସଂଖ୍ୟାରେ ଜୀବିକା ନିର୍ବାହ କୌଶଳ ବିକାଶ ଏବଂ ନୂଆ ଆୟ ପନ୍ଥା ସମ୍ବନ୍ଧିତ ପ୍ରକଳ୍ପ ସୁପାରିସ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କୌଶଳ ବିକାଶ ବିଭାଗ ସହଭାଗିତାରେ ଖଣି କାର୍ଯ୍ୟ ପ୍ରଭାବିତ ଅଞ୍ଚଳର ଯୁବତୀ ଯୁବକଙ୍କ ନିମନ୍ତେ ବିଭିନ୍ନ ପ୍ରକାର କୌଶଳ ବିକାଶ ପ୍ରକଳ୍ପ ଆରମ୍ଭ କରିବା ପାଇଁ ମଧ୍ୟ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ମୁଖ୍ୟତଃ କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାର ୩୬ ବ୍ଲକ୍ ପାଇଁ ପ୍ରାକୃତିକ କୃଷି ପ୍ରକଳ୍ପ ରହିଛି।

**OFFICE OF THE PRINCIPAL**
**GOVT. WOMEN'S COLLEGE, BALANGIR-767001**
Email:womenscollegebalangir@gmail.com

**No.818/GWC** **Date:24.8.2022**

It is hereby information of all concerned that the Walk in interview for Guest Faculty for the Session 2022-2023 and 2023-2024 of Govt. Women's College, Balangir scheduled to be held on dated 29.8.2022 and 30.8.2022 is hereby cancelled until further order.

Sd./-Principal
Govt. Women's College, Balangir

**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No.7857/PSC, Dt.24.8.2022**
**(DR-IV) (2PH-02-2022-23)**

**No.D-148:** It is for information of all concerned that written examination for recruitment to the post of Assistant Director (Law), pursuant to Advertisement No. 22 of 2021-22 will be held as per the following programme.

| Date | Paper | Time |
|---|---|---|
| 24.09.2022 | Paper- 1 (General English) | 02.00 P.M. to 04.00 P.M. (02.00P.M. to 04.40 P.M. for PWD candidates) |
| 25.09.2022 | Paper- II (Procedural Law) | 09.00 A.M. to 10.30 A.M. (09.00 A.M. to 11. 00 A.M. for PWD candidates) |
| | Paper - III (Service Laws) | 11.30A.M. to 01.00 P.M. (11 .30 A.M. to 01 .30 P.M. for PWD candidates) |
| | Paper - IV (Miscellaneous Laws) | 02.30 P.M. to 04.00 P.M. (02.30 P.M. to 04.30 P.M. for PWD candidates) |

The candidates are advised to visit **(www.opsc.gov.in)** the website of the Commission regularly for further information on admission certificate and centre allocation.

**Sd./- Secretary**
OIPR-12002/11/0147/2223

**OFFICE OF THE NOTIFIED AREA COUNCIL, KUCHINDA**

**Advertisement No.1692/PDS, Dt.24.08.2022**

Applications in prescribed format appended herewith are invited for engagement of Jogana Sahayak in Kuchinda NAC for operation of Fair Price Shop. The application shall be received at the NAC Office, Kuchinda from 25.08.2022 to 09.09.2022(5.00PM) through Speed Post/Register Post/in the Drop Box at NAC Office. The authority is not responsible for any postal delay. Interested candidates while submitting applications(complete bio-data) will furnish a set of testimonials in support of their academic qualification i.e. Self attested copy of mark sheets and academic certificates (10th,+2,+3),self attested copy of valid residential certificate and two colour passport size photograph along with their applications.

**TERMS & CONDITIONS:-**

1. The candidate should be a permanent resident of Kuhinda NAC.
2. She /He should be a Graduate (+3).
3. The selection will be based on the career marking with the weightage for matriculation being 30%, for +2 being 30% and for +3 being 40%.
4. She/he should be of age between 21 to 35 years as on 01.08.2022 as per matriculation certificate.
5. The engagement is purely temporary and does not confer any right to regular appointment at any point of time in the FS & CW Department or any other state Govt. Organizations.
6. The Jogana Sahayak shall be paid Monthly Honorarium of Rs.6000/-(Rupees Six thousand) only as per govt. guideline vide Letter No. 20271 dated 26.09.2018 of FS & CW Deptt.
7. The Jogana Sahayak should abide by the rule and regulations as would be stipulated by the FS & CW department from time to time.
8. The Executive Officer, Kuchinda NAC reserves the right to accept or reject any application for selection of Jogana Sahayak without assigning any reason thereof.
9. Last date of submission of the application is fixed on 09-09-2022 (5.00PM).

**Encl:- Application Format**

Sd./- Executive Officer,
Notified Area Council, Kuchinda

**ODISHA PUBLIC SERVICE COMMISSION**
**19, DR. P. K. PARIJA ROAD, CUTTACK - 753001**

**NOTICE**

**No.7850/PSC, Dt.24.8.22**
**(DR-IV) (2PH-01-2022-23)**

**No.D-147:** It is for information of all concerned that the Examination Centres allocated earlier for ASO written examination scheduled to be held on 21.08.2022 will remain unchanged for the ASO written examination rescheduled to be held on 27.08.2022 (Saturday).

The Admission Certificate downloaded earlier from the OPSC website for the ASO written examination scheduled to be held on 21.08.2022 is also valid for the rescheduled ASO written examination on 27.08.2022.

The candidates need not download Admission Certificate afresh.

**By order of the Commission**
**Sd./- Secretary**

**ଓଡ଼ିଶା ଲୋକସେବା ଆୟୋଗ, କଟକ**

**ବିଜ୍ଞାପନ**

**No.୭୮୫୦/PSC, dt.୨୪.୦୮.୨୦୨୨**

ଏତଦ୍ୱାରା ସମସ୍ତ ପରୀକ୍ଷାର୍ଥୀଙ୍କୁ ସୂଚିତ କରାଯାଉଅଛି ଯେ, ତା.୨୧.୦୮.୨୦୨୨ ରିଖରେ ନିର୍ଦ୍ଧାରିତ ଏ.ଏସ.ଓ. ଲିଖିତ ପରୀକ୍ଷା ପାଇଁ ଆବଣ୍ଟିତ ପରୀକ୍ଷା କେନ୍ଦ୍ର ଆସନ୍ତା ତା.୨୭.୦୮.୨୦୨୨ (ଶନିବାର) ରେ ହେବାକୁ ଥିବା ପୁନଃନିର୍ଦ୍ଧାରିତ ଏ.ଏସ.ଓ. ଲିଖିତ ପରୀକ୍ଷା ପାଇଁ ଅପରିବର୍ତ୍ତିତ ରହିବ ।

୨୧.୦୮.୨୦୨୨ ରେ ହେବାକୁ ଥିବା ଏ.ଏସ.ଓ. ଲିଖିତ ପରୀକ୍ଷା ପାଇଁ ପରୀକ୍ଷାର୍ଥୀ ମାନେ ଯେଉଁ ପ୍ରବେଶ ପତ୍ର ଓ.ପି.ଏସ.ସି. ୱେବସାଇଟରୁ ଡାଉନଲୋଡ କରିଥିଲେ, ସେହି ପ୍ରବେଶ ପତ୍ର ୨୭.୦୮.୨୦୨୨ ରେ ହେବାକୁ ଥିବା ପୁନଃନିର୍ଦ୍ଧାରିତ ଏ.ଏସ.ଓ. ଲିଖିତ ପରୀକ୍ଷା ପାଇଁ ବୈଧ ରହିବ ।

ପରୀକ୍ଷାର୍ଥୀମାନେ ପୁନର୍ବାର ପ୍ରବେଶ ପତ୍ର ଓ.ପି.ଏସ.ସି ୱେବସାଇଟରୁ ଡାଉନଲୋଡ କରିବାର ଆବଶ୍ୟକତା ନାହିଁ ।

କମିଶନଙ୍କ ଆଦେଶ ଅନୁଯାୟୀ
ସ୍ୱା./-ସଚିବ
ଓଡ଼ିଶା ଲୋକସେବା ଆୟୋଗ
OIPR-12002/11/0146/2223

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 19/ET/SBP/ENGG/ 2022-23, ତା:18.08.2022

1.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 16-eT-SDENE-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା ରୋଡ୍ ଷ୍ଟେସନ ଠାରେ ପ୍ରମୁଖ (Major) ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹3,16,37,202.56, EMD(ଟଙ୍କାରେ): ₹3,08,200/-

2.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 17-eT-SDENE-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସମ୍ବଲପୁର ସିଟି ଷ୍ଟେସନ ଠାରେ ପ୍ରମୁଖ (Major) ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹3,15,61,364.76, EMD(ଟଙ୍କାରେ): ₹3,07,900/-

3.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 18-eT-SDENE-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ରେଢ଼ାଖୋଲ ଷ୍ଟେସନ ଠାରେ ପ୍ରମୁଖ (Major) ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,66,38,659.74, EMD(ଟଙ୍କାରେ): ₹2,83,200/-

4.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 16-eT-DENC-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସମ୍ବଲପୁର - ଟିଟିଲାଗଡ଼ ସେକ୍ସନ ର ବରଗଡ଼ ରୋଡ୍ ଷ୍ଟେସନ ଠାରେ ପ୍ରମୁଖ (Major) ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,93,77,713.38, EMD(ଟଙ୍କାରେ): ₹2,96,900/-

5.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 17-eT-DENC-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସମ୍ବଲପୁର - ଟିଟିଲାଗଡ଼ ସେକ୍ସନ ର ବଲାଙ୍ଗୀର ଷ୍ଟେସନ ଠାରେ ପ୍ରମୁଖ (Major) ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,55,20,021.99, EMD(ଟଙ୍କାରେ): ₹2,77,600/-

କାର୍ଯ୍ୟ ଶେଷ ହେବା ଅବଧି (ସମସ୍ତ ଟେଣ୍ଡର ନିମନ୍ତେ) : 04 (ଚାରି) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) ତା.12.09.2022 ରିଖ 1500 ଘଣ୍ଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-409/N/22-23

**Government of Odisha**
**Higher Education Department**

**Revised Timeline for e-Admission into U.G. courses in Higher Education Institutions for the Academic Year 2022-23**

**No. N-36:-** Revised Timeline for e-Admission in all (+3) Degree HEIs including Self Financing (Degree) HEIs/ Sanskrit (Shastri) of the State under Student Academic Management System (SAMS) is given below. In the process, the applicants have to fill up the Common Application Form (CAF) for admission. Any changes in the timelines will be published in the newspapers as well as in the website www.samsodisha.gov.in.

| Sl# | Items | Timeline |
|---|---|---|
| 1) | Availability of the Online Common Application Form (CAF) in the website www.samsodisha.gov.in | 11th-Aug-2022 **(11.00 AM)** |
| 2) | Last date of applying online CAF through www.samsodisha.gov.in | 1st-Sept-2022 **(11.45 PM)** |
| 3) | Publication of **First Selection Merit List** | 7th-Sept-2022 **(02.00 PM)** |
| 4) | Admission and online data updation of admitted students in **First Selection (Data updation shall continue upto 07.00 PM on 11th-Sept-2022)** | 7th-Sept-2022 **(02.00 PM onwards)** to 11th-Sept-2022 **(upto 05.00 PM) (Including Sunday)** |
| 5) | Filling up of **Slide-Up Option Form** online by admitted students | 7th-Sept-2022 **(02.00 PM onwards)** to 11th-Sept-2022 **(11.45 PM)** |
| 6) | Publication of **Second Selection Merit List** | 16th-Sept-2022 **(02.00 PM)** |
| 7) | Admission and online data updation of admitted students in **Second Selection (Data updation shall continue upto 07.00 PM on 19th-Sept-2022).** | 16th-Sept-2022 **(02.00 PM onwards)** to 19th-Sept-2022 **(upto 05.00 PM) (Including Sunday)** |
| 8) | Publication of vacant seats in SAMS website and e-space of Higher Education Institutions | 20th-Sept-2022 **(02.00 PM)** |
| 9) | Availability for filling of **CAF (SPOT)** in the existing Applicant's login (bearing Barcode No.22D..........) with new choices (Maximum 5 choices with respect to HEIs/Subjects) ***(NOTE: Applicants, who have registered and submitted their CAF during 1st Phase admission process i.e. in between 11-Aug-2022 to 1-Sept-2022, are only eligible to apply)*** | 21st-Sept-2022 **(11.00 AM)** to 23rd-Sept-2022 **(11.45 PM)** |
| 10) | Publication of **SPOT Selection Merit List** | 28th-Sept-2022 **(02.00 PM)** |
| 11) | Availability of Intimation Letter in Applicant's login (SPOT Admission) | 28th-Sept-2022 **(02.00 PM onwards)** to 1st-Oct-2022 **(02.00 PM)** |
| 12) | Document Verification & Admission of the selected Applicants (SPOT Admission) | 28th-Sept-2022 **(02.00 PM onwards)** to 1st-Oct-2022 **(05.00 PM)** |
| 13) | Final Admission data updation in the e-space of respective HEIs (SPOT Admission) | 1st-Oct-2022 **(07.00 PM)** |
| 14) | Collection of Admission Fees at the respective HEIs **(After completion of all phases of e-Admission Process for the Session 2022-23)** | Dates will be notified by the Higher Education Department Later. |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

OIPR-11001/11/0021/2223 **Sd./- Additional Secretary to Govt.**

**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର**
ପତ୍ର ସଂଖ୍ୟା: ୬୮୭୯/ଓ.ଭା.ସା.ସଂ.ବି, ତା୨୩।୦୮।୨୦୨୨

**ଟେଣ୍ଡର ବିଜ୍ଞାପନ**

No. RR-21: ଆଗ୍ରହୀ ପଞ୍ଜୀକୃତ ସଂସ୍ଥାମାନଙ୍କଠାରୁ ରାଜଧାନୀ ଭୁବନେଶ୍ୱର ପୌରାଞ୍ଚଳ ଅଧୀନରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସ୍ଥାପନ କରାଯାଇଥିବା ସମସ୍ତ ବିଶିଷ୍ଟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିକୁ ସେମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ସହିତ ଉତ୍କଳ ଦିବସ, ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ପରିଷ୍କାର ପରିଚ୍ଛନ୍ନ କରିବା ତଥା ମାଲ୍ୟାର୍ପଣ କାର୍ଯ୍ୟ କରାଯିବା ପାଇଁ ଟେଣ୍ଡର ଆହ୍ୱାନ କରାଯାଉଅଛି। ଉକ୍ତ ପ୍ରତିମୂର୍ତ୍ତି ଗୁଡ଼ିକର ଆକାର ଓ ଅନ୍ୟାନ୍ୟ ସର୍ତ୍ତାବଳୀ ସମ୍ବନ୍ଧୀୟ ତଥ୍ୟ ବିଭାଗୀୟ Website: **www.odishaculture.gov.in**ରେ ଉପଲବ୍ଧ ଅଛି। ଇଚ୍ଛୁକ ସଂସ୍ଥାମାନେ ଉକ୍ତ ତଥ୍ୟକୁ ଅନୁଧ୍ୟାନ କରି ଆସନ୍ତା ୨୦।୦୯।୨୦୨୨ରିଖ ଅପରାହ୍ନ ୫ଘଟିକା ସମୟ ପୂର୍ବରୁ ବନ୍ଦ ଜଉମୁଦ ଲଫାପା ମଧ୍ୟରେ ନିମ୍ନର ପ୍ରଦତ୍ତ ଠିକଣାରେ ଡାକ ଯୋଗେ Speed Post/Registered Post/Courier Service ମାଧ୍ୟମରେ ପଠାଇ ପାରିବେ। ନିର୍ଦ୍ଧାରିତ ତାରିଖ ଓ ସମୟ ଅବଧି ପରେ କିମ୍ବା ଅସମ୍ପୂର୍ଣ୍ଣ ସର୍ତ୍ତାବଳୀ/ଅସମ୍ପୂର୍ଣ୍ଣ ତଥ୍ୟ ଥିବା ଆବେଦନପତ୍ରଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ପରନ୍ତୁ, ଟେଣ୍ଡର ପେପର ସହିତ ଟ.୫,୦୦୦/- (ପାଞ୍ଚ ହଜାର ଟଙ୍କା ମାତ୍ର), Director, Odia Language, Literature & Cultureଙ୍କ ସପକ୍ଷରେ DD ଆକାରରେ କରାଯାଇ ସଂଲଗ୍ନ ହୋଇଥିବା ଆବଶ୍ୟକ ନଚେତ୍ ଟେଣ୍ଡର ପେପରକୁ ବିଚାରକୁ ନିଆଯିବ ନାହିଁ। ଟେଣ୍ଡର ପ୍ରକ୍ରିୟା ଶେଷ ହେବାପରେ ଉକ୍ତ ଜମାରାଶି ଅସଫଳ ସଂସ୍ଥାଙ୍କୁ ଫେରସ୍ତ ଦିଆଯିବ। ତା୨୨।୦୯।୨୦୨୨ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ପ୍ରଥମେ ବୈଷୟିକ Bid ଖୋଲାଯିବ ଏବଂ ଉକ୍ତ Bidରେ ସମସ୍ତ ସର୍ତ୍ତାବଳୀ ଅନୁଯାୟୀ ସମସ୍ତ କାଗଜପତ୍ର ସଠିକ୍ ଥିବା ସଂସ୍ଥାର ଆର୍ଥିକ Bid ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ। ଉକ୍ତ ଦିନ ଏହି ପ୍ରକ୍ରିୟାରେ ଟେଣ୍ଡର ପକାଇଥିବା ସଂସ୍ଥାର ମାଲିକ କିମ୍ବା ତାଙ୍କ ଦ୍ୱାରା ଅନୁମୋଦିତ ପ୍ରତିନିଧି ଉପସ୍ଥିତ ରହିପାରନ୍ତି।
ପ୍ରକାଶ ଥାଉକି, ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଉକ୍ତ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିପାରିବେ ଓ ତାଙ୍କର ନିଷ୍ପତ୍ତିକୁ ସମସ୍ତେ ମାନି ନେବାକୁ ବାଧ୍ୟ ଅଟନ୍ତି।

ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ

ଡାକ ଯୋଗେ ପଠାଇବାର ଠିକଣା:
ନିର୍ଦ୍ଦେଶାଳୟ ଶାଖା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ସଂଗ୍ରହାଳୟ ପରିସର, କଳ୍ପନା ଛକ,
ଓଡ଼ିଶା, ଭୁବନେଶ୍ୱର - ୭୫୧୦୧୪,
ଦୂରଭାଷ ନଂ.: ୦୬୭୪-୨୪୩୧୯୪୫ (ଅଫିସ୍),
ଫାକ୍ସ ନଂ.: ୦୬୭୪-୨୪୩୨୨୬୯
e-mail ID: directorateofculture@gmail.com

OIPR-03001/11/0014/2223

# ଭାରତର ଆଦିବାସୀ ଲୋକକଥା



ଦେବଦତ୍ତ ପଟ୍ଟନାୟକ

ଭାରତର ପୁରାଣ କଥା ସମ୍ପର୍କରେ କହିବା ସମୟରେ ଆମେ ମୁଖ୍ୟତଃ ବୌଦ୍ଧ, ଜୈନ ଏବଂ ହିନ୍ଦୁ ଧର୍ମର କାହାଣୀ, ପ୍ରତୀକ ଏବଂ ପର୍ବପର୍ବାଣିଗୁଡ଼ିକ ଉପରେ ଧ୍ୟାନ ଦେଇଥାଉ। ଆଲୋଚନାରେ ଏହିସବୁ ଧର୍ମକୁ ଆମେ ପ୍ରାଧାନ୍ୟ ଦେଉଥିବାବେଳେ ଭାରତର ବିଭିନ୍ନ ଆଦିବାସୀଙ୍କ ପରମ୍ପରାଗତ ବିଶ୍ୱାସ କିମ୍ବା ଲୋକକଥାଗୁଡ଼ିକୁ ଅଣଦେଖା କରାଯାଏ। ଦେଖିବାକୁ ଗଲେ ଆଦିବାସୀମାନେ ଉପମହାଦେଶକୁ ଆର୍ଯ୍ୟମାନଙ୍କ ଆଗମନର ବହୁ ପୂର୍ବରୁ ଆସିଥିଲେ। ଆଦିମ ଆଦିବାସୀଙ୍କ ବସତି, ଜୀବନ ଓ ଜୀବିକା ଦୃଷ୍ଟିରୁ ସେମାନଙ୍କ କାହାଣୀ ତଥା କିମ୍ବଦନ୍ତୀ ଓ ଲୋକକଥାଗୁଡ଼ିକ ବେଶ୍ ରୋଚକ।

ବିଶ୍ୱରେ ଭାରତ ଏକ ଆଦିବାସୀ ବହୁଳ ଦେଶ। ଏହି ଦେଶର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ବର୍ଗର ଆଦିବାସୀ ରହିଛନ୍ତି। ସେମାନଙ୍କ ଚାଲିଚଳନ ଓ ଆଧ୍ୟାତ୍ମିକ ବିଶ୍ୱାସରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଏଭଳି ଆଦିବାସୀମାନଙ୍କ ମଧ୍ୟରେ ସାନ୍ତାଳ ହେଉଛନ୍ତି ଏକ ବର୍ଗ। ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଝାଡ଼ଖଣ୍ଡରେ ସାନ୍ତାଳମାନେ ରହିଛନ୍ତି। ସେମାନଙ୍କ ବିଶ୍ୱାସ ଯେ, ପରମେଶ୍ୱର ଠାକୁରଦେବ ଓ ଅନ୍ୟ ଦେବଦେବୀ ଏକ ମାଛ ଓ ଅଣ୍ଡିରା ହଂସ ସୃଷ୍ଟି କରିଥିଲେ। ହଂସ ଅଣ୍ଡାରୁ ମଣିଷର ଉଦ୍ଭବ କିଭଳି ହୋଇଛି ସେ ସମ୍ପର୍କରେ ସେମାନଙ୍କ ଲୋକକଥା ଦର୍ଶାଏ। କ୍ଷୁଦ୍ରତର ଆତ୍ମାକୁ ସେମାନେ ବୋଙ୍ଗାସ ବୋଲି କହିଥାନ୍ତି। ସେମାନେ ମଧ୍ୟ ବିଶ୍ୱ ସୃଷ୍ଟିକୁ ନେଇ ବି ସେମାନଙ୍କର ଲୋକକଥା ରହିଛି। ସେମାନେ କହନ୍ତି ଯେ, ସୃଷ୍ଟିଆରମ୍ଭରୁ ସାରା ବିଶ୍ୱ ଜଳମୟ ଥିଲା। ଜିଆମାନେ ପୃଥିବୀକୁ ସଂଗ୍ରହ କରି ଏକ କଇଁଛ ପିଠିରେ ରଖିବା ପୂର୍ବରୁ ବିଶ୍ୱ ଏଭଳି ଜଳମୟ ରହିଥିଲା। ଅପରପକ୍ଷରେ ଆମ ପୌରାଣିକ କାହାଣୀରେ କଇଁଛ ପିଠି ଉପରେ ହାତୀମାନେ ପୃଥିବୀକୁ ଧରି ରଖିଥିବା ଦର୍ଶାଯାଇଛି। ତେବେ ଏଭଳି ପୌରାଣିକ ବିଚାରଧାରାକୁ ଆଦିବାସୀମାନଙ୍କ ଲୋକକଥା ପ୍ରେରିତ ବା ସମର୍ଥନ କରୁ ନାହିଁ କି?

ଏବେ ଆସିବା କୋରକୁ ଆଦିବାସୀଙ୍କ କିମ୍ବଦନ୍ତୀ ଆଧାରିତ ବିଶ୍ୱାସକୁ। କୋରକୁମାନେ ମଧ୍ୟପ୍ରଦେଶ ଓ ମଧ୍ୟପ୍ରଦେଶର ସତ୍ପୁଡ଼ାରେ ଅଣଦେଖା ବସତି ସ୍ଥାପନ କରି ରହିଛନ୍ତି। ସେମାନଙ୍କ ଲୋକକଥା ଓ କିମ୍ବଦନ୍ତୀରେ ମୃଗ ସ୍ଥାନ ପାଇଛି। ଏହା ସେମାନଙ୍କ ପୂର୍ବପୁରୁଷଙ୍କ ଅନୁଭୂତ କଥା। ଏହା ଦର୍ଶାଏ ଯେ, ଥରେ ଏକ ମୃଗ ପାହାଡ଼ ଗୁମ୍ଫାରେ ଅଦୃଶ୍ୟ ହୋଇଗଲା। ମୃଗ ବାହାରକୁ ଆସିବ ବୋଲି ସେମାନେ ଭାବି ନେଲେ। ଏଣୁ ସେମାନେ ସେହି ଗୁମ୍ଫା ବାହାରେ ମୃଗକୁ ଅପେକ୍ଷା କରିବସିଲେ। ଏହି ସମୟରେ ସେଠାରେ ଜଣେ ତପସ୍ୱୀଙ୍କ ସହ ସେମାନଙ୍କର ସାକ୍ଷାତ ହେଲା। ତପସ୍ୱୀ ସେମାନଙ୍କୁ କିଛି ଅନ୍ନ ଖାଇବାକୁ ଦେଲେ। ତା'ପରେ ସେହି ତପସ୍ୱୀ ଜଣକ ନିଜକୁ ଶିବ ବୋଲି ପରିଚୟ ଦେଲେ। ପରେ କୋରକୁଙ୍କ ପୂର୍ବପୁରୁଷମାନଙ୍କୁ କୃଷକ ଭାବେ ସ୍ଥାୟୀ ବସତି ସ୍ଥାପନ କରି ରହିବାକୁ କହିଲେ। ସେ ଶିକାର କରିବାକୁ ପୁରା ମନା କରିଦେଲେ। କୋରକୁଙ୍କ ଲୋକକଥାରେ ଆଉ ଏକ କାହାଣୀ ରହିଛି। ରାବଣ କିଭଳି ନିଜ ସ୍ଥାନ ଛାଡ଼ି ଏକ ସୁନ୍ଦର ପରିବେଶମୟ ତଥା ଜନଶୂନ୍ୟ ଜଙ୍ଗଲକୁ ଚାଲିଗଲେ, ତାହା ହିଁ ଉକ୍ତ କାହାଣୀର ସାରାଂଶ। ସେହି ଜଙ୍ଗଲକୁ ଜନମୟ କରିବା ଲାଗି ରାବଣ ଶିବଙ୍କୁ ପ୍ରାର୍ଥନା କଲେ। ଏଥିନିମନ୍ତେ ଶିବ ତାଙ୍କ ବାର୍ତ୍ତାବାହକ ବା ଦୂତ କାଉ ଖଗେଶ୍ୱରଙ୍କୁ ପାହାଡ଼ିଆ ଅଞ୍ଚଳରୁ ଲାଲ ମାଟି ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେହି ସଂଗୃହୀତ ମାଟିରେ ଶିବ ଜଣେ ପୁରୁଷ ଓ ଜଣେ ମହିଳାଙ୍କ ମୂର୍ତ୍ତି ଗଢ଼ିଲେ। ତେବେ ଶିବ ସେହି ମୂର୍ତ୍ତି ଦ୍ୱୟରେ ଜୀବନ ସଞ୍ଚାର କରିବା ପୂର୍ବରୁ କ୍ରୋଧୀ ଇନ୍ଦ୍ର ତାଙ୍କ ଘୋଡ଼ାକୁ ପଠାଇ ମୂର୍ତ୍ତିଗୁଡ଼ିକୁ ଭାଙ୍ଗିଦେଲେ। ଫଳରେ ଶିବ ରାଗିଗଲେ ଓ ଆଉ ମଣିଷ ମୂର୍ତ୍ତି ନ କରି ସେ ଲାଲ ମାଟିରେ ଦୁଇଟି କୁକୁର ତିଆରି କଲେ ଓ ସେମାନଙ୍କୁ ଜୀବନଦାନ ଦେଇ ଇନ୍ଦ୍ରଙ୍କ ଘୋଡାଗୁଡ଼ିକୁ ତଡ଼ିଦେଲେ। ଘୋଡ଼ା ଚାଲିଯିବା ପରେ ଶିବ ପୁନର୍ବାର ଦୁଇଟି ମାନବ ମୂର୍ତ୍ତି ଗଢ଼ି ତାଙ୍କୁ ଜୀବଦାନ ଦେଲେ। ପୁରୁଷ ଜଣଙ୍କ ନାମ ମୋଲା ଏବଂ ମହିଳାଙ୍କ ନାମ ମୋଲି ରଖିଲେ । ସେହି ମୋଲା ଓ ମୋଲି ହେଉଛନ୍ତି କୋରକୁ ଆଦିବାସୀଙ୍କ ପୂର୍ବଜ। କୋରକୁମାନେ ଶିବ, ରାବଣ ଓ କୁକୁରଙ୍କୁ ପୂଜା କରନ୍ତି। ଇନ୍ଦ୍ରଙ୍କୁ ଘଉଡାଇବା କଥାକୁ ସଭ୍ୟ ଆର୍ଯ୍ୟମାନେ ଅସ୍ୱୀକାର କରନ୍ତି। କାରଣ ସେମାନେ ଶିବଙ୍କୁ ବୈଦିକ ଦେବତା ଭାବେ ଗ୍ରହଣ କରନ୍ତି।



ବୈଗା ଜନଜାତିର ଲୋକେ ମଧ୍ୟପ୍ରଦେଶର ସବୁଆଡ଼େ ଖେଳାଇ ହୋଇ ରହିଛନ୍ତି। ସେମାନଙ୍କର ମଧ୍ୟ ପୃଥିବୀ ସୃଷ୍ଟି ଓ ଦେବଦେବୀଙ୍କୁ ନେଇ ଭିନ୍ନ ବିଶ୍ୱାସ ରହିଛି। ସେମାନେ କହନ୍ତି ଯେ, ସୃଷ୍ଟି ଆରମ୍ଭରୁ ସବୁଆଡ଼େ ଜଳମୟ ଥିଲା। କୌଣସିଠାରେ ମାଟି ନ ଥିଲା। ପରେ ବ୍ରହ୍ମା ପାଣି ମଧ୍ୟରେ ଭୂଭାଗ ସୃଷ୍ଟି କଲେ। ଭୂଭାଗ ସୃଷ୍ଟି କରିବା ପରେ ସେଥିରୁ ଦୁଇ ଜଣ ଲୋକ ଉଭା ହେଲେ। ଜଣେ ବ୍ରାହ୍ମଣ ଓ ଆଉ ଜଣେ ଥିଲେ ସାଧୁ। ସାଧୁଙ୍କ ନାମ ଥିଲା ନାଗ ବୈଗା। ବ୍ରହ୍ମା ବ୍ରାହ୍ମଣମାନଙ୍କୁ ପଢ଼ିବା ଓ ଲେଖିବା ଲାଗି କିଛି କାଗଜ ଦେଲେ। ପରେ ବ୍ରହ୍ମା ବୈଗାଙ୍କୁ ଏକ ଟାଙ୍ଗିଆ ବା ଦା ଦେଲେ। ସେ ମଧ୍ୟ ବୈଗାଙ୍କୁ କିଛି ମାଣ୍ଡିଆ ଓ ଏକ ପ୍ରକାର ଔଷଧୀୟ ଗଛ( କୁଟକି) ଦେଲେ। ପରେ ଚାଷ ଆରମ୍ଭ କରିବା ସକାଶେ ନାଗବୈଗାଙ୍କୁ ନିର୍ଦ୍ଦେଶ ଦେଲେ। ସେହିଦିନଠାରୁ ବୈଗାମାନେ କେବଳ କୃଷିକାର୍ଯ୍ୟ କରି ଆସୁଛନ୍ତି ଓ ବ୍ରାହ୍ମଣମାନେ ଶିକ୍ଷାପ୍ରାପ୍ତି ଉପରେ ଅଧିକ ଧ୍ୟାନ ଦେଇଆସୁଛନ୍ତି।

ଭାରତରେ ୫୦୦ରୁ ଊର୍ଦ୍ଧ୍ୱ ବର୍ଗର ଆଦିବାସୀ ରହିଛନ୍ତି ଓ ପ୍ରତ୍ୟେକଙ୍କର ଈଶ୍ୱର ବା ଦେବଦେବୀ ଏବଂ ସୃଷ୍ଟି ସମ୍ପର୍କିତ ଭିନ୍ନ ଧରଣର ଲୋକକଥା ରହିଛି। କିନ୍ତୁ ଆମେ ସେମାନଙ୍କ ଲୋକକଥାକୁ ବହୁ ସମୟରେ ଅଣଦେଖା କରୁଛୁ। ଲୋକକଥା, କିମ୍ବଦନ୍ତୀ ଏବଂ ପୌରାଣିକ କାହାଣୀର ବ୍ୟାପକ ଧାରା ଓ ରୀତି ଉପରେ ଅନୁଧ୍ୟାନ କରିବା ସମୟରେ ଏଭଳି ସ୍ଥିତି ଦେଖାଯାଉଛି। ବହୁ ସମୟରେ ସେଗୁଡ଼ିକୁ ସରଳ ଭାବେ ଦେଖୁଛୁ, ଐତିହାସିକ ତଥା ପୌରାଣିକ ଦୃଷ୍ଟିରୁ ତାହାର କାରଣ ବି ଖୋଜୁଛୁ। ଏପରି କି ସେମାନଙ୍କ ଲୋକକଥା ବା କିମ୍ବଦନ୍ତୀର ଗଭୀର ମନସ୍ତାତ୍ତ୍ୱିକ ଅନ୍ତର୍ଦୃଷ୍ଟି ରହିଥିଲେ ବି ବେଳେବେଳେ ଇତିହାସ ପୂର୍ବର ଏବଂ ଇତିହାସ ସମୟ ମଧ୍ୟରେ ଅନ୍ୟ ସଭ୍ୟତାର କଥା ବା କାହାଣୀ ଲିପିବଦ୍ଧ ହୋଇଥିବାବେଳେ ଆଦିବାସୀଙ୍କର ଏ ସମ୍ପର୍କରେ କିଛି ନାହିଁ। କିନ୍ତୁ ଦେଖିବାକୁ ଗଲେ ସେମାନଙ୍କ ଜାତି ଓ ଧର୍ମ ବିଶ୍ୱାସ ପ୍ରତି ଗବେଷକମାନଙ୍କ ପ୍ରବଳ ଅନାଦର, ଅବିଶ୍ୱାସ କିମ୍ବା କେବଳ ଆଦିବାସୀଙ୍କ ସରଳପ୍ରବୃତ୍ତି ଯୋଗୁ ଏଭଳି ହେଉଥିବା କୁହାଯାଇପାରେ। ଏଠାରେ ଆତ୍ମସମୀକ୍ଷା ଉପରେ ଗୁରୁତ୍ୱ ଦିଆ ନ ଯାଇ ଜୀବନର କର୍ମକାଣ୍ଡ ଆବୃତ୍ତି ଉପରେ ଅଧିକ ଧ୍ୟାନ ଦିଆଯାଉଛି। ଏହା ଆଦିବାସୀ ଲୋକକଥା ଉପରେ ହିନ୍ଦୁ ବିଶ୍ୱାସ ଓ ପରମ୍ପରାର ପ୍ରଭାବକୁ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି, କିନ୍ତୁ ଏହାର ବିପରୀତ ପ୍ରତିକ୍ରିୟା ମଧ୍ୟ ସତ୍ୟ। ଈଶ୍ୱର ବରାହ ରୂପରେ ସାଗର ତଳୁ ପୃଥିବୀକୁ ଉଠାଇ ଧରିଥିବା କଥା ବେଦରେ ଦେଖିବାକୁ ମିଳେ। ଆଦିବାସୀଙ୍କ ଆଦ୍ୟ ବା ମୂଳ ଲୋକକଥା ସହ ଏହି ପୌରାଣିକ କଥାର ସମ୍ପର୍କ ରହିଛି।

devduttofficial@gmail.com

## ଏଇ ଭାରତରେ

ଏବେ ମହିଳାମାନେ ସାମାଜିକ ରୂଢ଼ିବାଦୀ ମାନସିକତା ଦୃଷ୍ଟିକୋଣରୁ ବାହାରକୁ ଆସି ସଫଳତାର ନୂଆ ରେକର୍ଡ ସ୍ଥାପନ କରୁଛନ୍ତି। ଦିଲ୍ଲୀ ପରିବହନ ବିଭାଗ (ଡିଟିସି)ରେ ବସ୍ ଡ୍ରାଇଭର ଭାବେ ୧୧ ମହିଳାଙ୍କୁ ନିଯୁକ୍ତି ଦିଆଯିବା ଏହାର ଉତ୍କୃଷ୍ଟ ଉଦାହରଣ। ଛୋଟ ସହର ଏବଂ ଗ୍ରାମରୁ ଜାତୀୟ ରାଜଧାନୀରେ ବସ୍ ଡ୍ରାଇଭର ହେବା ପର୍ଯ୍ୟନ୍ତ ସେମାନଙ୍କର ଯାତ୍ରା କେବଳ ପ୍ରଚଳିତ ରୂଢ଼ିବାଦୀ ଚିନ୍ତାଧାରାକୁ ଦୂର କରି ନାହିଁ, ବରଂ କିଛି ଭିନ୍ନ କରିବାକୁ ପ୍ରେରଣା ଯୋଗାଇଛି। ରାଜଘାଟରେ ଅବସ୍ଥିତ ବସ୍ ଡିପୋରେ ଥିବା କେତେଜଣ ମହିଳା ଡ୍ରାଇଭର କହିଛନ୍ତି, ଆଜି ବି ସମାଜର ବହୁ ବ୍ୟକ୍ତି ରୂଢ଼ିବାଦୀ ଚିନ୍ତାଧାରା ଅନୁସରଣ କରୁଛନ୍ତି। ହେଲେ ପରିବାର ଏବଂ ସରକାରଙ୍କ ସମର୍ଥନ ମିଳିଲେ ମହିଳାମାନେ ଶୀର୍ଷରେ ପହଞ୍ଚିବା ପାଇଁ ବେଶି ସମୟ ଲାଗିବ ନାହିଁ ବୋଲି ସେମାନେ ମତପୋଷଣ କରିଛନ୍ତି। ରାଜସ୍ଥାନର ବାଡମେର ଅଞ୍ଚଳର କୋମଳ ଚୌଧୁରୀ କହିଛନ୍ତି, ତାଙ୍କ ଗ୍ରାମର ମହିଳାମାନେ ଓଢ଼ଣିରେ ରୁହନ୍ତି। ପିଲାଦିନରୁ ତାଙ୍କ ବାପା ତାଙ୍କୁ ପୁରୁଷଙ୍କ ସହିତ ଖେଳିବାକୁ ଉତ୍ସାହିତ କରିଆସୁଥିଲେ। ସେ କହୁଥିଲେ ସଂଘର୍ଷ ହେଉଛି ଜୀବନ। ଡିଟିସିରେ ମହିଳା ବସ୍ ଡ୍ରାଇଭର ନିଯୁକ୍ତି ପାଇଁ ବିଜ୍ଞାପନ ଦେଖିବା ପରେ ସେ ଅନ୍‌ଲାଇନ ଫର୍ମ ପୂରଣ କରିବାକୁ କହିଥିଲେ। ଚୟନ ପରେ ପ୍ରଶିକ୍ଷଣ ଏବଂ ଡ୍ରାଇଭିଂ ପରୀକ୍ଷା ମଧ୍ୟ ହୋଇଥିଲା। ଏହା ଏକ ଗର୍ବର ଅନୁଭବ। ନିଯୁକ୍ତି ଏକବର୍ଷ ପାଇଁ ଚୁକ୍ତିଭିତ୍ତିକ ଥିବା ସେ କହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଅଗଷ୍ଟ ୧୯୯୭**

- ଉତ୍ତର କୋରିଆର ଅନାହାରଜନିତ ପରିସ୍ଥିତିର ମୁକାବିଲା ପାଇଁ ଜାତିସଂଘ ଜରିଆରେ ଖାଦ୍ୟ ସାହାଯ୍ୟ ଯୋଗାଇଦେବାକୁ ଜାପାନର ପ୍ରତିଶ୍ରୁତି।
- ଜମ୍ମୁ-କଶ୍ମୀର ସୀମାନ୍ତର ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ପ୍ରବଳ ଗୁଳିଗୋଳା ବିନିମୟ ଘଟି ପାକିସ୍ତାନର ୫୦ ସୈନ୍ୟ ନିହତ।
- ଝାଡ଼ଖଣ୍ଡର ପାଲାମଉ ଜିଲା ଅନ୍ତର୍ଗତ ଛମ୍ପି ଗ୍ରାମରେ ନିଷିଦ୍ଧ ଘୋଷିତ ଏମ୍‌ସିସି ଏବଂ ପାର୍ଟି ୟୁନିଟ ଆତଙ୍କବାଦୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଲାଗି ୧୨ ନିହତ।

## su | do | ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 8 | | | | 3 |
| | | | | 6 | | | 2 | |
| 3 | 8 | | | | | | | |
| | | | 5 | | 1 | | 3 | 6 |
| | 6 | | | | 7 | | | |
| | 2 | | | 3 | | | | |
| | | 7 | 2 | | | 9 | | 5 |
| 1 | 3 | | | 9 | | | | 8 |
| | | | | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 7 | 8 | 9 | 6 | 4 | 3 | 1 |
| 6 | 3 | 9 | 4 | 7 | 1 | 5 | 2 | 8 |
| 4 | 1 | 8 | 5 | 2 | 3 | 7 | 9 | 6 |
| 3 | 7 | 6 | 9 | 1 | 2 | 8 | 5 | 4 |
| 8 | 4 | 2 | 3 | 6 | 5 | 9 | 1 | 7 |
| 5 | 9 | 1 | 7 | 4 | 8 | 3 | 6 | 2 |
| 1 | 8 | 5 | 2 | 3 | 7 | 6 | 4 | 9 |
| 7 | 6 | 4 | 1 | 5 | 9 | 2 | 8 | 3 |
| 9 | 2 | 3 | 6 | 8 | 4 | 1 | 7 | 5 |

ଗତକାଲିର ଉତ୍ତର

# ତଥାପି ବିଜୟିନୀ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

"ଉପାଧି-ଲାଳସାରୂପ ମହାବ୍ୟାଧି,ହୋଇଛି
ସାତ୍ତ୍ୱିକ ଧରମର ବାଦୀ।
ଅସର ଝଟକ ହୋଇଅଛି ସାର, ଭଣ୍ଡତାର
ବଢ଼ିଯାଇଛି ପ୍ରସାର।
କରୁଛନ୍ତି ଲୋକେ ଉପାଧି ଆଶାରେ,ମନୁଷ୍ୟର
ପୂଜା ଷୋଡ଼ଶୋପଚାରେ।"
-କବିବର ରାଧାନାଥ ରାୟ
(୧୮୪୮-୧୯୦୮), ଦରବାର।

ରାଧାନାଥଙ୍କ ଏହି ପଦ୍ୟାଂଶରେ ଯାହା ସୂଚିତ ହୋଇଛି, ତାହା ଯୁଗ ଯୁଗ ଧରି ଆମମାନଙ୍କ ଠାରେ ନିହିତ ଅଛି। ଏହି ଉପାଧି, ପୁରସ୍କାର, ନାମ, ଖ୍ୟାତି ପାଇଁ ପ୍ରାୟ ସମସ୍ତେ ବ୍ୟାକୁଳ। ଏହା ଆମର ଏକ ଅଲଂଘ୍ୟ ପ୍ରବୃତ୍ତି ପଦବାଚ୍ୟ। ତଥାପି ଯଦି ଏଥିରେ କୌଣସି ବ୍ୟତିକ୍ରମ ଘଟେ, ଏହା ହୋଇଯାଏ ଏକ ଐତିହାସିକ ବିରଳ ଦୃଷ୍ଟାନ୍ତ। ସଂଯୋଗବଶତଃ ଜଣେ ଏକତିରିଶ ବର୍ଷ ବୟସ୍କା ତରୁଣୀ ଏହି ସମ୍ମାନର ହକ୍‌ଦାର ହୋଇପାରିଥିଲେ। ତାଙ୍କ ଜୀବନ-ବୃତ୍ତାନ୍ତ ଚମକପ୍ରଦ। ଏହି ମହୀୟସୀ ମହିଳା ଜଣକ ହେଉଛନ୍ତି ୧୯୪୩ ରେ ଉତ୍ତର ଆୟର୍ଲାଣ୍ଡରେ ଜନ୍ମ ଗ୍ରହଣ କରିଥିବା ଜୋସେଲିନ ବେଲ ବର୍ନେଲ। ତାଙ୍କ ବାପା ଫିଲିପ ବୋଲି ଜଣେ ନାମଜାଦା ସ୍ଥପତି ବିଦ୍ୟାବିତ୍, ଯିଏ କି ଗୋଟିଏ ପ୍ଲାନେଟାରିଅମ୍‌ର ନକ୍ସା ଅଙ୍କନ କରିଥିଲେ। କନ୍ୟା ବର୍ନେଲ ପିଲାଦିନୁ ବାପାଙ୍କ ସାଙ୍ଗରେ ନିର୍ମାଣାଧୀନ ପ୍ଲାନେଟାରିଅମ୍‌କୁ ଯାଇଥିଲେ। ବର୍ନେଲ ବାପାଙ୍କ ପାଖରେ ଗଚ୍ଛିତ ଥିବା ଜ୍ୟୋତିର୍ବିଜ୍ଞାନ ବହିମାନ ମନଧ୍ୟାନ ଦେଇ ଅଧ୍ୟୟନ କରୁଥିଲେ। ତାଙ୍କୁ ପାଞ୍ଚବର୍ଷ ହୋଇଥିବା ବେଳେ ତାଙ୍କ ବାସସ୍ଥାନରେ ପ୍ରତିଷ୍ଠିତ ଲୁର୍ଗାନ କଲେଜର ପ୍ରିପରେଟୋରି ଡିପାର୍ଟମେଣ୍ଟରେ ନାମ ଲେଖାଇଲେ ଏବଂ ସେଠାରେ ୮ ବର୍ଷ ଛାତ୍ରୀ ହୋଇଥିଲେ। ଏହି ସ୍କୁଲରେ କେବଳ ଛାତ୍ରମାନଙ୍କୁ ବିଜ୍ଞାନ ଓ ବୈଷୟିକ ଜ୍ଞାନ ବିଭାଗ ପାଇଁ ଶିକ୍ଷା ଦିଆଯାଉଥିଲା। କିନ୍ତୁ ଛାତ୍ରୀମାନେ ଏହି ସୁଯୋଗ ପାଉ ନ ଥିଲେ। ତତ୍ ପରିବର୍ତ୍ତେ ସିଲେଇ ଓ ରୋଷେଇ ସେମାନଙ୍କ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିଲା। ବାପା ଫିଲିପଙ୍କୁ ତାହା ଅସନ୍ତୁଷ୍ଟ କଲା। କର୍ତ୍ତୃପକ୍ଷଙ୍କ ନିକଟରେ ଏହି ନୀତି ବଦଳାଇବା ପାଇଁ ଦାବି କଲେ। କର୍ତ୍ତୃପକ୍ଷ ଅବଶ୍ୟ ତାଙ୍କ ଅନୁରୋଧ ପ୍ରତି କର୍ଣ୍ଣପାତ କଲେ। ତେବେ ପାଶ୍ଚାତ୍ୟ ଜଗତ ଆଧୁନିକ ବୋଲି ଆମ ମନରେ ଯେଉଁ ଧାରଣା ଅଛି, ସ୍ଥଳ ବିଶେଷରେ ଏଥିରେ ବ୍ୟତିକ୍ରମ ସୁସ୍ପଷ୍ଟ ଓ ଏହା ସଜାଡ଼ିବାକୁ ଚେଷ୍ଟା ଆବଶ୍ୟକ। ବର୍ନେଲ ସେଠାରେ ଇଲେଭେନ ପ୍ଲସ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ। ଫଳରେ ଉତ୍ତମ କଲେଜରେ ସିଟ୍ ପାଇବା କଷ୍ଟକର ହେଲା।

ଫିଲିପ ଅନ୍ୟ ଏକ ଅନୁଷ୍ଠାନ ମାଉଣ୍ଟ ସ୍କୁଲରେ ବର୍ନେଲଙ୍କୁ ଦାଖିଲା କଲେ। ସେଠାରେ ମିଷ୍ଟର ଟିଲୋଟ ନାମକ ଜଣେ ଶିକ୍ଷକ ତାଙ୍କୁ ପଦାର୍ଥ ବିଜ୍ଞାନ ପଢ଼ାଇଲେ। ଏହି ଶିକ୍ଷଣ ହିଁ ବର୍ନେଲଙ୍କ ଜୀବନର ଗତିପଥ ଓ ମାନସିକତାକୁ ବଦଳାଇ ଦେଲା। ଟିଲୋଟଙ୍କ ବକ୍ତବ୍ୟର ସାରାଂଶ ହେଉଛି ଯେ, ଜଣେ ଅସଂଖ୍ୟ ତଥ୍ୟ ଜାଣିବା ଅନାବଶ୍ୟକ। ତନ୍ମଧ୍ୟରୁ ଅଳ୍ପ କିଛି ତଥ୍ୟ ବାଛି ତାହା ପ୍ରୟୋଗ କରିବା ଏବଂ ଏହାର ଉତ୍ତରୋତ୍ତର ସୋପାନରେ ଚଢ଼ି ଶିଖରରେ ପହଞ୍ଚିବା ପାଇଁ ଉଦ୍ୟମ କରିବା ଉଚିତ। ଜ୍ଞାନର ବ୍ୟାପକତା ଅପେକ୍ଷା ଗଭୀରତା ଅଧିକ ଉପାଦେୟ। ଏହାକୁ ବର୍ନେଲ ମୂଳମନ୍ତ୍ର ଭାବେ ଗ୍ରହଣ କଲେ। ଏ ସମ୍ପର୍କରେ ସେ ମତ ଦେଲେ ଯେ ମିଷ୍ଟର ଟିଲୋଟ ହେଉଛନ୍ତି ବାସ୍ତବିକ ଜଣେ ଉତ୍ତମ ଶିକ୍ଷକ। ସେ ବର୍ନେଲଙ୍କୁ ଫିଜିକ୍ସ ପ୍ରକୃତରେ କେତେ ସହଜ, ତାହା ଶିଖାଇଲେ।

ଏହି ପ୍ରକାରେ ତାଙ୍କ ବାପା ଓ ଶିକ୍ଷକ ତାଙ୍କୁ ଭବିଷ୍ୟତରେ ଜଣେ ପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀ କରିପାରିଲେ। ଶିକ୍ଷକ ଟିଲୋଟଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ତାଙ୍କ ଅତୀବ ପ୍ରିୟ ଜ୍ୟୋତିର୍ବିଜ୍ଞାନରେ ମନ ଧ୍ୟାନ ଢାଳିଦେଲେ। ୧୯୬୫ରେ ଫିଜିକ୍ସରେ ଅନର୍ସ ସହ ଗ୍ଲାସଗୋ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ପାଇବାର ୪ବର୍ଷ ପରେ କେମ୍ବ୍ରିଜ୍ ବିଶ୍ୱିଦ୍ୟାଳୟରୁ ମାତ୍ର ୨୬ବର୍ଷ ବୟସରେ ମର୍ଯ୍ୟାଦାଜନକ ପିଏଚ୍‌ଡି ଲାଭ କଲେ। ତେବେ ୧୯୬୫ ଗବେଷଣା-ଛାତ୍ରୀ ହିସାବରେ ସେଠାରେ ଯେଉଁ ଅସାଧାରଣ ସଫଳତା ପାଇଲେ, ଏହା ସାରା ଜଗତକୁ ବିସ୍ମୟାଭିଭୂତ କରିଦେଲା। ଏହି ଅବଧିରେ ସେ ବ୍ରିଟିଶ ରେଡିଓ ଆଷ୍ଟ୍ରୋନମର ଆଣ୍ଟୋନି ହେବିସ (୧୯୨୪-୨୦୨୧)ଙ୍କ ଅଧୀନରେ ଗବେଷଣା କରୁଥିଲେ। ହେବିସ ଓ ତାଙ୍କ ସହଯୋଗୀମାନଙ୍କ ମିଳିତ ଉଦ୍ୟମରେ କେମ୍ବ୍ରିଜ ନିକଟରେ 'ଇଣ୍ଟରପ୍ଲାନେଟରି ସିଣ୍ଟିଲେଶନ ଆଟର' ନିର୍ମାଣ କଲେ। ସେଠାରେ ସେମାନେ ବ୍ଲାକ୍ ହୋଲ୍ ଦ୍ୱାରା ଶକ୍ତିପ୍ରାପ୍ତ ଉଜ୍ଜ୍ୱଳ କ୍ୱାସର ଉପରେ ଅନୁସନ୍ଧାନରେ ଲିପ୍ତ ରହିଲେ।

ତେବେ ୧୯୬୭ରେ ୨୬ ବର୍ଷୀୟା ବର୍ନେଲ ତାଙ୍କ ଚାର୍ଟ-ରେକର୍ଡର ଦ୍ୱାରା ସେତେବେଳକୁ ଅନାବିଷ୍କୃତ ପଲସରରୁ ଜାତ ସିଗ୍‌ନାଲର ପ୍ରଥମ ଥର ପାଇଁ ସିଗ୍‌ନାଲ ପାଇଲେ। ଯେତେବେଳେ ଏକ ଅତିକାୟ ନକ୍ଷତ୍ର ନିପାତିତ (କୋଲାପ୍ସ) ଅବସ୍ଥାରେ ଉପନୀତ ହୁଏ, ଏହା ନ୍ୟୁଟ୍ରନ-ଷ୍ଟାରରେ ପରିଣତ ହୁଏ। ଏମାନଙ୍କ ମଧ୍ୟରୁ ଏକ ସ୍ୱତନ୍ତ୍ର ଧରଣର ନ୍ୟୁଟ୍ରନ-ଷ୍ଟାର ହେଉଛି ପଲସର (ପଲସେଟିଂ ରେଡିଓ ଷ୍ଟାର)। ଅତ୍ୟଧିକ ଚୁମ୍ବକୀୟ ଘୂର୍ଣ୍ଣାୟମାନ ଏହି ଖଗୋଳ-ପିଣ୍ଡ ତା'ର ଚୁମ୍ବକୀୟ ମେରୁରୁ ବିଦ୍ୟୁତ୍-ଚୁମ୍ବକୀୟ ବିକିରଣ ନିର୍ଗତ କରେ। ପଲସର୍‌ର ଏହି ଆବିଷ୍କାର ବର୍ନେଲଙ୍କ ତୀକ୍ଷ୍ଣ, ସତର୍କ ଓ ଏକାଗ୍ର ନିରୀକ୍ଷଣ ଯୋଗୁ ସମ୍ଭବ ହେଲା।

ବର୍ନେଲ ଯେତେବେଳେ ତାଙ୍କ ପଥ ପ୍ରଦର୍ଶକ (ଗାଇଡ୍) ହେବିସଙ୍କୁ ଏହା ଜଣାଇଲେ, ସେ ଏଥିରେ ବିଶ୍ୱାସ କଲେ ନାହିଁ ଏବଂ ତାଙ୍କ ଛାତ୍ରୀଙ୍କ ଉପଲବ୍ଧି କୌଣସି ଗୁରୁତ୍ୱ ଦେଲେ ନାହିଁ। କିନ୍ତୁ ବର୍ନେଲଙ୍କ ଆତ୍ମବିଶ୍ୱାସ ଏଥିରେ ହ୍ରାସ ପାଇଲା ନାହିଁ। ସେ ଲକ୍ଷ୍ୟ କଲେ ଯେ ନିର୍ଦ୍ଦିଷ୍ଟ ସ୍ୱଳ୍ପ ସମୟ ବ୍ୟବଧାନରେ ସିଗ୍‌ନାଲ ଥରକୁ ଥର ଉପସ୍ଥିତ ହେଉଛି। କ୍ରମଶଃ ତାଙ୍କ ଗୁରୁ ଶିଷ୍ୟର ଉପଲବ୍ଧିକୁ ସ୍ୱୀକାର କଲେ। ତେବେ ବହୁ ବ୍ୟକ୍ତି ତାଙ୍କର ଏହି ଆବିଷ୍କାରକୁ ହସରେ ଉଡ଼ାଇଦେଲେ। ଏପରି କି ଥରେ ବର୍ନେଲ ତାଙ୍କ ନବଆବିଷ୍କୃତ ପଦାର୍ଥଟି ବୁଝାଇବାକୁ ଯେତେବେଳେ ଏକ ସମ୍ମିଳନୀର ଆୟୋଜନ କଲେ ଶ୍ରୋତାମାନେ ଉକ୍ତ ପଲ୍‌ସର ସମ୍ପର୍କରେ କୌଣସି ଆଗ୍ରହ ନ ଦେଖାଇ ତାଙ୍କ ଭାଇଟାଲ ଷ୍ଟାଟିଷ୍ଟିକ୍ସ ବୟଫ୍ରେଣ୍ଡର ତାଲିକା, କେଶର ରଙ୍ଗ ଇତ୍ୟାଦି ବ୍ୟକ୍ତିଗତ ଓ ବାଜେ ବିଷୟ ପଚାରିଲେ। ଏମିତି ବ୍ୟଙ୍ଗ ବିଦ୍ରୂପର ସେ ଶିକାର ହୋଇଥିଲେ। ତେବେ ପଲ୍‌ସର ସମ୍ପର୍କରେ ଗୋଟିଏ ଚାଞ୍ଚଲ୍ୟକର ନିବନ୍ଧ ତାଙ୍କ ସମେତ ଅନ୍ୟ ଚାରିଜଣଙ୍କ ନାମ ଥାଇ ଏକ ପ୍ରତିଷ୍ଠିତ ଜର୍ନାଲରେ ପ୍ରକାଶିତ ହେଲା। ପ୍ରଥମ ସ୍ଥାନରେ ତାଙ୍କ ଗାଇଡ୍ ହେବିସ ଓ ଦ୍ୱିତୀୟରେ ବର୍ନେଲଙ୍କ ନାମ ରହିଥିଲା। ବାସ୍ତବରେ ପଲ୍‌ସରର ଆବିଷ୍କାର ଗବେଷଣା କ୍ଷେତ୍ରରେ ଏକ ଅସାମାନ୍ୟ ସଫଳତା। ୧୯୭୪ରେ ଏଥିପାଇଁ ଫିଜିକ୍ସରେ ନୋବେଲ ପୁରସ୍କାର ଦିଆଗଲା। କିନ୍ତୁ ଏହି ୫ ଜଣଙ୍କ ମଧ୍ୟରୁ କେବଳ ହେବିସ ଏହି ଗୌରବ ପ୍ରାପ୍ତ ହେଲେ। ବର୍ନେଲ ସର୍ବପ୍ରଥମେ ଏହାକୁ ଠାବ କରିଥିଲେ ମଧ୍ୟ ସେ ପୁରସ୍କାରରୁ ବଞ୍ଚିତ ହେଲେ। ଅବଶ୍ୟ ନୋବେଲ ଘୋଷଣା ବେଳେ ବର୍ନେଲଙ୍କ ନାମୋଲ୍ଲେଖ ବିବରଣୀରେ କରାଯାଇଥିଲା। ସେତେବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନୋବେଲ କମିଟିର କଟୁ ସମାଲୋଚନା କଲେ। ଏମାନଙ୍କ ମଧ୍ୟରେ 'ବିଗ୍‌ବ୍ୟାଙ୍ଗ' ନାମର ଉଦ୍ଭାବକ ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ସାର୍ ଫ୍ରେଡ୍ ହୟେଲ ଅନ୍ୟତମ।

କିନ୍ତୁ ବର୍ନେଲ ବିନମ୍ରତାର ସହ ଘୋଷଣା କଲେ ଯେ ହେବିସ୍ ହେଉଛନ୍ତି ତାଙ୍କ ଅଧୀକ୍ଷକ ଓ ସେ ତାଙ୍କର ଜଣେ ସ୍ୱଳ୍ପ (ସେତେବେଳେ ମାତ୍ର ୩୧ ବର୍ଷ) ବୟସ୍କା ଛାତ୍ରୀ। ଗୁରୁ ଓ ଶିଷ୍ୟ ମଧ୍ୟରେ ସୀମାନିର୍ଦ୍ଧାରଣ ଏକ କଠିନ କାର୍ଯ୍ୟ। ତେବେ ଗୋଟିଏ ଗ୍ରୁପ୍‌ର ଦଳପତି ବିଫଳତା ପାଇଁ ଯେମିତି ଦାୟୀ ରହନ୍ତି, ସଫଳତାର ଶ୍ରେୟ ମଧ୍ୟ ସେ ନେଇଥାନ୍ତି। ସେଥିପାଇଁ ମୋ ଗାଇଡ୍ ଏହି ପୁରସ୍କାର ପାଇବାକୁ ଯୋଗ୍ୟ। ପୁଣି ଯାହାହେଲେ ମଧ୍ୟ ମୁଁ ତାଙ୍କ ଗ୍ରୁପ୍‌ରେ କାମ ଚାଲୁ ରଖିଛି। ଏହି ମର୍ମରେ ତାଙ୍କ ପାଇଁ ନୋବେଲ ପ୍ରାଇଜ୍‌ର ପ୍ରାସଙ୍ଗିକତା ଗୁରୁତ୍ୱହୀନ।

ଏକଦା ଏକଲବ୍ୟ ଗୁରୁ ଦ୍ରୋଣଙ୍କୁ ତାଙ୍କ ବୁଢ଼ା ଆଙ୍ଗୁଠି ଗୁରୁଦକ୍ଷିଣା ଭାବେ ଦେଇଥିଲେ। ଏହି ଯୁଗରେ ମଧ୍ୟ ଏହାର ଅନ୍ୟ ଏକ ପ୍ରସଙ୍ଗରେ ପରୋକ୍ଷ ନିଦର୍ଶନ ବର୍ନେଲଙ୍କ ଉକ୍ତିରେ ପ୍ରତିଫଳିତ। ରାଧାନାଥଙ୍କ ଭାଷାରେ ପଦପଦବୀ, ପୁରସ୍କାର ପାଇଁ ଲୋକେ ମାଲି ମକଦ୍ଦମା, କୁତ୍ସାରଟନା ଇତ୍ୟାଦିରେ ଲିପ୍ତ ରହନ୍ତି। ତେବେ ବିଶ୍ୱର ସର୍ବଶ୍ରେଷ୍ଠ ନୋବେଲ ପ୍ରାଇଜ୍ ପାଇଁ ଜଣେ ତରୁଣୀ-ଶିଷ୍ୟା ନିଜ ଗୁରୁ ପ୍ରତି ଶ୍ରଦ୍ଧା ପ୍ରଦର୍ଶନ ପୂର୍ବକ ସମ୍ମାନରେ ସହଭାଗୀ ହୋଇ ନ ଥିଲେ। ଗୁରୁଙ୍କ ଏକଚାଟିଆ ଗୌରବରେ ଭାଗ ବସାଇ ନ ଥିଲେ। ନୋବେଲ ହରାଇଲେ ମଧ୍ୟ ସେ ବିଜୟିନୀ।

ମୋ-୯୦୭୮୭୪୩୮୪୩

# ପ୍ରଶ୍ନୋପନିଷଦ୍‌ର ପ୍ରତିପାଦ୍ୟ ସିଦ୍ଧାନ୍ତ



ଡା. ଗୋପାଳ ଚନ୍ଦ୍ର ଦାଶ

ଛଅଜଣ ଜିଜ୍ଞାସୁ ଋଷିପୁତ୍ର-ସୁକେଶା, ସତ୍ୟକାମ, ସୌର୍ଯ୍ୟାୟଣୀ, କୌଶଲ୍ୟ, ବୈଦର୍ଭି ଓ କବନ୍ଧୀ- ମହର୍ଷି ପିପ୍ପଳାଦଙ୍କ ଆଶ୍ରମକୁ ଆସି ବ୍ରହ୍ମ ସମ୍ବନ୍ଧରେ ଛଅଗୋଟି ପ୍ରଶ୍ନ ପଚାରିଛନ୍ତି। ଋଷି ପିପ୍ପଳାଦଙ୍କ ପ୍ରଶ୍ନୋତ୍ତର ମାଧ୍ୟମରେ ସେମାନଙ୍କର ଶଙ୍କା ସମାଧାନ କରିଛନ୍ତି, ଯାହା ପ୍ରଶ୍ନୋପନିଷଦ୍‌ର ବିଷୟବସ୍ତୁ। ଏହି ଉପନିଷଦ୍‌ଟି ଅଥର୍ବ ବେଦର ପିପ୍ପଳାଦ ଶାଖା ଅନ୍ତର୍ଗତ। ଏହା ଛଅଗୋଟି ବିଭାଗ ଓ ସତଷଠି ମନ୍ତ୍ରକୁ ନେଇ ରଚିତ।

ପ୍ରଥମ ପ୍ରଶ୍ନରେ ଶିଷ୍ୟ କବନ୍ଧୀ ସମସ୍ତ ପ୍ରଜାଗଣ କାହାଠାରୁ ଓ କିପରି ଭାବରେ ସୃଷ୍ଟି ସମ୍ବନ୍ଧରେ ଜିଜ୍ଞାସା କରିଛନ୍ତି। ଉତ୍ତରରେ ମହର୍ଷି ପିପ୍ପଳାଦ କହିଛନ୍ତି ଯେ, ପରମାତ୍ମା ପ୍ରଜାପତି ନିଜର ତପ ବଳରେ ସର୍ବ ପ୍ରଥମେ ଯେଉଁ ଦୁଇଗୋଟି ତତ୍ତ୍ୱ ନିର୍ମାଣ କଲେ, ତାହା ହେଉଛି- ପ୍ରାଣ ଓ ରୟି। ଋଷିଙ୍କ ମତରେ ସୃଷ୍ଟି ଏକତତ୍ତ୍ୱରୁ ନୁହେଁ, ଦ୍ୱୀତ ବା ମିଥୁନରୁ ଜାତ। ତେଣୁ ସୃଷ୍ଟିର ପ୍ରତ୍ୟେକ କ୍ଷେତ୍ରରେ ପ୍ରାଣ ଓ ରୟି ଏହି ଦୁଇଗୋଟି ତତ୍ତ୍ୱ ଦେଖାଯାଏ। ଋଷି ପିପ୍ପଳାଦ ସୃଷ୍ଟି ବିଦ୍ୟାରେ ପ୍ରଜାପତି, ପ୍ରାଣ ଓ ରୟି ବିଷୟକ ତଥ୍ୟ ପ୍ରଦାନ କରି ପ୍ରଜାପତି ଶବ୍ଦକୁ ପରମେଶ୍ୱରଙ୍କ ଭିନ୍ନ ବ୍ୟାପକ ଭାବରେ ସମ୍ବତ୍ସର, ମାସ, ଅହୋରାତ୍ର ଓ ଅନ୍ନ ସହିତ ପ୍ରଯୁକ୍ତ କରି ଉତ୍ତରାୟଣ-ଦକ୍ଷିଣାୟନ, ଶୁକ୍ଳପକ୍ଷ-କୃଷ୍ଣପକ୍ଷ, ସୂର୍ଯ୍ୟ-ଚନ୍ଦ୍ର, ଦିବା-ରାତ୍ର, ପୁରୁଷ-ନାରୀ, ବୀର୍ଯ୍ୟ-ରଜକୁ ଦ୍ୱୈତ ଭାବରେ ପ୍ରତିପାଦନ କରି, ଯଥାକ୍ରମେ ପ୍ରାଣ ଓ ରୟିର ସଂଜ୍ଞା ପ୍ରଦାନ କରିଛନ୍ତି। ତାଙ୍କ ମତରେ ପ୍ରାଣ ଭୋକ୍ତା ଓ ରୟି ଭୋଜ୍ୟ। ପ୍ରାଣ ଚେତନ, ପୁରୁଷତତ୍ତ୍ୱ ଓ ରୟି ଜଡ଼ ପ୍ରକୃତି ତତ୍ତ୍ୱ। ପ୍ରାଣ ପ୍ରକାଶମୟ ଓ ମୁକ୍ତି (ନିର୍ବାଣ)ର ପ୍ରତୀକ। ରୟି ଧୂମ୍ରମୟ ଓ ବନ୍ଧନ (ପୁନର୍ଜନ୍ମ)ର ପ୍ରତୀକ। ସଂକ୍ଷେପରେ କହିବାକୁ ଗଲେ ଈଶ୍ୱରଙ୍କର ଇଚ୍ଛାଶକ୍ତି ଦ୍ୱାରା ଜଡ଼ ଓ ଚେତନର ମିଳନ ଦ୍ୱାରା ସମଗ୍ର ଜୀବଜଗତର ସୃଷ୍ଟି।

ଦ୍ୱିତୀୟ ପ୍ରଶ୍ନରେ ଶିଷ୍ୟ ବୈଦର୍ଭି କେଉଁ ଦେବତାମାନେ ସୃଷ୍ଟିର ଧାରଣ କର୍ତ୍ତା ଓ ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ଦେବତା ଭାବରେ କାହାକୁ ଓ କାହିଁକି ମାନ୍ୟତା ପ୍ରଦାନ କରାଯାଇଛି ବୋଲି ଜିଜ୍ଞାସା କରିଛନ୍ତି।

ଉତ୍ତରରେ ମହର୍ଷି ପିପ୍ପଳାଦ ପଞ୍ଚଭୂତ, (ଆକାଶ, ବାୟୁ, ଅଗ୍ନି, ଜଳ, ପୃଥିବୀ), ପଞ୍ଚପ୍ରାଣ (ପ୍ରାଣ, ଅପାନ, ସମାନ, ବ୍ୟାନ, ଉଦାନ) ଏକାଦଶ ଇନ୍ଦ୍ରିୟ (ପଞ୍ଚ ବିକେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ, ମନ)କୁ ସୃଷ୍ଟି ତଥା ଶରୀରର ଦେବତା ଭାବରେ ପ୍ରତିପାଦନ କରିଛନ୍ତି। କାରଣ ଏମାନେ ପିଣ୍ଡ ଓ ବ୍ରହ୍ମାଣ୍ଡକୁ ଧାରଣ କରିଛନ୍ତି। ପ୍ରାଣ ସକଳ ଇନ୍ଦ୍ରିୟର ଆଧାର ହୋଇଥିବାରୁ ପ୍ରାଣକୁ ସର୍ବଶ୍ରେଷ୍ଠ ଦେବତା ଭାବରେ ଦର୍ଶାଯାଇଛି। ରାଣୀ ମହୁମାଛି ପରି ପ୍ରାଣ ସମସ୍ତ ଇନ୍ଦ୍ରିୟକୁ ଆକର୍ଷିତ କରି ନିଜ ଅଧୀନରେ ରଖିଥାଏ। ସୂର୍ଯ୍ୟ-ଚନ୍ଦ୍ରଠାରୁ ପ୍ରାଣଶକ୍ତି ବିଚ୍ଛିନ୍ନ ହେଲେ ସୃଷ୍ଟି ନିଷ୍କ୍ରିୟ ହୁଏ ଓ ଶରୀରରୁ ପ୍ରାଣଶକ୍ତି ପ୍ରୟାଣ ହେଲେ ଇନ୍ଦ୍ରିୟ ନିଷ୍କ୍ରିୟ ହୋଇଯାଏ। ମାତା ପୁତ୍ରର ରକ୍ଷାକର୍ତ୍ତା ଭଳି ପ୍ରାଣ ଇନ୍ଦ୍ରିୟଗୁଡ଼ିକର ରକ୍ଷାକର୍ତ୍ତା। ତେଣୁ ପ୍ରାଣ ସର୍ବଶ୍ରେଷ୍ଠ।

ତୃତୀୟ ପ୍ରଶ୍ନରେ ଶିଷ୍ୟ କୌଶଲ୍ୟ ପ୍ରାଣ ସମ୍ବନ୍ଧରେ ଅଧିକ ଜିଜ୍ଞାସା କରି, ପ୍ରାଣର ଉତ୍ପତ୍ତି, ଆଗମନ (ଶରୀର ମଧ୍ୟରେ ପ୍ରବେଶ) ବିଭକ୍ତୀକରଣ, ଉତ୍କ୍ରମଣ (ବହିର୍ଗମନ) ତଥା ବାହ୍ୟ ଓ ଅନ୍ତଃ ଜଗତର ଶାସନ ସମ୍ବନ୍ଧରେ ପ୍ରଶ୍ନ କରିଛନ୍ତି। ଉତ୍ତରରେ ମହର୍ଷି ପିପ୍ପଳାଦ କହିଛନ୍ତି ଯେ, ପରମେଶ୍ୱର ପ୍ରାଣର ଉତ୍ପନ୍ନକର୍ତ୍ତା। ମହାପ୍ରାଣ ଆତ୍ମାରୁ ଉତ୍ପନ୍ନ ହୋଇ ମନର ସଂକଳ୍ପ ଦ୍ୱାରା ଶରୀରରେ ପ୍ରବେଶ କଲା ପରେ ନିଜକୁ ପାଞ୍ଚଭାଗ (ପ୍ରାଣ, ଅପାନ, ସମାନ, ବ୍ୟାନ, ଉଦାନ)ରେ ବିଭକ୍ତ କରି ଶରୀରର ବିଭିନ୍ନ ଅଂଶରେ ଅବସ୍ଥାପନ କରି କାର୍ଯ୍ୟ ସମ୍ପାଦନ କରିଥାଏ। ଆତ୍ମା ଶରୀରର ହୃଦୟ କ୍ଷେତ୍ରରେ ଅବସ୍ଥିତ। ହୃଦୟରୁ ଅଂସଖ୍ୟ ସୂକ୍ଷ୍ମ ପ୍ରବାହ ଧାରା ନାଡ଼ି ଭାବରେ ସମଗ୍ର ଶରୀରରେ ବିଚ୍ଛୁରିତ ହୋଇଥାଏ। ଚେତନ ପ୍ରାଣ ଏହି ନାଡ଼ି ମଧ୍ୟରେ ପ୍ରବାହିତ ହୋଇଥାଏ। ରାଜା ନିଜର ଅଧିକାରୀମାନଙ୍କୁ ରାଜ୍ୟ ଶାସନ ପାଇଁ ବିଭିନ୍ନ କ୍ଷେତ୍ରରେ ସ୍ଥାପିତ କରିବା ପରି ମୁଖ୍ୟପ୍ରାଣ ପଞ୍ଚ ପ୍ରାଣକୁ ଶରୀରର ବିଭିନ୍ନ ଅଙ୍ଗରେ ସ୍ଥାପିତ କରି ଶରୀରକୁ କ୍ରିୟାଶୀଳ କରାଇଥାଏ। ପ୍ରାଣବାୟୁ ଶରୀରର ଉପରିଭାଗ ଆଖି, ନାକ, ମୁଖ ଓ କର୍ଣ୍ଣରେ ଅବସ୍ଥାନ କରି ଅନ୍ୟପ୍ରାଣଗୁଡ଼ିକର କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ। ଅପାନବାୟୁ ଶରୀରର ନିମ୍ନଭାଗ ଉତ୍ସଜନ ଓ ପ୍ରଜନନ ଅଙ୍ଗରେ ଅବସ୍ଥାନ କରି ନିଷ୍କାସନ ପ୍ରକ୍ରିୟା, ଉଦାନ ବାୟୁ ଶରୀରର ମଧ୍ୟଭାଗ ଉଦରରେ ଅବସ୍ଥାନ କରି ଜଠରାଗ୍ନି ଭାବରେ ପାଚନ କ୍ରିୟା, ବ୍ୟାନବାୟୁ ହୃଦୟରେ ଅବସ୍ଥାନ କରି ରକ୍ତ ସଂଚାଳନ କାର୍ଯ୍ୟ ଆଦି ସମ୍ପାଦନ କରିଥାଆନ୍ତି। ହୃଦୟରୁ ମସ୍ତିଷ୍କକୁ ସଂଯୋଗ କରୁଥିବା ସୁଷୁମ୍ନା ନାଡ଼ିରେ ଉଦାନ ବାୟୁ ପ୍ରବାହିତ ହୋଇ ଜୀବର କର୍ମଫଳ ଅନୁସାରେ ଉଚ୍ଚ, ନୀଚ ଓ ମନୁଷ୍ୟ ଯୋନୀ ପ୍ରଦାନରେ ସାହାଯ୍ୟ କରିଥାଏ। ଏହା ପଞ୍ଚ ପ୍ରାଣର ଅନ୍ତଃ ଜଗତ (ଆଧ୍ୟାତ୍ମିକ ଜଗତ)ର ଶାସନ ପ୍ରକ୍ରିୟା। ଶରୀର ବାହାରେ ସୂର୍ଯ୍ୟ, ପୃଥିବୀ, ଆକାଶ, ବାୟୁ ଓ ଅଗ୍ନି ଯଥାକ୍ରମେ ପ୍ରାଣ, ଅପାନ, ସମାନ, ବ୍ୟାନ ଓ ଉଦାନ ରୂପରେ ଦ୍ୟୁଲୋକ, ଅନ୍ତରୀକ୍ଷ ଲୋକ ଓ ପୃଥିବୀ ଲୋକକୁ ଶାସନ କରିଥାଏ। ଏହା ହେଉଛି ପଞ୍ଚପ୍ରାଣ ଶକ୍ତିର ବାହାର ଜଗତର ରୂପ। ଏହି ପ୍ରାଣ ବିଦ୍ୟା ଦ୍ୱାରା ଚେତନ ଓ ଜଡ଼ ଜଗତର ଭେଦକୁ ଜ୍ଞାତ ହେଲେ ବ୍ୟକ୍ତି ସାଂସାରିକ ଦୁଃଖରୁ ଉଦ୍ଧାର ପାଇ ଅଜୟ ପ୍ରାପ୍ତ କରିଥାଏ। ଏଣୁ ପ୍ରାଣ ବିଦ୍ୟା ମୁକ୍ତିଲାଭର ମାର୍ଗ ଅଟେ। (କ୍ରମଶଃ)

ମୋ: ୭୮୪୮୮୫୦୯୫୦

## ଚିରନ୍ତନୀ

ନ କହିବି ତୋତେ ଏ ପଥର ପରିଣାମ
ବିୟୋଗର ଗୀତ, ବିଧାତାର ଗତି ବାମ,
କରତଳେ ତୋର ଫୁଟିଉଠୁ ଶତଦଳ
ଲୋଟିପଡୁ ତୋର କଟିରେ ଚିକୁରଦାମ।
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ହେଲ୍ପଲାଇନ୍‌ରେ ଭ୍ରାନ୍ତଧାରଣା ଦିଆଯାଉଛି

ମହାଶୟ,
ଏବେ ଯୁକ୍ତ ୩ ନାମଲେଖା ପାଇଁ ଅନ୍‌ଲାଇନ ଆବେଦନ ଚାଲିଛି । ପୂର୍ବ ବର୍ଷଗୁଡ଼ିକ ଭଳି ଏ ବର୍ଷ ଗ.ଓ.ଖ. ଏମ୍‌ଆଇଏଲ୍ (ଆଧୁନିକ ଭାରତୀୟ ଭାଷା) ଭାଷା ପସନ୍ଦ ପାଇଁ କୌଣସି ସୁବିଧା ନାହିଁ। ଓଡ଼ିଆ ବ୍ୟତୀତ ଅନ୍ୟ କୌଣସି ଭାଷା ଏମ୍‌ଆଇଏଲ୍ ପାଇଁ ନିଜ ପସନ୍ଦ ଦେବାକୁ ହେଲେ ଛାତ୍ରୀଛାତ୍ର ଦ୍ୱନ୍ଦ୍ୱରେ ରହୁଛନ୍ତି। ହେଲ୍ପ ଲାଇନ୍‌କୁ ଫୋନ୍ କଲେ ଠିକ୍ ଉତ୍ତର ମିଳୁ ନାହିଁ ଏବଂ ଭ୍ରାନ୍ତଧାରଣା ଦିଆଯାଉଛି ଯେ, ଏମ୍‌ଆଇଏଲ୍ ଅର୍ଥ ଓଡ଼ିଆ। ପୁଣି ଘଣ୍ଟା ଘଣ୍ଟା ଫୋନ୍‌କୁ ହୋଲ୍‌ଡ ରଖି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଚାରି କହୁଛୁ ବୋଲି କହି ଆଉ ଉତ୍ତର ଦେଉନାହାନ୍ତି। ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ଅଧିକାଂଶ ଛାତୀଛାତ୍ର ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିବ।

**-ସୟଦ ସଫିର ଅଲି, ମିନାବଜାର, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରଜନୀ ପାଖରେ ପହଞ୍ଚିଲା ପ୍ରଶାସନ

ସମ୍ବଲପୁର,୨୪।୮(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଛାମୁଣ୍ଡା ଗ୍ରାମର ରଜନୀ ସୁନାକାଠିଆଙ୍କ ପାଖରେ ପ୍ରଶାସନ ପହଞ୍ଚିଛି। ଏହାସହ ଭାଜପାର ଏକ ପ୍ରତିନିଧି ଦଳ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ଅସହାୟ ରଜନୀଙ୍କ ସ୍ୱାମୀ ରାଜୁ ସୁନାକାଠିଆ ନିଖୋଜ ଓ ପରିବାର ଭୋକ ଉପାସରେ ଦିନ କାଟୁଥିବା ନେଇ ବୁଧବାର ଧରିତ୍ରୀରେ ସ୍ୱତନ୍ତ୍ର ଭାବେ ଖବର ପ୍ରକାଶ ପାଇଥିଲା। ଏହାପରେ ଯୁଯୁମୁରା ବିଡିଓ ନିଳାମ୍ବର ମହାନନ୍ଦ ତତ୍ପରତା ଦେଖାଇ ପଦକ୍ଷେପ ଗ୍ରହଣ କରିଥିଲେ। ଯୋଗାଣ ବିଭାଗକୁ ପିଡିଏସ୍ ଚାଉଳ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଦୁଇ ପିଲାଙ୍କ ଆଧାର ଲିଙ୍କ କରି ଚାଉଳ ପରିମାଣ ଠିକ୍ ଭାବେ ଦେବାକୁ କହିଥିଲେ। ସ୍ଥାନୀୟ ସରପଞ୍ଚ ବନୀତା ଭୋଇ ପରିବାରଙ୍କୁ ଭେଟି ପିଡିଏସ ସାମଗ୍ରୀ ୧୦କେଜି ଚାଉଳ ଯୋଗାଇଥିଲେ। ଆଗାମୀ ଦିନରେ ଅନ୍ୟାନ୍ୟ ସରକାରୀ ସୁବିଧା ଓ ସହଯୋଗ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଯୁଯୁମୁରା ଭାଜପାର ଏକ ପ୍ରତିନିଧି ଦଳ ଯାଇ ରଜନୀଙ୍କୁ ଭେଟି ଚାଉଳ, ଡାଲି ଆଦି ଖାଦ୍ୟ ସାମଗ୍ରୀ ଦେଇଛନ୍ତି। ଏଥିସହ ସ୍ଥାନୀୟ ଥାନାଧିକାରୀ ଓ ଜିଲା ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରି ରଜନୀଙ୍କ ସ୍ୱାମୀ ରାଜୁଙ୍କୁ ଖୋଜି ଆଣିବା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ କହିଥିଲେ। ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଯୁଯୁମୁରା ମଣ୍ଡଳ ସଭାପତି ଓମ୍ ପ୍ରକାଶ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମୁରା, ରାଜେଶ ସାହୁ, ରିକନ ଦେଓ, ସୂର୍ଯ୍ୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ରଜନୀଙ୍କ ସ୍ୱାମୀ ରାଜୁ ଏକମାସରୁ ଊର୍ଦ୍ଧ୍ୱ ହେବ ଜୀବିକା ଅନ୍ୱେଷଣରେ ବିଜୟୱାଡ଼ା ଯାଇ ଫେରିନାହାନ୍ତି। ତାଙ୍କ ସହ ଯାଇଥିବା ଆଉ ୨ଜଣ ଘରକୁ ଫେରିଛନ୍ତି। ଏହାକୁ ନେଇ ରଜନୀ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନାହିଁ।


ଛାମୁଣ୍ଡା ସରପଞ୍ଚ ରଜନୀଙ୍କୁ ଚାଉଳ ପ୍ରଦାନ କରୁଛନ୍ତି ।

**ଖବର ପ୍ରକାଶ ପରେ ତତ୍ପରତା**

# ଜିଲାପାଳଙ୍କ ନିକଟରେ ଫେରାଦ ହେଲା ଭାଜପା

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ ପ୍ରସଙ୍ଗ**

ଝାରସୁଗୁଡ଼ା ଅଫିସ,୨୪।୮

ଝାରସୁଗୁଡାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଗତ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହାର ପ୍ରତିବାଦରେ ଜିଲା ଭାଜପା ତରଫରୁ ଦଳର ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏଥିରେ ଉଲ୍ଲେଖ ରହିଛି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ଓ ସମୀକ୍ଷା କରିବା ଜଣେ ମନ୍ତ୍ରୀଙ୍କ ଅଧିକାର ରହିଛି। ଏହି ଅଧିକାର ବଳରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଗତ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ପ୍ରଶାସନିକ ଅଧିକାରୀ ଓ ବିଜେଡିର କେତେଜଣ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମନ୍ତ୍ରୀ ଦାସ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ସମୀକ୍ଷା ବୈଠକ କରିବା ଆଇନ୍ ଉଲ୍ଲଂଘନ ବୋଲି ଭାଜପା ଅଭିଯୋଗ ଆଣିଛି। ଆଗକୁ ମନ୍ତ୍ରୀ ଯଦି ଏଭଳି କରନ୍ତି ତା'ହେଲେ ଭାଜପା କୋର୍ଟକୁ ଯିବ ବୋଲି ଚେତାବନୀ ଦେଇଛି। ଜିଲାପାଳ ସରୋଜ କୁମାର ସାମଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ଲିଖିତ ନିର୍ଦ୍ଦେଶ ଅନୁଯାୟୀ ସମୀକ୍ଷା ବୈଠକକୁ ଲୋକଙ୍କୁ ନିମନ୍ତ୍ରଣ କରାଯାଇଛି। ଏଥିରେ କୌଣସି ଆଇନ୍ ଉଲ୍ଲଂଘନ କରାଯାଇ ନାହିଁ। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନବେଳେ ରାଜ୍ୟ ସମ୍ପାଦକ ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ଜିଲା ଉପସଭାପତି ନେତାଜୀ ପଟ୍ଟନାୟକ, ତ୍ରିନାଥ ଗୁଆଲ, ସମ୍ପାଦକ ସୋନୁ ଥିରାନୀ, ସଂଖ୍ୟାଲଘୁ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ବବୁଲ ସିଂହ ପ୍ରମୁଖ ଉପସ୍ଥିତଥିଲେ। ଅନ୍ୟପଟେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଚୌକିପଡାଠାରେ ଆର୍ଓବି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା କେନ୍ଦ୍ର ସରକାରଙ୍କ ପ୍ରକଳ୍ପ ହୋଇଥିବାରୁ ଏଥିରେ ଭାଜପାର କୌଣସି ଜନପ୍ରତିନିଧି କିମ୍ବା କର୍ମକର୍ତ୍ତାଙ୍କୁ ସାମିଲ କରାଯାଇନାହିଁ। ଏହାକୁ ଭାଜପା ବିରୋଧକରି ସନ୍ଧ୍ୟାରେ ଜିଲା କାର୍ଯ୍ୟାଳୟରେ ଏକ ବୈଠକରେ ଏହାକୁ ନିନ୍ଦା କରିଛି।

## ସଂକ୍ଷେପରେ

### ମହିଳାଙ୍କ ପାଇଁ ହସ୍ତଶିଳ୍ପ ତାଲିମ କାର୍ଯ୍ୟକ୍ରମ

**ସମ୍ବଲପୁର,୨୪।୮(ବ୍ୟୁରୋ):** ସମ୍ବଲପୁରରେ ମହିଳାମାନଙ୍କ ପାଇଁ ହସ୍ତଶିଳ୍ପ ତାଲିମ କାର୍ଯ୍ୟକ୍ରମ ପାନ୍ଥନିବାସ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଛି। ସୋସାଇଟି ଫର ପିପୁଲସ ଆଡ଼ଭାନ୍ସ ଲାଇଫ ମ୍ୟାନେଜେମେଣ୍ଟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବଲପୁରର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ଜିଲାର ୯ ବ୍ଲକର ମହିଳାମାନେ ଏଥିରେ ଯୋଗଦେଇଥିଲେ। ସମ୍ପାଦିକା ମିତା ରାୟଚୌଧୁରୀ ଏହି ତାଲିମ କିଭଳି ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିପାରିବ ସେ ବିଷୟରେ ସୂଚନା ଦେଇଥିଲେ। ପୂର୍ବ ଭାରତର ହସ୍ତଶିଳ୍ପଗୁଡିକ ବିଷୟରେ ତାଲିମ ଦିଆଯିବ ବୋଲି କହିଥିଲେ। ବରିଷ୍ଠ ଖବରଦାତା ପ୍ରମୋଦ କୁମାର ପଟ୍ଟନାୟକ ହସ୍ତକଳା ସାମଗ୍ରୀ ଦେଶ ବିଦେଶକୁ ରପ୍ତାନୀ କରି ମହିଳାମାନେ ଅଧିକ ମୂଲ୍ୟ ପାଇପାରିବେ ବୋଲି କହିଥିଲେ। ଏଥିରେ ଓର୍‌ମାସ ଓ ଅନ୍ୟ ସରକାରୀ ସଂସ୍ଥା ଅଂଶଗ୍ରହଣ କରି ଦିଗଦର୍ଶନ କରିଥିଲେ। ଶେଷରେ ମିନା ବେହେରା ଧନ୍ୟବାଦ ଦେଇଥିଲେ।

### ଜାତୀୟ ପତାକାକୁ ଅସମ୍ମାନ ଅଭିଯୋଗରେ ଯୁବକ ଗିରଫ

**ଝାରସୁଗୁଡ଼ା ଅଫିସ୍,୨୪।୮:** ଝାରସୁଗୁଡା ଜିଲା ବନ୍ଧବାହାଲ ମାର୍କେଟରେ ଥିବା ଏକ ମାଂସ ଦୋକାନ ମାଲିକ ଜାତୀୟ ପତାକାକୁ ଏକ କଟା ଛେଳିମୁଣ୍ଡରେ ଘୋଡାଇ ରଖି ଅସମ୍ମାନ କରିଥିଲେ। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଫଳରେ ବନ୍ଧବାହାଲରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବନ୍ଧବାହାଲ ଫାଣ୍ଡି ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ ମାଂସ ଦୋକାନ ମାଲିକଙ୍କୁ ଉଠାଇନେଇ ବନହରପାଲି ଥାନାରେ ଅଟକ ରଖିଥିଲା। ଏହା ଜାଣିବାପରେ ଲୋକେ ବନହରପାଲି ଥାନାକୁ ଯାଇ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏ ନେଇ ବନ୍ଧବାହାଲର ସଞ୍ଜୀବ ବେହେରା ସମ୍ପୃକ୍ତ ଯୁବକ ମହମ୍ମଦ ସାହାଜାଦଙ୍କ ନାମରେ ପୋଲିସ୍‌ରେ ଲିଖିତ ଅଭିଯୋଗ କରିଛନ୍ତି। ବନହରପାଲି ପୋଲିସ ଏକ ମାମଲା (ନଂ୧୮୩/୨୨) ରୁଜୁକରି ତଦନ୍ତ ଚଳାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି, ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁସାଲ କହିଛନ୍ତି।

### ଟିପିଡବ୍ଲ୍ୟୁଓଡିଏଲ୍‌ରେ ରାଜ୍ୟ ସଭା ଏମ୍‌ପିଙ୍କ ସମୀକ୍ଷା

**ସମ୍ବଲପୁର,୨୪।୮(ବ୍ୟୁରୋ):** ସମ୍ବଲପୁର ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶି ସମୀକ୍ଷା ବୈଠକ କରିଥିଲେ। କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଏମ୍‌ପି ବିଶିଙ୍କୁ ଅବଗତ କରିଥିଲେ। କମ୍ପାନୀ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ସନ୍ତୋଷ ବ୍ୟକ୍ତ କରି ଆହୁରି ସୁବିଧା ଯୋଗାଇ ଦେବାକୁ ଏମପି ବିଶି କହିଥିଲେ। ଆଗାମୀ ଦିନରେ କିଭଳି ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ବିଜୁଳି ଯୋଗାଇ ଦିଆଯାଇପାରିବ ସେ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ।

# ପ୍ରତିଟି ପଦକ୍ଷେପ ସଶକ୍ତ ଭାରତ ଗଠନ ପାଇଁ ଉଦ୍ଦିଷ୍ଟ ହେଉ


ନାଚଗୀତ ମାଧ୍ୟମରେ ଅହିଂସା ରଥକୁ ସ୍ୱାଗତ କରାଯାଉଛି।

କୁଚିଣ୍ଡା,୨୪।୮(ଡି.ଏନ.ଏ.)

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ଅହିଂସା ରଥ ସମଗ୍ର ରଜ୍ୟରେ ପରିଭ୍ରମଣ କରୁଛି। ଏହା ୧୫ ଅଗଷ୍ଟଠାରୁ ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଭ୍ରମଣ କରି ଏଲ୍ଇଡି ଟିଭି ମାଧ୍ୟମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ହୋଇଥିବା ସ୍ୱାଧୀନତା ସଂଗ୍ରାମର ଝଲକ ପ୍ରଦର୍ଶନ କରିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ତଥା ସେମାନଙ୍କ ଅବଦାନ ସମ୍ପର୍କରେ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଉଛି। ବୁଧବାର ଏହି ରଥ କୁଚିଣ୍ଡା ବ୍ଲକରେ ପହଞ୍ଚିବା ପରେ ବିଡ଼ିଓ ନିରଞ୍ଜନ ସା ଓ ଏବିଡ଼ିଓ ସହଦେବ ନନ୍ଦ ଏହାକୁ ସ୍ୱାଗତ କରି ବକ୍ସମା ହାଇସ୍କୁଲ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସେଠାରେ ରଥକୁ ନୃତ୍ୟଗୀତ, ବାଦ୍ୟ ଓ ହୁଳହୁଳି ମାଧ୍ୟମରେ ସ୍ୱାଗତ କରାଯାଇଥିଲା।

ଏହି ଅବସରରେ ବକ୍ସମା ହାଇସ୍କୁଲରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡ଼ିଓ ସା, ଏବିଡ଼ିଓ ନନ୍ଦ, କୁଚିଣ୍ଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରଶ୍ମିତା ନାଏକ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର ଓ ଦିବ୍ୟରାଜ କିଷାନ, ସରପଞ୍ଚ ସରସ୍ୱତୀ ଠାକୁର, ସମିତିସଭ୍ୟା ରଶ୍ମି କୁସୁମ ପ୍ରମୁଖ ମଞ୍ଚାସୀନ ଥିଲେ। ବିପିଏମ୍ ଟିପେନସନ ବେହେରା ସଭା ପରିଚାଳନା କରିଥିଲେ। ଅତିଥିମାନେ ସ୍ୱାଧୀନତା ସଂଗ୍ରାମର ଇତିହାସ ବର୍ଣ୍ଣନା କରିବା ସହ ଆମର ପ୍ରତିଟି ପଦକ୍ଷେପ ଏକ ସଶକ୍ତ ଭାରତ ଗଠନ ପାଇଁ ଉଦ୍ଦିଷ୍ଟ ହେଉ ବୋଲି ଆହ୍ୱାନ ଦେଇଥିଲେ। କୁଚିଣ୍ଡା ସହରରେ ରଥ ପହଞ୍ଚିବା ପରେ ସମସ୍ତ ଅଧିକାରୀ ସ୍ୱାଗତ ଜଣାଇ ଜାତିର ପିତା ମହାତ୍ମା ଗାନ୍ଧୀ, ବିସା ମୁଣ୍ଡା ଓ ବି.ଆର୍. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ଅହିଂସା ରଥ କୁଚୁରାବୂଆଁ ପଞ୍ଚାୟତର କିରାଶାସନ ଗ୍ରାମକୁ ଯାଇଥିଲା।

# ନାକଟିଦେଉଳରେ ଅହିଂସା ରଥକୁ ସ୍ୱାଗତ

ନାକଟିଦେଉଳ,୨୪।୮(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ରାଜ୍ୟରେ ଅହିଂସା ରଥ ପରିକ୍ରମା କରୁଛି। ବୁଧବାର ଏହି ରଥ ଦେବଗଡ଼ ଜିଲାରୁ ଆସି ଗୋଧିଡିପ ଛକଠାରେ ପହଞ୍ଚିବା ପରେ ସେଠାରେ ସରାପାଲି ହାଇସ୍କୁଲର ସ୍କାଉଟ୍ସ ଛାତ୍ରୀଛାତ୍ର ଡ୍ରିଲ ମାଧ୍ୟମରେ କୌଶଳ ପ୍ରଦର୍ଶନ କରିଥିବାବେଳେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ, ବ୍ଲକ ପ୍ରଶାସନ, ପୋଲିସ ପକ୍ଷରୁ ସ୍ୱାଗତ କରାଯାଇଥିଲା। ରଥ ଉପରମୁଣ୍ଡା ଗ୍ରାମକୁ ଯାଇ ସ୍ୱାଧୀନତା ସଂଗ୍ରାମୀ ତଥା ନାକଟିଦେଉଳ ବ୍ଲକର ପ୍ରଥମ ଅଧ୍ୟକ୍ଷ ନିତ୍ୟାନନ୍ଦ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶହୀଦ ବାଜି ରାଉତଙ୍କ ଉପରେ ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ନାକଟିଦେଉଳ ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ସ୍ୱାଗତ ଜଣାଇ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହାପରେ ଜଗନ୍ନାଥପ୍ରସାଦସ୍ଥିତ ପବିତ୍ରମୋହନ ଉଚ୍ଚବିଦ୍ୟାଳରେ ରଥକୁ ସ୍ୱାଗତ କରାଯିବା ସହ ସେଠାରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିବା ବେଳେ ଶେଷରେ ଡଇଁଚା ବାପୁଜୀ ଉଚ୍ଚବିଦ୍ୟାଳରେ ଅହିଂସା ରଥକୁ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ତରଫରୁ ସ୍ୱାଗତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ବିଡିଓ ବିବେକାନନ୍ଦ ସାହୁ, ଏବିଡିଓ ବିଦ୍ୟାଧର ରାଉତରାୟ, ସରାପାଲି ସରପଞ୍ଚ ଶିବାନୀ ବାରିକ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ବାଟଗାଁ ସରପଞ୍ଚ ସୌଦାମିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ରଥକୁ ସ୍ୱାଗତ ଜଣାଉଛନ୍ତି ଛାତ୍ରୀଛାତ୍ର।

# ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର,୨୪।୮(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ପ୍ରମୋଦ କୁମାର ମେରକେପ ବୁଧବାର ସମ୍ବଲପୁର ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଅନନ୍ୟା ଦାଶଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ। ମୋ ଉପକାରୀ ବଗିଚା, କିଚେନ ବଗିଚା, ଶିଶୁକୁ ପୁଷ୍ଟିକର ଖାଦ୍ୟ ଦେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ପୁଷ୍ଟିକର ସ୍ଥିତି କିଭଳି ବଜାୟ ରହିବ ସେଥିପ୍ରତି ଧ୍ୟାନ ଦେଇ କାମ କରିବାକୁ ଅଧିକାରୀମାନଙ୍କୁ ମେରକେପ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ଡି.ଏନ୍. ପାଢ଼ୀ, ଓଡିଶା ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ, ସେକ୍ରେଟାରୀ ଶିବାନୀ ମହାନ୍ତି, ଓଡିଶା ରାଜ୍ୟ ଖାଦ୍ୟ ଆୟୋଗର ପ୍ରଶାସନିକ ଅଧିକାରୀ ଏସ୍.କେ. ଷଡ଼ଙ୍ଗୀ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ ଦାସ, ଜିଲା ଶିକ୍ଷା ଅଧିକାରୀ ରାଣୀ ମଙ୍ଗଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ, ଜିଲା ସାମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମ ଚନ୍ଦ୍ର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଲିଲା ବାଲ୍ୟ ବିବାହ ନିରାକରଣ ସଚେତନତା ରଥ

ଝାରସୁଗୁଡ଼ା ଅଫିସ,୨୪।୮

ଜିଲା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲାପାଳ ସରୋଜ କୁମାର ସାମଲ ବାଲ୍ୟ ବିବାହ ନିରାକରଣ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅଗଷ୍ଟ ୨୩ରୁ ଆରମ୍ଭ ହୋଇଥିବା ଅଭିଯାନ ୨୬ ତାରିଖ ପର୍ଯ୍ୟନ୍ତ ଜିଲାବ୍ୟାପୀ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଚାର କରିବ। ବାଲ୍ୟ ବିବାହକୁ ଜିଲାରେ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ବ୍ୟାପକ ଜନ ସଚେତନତାର ଆବଶ୍ୟକତା ରହିଛି। ମହିଳାଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହା ବନ୍ଦ ହେବା ଉଚିତ ବୋଲି ଜିଲାପାଳ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଜିଲା ସମାଜ ମଙ୍ଗଳ ଅଧିକାରୀ ମେହେରୁନ୍ନିସା ବେଗମ, ଜିଲା ପଞ୍ଚାୟତ ଅଧିକାରୀ ଅମ୍ବରୀଶ ରଥ, ଜିଲା ଶ୍ରମ ଅଧିକାରୀ ସୁନିତା କିଷାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଆନନ୍ଦିନୀ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।


ରଥକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ସମୀକ୍ଷା ବୈଠକରେ ବିଡିଓଙ୍କ ତାଗିଦ

ସମ୍ବଲପୁର,୨୪।୮(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବିଡିଓ ଭାବେ ମଙ୍ଗଳବାର ନୀଳାମ୍ବର ମହାନନ୍ଦ ଯୋଗଦାନ କରିଛନ୍ତି। ଏହାର ଗୋଟିଏ ଦିନ ପରେ ବୁଧବାର ପ୍ରଥମ ସମୀକ୍ଷା ବୈଠକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ଅଧିକାରୀ, ଗ୍ରାମ ରୋଜଗାର ସେବକ, ମେଟମାନେ ଉପସ୍ଥିତ ଥିଲେ। ବିଡିଓ ମହାନନ୍ଦ ପର୍ଯ୍ୟାୟକ୍ରମେ ବିଭିନ୍ନ ପଞ୍ଚାୟତର କାର୍ଯ୍ୟ ସମୀକ୍ଷା କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସିଧାସଳଖ ଶ୍ରମିକମାନେ ଲାଭ ପାଉଛନ୍ତି। ତେଣୁ ଏହି ଯୋଜନାରେ ବ୍ଲକର କିଭଳି ଅଧିକ ଶ୍ରମିକ ନିୟୋଜିତ ହୋଇପାରିବେ, ଅଧିକ ଶ୍ରମ ଦିବସ ସୃଷ୍ଟି ହେବ ସେ ନେଇ ଚେଷ୍ଟା କରିବାକୁ କହିଥିଲେ। ଏହାସହ କୌଣସି ପଞ୍ଚାୟତର ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ସରକାରୀ ଚାକିରି, ଜାଲିଆତି ବିଲ୍ ଭାଉଚର ଭଳି ଅନିୟମିତତା ଧରାପଡିଲେ କାହାକୁ ମାଫି ଦିଆଯିବ ନାହିଁ। ନିୟମ ଅନୁସାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଡା ଚେତାବନୀ ଦେଇଥିଲେ। ହେଲେ ବାସ୍ତବରେ ପ୍ରକଳ୍ପ କାମ କରିବା ସମୟରେ କିଭଳି ସମସ୍ୟା ହେଉଛି ସେ ନେଇ ପଞ୍ଚାୟତ ଅଧିକାର ଓ ଜିଆର୍‌ଏସ୍ ନିଜ ମତ ପ୍ରକାଶ କରିଥିଲେ ।

# ଓଏସ୍‌ଓୟୁ ପକ୍ଷରୁ ଆଲୋଚନା ଚକ୍ର

ସମ୍ବଲପୁର,୨୪।୮(ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ସମାଜଶାସ୍ତ୍ର ବିଭାଗ ଆୟୋଜନରେ ବୁଧବାର ସମାଜଶାସ୍ତ୍ରର ଭୂମିକା ଓ ଗଣତନ୍ତ୍ର ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କକୁମାର ଦାସମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ଅଭ୍ୟୁଦୟ ତଥା ଏହାର ଗୁରୁତ୍ୱ ଗଣତନ୍ତ୍ରକୁ ଗତିଶୀଳ କରିଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଫେସର ଦୀପ୍ତିରଞ୍ଜନ ସାହୁ ଯୋଗଦେଇ ଆଧୁନିକ ଭାରତରେ ସମାଜ ବିଜ୍ଞାନ, ଆଜିର ପରିବର୍ତ୍ତିତ ବ୍ୟବସ୍ଥାକୁ ସଠିକ ରୂପେ ବୁଝିବାରେ କେତେ ସହାୟକ ହୋଇଛି ଆଲୋଚନା କରିଥିଲେ।

# ୱାର୍ଡସଭ୍ୟଙ୍କ ସହ ମିଶି ତାଲା ଭାଙ୍ଗିଲେ ସରପଞ୍ଚ

ରେଢାଖୋଲ,୨୪।୮(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ ବୁର୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସମିତିସଭ୍ୟ ଓ ତାଙ୍କ ସମର୍ଥକ ମଙ୍ଗଳବାର ତାଲା ପକାଇଥିବାବେଳେ ବୁଧବାର ସରପଞ୍ଚ ରାଜା ପାଲ ସମର୍ଥକ ଓ ୱାର୍ଡ ସଭ୍ୟାସଭ୍ୟଙ୍କ ସହ ମିଶି ଏହାକୁ ଭାଙ୍ଗିଛନ୍ତି। ବେଆଇନ ଭାବେ ତାଲା ପକାଯାଇଥିବା ସମ୍ପର୍କରେ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉପଜିଲାପାଳ, ବିଡିଓ ଓ ପଞ୍ଚାୟତ ସମିତିକୁ ଲିଖିତ ଅବଗତ କରି ତାଲା ଭାଙ୍ଗିଥିଲେ। ଏ ନେଇ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ରାଜା ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବେଆଇନ ତାଲା ପକାଇବା ଘଟଣାକୁ ଦୃଢ ନିନ୍ଦା କରାଯିବା ସହ ଭବିଷ୍ୟତରେ ଏ ଘଟଣାର ପୁନରାବୃତ୍ତି ଘଟିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତାବ ପାରିତ ହୋଇଥିଲା। ଏଥିସହିତ ସମସ୍ତ ସଭ୍ୟାସଭ୍ୟ ପଞ୍ଚାୟତବାସୀଙ୍କ ଅସୁବିଧା ମିଳିତଭାବେ ସମାଧାନ କରିବାକୁ ଶପଥ ନେଇଥିଲେ। ବୈଠକରେ ୱାର୍ଡ ସଭ୍ୟ ପ୍ରାଣବନ୍ଧୁ ସାହୁ, ସୁରେନ୍ଦ୍ର ମହାକୁଡ, ପ୍ରଶାନ୍ତ ସାମଲ, କଇରୁ ମହାକୁଡ, ପ୍ରଫୁଲ୍ଲ ଓରାମ, ସଭ୍ୟା ସଞ୍ଜିତା ସେଠୀ, ଝିଲୀ ମିର୍ଦ୍ଧା, ସୁଷମା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟପଟେ ବୁଧବାର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଞ୍ଚାନନ ବେହେରା ବୁର୍ଡା ପଞ୍ଚାୟତ ଅଫିସ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି।


ପଞ୍ଚାୟତ ଅଫିସ ଆଗରେ ସରପଞ୍ଚଓ ୱାର୍ଡ ସଭ୍ୟାସଭ୍ୟ।

# କାଦୋବାହାଲରେ ହାତୀପଲଙ୍କ ଦୌରାତ୍ମ୍ୟ

**୪ ଘର ଭାଙ୍ଗିଲେ, ବର୍ତ୍ତିଲେ ପରିବାର**

ଝାରସୁଗୁଡ଼ା ଅଫିସ,୨୪।୮

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ୍‌ର ବାଗଡିହି ରେଞ୍ଜ ଅଧୀନ ପିତାମାଲ ଜଙ୍ଗଲ ସୁନ୍ଦରଗଡ ଓ ଝାରସୁଗୁଡା ଜିଲା ସୀମାନ୍ତରେ ରହିଛି। ଏହି ଘଞ୍ଚ ଜଙ୍ଗଲ ମଧ୍ୟରେ ୨ମାସ ହେଲା ଏକ ହାତୀପଲ ଚଳପ୍ରଚଳ କରିଆସୁଛନ୍ତି। ଏହି ପଲରେ ୫ ହାତୀ ରହିଥିବାବେଳେ ଏଥିରେ ୨ ଦନ୍ତା ଅଛନ୍ତି। ହାତୀପଲ ଦିନରେ ଜଙ୍ଗଲରେ ରହୁଥିବାବେଳେ ରାତିରେ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଆସି ଘରଦ୍ୱାର ଭାଙ୍ଗିବା ସହ ବାଡିବଗିଚା ଓ ଧାନଚାଷ ନଷ୍ଟ କରୁଛନ୍ତି। ଲୋକେ ଭୟଭୀତ ହୋଇ ସନ୍ଧ୍ୟାହେଲେ ତାଟିକବାଟ ପକାଇ ଦେଉଛନ୍ତି। ହାତୀପଲ ମଙ୍ଗଳବାର ବିଳମ୍ବିତ ରାତିରେ କାଦୋବାହାଲ ଗ୍ରାମରେ ପଶି ଘରଦ୍ୱାର ଭାଙ୍ଗିଥିବାବେଳେ ପରିବାର ଲୋକେ ବର୍ତ୍ତି ଯାଇଛନ୍ତି। ହାତୀ ଉପଦ୍ରବରେ ଗ୍ରାମର ଅନିରୁଦ୍ଧ ରୋହିଦାସ, ଅନିଲ ଦୀପ୍, ପ୍ରଦୀପ କିଷାନ ପ୍ରମୁଖଙ୍କ ଘରର କାନ୍ଥ, ଆଜବେଷ୍ଟସ୍, ଖପର ଛପର ନଷ୍ଟ ହୋଇଛି। ବୁଧବାର କ୍ଷତିଗ୍ରସ୍ତ ଲୋକଙ୍କଠାରୁ ଖବରପାଇ ରେଞ୍ଜର ବ୍ରଜ ମୋହନ ପଟ୍ଟନାୟକ, ଫରେଷ୍ଟର ବୁଦ୍ଧୁରାମ ରୋହିଦାସ ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ଫରେଷ୍ଟର ରୋହିଦାସ କହିଛନ୍ତି, ଏ ନେଇ ରାଜସ୍ୱ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ଆର୍‌ଆଇଙ୍କ ତରଫରୁ କ୍ଷୟକ୍ଷତି ଆକଳନ କରାଯିବା ପରେ ସରକାରୀ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ପ୍ରଦାନ କରାଯିବ। ଏହାଛଡା ହାତୀଙ୍କ ଗତିବିଧି ଉପରେ ବନବିଭାଗ ନଜର ରଖିଛି। ହାତୀପଲଙ୍କୁ ଘଉଡାଇବା ପାଇଁ ୪ଟିମ୍ କରାଯାଇଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଗତ ୧୦ତାରିଖରେ ବାଗଡିହି ରେଞ୍ଜ ଅଧୀନ ବୁଡାପଡା ଗ୍ରାମର ସୁବାସି ସିଂନାୟକ(୬୨) ବାହାରକୁ ଶୌଚପାଇଁ ଯାଇଥିବାବେଳେ ଏକ ଦନ୍ତା ତାଙ୍କୁ ଦଳିଦେଇଥିଲା । ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା ।


କାଦୋବାହାଲ ଗ୍ରାମରେ ହାତୀପଲ ଭାଙ୍ଗିଥିବା ଘର ।

## ଅଙ୍ଗନୱାଡ଼ି ମାଧ୍ୟମରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା

ସୁନ୍ଦରଗଡ଼ ୨୪।୮(ଡି.ଏନ୍.ଏ)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଦିନିକିଆ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସିଥିଲେ। ମଙ୍ଗଳବାର ମନ୍ତ୍ରୀ ମିଶନ ଶକ୍ତି ମା'ମାନଙ୍କ ଜୀବିକା ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସୁନ୍ଦରଗଡ଼ ସଦ୍‌ଭାବନା ଭବନଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ଯୋଗଦେଇ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ଏହା ସହ ଜିଲାରେ ଛୋଟ ପିଲାଙ୍କ ପୋଷଣ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ଜରିଆରେ ଚାଲିଥିବା ସ୍ପିରୁଲିନା ଏବଂ ମାଣ୍ଡିଆ ଲଡ୍ଡୁ ବଣ୍ଟନ କାର୍ଯ୍ୟକ୍ରମ ବିଷୟରେ ବିଭାଗୀୟ ଅଧିକାରୀଙ୍କଠାରୁ ସେ ପଚାରି ବୁଝିଥିଲେ। ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସହିତ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଉପସ୍ଥିତ ଥିଲେ। ଜନ୍ମରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପିଲା, କିଶୋରୀ ବାଳିକା, ଗର୍ଭବତୀ ଏବଂ ପ୍ରସୂତି ମା'ମାନଙ୍କ ସୁବିଧା ପାଇଁ ସେମାନଙ୍କ ଆଧାର କାର୍ଡକୁ ସରକାରଙ୍କ 'ପୋଷଣ ଟ୍ରାକର' ସହ ସଂଯୋଗ କରିବାକୁ ସେ ସିଡିପିଓମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ପୋଷଣ ବଗିଚା କରିବା ଲାଗି ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କ ସହିତ ଜିଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ସୁନ୍ଦରଗଡ଼ ସଦର ଏବଂ ଟାଙ୍ଗରପାଲି ବ୍ଲକରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିଥିଲେ। ସୁନ୍ଦରଗଡ଼ ରଙ୍ଗାଢିପାଠାରେ ଥିବା ସ୍ପିରୁଲିନା ଚିକି ପ୍ରସ୍ତୁତି କେନ୍ଦ୍ର ବୁଲି ଦେଖିଥିଲେ ମନ୍ତ୍ରୀ। ସୁନ୍ଦରଗଡ଼ ଜିଲାରେ ଆନୁଷ୍ଠାନିକ ପ୍ରସବକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ମା'ଗୃହ ସ୍ଥାପନ କରାଯାଇଛି। ମନ୍ତ୍ରୀ ଟାଙ୍ଗରପାଲି ବ୍ଲକର ବନ୍ଧପାଲିସ୍ଥିତ ମା'ଗୃହକୁ ଯାଇ ସେଠାରେ ଗର୍ଭବତୀ ଓ ପ୍ରସୁତି ମା'ଙ୍କୁ ମିଳୁଥିବା ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ମନ୍ତ୍ରୀ ବେଲସରାସ୍ଥିତ ଜୟଶଙ୍କର ସେବାଶ୍ରମ ପରିଦର୍ଶନ କରିଥିଲେ। ସୁନ୍ଦରଗଡ଼ ଜିଲାରେ ପିଲାମାନଙ୍କ ପାଇଁ ବାଲା ମଡେଲ ଢାଞ୍ଚାରେ ଆଧୁନିକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଯାଇଛି। ମନ୍ତ୍ରୀ ଭବାନୀପୁର, ଜବରଦସ୍ତପଡା ଓ କିରେଇ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଦେଖିବା ସହ ପିଲାଙ୍କ ପୋଷଣ, ପରିଚ୍ଛନ୍ନତା ଆଦି ବିଷୟରେ ଅଙ୍ଗନୱାଡ଼ି କର୍ମୀଙ୍କ ସହ କଥା ହୋଇଥିଲେ। ଏହି ଗସ୍ତ ସମୟରେ ମନ୍ତ୍ରୀଙ୍କ ସହିତ ଆଇସିଡିଏସ୍ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଉପାଧ୍ୟକ୍ଷ କମଲ ଲାକ୍ରା, ଡିଏମ୍ଏଫ୍ ସିଇଓ ରିତା ଡାଙ୍ଗ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାସିନୀ ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ।



ମିଶନ ଶକ୍ତି ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ଅନ୍ୟ ଅଧିକାରୀ ବିଭିନ୍ନ କାର୍ଯ୍ୟକ୍ରମ ଦେଖୁଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରି ଦୁର୍ବୃତ୍ତ ଫେରାର

**ରାଉରକେଲା ଅଫିସ,୨୪।୮:** ଉଦିତନଗର ଥାନା ଅନ୍ତର୍ଗତ ବରଫ ଫାକ୍ଟ୍ରି ସୁଇପର ବସ୍ତିରେ ବାସ କରୁଥିବା ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରି କିଛି ଦୁର୍ବୃତ୍ତ ଫେରାର ହୋଇଯାଇଛି। ଏନେଇ ପୋଲିସ ଏକ ମାମଲା ( ନଂ. ୨୧୦।୨୨)ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ବାସନ୍ତୀ କଲୋନୀ ବରଫ ଫାକ୍ଟ୍ରି ସୁଇପର ବସ୍ତିରେ ଅମର ଦାସ ପରିବାର ସହ ବାସ କରନ୍ତି। ଗତ ୨୨ ତାରିଖରେ ଅମର ସନ୍ଧ୍ୟା ସମୟରେ ଡିଏଲ୍ ଛକରୁ ଘରକୁ ଫେରୁଥିବା ସମୟରେ ତାଙ୍କୁ କିଛି ଯୁବକ ପଛପଟୁ ପିଛା କରିଥିଲେ। ବାସନ୍ତୀ କଲୋନୀ ପାଖ ବରଫ ଫାକ୍ଟ୍ରିନିକଟରେ ଏକୁଟିଆ ଦେଖି ତାଙ୍କୁ ପଛପଟୁ ଆକ୍ରମଣ କରିବା ସହ ନିଗ୍ରୋ ଓ ଛୋଟୁ ନାମଙ୍କ ଦୁଇଜଣ ଯୁବକ ତାଙ୍କ ତଳିପେଟକୁ ଛୁରୀରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥିରେ ଅମର ଗୁରୁତର ହୋଇ ପଡିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆରଜିଏଚ୍‌ରେ ଚିକିତ୍ସାଲାଗି ଭର୍ତ୍ତି କରିଥିଲେ। ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ଲାଗି ତନାଘନା ଜାରି ରଖିଛି।

### ଶର୍ଟ ସର୍କିଟ୍ ଯୋଗୁ ଲାଗିଲା ନିଆଁ

**ରାଉରକେଲା ଅଫିସ,୨୪।୮:** ରାଉରକେଲା କୋଏଲନଗର ଅଞ୍ଚଳରେ ଥିବା ବାନିକ୍ କୋଚିଂ ସେଣ୍ଟରରେ ନିଆଁ ଲାଗିଛି। ଏହି ନିଆଁରେ କୋଚିଂ ସେଣ୍ଟର ବିଶେଷ କିଛି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ, କୋଏଲନଗର ଘର ନଂ. ଡି-୧୫ରେ ବାନିକ୍ କୋଚିଂ ସେଣ୍ଟର ରହିଛି। ଏହି କୋଚିଂ ସେଣ୍ଟର ଝରକାରେ ଲାଗିଥିବା ଏସିର ତାର ବୁଧବାର ଅପରାହ୍ନ ସାଢ଼େ ୨ଟାରେ ହଠାତ୍ ଶର୍ଟ ସର୍କିଟ୍ ଯୋଗୁ ଜଳି ଯାଇଥିଲା। ପରେ ଏହି ନିଆଁ ଏସିର କନ୍‌ଫେର୍ସରରେ ଲାଗି ଚାରିଆଡେ ଖେଳାଇ ଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ କୋଚିଂ ସେଣ୍ଟରରେ ଥିବା ଅଗ୍ନିନିରାପକ ଯନ୍ତ୍ର ସାହାଯ୍ୟରେ ଉକ୍ତ ନିଆଁକୁ ଆୟତ୍ତ କରିଥିଲେ। ପରେ ଓଡିଶା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ନିଆଁକୁ ଆୟତ୍ତ କରିଥିଲେ। ଫଳରେ କୋଚିଂ ସେଣ୍ଟର ଆଖପାଖକୁ ଉକ୍ତ ନିଆଁ ଖେଳାଇ ନ ହୋଇ ଏକ ବଡ଼ ଧରଣର ଅଘଟଣକୁ ରୋକା ଯାଇପାରିଥିଲା।

### ଆଇନଜୀବୀ ଉପେନ୍ଦ୍ରଙ୍କ ବିୟୋଗରେ ଜିଲା କଂଗ୍ରେସର ଶୋକ

**ରାଉରକେଲା ଅଫିସ,୨୪।୮:** ବରିଷ୍ଠ ଆଇନ୍‌ଜୀବୀ ତଥା ରାଉରକେଲା ଜିଲା କଂଗ୍ରେସର କାର୍ଯ୍ୟନିର୍ବାହୀ ସଦସ୍ୟ ସ୍ୱର୍ଗତ ଉପେନ୍ଦ୍ର ରାଉତଙ୍କ ଅକାଳ ବିୟୋଗରେ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ବୁଧବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏକ ଶୋକସଭାରେ ଅନ୍ତରୀଣ ଅଧକ୍ଷ ଦେବବ୍ରତ ବିହାରୀ ଅଧକ୍ଷତା କରି ସ୍ୱର୍ଗତ ରାଉତଙ୍କୁ ବିଭିନ୍ନ କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଜିଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ସନ୍ତୋଷ ବିଶ୍ୱାଳ, ସବୀର ହୁସେନ, ସରୋଜ ଲେଙ୍କା, ରଘୁନାଥ ଦାସ, କୈଳାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗଛକାଟି ବେଆଇନ ପଥର ଉତ୍ତୋଳନ

କୁଆଁରମୁଣ୍ଡା,୨୪।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ କୁମଝରିଆ ପଞ୍ଚାୟତର କୁଦାବେଡା ଜଙ୍ଗଲରେ ଥିବା ଏକ ପାହାଡରେ ବେଆଇନ୍ ପଥର ଖାଦାନ ନିମନ୍ତେ କେତେଜଣ ବ୍ୟକ୍ତି ଜଙ୍ଗଲ କାଟି ସଫା କରିଥିଲେ। ସୋମବାର ସକାଳ ସମୟରେ ସେମାନେ ବେଆଇନ୍ ବ୍ଲାଷ୍ଟିଂ କରିବାକୁ ଯାଉଥିବା ଖବର ପାଇ କୁମଝରିଆ ପଞ୍ଚାୟତବାସୀ ସେଠାରେ ପହଞ୍ଚି ସେମାନଙ୍କୁ ବ୍ଲାଷ୍ଟିଂ କାହିଁକି କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ପଥର ବ୍ୟବସାୟୀମାନେ କୁଆଁରମୁଣ୍ଡା ତହସିଲରୁ ଅନୁମତି ନେଇଥିବା ନେଇ ଗ୍ରାମବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଗ୍ରାମବାସୀଙ୍କ ତରଫରୁ ସରପଞ୍ଚ ବାତିଆ ଲାକ୍ରାଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀ ଅନୁମତିପତ୍ର ସେମାନଙ୍କଠାରୁ ମାଗିବାରୁ ସେମାନେ କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ଫଳରେ ଝିଟିଏରା, କୁଦାବଡୋ, ଲାସେ, କୁମଝରିଆ, ଠେଲିବାହାଲ ଇତ୍ୟାଦି ଅଞ୍ଚଳର ଶତାଧିକ ଗ୍ରାମବାସୀ ପଥର ବ୍ୟବସାୟୀମାନଙ୍କୁ ଘେରିଯାଇଥିଲେ। ହେଲେ ସେମାନେ ଅନୁମତିପତ୍ର ଦର୍ଶାଇବେ ବୋଲି କହି ଗ୍ରାମବାସୀଙ୍କ କବଳରୁ କୌଶଳ କ୍ରମେ ଖସିଯାଇଛନ୍ତି। ଏନେଇ କୁଆଁରମୁଣ୍ଡା ତହସିଲଦାର ଡା.ରାଶେଜ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ପାଖରେ ଏ ନେଇ ଖବର ନ ଥିବା କହିବା ସହ ବୁଝିକି କହୁଛି ବୋଲି କହିଛନ୍ତି। ଅପରପକ୍ଷରେ କୁଦାବେଡା ନିକଟସ୍ଥ ସଂରକ୍ଷିତ ଜଙ୍ଗଲର ଉକ୍ତ ସ୍ଥାନରେ ବହୁ ସଂଖ୍ୟକ ମୂଲ୍ୟବାନ ଗଛ ବେଆଇନ୍‌ଭାବେ କଟାଯିବା ସମ୍ପର୍କରେ ବୀରମିତ୍ରପୁର ବନରେଞ୍ଜ ଅଧିକାରୀ ନୂତନ ହେମ୍ବ୍ରମଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ନେଇ କୌଣସି ଖବର ନାହିଁ। ଏ ବାବଦରେ ସ୍ଥାନୀୟ ବନକର୍ମଚାରୀମାନଙ୍କ ଠାରୁ ବୁଝିକି କହିବି ବୋଲି କହିଥିଲେ। ସୂଚନା ଥାଉକି,ମାସକ ତଳେ କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ଦୁମାଙ୍ଗଦିରି ସଂରକ୍ଷିତ ଜଙ୍ଗଲରେ ପଥର ବ୍ୟବସାୟୀମାନେ ବେଆଇନ୍‌ଭାବେ ପଥର ଉତ୍ତୋଳନ ନିମନ୍ତେ ବହୁ ସଂଖ୍ୟକ ମୂଲ୍ୟବାନ ଗଛ କାଟି ନଷ୍ଟ କରିଥିବା ନେଇ ଦୁମାଙ୍ଗଦିରୀ, ଶାଗାବେଡା, ପୁଟ୍ରିଖମଣ ଓ କାଲସିହିରିଆ ଅଞ୍ଚଳର ସହସ୍ରାଧିକ ସ୍ଥାନୀୟ ବାସିନ୍ଦା ଏକ ବିଶାଳ ଶୋଭାଯାତ୍ରା କରି କୁଆଁରମୁଣ୍ଡା ତହସିଲ ଘେରାଉ କରିଥିଲେ। ଏହା ସହ ଏଭଳି ବେଆଇନ୍ କାର୍ଯ୍ୟ ଭବିଷ୍ୟତରେ ଯେପରି ପୁନରାବୃତ୍ତି ନ ହେବ ସେ ନେଇ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ପଥର ବ୍ୟବସାୟୀଙ୍କ ଏପରି ବେଆଇନ୍ କାର୍ଯ୍ୟକୁ ଏକ ମାସ ନ ପୂରୁଣୁ ପୁଣି ସକ୍ରିୟ ହୋଇଉଠିବା ଉଭୟ ତହସିଲ, ଜଙ୍ଗଲ ବିଭାଗର ପାରିବାପଣିଆ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବର୍ଷାରେ ଭାଙ୍ଗିଲା ଘର: ତିନି ଝିଅ ସହ ମା' ବେସାହାରା


ଜଣେ ସମ୍ପର୍କୀୟଙ୍କ ସହ ଦୁଇ ଝିଅ।

ହେମଗିର,୨୪।୮(ଡି.ଏନ୍.ଏ.)

ଲଗାଣ ବର୍ଷାରେ ଘର ଭାଙ୍ଗିଯିବାରୁ ତିନି ଝିଅ ସହ ମା' ବେସାହାରା ହୋଇଛନ୍ତି। ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ରୋହିଣୀ ଗ୍ରାମରେ ଲଗାଣ ବର୍ଷା ହେବା ଯୋଗୁ ଏଭଳି ଘଟଣା ଘଟିଛି। ଘର ଭାଙ୍ଗି ଯାଇଥିବାରୁ ତିନୋଟି ଛୁଆକୁ ନେଇ ବାରଦୁଆର ହେଉଛନ୍ତି ମା'। ଗ୍ରାମର କୁଳେଶ୍ୱରି ଖମାରି ଗତ ୧୩ ବର୍ଷ ହେଲା ସ୍ୱାମୀ ରାଜେଶ ଖମାରିଙ୍କ ଦେହାନ୍ତ ପରେ ତିନିଝିଅ ଗିତା(୧୮), ରିତା(୧୫) ଓ ପ୍ରତିମା(୧୩)ଙ୍କୁ ନେଇ ରହୁଥିବାବେଳେ ଲଘୁଚାପ ଜନିତ ଲଗାଣ ବର୍ଷାଫଳରେ ଘର ଭାଙ୍ଗି ଯାଇଛି। ଫଳରେ ଏମାନେ ବାସହୀନ ହୋଇଛନ୍ତି। ବାଧ୍ୟ ହୋଇ ପରିଜନଙ୍କ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ପ୍ରଧାନମନ୍ତ୍ରୀ କିମ୍ବା ବିଜୁପକ୍କା ଘର ପାଇଁ ବାରମ୍ବାର ଆବେଦନ କରିଥିବାବେଳେ ଏମାନଙ୍କୁ ଏପର୍ଯ୍ୟନ୍ତ ମିଳି ନ ଥିବାରୁ ତୁରନ୍ତ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ପକ୍କାଘର ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବିବାହିତା ମହିଳାଙ୍କୁ ନେଇ ବଙ୍ଗୀୟ ମିସ୍ତ୍ରି ଫେରାର୍

ବଡ଼ଗାଁ, ୨୪।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଏକ ଗ୍ରାମରୁ ଦୁଇଟି ସନ୍ତାନର ଜନନୀଙ୍କୁ ନେଇ ଜଣେ ବଙ୍ଗୀୟ ମିସ୍ତ୍ରୀ ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଅଲ୍ଲୀ ନାମକ ଜଣେ ପଶ୍ଚିମବଙ୍ଗ କିମ୍ବା ବଙ୍ଗଳାଦେଶର ନିର୍ମାଣ ମିସ୍ତ୍ରୀ କିଛି ମାସ ହେଲା ବଡ଼ଗାଁରେ ନିର୍ମାଣାଧୀନ ଏକ କୋଠାରେ କାମ କରୁଥିଲେ। ସେହି ନିର୍ମାଣ କାମରେ ଅଞ୍ଚଳର ଜଣେ ବିବାହିତା ମହିଳା (୨୮) ମଧ୍ୟ କାମ କରୁଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ସମ୍ପୃକ୍ତ ମିସ୍ତ୍ରୀ ମହିଳାଙ୍କ ଘରକୁ ଯାଇଥିଲେ। ଏହା ପରେ ଉଭୟେ ଲୁଚି ଛପି ଫେରାର ହୋଇଯାଇଛନ୍ତି। ପୂର୍ବରୁ ମଧ୍ୟ ଏଭଳି ଘଟଣା ଦେଖାଯାଇଥିଲାବେଳେ ୨ ବର୍ଷ ହେଲା ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମିସ୍ତ୍ରୀ ଓ ଶ୍ରମିକଙ୍କ ସଂଖ୍ୟା ବଢ଼ିଚାଲିଛି। ବଙ୍ଗୀୟ ମିସ୍ତ୍ରୀ ଓ ଶ୍ରମିକଙ୍କ ଏଭଳି କାର୍ଯ୍ୟକଳାପ ଓ ସନ୍ଦେହଜନକ ଗତିବିଧିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସମୟରେ ଅଜଣା ବ୍ୟକ୍ତିମାନେ ନମ୍ବର ବିହୀନ ବାଇକ୍‌ରେ ସନ୍ଦେହଜନକ ବିଚରଣ କରୁଥିବା ନେଇ ଅଭିଯୋଗ ରହିଛି। ତେବେ ଅଞ୍ଚଳରେ ଅଜଣା ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ଓ ସେମାନଙ୍କ ଦ୍ୱାରା ଏଭଳି କାର୍ଯ୍ୟକଳାପକୁ ଲକ୍ଷ୍ୟକରି ଗ୍ରାମବାସୀ ଆମ ପୋଲିସ ସମିତି ବୈଠକରେ ଏଠାକୁ ଆସି କାମ କରୁଥିବା ଓ ଭଡ଼ାରେ ରହୁଥିବା ଅନ୍ୟ ରାଜ୍ୟର ଲୋକଙ୍କୁ ଠାବ କରି ସେମାନଙ୍କ ପ୍ରକୃତ ପରିଚୟ ଓ ଠିକଣା ଥାନା ଏବଂ ପଞ୍ଚାୟତରେ ରଖିବା ବ୍ୟବସ୍ଥା କରାଯାଉ ବୋଲି ଦାବି କରିଥିଲେ। ପ୍ରାୟ ୮ ବର୍ଷ ପୂର୍ବେ ମଧ୍ୟ ଗ୍ରାମବାସୀ ଏସ.ପି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ପୋଲିସ ପଦକ୍ଷେପ ଗ୍ରହଣ ଏ ଯାଏଁ କରିନାହିଁ।ଏଭଳି ଘଟଣା ବାରମ୍ବାର ଘଟିଲେ ଶାନ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଥିବା ଅସନ୍ତୋଷ ଭିନ୍ନ ରୂପ ଯେ ନ ନେବ ତାକୁ ଏଡାଯାଇ ନ ପାରେ।

## କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ

**ରାଉରକେଲା ଅଫିସ,୨୪।୮**

ଗରିବ ଓ ଅବହେଳିତ ବର୍ଗର ପିଲାଙ୍କ ପାଇଁ ଆରଏସ୍‌ପି ପକ୍ଷରୁ ସ୍ଥାପିତ ହୋଇଥିବା ମାଗଣା ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷାସଦନର ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବାରୁ ବୁଧବାର ସ୍କୁଲ ପରିସରରେ ପୁରସ୍କାର ବିତରଣ କରାଯାଇଛି। ଏଥିଉପଲକ୍ଷେ ଆୟୋଜିତ ଉତ୍ସବରେ ସଭାପତି ସୀମା ଭୌମିକ, ହର୍ଷଲା ସୂର୍ଯ୍ୟବଂଶୀ, ପ୍ରଫେସର ସସ୍ମିତା ଦାସ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟଟି ଓଡିଶା ବୋର୍ଡ଼ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଚଳିତବର୍ଷ ଶତପ୍ରତିଶତ ପାସ ରେକର୍ଡ କରିଛି। ଏହି ଅବସରରେ ୨୦୨୧-୨୨ ଶିକ୍ଷା ବର୍ଷରେ ପାସ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆୟୋଜିତ ହୋଇଥିବା କବିତା ପାଠ, ଚିତ୍ରାଙ୍କନ, ଆବୃତ୍ତି ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ଏହା ବ୍ୟତୀତ ସ୍କାଉଟ୍ସ, ଗାଇଡ୍ସ ରାଜ୍ୟ ପୁରସ୍କାରପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆରଏସ୍‌ପିର ମହାପ୍ରବନ୍ଧକ ମୁନମୁନ ମିତ୍ର, ଉପ ମହାପ୍ରବନ୍ଧକ ଦୁଷ୍ମନ୍ତ ପ୍ରଧାନ, ବିଦ୍ୟାଳୟର ପ୍ରଶାସନ ଶିଶିର କୁମାର ସାମଲ, ଏସ୍.କେ ମିଶ୍ର ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଟାଙ୍ଗିଆରେ ହାଣି ହତ୍ୟା ଘଟଣା: ୩ ଗିରଫ

ଦେବଗଡ଼, ୨୪।୮(ଡି.ଏନ୍.ଏ.)

ଦେବଗଡ଼ ଜିଲା ସଦର ଥାନା ଅନ୍ତର୍ଗତ କାଲକାଠ ଗ୍ରାମ କିଷାନସାହିରେ ସୋମବାର ରାତିରେ ହୃଦାନନ୍ଦ କିଷାନଙ୍କୁ ଅଜଣା ବ୍ୟକ୍ତି ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପୋଲିସ ଏହି ଘଟଣାରେ ତଦନ୍ତକରି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି। ମୃତକ ହୃଦାନନ୍ଦ କିଷାନଙ୍କ ସ୍ତ୍ରୀ ଓ ଅନ୍ୟ ୨ଜଣଙ୍କୁ ଗିରଫ କରିଛି। କୁକୁଡ଼ା ମାଂସ ରାନ୍ଧିବାକୁ ମନା କରିବାରୁ ସ୍ତ୍ରୀ ଉପସୀଙ୍କୁ ମାଡ଼ ମାରିଥିଲେ ହୃଦାନନ୍ଦ। ପ୍ରତିଶୋଧ ପାଇଁ ଦୁଇ ଭାଇ ସୁରେନ୍ଦ୍ର ଓ ନନ୍ଦ କିଷାନ ସହ ମିଶି ରାତିରେ ଟାଙ୍ଗିଆ ଚୋଟରେ ହତ୍ୟା କରିଥିଲେ। ତିନି ଅଭିଯୁକ୍ତଙ୍କୁ ବୁଧବାର ଗିରଫ ପରେ କୋର୍ଟ ଚାଲାଣ କରିଛି ଦେବଗଡ଼ ଥାନା ପୋଲିସ। ହୃଦାନନ୍ଦଙ୍କ ପୁଅ ମିଟୁଙ୍କ ଏତଲା ଆଧାରରେ ମଙ୍ଗଳବାର ସକାଳେ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସ ତଦନ୍ତ ଆରମ୍ଭ କରିବା ସହ ରକ୍ତ ଲାଗିଥିବା ଏକ ଟାଙ୍ଗିଆ ଜବତ କରିଥିଲା। କିଏ ଏବଂ କାହିଁକି ତାଙ୍କୁ ହତ୍ୟା କଲେ ତାହା ସ୍ପଷ୍ଟ ହୋଇ ନ ଥିଲା। ତେବେ ନିଜର ଘର ମଧ୍ୟରୁ ହୃଦାନନ୍ଦଙ୍କ ରକ୍ତାକ୍ତ ମୃତଦେହ ମିଳିଥିବାରୁ ଏଥିରେ ପରିବାର ଲୋକଙ୍କର ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଥିଲା। ପୋଲିସ ସନ୍ଦେହରେ ୫ଜଣଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଦେବଗଡ଼ ଏସ୍‌ପି. ପ୍ରମୋଦ କୁମାର ରଥ ଘଟଣାସ୍ଥଳକୁ ଯାଇ ତଦନ୍ତ ପ୍ରକ୍ରିୟାକୁ ତଦାରଖ କରିଥିଲେ। ପଚରାଉଚରା ପରେ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିଲେ।



## ମଝାପଡ଼ାରେ କଂଗ୍ରେସର ସଚେତନତା ସଭା

ସୁନ୍ଦରଗଡ଼,୨୪।୮(ଡି.ଏନ.ଏ.)

ଜିଲା କଂଗ୍ରେସ ତରଫରୁ ମଙ୍ଗଳବାର ମଝାପଡାଠାରେ ମହଙ୍ଗାଇ ପେ ଚର୍ଚ୍ଚା ଉପରେ ଏକ ଜନସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସଦର ବ୍ଲକ ସଭାପତି ଦୀନବନ୍ଧୁ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଂଗ୍ରେସ ପର୍ଯ୍ୟବେକ୍ଷକ ବିଧୂଭୂଷଣ ତ୍ରିପାଠୀ, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ସାଧାରଣ ସମ୍ପାଦକ ପର୍ଶୁରାମ ସରାଫ, ପ୍ରଦେଶ ସେବାଦଳ ସାଧାରଣ ସମ୍ପାଦକ ମୁନୁ ସରାଫ, ମେଘନାଦ ନାଏକ, ଗୋବିନ୍ଦ ଭୋଇ, ତରୁଣ ସାହୁ, ଦୁର୍ଗା ନାଏକ, ମୋହନ ବାଗ,ଜିତେନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ପଟେଲ, ବୀରେନ୍ଦ୍ର ଶେଖର ଦେଓ, ହରେକୃଷ୍ଣ ଦେହୁରୀ,ରାଧାମାଧବ ପଟେଲ, ପରଶୁ ନିଖନଡିଆ, ହୃଷିକେଶ ଦେହୁରୀ, ପ୍ରହଲ୍ଲାଦ ମିଞ୍ଜ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦରଦାମ ବୃଦ୍ଧିକୁ ସମାଲୋଚନା କରିଥିଲେ। ସଭାରେ ଶତାଧିକ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ।

## ରାଉରକେଲାରେ କ୍ଷୁଦ୍ର ନିଯୁକ୍ତି ମେଳା ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୪।୮**

ରାଉରକେଲା ଉଦିତନଗରସ୍ଥିତ ଜିଲା ନିୟୋଜନ କାର୍ଯ୍ୟାଳୟ ପରିସରରେ କ୍ଷୁଦ୍ର ନିଯୁକ୍ତି ମେଳା ବୁଧବାର ଅନୁଷ୍ଠିତ ହୋଇଛି। ଏହି ମେଳାକୁ ଜିଲା ନିୟୋଜନ ଅଧିକାରୀ ଜ୍ୟୋତି ପ୍ରକାଶ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ୧୩ଟି କମ୍ପାନୀ ସିଧାସଳଖ ଭାବେ ନିଯୁକ୍ତି ବ୍ୟବସ୍ଥା କରିଥିଲେ। ସହରରେ ଚାକିରୀ ଅନ୍ୱେଷଣରେ ଥିବା ଦଶମ ଶ୍ରେଣୀରୁ ଆରମ୍ଭ କରି ଗ୍ରାଜୁଏସନ୍ ଓ ବିଭିନ୍ନ ଟେକ୍ନିକାଲ ବିଦ୍ୟାର୍ଥୀଙ୍କୁ ମିଶାଇ ସମୁଦାୟ ୬୫୪ ଜଣ ନାମ ପଞ୍ଜିକରଣ କରିଥିଲେ। ସେଥି ମଧ୍ୟରୁ ଶହେରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ କେତେକ ଘରୋଇ କମ୍ପାନୀରେ ସିଧାସଳଖ ନିଯୁକ୍ତି ପାଇଥିଲେ। ଏହି କ୍ଷୁଦ୍ରମେଳାରେ ୩୭୩ ଜଣ ଯୁବକ ନିଯୁକ୍ତି ପାଇଁ ପଞ୍ଜିକରଣ କରିଥିବାବେଳେ ୨୮୧ ଜଣ ଯୁବତୀ ନିଜ ନାମ ପଞ୍ଜିକରଣ କରିଥିଲେ। ମେଳାରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଏସ୍‌ବିଆଇ ଲାଇଫ ଇନ୍‌ସୁରାନ୍ସ,


ନିଯୁକ୍ତି ମେଳାରେ ଯୋଗଦେଇଥିବା ଯୁବତୀଯୁବକ।

### ୬୫୪ ନାମ ପଞ୍ଜୀକରଣ

ସୁରୁଚି ବଜାର ରାଉରକେଲା, ଏସୋସି ଏକାଡମୀ ଭୁବନେଶ୍ୱର ଭଳି ବିଭିନ୍ନ କମ୍ପାନୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ପୋଲିସ ପ୍ରଶାସନ ସହ ଜିଲା ନିୟୋଜନର ଉପନିୟୋଜନ ଅଧିକାରୀ ସନ୍ତୋଷ କୁମାର ନନ୍ଦ, ମଧୁସ୍ମିତା ପ୍ରିୟଦର୍ଶିନୀ, ସନ୍ତୋଷ ପାଠକ, ସମୀକ୍ଷା ପାଣି, ପୁଷ୍ପାଞ୍ଜଳି ଦାସ, ଅଭିନାଶ ପାଣିଗ୍ରାହୀଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଯୁବ ବିଜେଡି ପକ୍ଷରୁ ରିଜର୍ଭ ପୋଲିସ ପଡ଼ିଆରେ ଚାରା ରୋପଣ

ଦେବଗଡ,୨୪।୮(ଡି.ଏନ୍.ଏ.)

ଦେବଗଡ଼ ଗସ୍ତ ଅବସରରେ ରାଜ୍ୟ ମହିଳା ଓ ଶିଶୁବିକାଶ ଏବଂ ମିଶନଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ବୁଧବାର ଦେବଗଡ଼ ଜିଲା ଯୁବ ବିଜେଡି ଦ୍ୱାରା ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ଚାରା ରୋପଣ କରିଥିଲେ। ବିଜେଡିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବୁଧବାର ପୂର୍ବାହ୍ନରେ ଦେବଗଡ଼ ରିଜର୍ଭ ପୋଲିସ ପଡିଆରେ ଯୁବ ବିଜେଡି ସଭାପତି ପ୍ରତାପ ଦେବଙ୍କ ଆବାହକତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ରାଜ୍ୟ ସମ୍ପାଦିକା ଏଲିନା ଦାଶ, ଓଡ଼ିଶା ମୋ ପରିବାର-ଜୀବନବିନ୍ଦୁ' ରାଜ୍ୟ ସଂଯୋଜକ ବାସୁଦେବ ସା, ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଦେବଗଡ଼ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ଜିଲା କୃଷକ ବିଜେଡି ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ ଓ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ସାହୁ, କାଉନସିଲର ଜତିନ କୁମାର ନାୟକ, ଶରତ ମେହେର, ରୂପକ କୁମାର ମାଝୀ, ସ୍ୱସ୍ତିକ ମହାପାତ୍ର, ଅମ୍ଳାଂଶୁ ପୂଜାରୀ ଓ ଚନ୍ଦନ ଦେବଙ୍କ ସମେତ ବିଜୁ ଜନତା ଦଳର ବହୁ ସଦସ୍ୟ ଅଂଶଗ୍ରହଣ କରି ବୃକ୍ଷରୋପଣ କରିଥିଲେ।


ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ହେମ୍ବ୍ରମ ଓ ଅନ୍ୟମାନେ।

### ଯୋଗଦେଲେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ

## ସଂକ୍ଷେପରେ

### ପ୍ରାଥମିକ ବିଦ୍ୟାଳୟରୁ ଚୋରି

**ନାକଟିଦେଉଳ,୨୪।୮(ଡି.ଏନ.ଏ.):** ନାକଟିଦେଉଳ ଥାନା ବାଟଗାଁ ପଞ୍ଚାୟତର କେଲୋବେର୍ଣ୍ଣୀ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ରାତ୍ରିରେ ଚୋରି ହୋଇଛି। ଶ୍ରେଣୀଗୃହ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ମଧ୍ୟାହ୍ନଭୋଜନ ପାଇଁ ଗଚ୍ଛିତ ଥିବା ୧ କୁଇଣ୍ଟାଲ ଚାଉଳ ଓ ପିଲାଙ୍କ ଖେଳ ସାମଗ୍ରୀ ଚୋରିକରି ନେଇଛନ୍ତି। ବୁଧବାର ଘଟଣା ସମ୍ପର୍କରେ ଜଣାପଡିବା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଭଦ୍ରା ସେଠ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଏମ୍‌ସିଏଲ୍ ମୁଖ୍ୟାଳୟରେ ସମନ୍ୱୟ ସମିତି ବୈଠକ

**ସମ୍ବଲପୁର,୨୪।୮(ବ୍ୟୁରୋ):** କୋଇଲା ମାନରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟଠାରେ ମଙ୍ଗଳବାର ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁଣବତ୍ତା ନିୟନ୍ତ୍ରଣ ବିଭାଗର ମହାପ୍ରବନ୍ଧକ ଆର୍.କେ. ରାଜୁ ଅଧକ୍ଷତା କରିଥିଲେ। ଏମ୍‌ସିଏଲ୍ କୋଇଲା ଉତ୍ପାଦନକାରୀ ଅଞ୍ଚଳରୁ ଗୁଣବତ୍ତା ପ୍ରବନ୍ଧକମାନେ ଯୋଗ ଦେଇଥିଲେ। କୋଇଲା ମାନରେ ଉନ୍ନତି, ଶତପ୍ରତିଶତ ସାଇଜର କୋଇଲା ରପ୍ତାନି ପ୍ରଭୃତି ବିଷୟରେ ଆଲୋଚନା କରାଯାଇଥିଲା । କୋଇଲାର ଗୁଣବତ୍ତା ସୁନିଶ୍ଚିତ କରିବାରେ ନିୟୋଜିତ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଗୁଣବତ୍ତା ନିୟନ୍ତ୍ରଣ ପ୍ରବନ୍ଧକ ଏନ୍.କେ. ପରାସର ଧନ୍ୟବାଦ ଦେଇଥିଲେ।

# ସ୍କୁଲରେ ତାଲା ପକାଇ ଧାରଣା



ସ୍କୁଲ ଆଗରେ ଧାରଣା ଦେଇଥିବା ଅଭିଭାବକ, ଛାତ୍ରୀଛାତ୍ର।

**ରେଢାଖୋଲ,୨୪।୮(ଡି.ଏନ.ଏ.)**

## ଶିକ୍ଷକ ନିଯୁକ୍ତି ଦାବି

ରେଢ଼ାଖୋଲ ବ୍ଲକ ତ୍ରିବଣପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ବୁଧବାର ଅଭିଭାବକ, ଛାତ୍ରୀଛାତ୍ର, ପରିଚାଳନା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ତାଲା ପକାଇ ଧାରଣା ଦେଇଥିଲେ। ତେବେ ଜିଲା ଶିକ୍ଷାଧିକାରୀଙ୍କ ବାର୍ତ୍ତା ନେଇ ସିଆର୍‌ସିସି ଦିପକ କୁମାର ପ୍ରଧାନ ପହଞ୍ଚି ୨ ଦିନ ମଧ୍ୟରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏହି ସମସ୍ୟା ନେଇ ବିଦ୍ୟାଳୟ ପରିଚାଳନା କମିଟି ମେମ୍ବର ଓ ଅଭିଭାବକ ଗତ ତା୧୧।୭।୨୨ରିଖରେ ଜିଲାପାଳ, ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି, ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୮୮ ଛାତ୍ରୀଛାତ୍ର ପାଠପଢୁଛନ୍ତି। ତେବେ ମାତ୍ର ୨ଜଣ ଶିକ୍ଷକ ଥିବାବେଳେ ସେଥିମଧ୍ୟରୁ ଜଣେ ଡେପୁଟେଶନରେ ଅଛନ୍ତି। ଫଳରେ ପିଲାମାନଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ଆଉ ଜଣେ ଶିକ୍ଷକ ନିଯୁକ୍ତ କରାଯିବାକୁ ଦାବି କରିଥିଲେ। ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯିବା ପରେ ମଧ ଶିକ୍ଷକ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ।

## ସଙ୍କୁଳ ସ୍ତରୀୟ ଶିଶୁ ବାଟିକା କର୍ମଶାଳା

**ଜମନକିରା,୨୪।୮(ଡି.ଏନ.ଏ.)**

ଜମନକିରା ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ସଙ୍କୁଳସ୍ତରୀୟ ଶିଶୁବାଟିକା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ସଭାପତି ଗଙ୍ଗାଧର ନାଏକ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟା ପ୍ରତିମା ଦାସ ଓ ସଙ୍କୁଳ ଶିଶୁବାଟିକା ପ୍ରମୁଖ ପୌଲାଷ୍ଟ୍ରି ପ୍ରଧାନ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରକି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୨୨ ଜଣ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ବିଦ୍ୟାଳୟର ଶିଶୁବାଟିକା ପ୍ରମୁଖ ଦିଲେଶ୍ୱରି ଖମାରୀ ପରିଚାଳନା କରିଥିଲେ। ଶେଷରେ ବିଭାଗ ଶିଶୁବାଟିକା ପ୍ରମୁଖ ପୌଲାଷ୍ଟ୍ରି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୌକିପଡା ଆର୍‌ଓବି ଭିତ୍ତିପ୍ରସ୍ତର ସ୍ଥାପନ

**ଝାରସୁଗୁଡ଼ା ଅଫିସ,୨୪।୮**

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ବୁଧବାର ଝାରସୁଗୁଡା ରେଳଷ୍ଟେଶନ ନିକଟ ଚୌକିପଡା ରେଲୱେ ଓଭରବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଚୌକିପଡାରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ମୁଖ୍ୟଅତିଥି, ପୌରାଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋବିନ୍ଦ ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ ହରିଶ ଗଣତ୍ରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଇନଜୀବୀ ସନ୍ଦୀପ ଅବସ୍ଥି ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ଦାସ ତାଙ୍କ ବକ୍ତବ୍ୟରେ ଆର୍‌ଓବି ନିର୍ମାଣ କାମ ବହୁଶୀଘ୍ର ଆରମ୍ଭହୋଇ ନିର୍ଦ୍ଧାରିତ ସମୟରେ ଶେଷ ହେବ। ଏହା ନିର୍ମାଣ ହେଲେ ଲୋକଙ୍କ ଯାତାୟାତରେ ଆଉ ଅସୁବିଧା ହେବନାହିଁ ବୋଲି କହିଥିଲେ।



ଆର୍‌ଓବିର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

**ଝାରସୁଗୁଡ଼ା ଅଫିସ,୨୪।୮**

ଝାରସୁଗୁଡା ଜିଲାପାଳଙ୍କ କାର୍ଯ୍ୟାଳୟର ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେପ୍ଟେମ୍ବର ଶେଷ ସୁଦ୍ଧା ଝାରସୁଗୁଡାର ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ସହ ପୁରାତନ ବସ୍‌ଷ୍ଟାଣ୍ଡକୁ ସିଟି ବସ୍‌ଷ୍ଟାଣ୍ଡ ଭାବରେ କାର୍ଯ୍ୟକ୍ଷମ କରିବା, ଚୌକିପଡ଼ାରେ ରେଲୱେ ଓଭରବ୍ରିଜ ନିର୍ମାଣ ଆରମ୍ଭ ସହ ଏଥିପାଇଁ ବିସ୍ଥାପିତ ହେଉଥିବା ଦୋକାନୀ ତଥା ସ୍ଥାନୀୟ ଲୋକଙ୍କୁ ଥଇଥାନ କରିବା, ଜିଲାରେ ଭିନ୍ନ ଭିନ୍ନ ଖେଳ ପାଇଁ ଷ୍ଟାଡିୟମ ନିର୍ମାଣ ଆଦି କାର୍ଯ୍ୟର ସମୀକ୍ଷା କରାଯିବା ସହ ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଜିଲାପାଳ ସରୋଜ ସାମଲ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ତପିରାମ ମାଝି, ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ସତ୍ୟବାନ ପଟେଲ, ଆର୍‌ଟିଓ ଦୀନବନ୍ଧୁ ଶୁଣ୍ଡି, ଉପଜିଲାପାଳ ଦୟାମୟ ପାଢ଼ୀ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ଝାରସୁଗୁଡା ମ୍ୟୁନିସିପାଲିଟି ଚେୟାରମ୍ୟାନ ରାନୀ ହାତୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆରଏସ୍‌ପି କର୍ମଚାରୀ ପୁରସ୍କୃତ



କର୍ମଚାରୀଙ୍କୁ ନେଇ ଗଠିତ ଦଳ।

**ରାଉରକେଲା ଅଫିସ,୨୪।୮**

ରାଉରକେଲା ଇସ୍ପାତ କାରଖାନା ଏଫ୍‌ଏମ୍‌ଏମ୍ ବିଭାଗର ୧୦ଜଣ କର୍ମଚାରୀଙ୍କୁ ନେଇ ଗଠିତ ଦଳକୁ ସେମାନଙ୍କର ଉଦ୍ୟୋଗୀ ପ୍ରୟାସ ନିମନ୍ତେ ଉତ୍କର୍ଷ ସ୍ୱୀକୃତି ଯୋଜନା ଅଧୀନରେ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ଉତ୍ସବ ଆର.ଏନ୍ ରାଜେନ୍ଦ୍ରନ ବିଭାଗୀୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମେକାନିକାଲ ବିଭାଗର ଜିଏମ କେ.ପି ନାୟକ, ଏଫଏମ୍‌ଏମ୍ ବିଭାଗର ଜିଏମ ପି.କେ ସ୍ୱାଇଁ, ଭି.କେ ରାଉତଙ୍କ ସହ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏକ ୭୫ଟନ କ୍ୱାଲର କ୍ରେନ ଇନ ହାଉସ ରିଭାଇଭଲ୍ ପ୍ରକଳ୍ପରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଯାହା ବିଭାଗର ବିଭିନ୍ନ କ୍ଷେତ୍ରରେ ଏହାର କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତି କରିବାରେ ସାହାଯ୍ୟ କରିଥିଲା। ଏହି ବିଜୟୀ ଦଳରେ ଏଫଏମଏମର ବିଭାଗର ଡିଜିଏମ ଏ.କେ ପରିଡା, ମାଷ୍ଟର ଟେକ୍ନିସିଆନ ଏ.କେ ଦାସ,ପି.କେ ମହାପାତ୍ର, ୟୁ.କେ ବିଶ୍ୱାସ,ଏ.କେ ବେହେରା, ପି.କେ ପାତ୍ର, କେ.ସି ସ୍ୱାଇଁ, ଏ.କେ ନାୟକ, ଏ.କେ ମଲ୍ଲିକ ଓ ଏନ୍ ସିଂହ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ତାପସଙ୍କ ବିୟୋଗରେ ଅଘରିଆ ସମାଜ ପକ୍ଷରୁ ଶୋକସଭା



ସଭାରେ ଯୋଗଦେଇଥିବା ଅଘରିଆ ସମାଜ କର୍ମକର୍ତ୍ତା।

**କୁଚିଣ୍ଡା,୨୪।୮(ଡି.ଏନ.ଏ.)**

ଅଖିଳ ଭାରତୀୟ ଅଘରିଆ ସମାଜର ଗୁଣ୍ଡୁରୁଟୁଆଁ ମଣ୍ଡଳ ସଭାପତି ତାପସ କୁମାର ନାୟକ ଓ ତାଙ୍କ ସମ୍ପର୍କୀୟ ପ୍ରତାପ ପଟେଲଙ୍କ ଅକାଳ ବିୟୋଗରେ ମଙ୍ଗଳବାର କୁଚିଣ୍ଡା ଆଦିବାସୀ ଭବନଠାରେ ଅଘରିଆ ସମାଜ ବାମଣ୍ଡା ଆଞ୍ଚଳିକ କମିଟି ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବନମାଳୀ ନାୟକଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ସଂଗଠନ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ନିର୍ବାଚନ ସହକାରୀ ଅଧିକାରୀ ଡ. ବିହାରୀ ଲାଲ ପଟେଲ, ଉପସଭାପତି ନରେଶ ପଟେଲ, ସହସମ୍ପାଦକ ସୁବୋଧ କୁମାର ନାୟକ, ବାମଣ୍ଡା ଆଞ୍ଚଳିକ ଉପସଭାପତି ଅଶୋକ ପଟେଲ, କୁଚିଣ୍ଡା ମଣ୍ଡଳ ସଭାପତି ମନୋରଞ୍ଜନ ପଟେଲ, କୁସୁମୀ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ମହିଳା ଶାଖା ସଭାନେତ୍ରୀ ରଜନୀ ପଟେଲ ପ୍ରମୁଖ ଯୋଗଦେଇ ଶୋକବ୍ୟକ୍ତ କରି ଉଭୟ ବ୍ୟକ୍ତିଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସୁବୋଧ ପଟେଲ ପରିଚାଳନା କରିଥିବା ବେଳେ ବିହାରିଲାଲ ପଟେଲ ଧନ୍ୟବାଦ ଦେଇଥିଲେ ।

# ସେବକ ଫିଲ୍ମ ଉନ୍ମୋଚିତ

**ରାଉରକେଲା ଅଫିସ,୨୪।୮**

ରାଉରକେଲା ଫିଲ୍ମ ଫେମ୍ ଅନୁଷ୍ଠାନ ପରିସରରେ ଓଡ଼ିଶାର ଜଣାଶୁଣା ପ୍ରଯୋଜକ ସୁନିଲ ମଙ୍ଗରାଜଙ୍କ 'ସେବକ' ନାମକ ଏକ ଫିଲ୍ମର ମହୁରତ ବୁଧବାର ଉନ୍ମୋଚିତ ହୋଇଛି। ଏହି ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ହୃଷିକେଶ ମହାପାତ୍ର ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟପ୍ରକାଶ ଅଗ୍ରୱାଲ, ଦେବବ୍ରତ ମିଶ୍ର, ରିଶି ଆରିଆ, ଖୁସବୁ ମଣ୍ଡଲ, ସୁଚିତ୍ରା କର ଉପସ୍ଥିତ ଥିଲେ। ଏହି ଫିଲ୍ମ ଆଗାମୀ ଦିନରେ ଏଲଇଡି ମାଧ୍ୟମରେ ବିଭିନ୍ନ ଲୋକଙ୍କ ପାଖରେ ପହଞ୍ଚାଇ ଦିଆଯିବା ସହ ସେବା ମାଧ୍ୟମରେ ଆମେ କିଭଳି ଆମ ଜୀବନକୁ ସାର୍ଥକ କରି ପାରିବା ତାହା ଏହି ଫିଲ୍ମରେ ଦର୍ଶାଯାଇଥିବା ନିର୍ଦ୍ଦେଶକ ମହାପାତ୍ର ସୂଚନା ଦେଇଛନ୍ତି।



'ସେବକ' ନାମକ ଏକ ଫିଲ୍ମର ମହୁରତ ଅବସରରେ କର୍ମକର୍ତ୍ତା ଓ କଳାକାର।


**OFFICE OF THE PRINCIPAL,**
**GOVT. WOMEN'S COLLEGE, BHAWANIPATNA-766001**
Email: gwc.bpt@gmail.com, Phone No. 0670-230723,
Website: gwcbhawanipatna.ac.in
Notice No.1119//GWC, Dt.23.8.22

**CANCELLATION OF WALK-IN-INTERVIEW**

**No.N-35:** In pursuance to the letter no. 35010/HE Dtd. 20.08.2022 of Department of Higher Education, Govt. of Odisha, the Walk-in-Interview for selection of Guest Faculties in the subjects of Education, History, Political Science, Home Science and Environmental Studies of Govt. Women's College, Bhawanipatna scheduled to be held on 27.08.2022 has been cancelled.

Sd./-Principal
Govt.Women's College, Bhawanipatna
OIPR-11035/11/0005/2223



**GOVERNMENT OF ODISHA "e" PROCUREMENT NOTICE**
**Bid Identification No.: Online-05 of 2022-23**
E-Mail ID: rwd.padampur@yahoo.co.in, Ph. No.: 9437255440
No. O-862

1. Name of the work : Building Works (As per Annexure - 'A')
2. Amount put to Bid Excluding GST : As per Annexure - 'A'
3. Class of Contractor : 'B' & 'A'
4. Cost of Tender Paper : As per Annexure - 'A'
5. Date & time of availability of bid document in the portal : From Dt.29.08.2022 at 10.00 A.M.
6. Last date & time for receipt of bids in the portal : Dt.07.09.2022 upto 05.00 P.M.
7. Last date of seeking clarification : Dt.06.09.2022 upto 05.00 P.M.
8. Date of Opening of Bid : Dt.08.09.2022 at 11.00 A.M.
9. Name and address of the Officer Inviting Bid : Executive Engineer, R.W. Division, Padampur, At/P.O.: Padampur, Dist.- Bargarh, PIN - 768036

(1) Other details can be seen from DTCN available in website www.tendersorissa.gov.in.
(2) Corrigendum if any shall only be published in the above website.

Sd./- Executive Engineer
OIPR-25069/11/0018/2223 Rural Works Division, Padampur



**idco** Your power to grow — ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWER, BHUBANESWAR**
No. CAD-1584
Tender Call Notice No. File No. IDCO/HO-P&C/0-2925/04/2020/V-1 21294 Dated: 20.08.2022

**NOTICE INVITING TENDER THROUGH e-Procurement**

Name of the Work : Supply and Installation of CCTV Camera inside and outside of Administrative Building, Paradeep Plastic Park at Paradeep.
Period of Completion : 3 (Three) Calendar Months

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-55/2022-23 | 17.00 hours of Dt.30.08.2022 | 17.00 hours of Dt.12.09.2022 |

Further details can be seen from the e-Procurement Portal: **www.Tendersodisha.gov.in.** and Corrigendum if any will be published in Newspapers and can only be seen in the e-Procurement portal as well as in IDCO website.

**OIPR-14003/11/0121/2223 Sd./- Chief General Manager (P&C), IDCO, Bhubaneswar**



**DISTRICT SOCIAL WELFARE OFFICER, KEONJHAR**

**NOTICE**

**No.g-49:** The advertainment published vide this office Advertisement No.3018/Dtd.23.08.2022 inviting application from eligible experienced organization / Agencies for submission of proposal for "Selection and Management of Creches" in Keonjhar District under DMF, Keonjhar.

The details, terms and conditions along with the RFP documents can be downloaded from the district website www.keonjhar.nic.in.

The proposal complete in all respect should reach the undersigned before 21.09.2022 by 5 PM, Via means of courier / speed -post only.

The undersigned reserves the right to reject or cancel any or all the tenders, without assigning any reason thereof.

**Sd./-District Social Welfare Officer,Keonjhar**
OIPR-19223/11/0001/2223



**GOVT. OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, NUAPADA**
Email-rd_nuapada@rediffmail.com

**BID IDENTIFICATION NO. RWNPD - 06 (Online) of 2022-23 Date- 22.08.22**
**"e" PROCUREMENT NOTICE**

**No.O-877:** Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in.**
1.Name of the Work : Road & Building works in the District of Nuapada as mentioned in DTCN. 2. Total No of Works : 03 Nos. 3.Estimated Cost: Rs.4.20 lakhs to 35.17 Lakhs. 4.Period of Completion: 01 (One) to 06 (Six) Calendar Months. 5.Other Details:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Nuapada | RWNPD-06/2022-23 (Online) | 30.08.2022 at 10.00 A.M. | 13.09.2022 upto 5.00 PM | 12.09.2022 upto 5.00 PM | 14.09.2022 at 11.00 AM |

Further details can be seen from the website www.tendersorissa.gov.in.

**Sd./- Executive Engineer, Rural Works Division, Nuapada**
**OIPR-25050/11/0010/2223**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHENKANAL**
E-Mail: eerwdkl@yahoo.co.in
No. O-872

**e-Procurement Notice**
**No. 03/Building Works/2022-23**

1. Name of the work : Building Works
2. Total No. of Works : 16 (Sixteen) Nos.
3. Estimated Cost : Rs.49.53 to 52.83 lakh (approx.)
4. Class of Contractor : "B" & "A" Class
5. Period of Completion : 8 (Eight) Calendar Months
6. Online for Bidding : 29.08.2022 at 11.00 A.M. to 11.09.2022 upto 5.00 P.M.
7. Last date & time of seeking tender clarification : 09.09.2022 upto 4.00 P.M.
8. Date & time of opening of tender (Technical Bid) : 12.09.2022 at 11.00 A.M.
9. Date & time of opening of tender (Financial Bid) : 14.09.2022 at 11.00 A.M.

Other details can be seen from the website **http://tendersorissa.gov.in.**

Sd./- Executive Engineer
OIPR-25101/11/0005/2223 R.W. Division, Dhenkanal



**OFFICE OF THE SUPERINTENDING ENGINEER**
**RURAL WORKS DIVISION No. - I, KEONJHAR**
**"e" Procurement Notice for Building Works**
**No. O-870**
**Indentification No. Online NCB - 03/2022-23**

1. Name of the Work : R.I. Office-cum-Residence Building
2. Total Number of Work : 06 Nos.
3. Estimated Cost : Rs.40.70 lakhs to Rs.47.11 lakhs
4. Class of Contractor : 'C', 'B' & 'A'
5. Period of Completion : 6 (Six) Months
6. Other details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, R.W. Divn. No. I, Keonjhar | Building Works Online N.C.B. 03/2022-23 | Dt.30.08.2022 at 10.00 A.M. | Dt.13.09.2022 upto 5.00 P.M. | Dt.14.09.2022 at 11.30 A.M. |

Further details can be seen from the website **www.tenderorissa.gov.in.**

**OIPR-25110/11/0005/2223 Sd./- Superintending Engineer, R.W. Divn. No.-I, Keonjhar**



**GOVERNMENT OF ODISHA**
**Office of the Chief Construction Engineer, N.H. Circle,Keonjhar**
Email-senhkeonjhar@gmail.com

**INVITATION FOR BIDS**
**BID IDENTIFICATION NO.02/CCE-NHC-KJR of 2022-23**
**OFFICE ORDER NO.512/Dt.17.08.2022**

**No.b-12:** 1.Sealed tender in the prescribed form to be eventually drawn-up in PWD Form P-1 (Percentage Rate bids) in conformity with detailed Tender Call Notice is invited by the Chief Construction Engineer, N.H. Circle, Keonjhar on behalf of Governor of Odisha for tender in double cover system for construction of Road works as detailed in the table below from "B" Class / "A" Class Contractors registered with the State Government and contractor of equivalent grade/class registered with Central Government/MES/Railways, having registration for Civil works on production of definite proof from the appropriate authority. 2.The bidders may submit bid for the following work.

| Sl. No. | Name of the Work | Name of the Concerned N.H. Division | Value of Work (Approx) (Rupees in Lakhs) | Bid Security | Cost of tender Documents to be remitted online (Rupees) | Class of Eligible contractor | Period of completion in months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Providing C.C. paver Block to Road berm at Stretches of NH-220 from km 36/000 to 71/120 km for the year 2022-23 | Baripada | 146.75 Lakhs | As per Bid Security Declaration | 10,000/- | B & A | 3 (Three) Months |

3. Bid documents consisting of plans, specifications, the schedule of quantities and the set of terms and conditions of contract and other necessary documents can be seen in the website: https://tendersorissa,gov.in.
4. The Bid documents will be available in the website: https://tendersorissa.gov.in from 11.00 AM of 25.08.2022 to 05.00 PM of 05.09.2022 for online bidding.
5. The bidder must possess compatible Digital Signature Certificate (DSC) of Class-II or Class-III.
6. Bids shall be received only "online" up to **05.00 PM of 05.09:2022**
7. Bids received online shall be opened at **12.30 PM. on 06.09.2022** in the office of the Chief Construction Engineer, N.H. Circle, Keonjhar in presence of the bidders who wish to attend. Bidders who participated in the bid can witness the opening of bids by logging on to the site through their DSC. If the office happens to be closed on the date of opening of the bids as specified, the bids will be opened on the next working day at the same time and venue.
8. Other details can be seen in the bidding documents.
9. The authority reserves the right to cancel any or all bids without assigning any reason.
10. The Addendum/ Corrigendum / Cancellation of tender if any will be hosted in the website only.
11. The authority will not be held responsible for any technical problem or failure of network server during the online bidding.

**OIPR-34145/11/0001/2223 Sd./- Chief Construction Engineer, N.H.Circle, Keonjhar**



**OFFICE OF THE SUPERINTENDING ENGINEER, RWSS DIVISION, RAIRANGPUR**
**INVITATION FOR BIDS**
E-mail: eerwss_rai@nic.in, eerwss.rai@gmail.com

**e-PROCUREMENT NOTICE**
**IDENTIFICATION No. 23 RWSS/RRPUR-2022-23 / Dated: 19.08.2022**

No. O-869: The Superintending Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/Class registered with Central Govt./Railways.

1. Nature of work : a) Execution of clubbed up of PWS schemes to different villages of Bahalda & Thakurmunda Block under RWS&S Division, Rairangpur in the District of Mayurbhanj.
2. No. of packages : 03 (Three) Nos.
3. Period of Completion : 11 (Eleven) Months
4. Cost of Tender : Rs.10000.00
5. Estimated Cost : Rs.239.05 lakhs to Rs.403.96 lakhs
6. Class of Contractor : (As mentioned in Tender Call Notice)
7. Date and time of availability of bid documents in portal : From 10 hours of 29.08.2022 to 17.00 hours of 17.09.2022
8. Receipt of bid cost, bid security, documents : Online only
9. Date & time of opening of technical bid : Dt.19.09.2022 at 11.00 hours onwards
10. Other documents : (As mentioned in DTCN)
11. The bidders have to participate in Online bidding only. Further details can be seen from the website **https://www.tendersodisha.gov.in**.
12. Any addendum/corrigendum/cancellation of tender can also be seen in the said website.

Sd./- Superintending Engineer
OIPR-25010/11/0023/2223 RWSS Division, Rairangpur

ଧରିତ୍ରୀ
DHARITRI
Thursday, August 25, 2022

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ଦ୍ୱିତୀୟ ଦିନ ଲାଗି ଷ୍ଟକ୍ ବଜାରର କାରବାର ସବୁଜ ରଙ୍ଗରେ ଶେଷ ହୋଇଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କିଛି ମାତ୍ରାରେ ଲାଭବାନ ସହ ଉତ୍ସାହ ସହକାରେ ଘରକୁ ଫେରିଛନ୍ତି। ଏପରିକି ବୁଧବାର ଶେୟାର ବଜାରର କାରବାର ଆରମ୍ଭରୁ ହିଁ ଉପର ତଳ ହେଉଥିଲା। ଫଳରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ନିବେଶକଙ୍କ ଶେୟାର କିଛି ପରିମାଣରେ ବୃଦ୍ଧି ପାଇଛି। ବୁଧବାର ସେନ୍‌ସେକ୍ସ ୫୪ (୫୪.୧୩) ପଏଣ୍ଟ ବଢ଼ି ୫୯,୦୮୫ (୫୯,୦୮୫.୪୩) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୨୭ (୨୭.୪୫) ପଏଣ୍ଟ ବୃଦ୍ଧି ଘଟି ୧୭,୬୦୫ (୧୭,୬୦୪.୯୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।



# ଆଜିଠାରୁ ୪ଦିନିଆ 'ପ୍ରୋପ୍ୟାକ୍ ଓଡ଼ିଶା'

## ଓସ୍‌ମିର ୩୬ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୪।୮




ରାଜ୍ୟର ପ୍ରମୁଖ ଶିଳ୍ପ ସଂଘ 'ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍' (ଓସ୍‌ମି) ପକ୍ଷରୁ ଏକ ୪ ଦିନିଆ ପ୍ରଦର୍ଶନୀ ଓ କର୍ମଶାଳାଭିତ୍ତିକ କାର୍ଯ୍ୟକ୍ରମ 'ପ୍ରୋପ୍ୟାକ୍ ଓଡ଼ିଶା-୨୦୨୨'ର ଆୟୋଜନ କରାଯାଉଛି। ଚଳିତ ମାସ ୨୫ ରୁ ୨୮ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ସ୍ଥାନୀୟ ଜନତା ମଇଦାନଠାରେ ହେବାକୁ ଯାଉଛି। ଏପରିକି କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ସହଯୋଗରେ ଓସ୍‌ମି ଏଭଳି ଏକ ବୃହତ୍ କାର୍ଯ୍ୟକ୍ରମର ପରିକଳ୍ପନା କରିପାରିଛି। ଏଥିରେ ମଧ୍ୟ ଉଭୟ ସରକାରୀ ଓ ବେସରକାରୀ ବର୍ଗର ବିଭିନ୍ନ ସଂସ୍ଥା ମଧ୍ୟ ମିଳିତ ସହଯୋଗ ପ୍ରଦାନ କରିଛନ୍ତି। ଏହା ପୂର୍ବ ଭାରତର ସର୍ବବୃହତ୍ ଏବଂ ଓଡ଼ିଶାର ପ୍ରଥମ ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, ପ୍ରିଣ୍ଟିଂ ଏବଂ କନ୍‌ଭର୍ଟିଂ ପ୍ରଦର୍ଶନୀ ହେବ ବୋଲି ଓସ୍‌ମି ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ଭାନୁ ପ୍ରତାପ ସିଂ ବର୍ମା, କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ସଚିବ ବି.ବି.ସ୍ୱାଇଁ, ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏବଂ ଶିଳ୍ପ ସଚିବ ହେମନ୍ତ କୁମାର ଶର୍ମା, ଏମ୍‌ଏସ୍‌ଏମ୍‌ଇ ସଚିବ ରଞ୍ଜନା ଚୋପ୍ରା ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେବେ ବୋଲି ଜଣାପଡ଼ିଛି। ଏହି ପରିପ୍ରେକ୍ଷରେ ସମଗ୍ର ଦେଶରୁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନେ ଯୋଗଦେବେ। ଉକ୍ତ ପ୍ରଦର୍ଶନୀରେ ମୋଟ ୧୫୦ ଷ୍ଟଲ୍ ସାଙ୍ଗକୁ ଦୈନିକ ୫ ହଜାରରୁ ଉର୍ଦ୍ଧ୍ୱ ବାଣିଜ୍ୟିକ ପରିଦର୍ଶନକାରୀ ମଧ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହାବାଦ୍ ଏମ୍‌ଏସ୍‌ଏମ୍‌ଇର ବିଭିନ୍ନ ଦିଗ ଉପରେ ପ୍ରତିଦିନ ସେମିନାର ଏବଂ ଉଲ୍ଲେଖନୀୟ ଯୋଗଦାନ ରଖୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ଜାତୀୟସ୍ତରୀୟ ପ୍ରଦର୍ଶନୀରେ ସାରା ଭାରତରୁ ପ୍ୟାକେଜିଂ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ୪୦ରୁ ଅଧିକ ଶିଳ୍ପ ସଂସ୍ଥା ଅଂଶଗ୍ରହଣ କରିବାକୁ ଥିବା ବେଳେ ଇରାନର ଏକ ବହୁଦେଶୀୟ କମ୍ପାନୀ ମଧ୍ୟ ଉକ୍ତ ପ୍ରଦର୍ଶନୀରେ ସାମିଲ ହେଉଛି। ସେହିଭଳି ଓଡ଼ିଶାର ବିଭିନ୍ନ ସ୍ଥାନରୁ ୧୦୦ରୁ ଅଧିକ ଏସ୍‌ଏମ୍‌ଇ ଅନୁଷ୍ଠାନ ଉକ୍ତ ପ୍ରଦର୍ଶନୀରେ ଭାଗନେବେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଓସ୍‌ମିର ମହାସଚିବ ସାତ୍ୱିକ ସ୍ୱାଇଁ କହିଛନ୍ତି, ଆମେ ଆମର ୩୬ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ୨ଟି କାର୍ଯ୍ୟକ୍ରମ ପ୍ରୋପ୍ୟାକ୍ ଓଡ଼ିଶା ଏବଂ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମିଟ୍-୨୦୨୨ ସମ୍ପର୍କରେ ଘୋଷଣା କରି ଅତ୍ୟନ୍ତ ଆନନ୍ଦିତ।

## ମହଙ୍ଗା ହେବ ରିଟେଲ ଚାଉଳ ଦର

ନୂଆଦିଲ୍ଲୀ,୨୪।୮

ଗହମ ପରେ ଏବେ ଚାଉଳ ମୂଲ୍ୟ ବୃଦ୍ଧି ହେବାକୁ ଯାଉଛି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। କାରଣ ଗତ ବର୍ଷର ସମାନ ଅବଧି ତୁଳନାରେ ଚାଉଳର ଅଲ ଇଣ୍ଡିଆ ଆଭରେଜ ରିଟେଲ ମୂଲ୍ୟରେ ୬.୩୧% ମୂଲ୍ୟ ବୃଦ୍ଧି ସହ କେଜି ପିଛା ଦର ୩୭.୭୦ ଟଙ୍କାରେ ପହଞ୍ଚିଛି। ଏପରିକି ଚାଉଳର ଦର ନିର୍ଦ୍ଧାରଣ ଜାରି ଖରିଫ ଋତୁର ଧାନ ବୁଣା ଉପରେ ନିର୍ଭର କରିଥାଏ। ହେଲେ ଅନିୟମିତ ମୌସୁମୀ ଯୋଗୁ ଚାଷ କାର୍ଯ୍ୟ ହ୍ରାସ ମୂଲ୍ୟ ବୃଦ୍ଧିର କାରଣ ପାଲଟିଛି। ଗତ ସପ୍ତାହ ଶେଷ ସୁଦ୍ଧା ୮.୨୫% ଧାନ ବୁଣା ହ୍ରାସ ହୋଇଛି। ତେଣୁ ଦେଶରେ ଚାଉଳ ଉତ୍ପାଦନର ସମ୍ଭାବ୍ୟ ହ୍ରାସ ଖବର ଯୋଗୁ ଚାଉଳ ମୂଲ୍ୟ ବୃଦ୍ଧି ହୋଇଛି। ସେହିଭଳି କେନ୍ଦ୍ର କୃଷି ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଚଳିତ ମାସ ୧୮ ତାରିଖ ସୁଦ୍ଧା ୩୪୩.୭୦ ଲକ୍ଷ ହେକ୍ଟର ଜମିରେ ଧାନ ବୁଣାଯାଇଛି। ଏହା ଗତବର୍ଷ ଏହି ସମୟ ସୁଦ୍ଧା ୩୭୪.୬୩ ଲକ୍ଷ ହେକ୍ଟରରେ ଚାଷ ହୋଇଥିଲା। ତେବେ ଦେଶରେ ରିଟେଲ ଚାଉଳ ମୂଲ୍ୟ ବୃଦ୍ଧି ଗହମ ଭଳି ନୁହେଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଜୟପୁରରେ ସୁପ୍ରିମ୍‌ର ଏକ୍ସକ୍ଲୁସିଭ ଫର୍ନିଚର ଶୋ'ରୁମ୍



ଜୟପୁର,୨୪।୮(ନିପ୍ର)

ଦେଶର ପ୍ରମୁଖ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାଦକ 'ସୁପ୍ରିମ୍ ଇଣ୍ଡଷ୍ଟ୍ରି ଲିମିଟେଡ୍' (ଏସ୍‌ଆଇଏଲ୍) ଫର୍ନିଚର ଡିଭିଜନ ପକ୍ଷରୁ ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ବୁଧବାର କୋରାପୁଟ ଜିଲାର ଜୟପୁର ବେଲ୍ ରୋଡ୍ ସ୍ଥିତ ଗାୟତ୍ରୀ ଫର୍ନିଚର ଆନୁକୂଲ୍ୟରେ ମୋଲ୍‌ଡେଡ୍ ଫର୍ନିଚର ବ୍ରାଣ୍ଡ ସୁପ୍ରିମ୍ ଫର୍ନିଚରର ନୂତନ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ଆଇଏଲ୍‌ର (ଫର୍ନିଚର ଡିଭିଜନ) ରାଜ୍ୟ ମୁଖ୍ୟ ତ୍ରିନାଥ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାୟତ୍ରୀ ଫର୍ନିଚରର ସ୍ୱତ୍ୱାଧିକାରୀ ବିଷ୍ଣୁପ୍ରିୟା ମହାରଣା, ମନୋଜ ମହାରଣାଙ୍କ ସମେତ ଏସ୍‌ଆଇଏଲ୍‌ର ଏରିଆ ମ୍ୟାନେଜର କାଳିପ୍ରସାଦ ବେହେରା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି କମ୍ପାନୀର ଏହା ୪ର୍ଥ ଏକ୍ସକ୍ଲୁସିଭ ଷ୍ଟୋର ହୋଇଥିବା ବେଳେ କୋରାପୁଟ ଜିଲାରେ ଏହା ପ୍ରଥମ ଶୋ'ରୁମ୍ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଏଠାରେ କମ୍ପାନୀର ମୋଲ୍‌ଡେଡ୍ ଫର୍ନିଚରର ସମସ୍ତ ବର୍ଗ ଯଥା ଖଟ, ଚେୟାର, ଡାଇନିଂସେଟ୍, ଆଲମାରି ଭଳି ପ୍ରମୁଖ ଘରୋଇ ଉତ୍ପାଦ ସାଙ୍ଗକୁ କାର୍ଯ୍ୟାଳୟ ପାଇଁ ମଧ୍ୟ ଆବଶ୍ୟକ ସାମଗ୍ରୀର ସମ୍ଭାର ଆଦି ପ୍ରଦର୍ଶନ ସହ ବିକ୍ରି ପାଇଁ ମଧ୍ୟ ଉପଲବ୍ଧ ରହିଛି। ଏହି ଷ୍ଟୋର ବିଶେଷ କରି ଜୟପୁରବାସୀଙ୍କ ଆବଶ୍ୟକତା ପୂରଣ ସାଙ୍ଗକୁ ଜିଲାବାସୀଙ୍କର ମଧ୍ୟ ପସନ୍ଦ ଗନ୍ତବ୍ୟସ୍ଥଳ ପାଲଟିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

## ଦେଶର ୨ୟ ବୃହତ୍ ଉଦ୍ୟୋଗ ଆଦାନୀ ସମୂହ

ନୂଆଦିଲ୍ଲୀ,୨୪।୮

ଗତ କିଛି ବର୍ଷ ମଧ୍ୟରେ ଆଦାନୀ ଗ୍ରୁପ୍ ସମଗ୍ର ବିଶ୍ୱର ଏକ ପ୍ରମୁଖ ଉଦ୍ୟୋଗ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏପରିକି ଆଦାନୀ ଗ୍ରୁପ୍‌ର ଚେୟାରମ୍ୟାନ୍ ଗୌତମ ଆଦାନୀ ମଧ୍ୟ ଗୋଟିଏ ପରେ ଗୋଟିଏ କମ୍ପାନୀ କ୍ରୟ ସାଙ୍ଗକୁ ଦିନକୁ ଦିନ ନୂଆ ରେକର୍ଡର ମଧ୍ୟ ଅଧିକାରୀ ହେଉଛନ୍ତି। ନିକଟରେ ରିଲାଏନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଏସିଆ ମହାଦେଶର ଏକ ନମ୍ବର ଧନୀ ତାଲିକାଠାରୁ ନେଇ ବିଶ୍ୱ ଧନୀ ବ୍ୟକ୍ତି ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିବାରେ ଲାଗିଛନ୍ତି। ସେହିଭଳି ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ବର୍ତ୍ତମାନ ଆଦାନୀ ଗ୍ରୁପ୍ ଦେଶର ଦ୍ୱିତୀୟ ସର୍ବବୃହତ୍ ବ୍ୟବସାୟିକ ଗ୍ରୁପ୍‌ର ମାନ୍ୟତା ମଧ୍ୟ ହାସଲ କରିଛି। ଫଳରେ ଟାଟା ଗ୍ରୁପ୍ ପରେ ଆଦାନୀ ଦେଶର ୨ୟ ବୃହତ୍ ଉଦ୍ୟୋଗ ସମୂହରେ ପରିଣତ ହୋଇଛି। ସେହିପରି ବଜାର ପୁଞ୍ଜୀକରଣରେ ମଧ୍ୟ ଆଦାନୀ ସମୂହ ଦେଶର ଦ୍ୱିତୀୟ ବୃହତ୍ ବ୍ୟବସାୟିକ ଗ୍ରୁପ୍‌ରେ ପରିଣତ ହୋଇଛି। ଏପରିକି ଆଦାନୀ ରିଲାଏନ୍ସ ଗ୍ରୁପ୍‌କୁ ପଛରେ ପକାଇ ଦେଇଛି। ଆଦାନୀ ସମୂହ କମ୍ପାନୀଙ୍କ ମୋଟ ସଂଯୁକ୍ତ ବଜାର ପୁଞ୍ଜୀକରଣ ୧୯.୪୦ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି। ଏଥିରେ ଅମ୍ବାନୀ ସମୂହଙ୍କ ମିଳିତ ବଜାର ପୁଞ୍ଜୀକରଣ ୧୭.୮୯ ଟ୍ରିଲିୟନ ଟଙ୍କାରେ ଥିବା ଜଣାପଡ଼ିଛି। ତେବେ ୨୧.୭୩ ଟ୍ରିଲିୟନ ବଜାର ପୁଞ୍ଜୀକରଣ ସହ ଟାଟା ଗ୍ରୁପ୍ ଦେଶର ସର୍ବବୃହତ୍ ଉଦ୍ୟୋଗ ଗ୍ରୁପ୍ ହୋଇ ରହିଛି।



ଫିକିର ସଭାପତି ସଞ୍ଜୀବ ମେହେଟ୍ଟା ଏବଂ ବରିଷ୍ଠ ଉପସଭାପତି ଶୁଭ୍ରକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନିକଟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଲକ୍ଷ୍ନୌରେ ଭେଟିଥିଲେ। ଏପରିକି ଭାରତର ବୃହତ୍ତମ ରାଜ୍ୟର ଅପାର ସମ୍ଭାବନାକୁ ଆଲୋକିତ କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷକରି ରାଜ୍ୟରେ ଭିତ୍ତିଭୂମିର ବ୍ୟାପକ ବିନିଯୋଗ ଏବଂ ପଦକ୍ଷେପଗୁଡ଼ିକ ପରିପ୍ରେକ୍ଷୀରେ ବ୍ୟବସାୟ କରିବାର ସହଜତାରେ ଉନ୍ନତି କରନ୍ତୁ ବୋଲି ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା। ସେହିଭଳି ଉକ୍ତ ପ୍ରତିନିଧି ଦଳର ଅନ୍ୟ ସଦସ୍ୟମାନେ ହେଲେ ସଂଘର ପୂର୍ବତନ ସଭାପତି ହର୍ଷ ପତି ସିଙ୍ଗାନିଆଙ୍କ ସମେତ ଉମାଶଙ୍କର ଭାରତୀ, ଡ. ଜ୍ୟୋତ୍ସ୍ନା ସୁରୀ ଏବଂ ମହାନିର୍ଦ୍ଦେଶକ ଅରୁଣ ଚାୱଲା ପ୍ରମୁଖ ସାମିଲ ଥିଲେ।

## ବିଓବି ପକ୍ଷରୁ ବରୋଦା ତ୍ରିରଙ୍ଗା ଜମା ଯୋଜନା

ଭୁବନେଶ୍ୱର,୨୪।୮

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଉଚ୍ଚ ସୁଧ ହାର ପ୍ରଦାନ କରୁଥିବା ଏକ ସ୍ୱତନ୍ତ୍ର ସ୍ଥିର ଜମା ଉତ୍ପାଦ 'ବରୋଦା ତ୍ରିରଙ୍ଗା ଜମା ଯୋଜନା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବରୋଦା ତିରଙ୍ଗା ଜମା ୨ଟି ଅବଧିରେ ଉପଲବ୍ଧ ଯଥା ୪୪୪ ଦିନର ଯୋଜନା ପାଇଁ ୫.୭୫% ଏବଂ ୫୫୫ ଦିନ ଯୋଜନା ପାଇଁ ୬% ବାର୍ଷିକ ସୁଧହାର ପ୍ରଦାନ କରାଯାଉଛି। ଏହି ଯୋଜନା ଚଳିତ ବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହା ୨ କୋଟିରୁ କମ୍ ଟଙ୍କାର ଖୁଚୁରା ଜମା ପାଇଁ ପ୍ରଯୁଜ୍ୟ ରହିଛି। ସେହିଭଳି ବରିଷ୍ଠ ନାଗରିକମାନଙ୍କୁ ବାର୍ଷିକ ୦.୫୦% ଅତିରିକ୍ତ ସୁଧହାର ଯୋଗାଇ ଦିଆଯାଉଥିବାବେଳେ ଫେରସ୍ତ ହୋଇ ନ ଥିବା ଜମା ଉପରେ ବାର୍ଷିକ ୦.୧୫% ଅତିରିକ୍ତ ସୁଧ ହାର ପ୍ରଦାନ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଜୟ କେ.ଖୁରାନା କହିଛନ୍ତି, ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଆମେ ଆମର ଗ୍ରାହକମାନଙ୍କୁ ଆଉ ଏକ ଉତ୍ସବ ପାଳନ କରିବାର ସୁଯୋଗ ଦେଇପାରିଥିବାରୁ ଆନନ୍ଦ ମନେକରୁଛୁ।

## ଫୁର୍‌ସତ୍

# ଜର୍ମାନୀରେ ହାଇଡ୍ରୋଜେନ୍ ଟ୍ରେନ୍

ବର୍ଲିନ




ଜର୍ମାନୀରେ ଉଦ୍‌ଜାନ (ହାଇଡ୍ରୋଜେନ) ଶକ୍ତିଜନିତ ରେଲ୍‌ୱେ ଲାଇନ୍ ଉଦ୍‌ଘାଟିତ ହୋଇଛି। ସବୁଜ ଶକ୍ତି ମାଧ୍ୟମରେ ପରିବହନ ଦିଗରେ ଏପରି ବ୍ୟବସ୍ଥା ପ୍ରସ୍ତୁତ କରିବାରେ ଜର୍ମାନୀ ବିଶ୍ୱର ପ୍ରଥମ ଦେଶ ହୋଇପାରିଛି। ବୁଧବାର ବର୍ଲିନ ଏହି ବ୍ୟବସ୍ଥାର ୱାର୍ଲ୍ଡ ପ୍ରିମିୟର କରିଛି। ଫ୍ରାନ୍ସର ଆଲ୍‌ଷ୍ଟୋମ୍ କମ୍ପାନୀ ଜର୍ମାନୀକୁ ଏପରି ୧୪ଟି ଟ୍ରେନ୍ ଯୋଗାଇଛି, ଯାହା ଡିଜେଲ ଚାଳିତ ଟ୍ରେନ୍‌ର ସ୍ଥାନ ନେଇଛି। ଜର୍ମାନୀର କକ୍ସହାଭେନ୍, ବର୍ମରହାଭେନ୍, ବ୍ରେମରଭୋଏର୍‌ଡେ ଏବଂ ହମ୍ବର୍ଗ ନିକଟ ବକ୍ସଟେହୁଡେକୁ ଯୋଡୁଥିବା ପ୍ରାୟ ୧୦୦ କିଲୋମିଟର ଟ୍ରାକ୍‌ରେ ଏହି ଟ୍ରେନ୍‌ଗୁଡ଼ିକ ହାଇଡ୍ରୋଜେନ୍ ଇନ୍ଧନରେ ଚାଲିବ। ୱାର୍ଲ୍ଡ ପ୍ରିମିୟରରେ ଏପରି ଅତ୍ୟାଧୁନିକ ଟେକ୍ନୋଲୋଜିକୁ କାର୍ଯ୍ୟକାରୀ କରାଇପାରିଥିବାରୁ ଗର୍ବିତ ବୋଲି ଆଲ୍‌ଷ୍ଟୋମ୍ ସିଇଓ ହେନରି ପୌପାର୍ଟ-ଲାଫାର୍ଜେ କହିଛନ୍ତି।

ରେଳ ଚଳାଚଳ କ୍ଷେତ୍ରରେ ଅଙ୍ଗାରକାମ୍ଳ ନିର୍ଗମନ ବନ୍ଦ କରିବା ପାଇଁ ହାଇଡ୍ରୋଜେନ୍ ଟ୍ରେନ୍‌ର ବହୁଳ ଆବଶ୍ୟକତା ରହିଛି। ଜଳବାୟୁ ପରିବର୍ତ୍ତନ ରୋକିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ପରିବହନ ବ୍ୟବସ୍ଥା ନିମନ୍ତେ ଏବେ ବି ଜର୍ମାନୀ ବହୁଳ ମାତ୍ରାରେ ଡିଜେଲ ଉପରେ ନିର୍ଭରଶୀଳ। ଏହି ନିର୍ଭରଶୀଳତା କମାଇବା ପାଇଁ ବର୍ଲିନ ସବୁଜଶକ୍ତି ଉପରେ ଗୁରୁତ୍ୱ ଦେଉଛି। ଆଞ୍ଚଳିକ ରେଳ ପରିଚାଳନା କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଏହି ଟ୍ରେନ୍‌ଗୁଡ଼ିକ ଯାତାୟାତ ନିମନ୍ତେ ୯୩ ନିୟୁତ ୟୁରୋ ଖର୍ଚ୍ଚ ହେବ। ଫଳରେ ଦେଶରେ ରେଳ ଚଳାଚଳ ଯୋଗୁ ନିର୍ଗତ ଅଙ୍ଗାରକାମ୍ଳରୁ ୪,୪୦୦ ଟନ୍ ବାୟୁମଣ୍ଡଳରେ ମିଶିବା କମିଯିବ। ଏହାବାଦ୍ ହାଇଡ୍ରୋଜେନ୍ ଶକ୍ତିଚାଳିତ ରେଳପଥ ଏବଂ ଟ୍ରେନ୍ ନିର୍ମାଣ ଯୋଗୁ ଉଭୟ ଫ୍ରାନ୍ସ ଏବଂ ଜର୍ମାନୀରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିବା ସେ କହିଛନ୍ତି। ହାଇଡ୍ରୋଜେନ୍ ମଡେଲ ଦ୍ୱାରା କେବଳ ଜର୍ମାନୀରେ ୨,୫୦୦ ରୁ ୩,୦୦୦ ଡିଜେଲ ଟ୍ରେନ୍ ଚଳାଚଳ ବନ୍ଦ ହୋଇପାରିବ ବୋଲି ଆଲ୍‌ଷ୍ଟୋମ୍ ପ୍ରୋଜେକ୍ଟ ମ୍ୟାନେଜର ଷ୍ଟିଫାନ୍ ଷ୍ଟାର୍କ୍ଙ୍କ କହିଛନ୍ତି।

## ଶାହାରୁଖଙ୍କ ଟାଇଟଲ ଚାହାନ୍ତି ବିଜୟ୍



ବିଜୟ ଦେବରକୋଣ୍ଡା

**ମୁମ୍ବାଇ:** ଟଲିଉଡ୍‌ର ଭର୍ସାଟାଇଲ ଆକ୍ଟର ବିଜୟ ଦେବରକୋଣ୍ଡା ଏବେ ବେଶ୍ ଚର୍ଚ୍ଚାରେ। ଗୁରୁବାର ତାଙ୍କ ଫିଲ୍ମ 'ଲାଇଗର' ମୁକ୍ତିଲାଭ କରିବାକୁ ଯାଉଛି। ହିନ୍ଦି, ତାମିଲ, ତେଲୁଗୁ, କାନ୍ନଡ, ମାଲୟାଲମ୍ ଆଦି ଭାଷାରେ ଏହି ଚଳଚ୍ଚିତ୍ର ରିଲିଜ ହେବ। ଏଥିରେ ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କୁ ବିଜୟଙ୍କ ବିପକ୍ଷରେ ଦେଖିବାକୁ ମିଳିବ। ଫିଲ୍ମର ପ୍ରମୋଶନବେଳେ ବିଜୟ ତାଙ୍କ ପ୍ରିୟ ଅଭିନେତା ଶାହାରୁଖ ଖାନ୍‌ଙ୍କ ବିଷୟରେ ଏକ ସାକ୍ଷାତ୍‌କାରରେ ଚର୍ଚ୍ଚା କରିଥିଲେ। କିଙ୍ଗ୍ ଖାନ୍ ତାଙ୍କ ପାଇଁ ଆଦର୍ଶ ଏବଂ ବିନା ଗଡ୍‌ଫାଦରରେ କିପରି ଜଣେ ମନୋରଞ୍ଜନ ଦୁନିଆର ବାଦ୍‌ଶାହା ହୋଇପାରିବେ ତାହା ବିଜୟ ତାଙ୍କଠାରୁ ଶିଖିଥିବା କହିଛନ୍ତି। ଯଦି ତାଙ୍କୁ ଶାହାରୁଖ୍‌ଙ୍କଠାରୁ କିଛି ଚୋରି କରିବାକୁ କୁହାଯାଏ ତେବେ ସେ କ'ଣ କରିବେ ବୋଲି ସାକ୍ଷାତ୍‌କାରରେ ବିଜୟଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ବିଜୟ କହିଥିଲେ, ଶାହାରୁଖଙ୍କୁ ମିଳିଥିବା 'କିଙ୍ଗ୍' ଟାଇଟଲକୁ ସେ ନେଇଯିବାକୁ ଚାହାନ୍ତି ବୋଲି କହିଥିଲେ।

## ଶାହିଦଙ୍କୁ ଅପେକ୍ଷା କରିଥିଲେ ୮ଘଣ୍ଟା



କିଆରା ଆଡଭାନୀ

**ମୁମ୍ବାଇ:** ଘଣ୍ଟାଏ କିମ୍ବା ଦୁଇ ଘଣ୍ଟା ନୁହେଁ, ଦୀର୍ଘ ଆଠ ଘଣ୍ଟା ଧରି ଶାହିଦ କପୁରଙ୍କ ଅପେକ୍ଷା କରି ବସିଥିଲେ ଜଣେ ଅଭିନେତ୍ରୀ। ଅଭିନେତ୍ରୀ ଜଣକ ହେଲେ ସୁନ୍ଦରୀ କିଆରା ଆଡଭାନୀ। ନିକଟରେ କଫି ଉଇଥ କରନ ୭ ସିଜନରେ ଏନେଇ ଖୁଲାସା କରିଛନ୍ତି କିଆରା। ଫିଲ୍ମ କବିର ସିଂ ଶୁଟିଂ ବେଳେ ଶାହିଦ କେଉଁ ଜୋତା ପିନ୍ଧିବେ ତାହା ବାଛିବା ପାଇଁ ଘଣ୍ଟା ଘଣ୍ଟା ସମୟ ଲାଗି ଯାଇଥିଲା। ତେଣୁ କିଆରାଙ୍କୁ ଏତେ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ଯଦି ତାଙ୍କୁ କେବେ କାହାପାଇଁ ଏଭଳି କାରଣକୁ ନେଇ ଅପେକ୍ଷା କରିବାକୁ ପଡେ ସେ ତେବେ ତାଙ୍କୁ ଚାପୁଡ଼ା ମାରିଦେବେ ବୋଲି କିଆରା କହିଥିଲେ।

# ବାଇଡେନ୍ ପ୍ରଶାସନରେ ୧୩୦ ଭାରତୀୟ



ଜଳବାୟୁ ନୀତି ପରାମର୍ଶଦାତା ସୋନିଆ ଅଗ୍ରୱାଲ

**ୱାଶିଂଟନ୍:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କ ପ୍ରଶାସନର ପ୍ରମୁଖ ପଦବୀରେ ୧୩୦ରୁ ଉର୍ଦ୍ଧ୍ୱ ଭାରତୀୟ ବଂଶୋଦ୍ଭବଙ୍କୁ ଅଦ୍ୟାବଧି ନିଯୁକ୍ତ କରିଛନ୍ତି। ଏପରି କରି ସେ ୨୦୨୦ ରେ ରାଷ୍ଟ୍ରପତି ନିର୍ବାଚନରେ ଭାରତୀୟ ସମୁଦାୟକୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। ବାଇଡେନ୍‌ଙ୍କ ପ୍ରଶାସନରେ ଭାରତୀୟଙ୍କ ନିଯୁକ୍ତି ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରେକର୍ଡ ଭାଙ୍ଗିଛି। ଟ୍ରମ୍ପ୍ ଭାରତୀୟ ସମ୍ପ୍ରଦାୟର ୮୦ ରୁ ଅଧିକ ଭାରତୀୟ ବଂଶୋଦ୍ଭବଙ୍କୁ ପ୍ରମୁଖ ପଦବୀରେ ନିଯୁକ୍ତି ଦେଇଥିଲେ। ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ୮ବର୍ଷ ଶାସନ କାଳରେ ୬୦ରୁ ଅଧିକ ଭାରତୀୟ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଥିଲେ।

ଆମେରିକା ଜନସଂଖ୍ୟାର ୧ ପ୍ରତିଶତ ହେଉଛନ୍ତି ଭାରତୀୟ ମୂଳର। ବାଇଡେନ୍‌ଙ୍କ ସରକାରରେ ୪୦ରୁ ଉର୍ଦ୍ଧ୍ୱ ଆମେରିକୀୟ-ଭାରତୀୟ ବିଭିନ୍ନ ରାଜ୍ୟ ଏବଂ ସଂଘୀୟ ସ୍ତରରେ ନିର୍ବାଚନ ଜିତିଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ଆମେରିକା ପ୍ରତିନିଧି ସଭାରେ ସଦସ୍ୟ ରହିଛନ୍ତି। ୨୦ରୁ ଅଧିକ ଭାରତୀୟ ମୂଳର ବ୍ୟକ୍ତିବିଶେଷ ଆମେରିକାର ପ୍ରମୁଖ କମ୍ପାନୀର ନେତୃତ୍ୱ ନେଉଛନ୍ତି। ଆମେରିକାର ୪୦ତମ ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍ ପ୍ରଥମେ ଭାରତୀୟ ବଂଶୋଦ୍ଭବଙ୍କୁ ନିଯୁକ୍ତି ଦେବା ଆରମ୍ଭ କରିଥିଲେ। ତେବେ ବାଇଡେନ୍ ପ୍ରାୟ ସମସ୍ତ ବିଭାଗ ଏବଂ ତାଙ୍କ ପ୍ରଶାସନର ଅଧିକାଂଶ ସଂସ୍ଥାରେ ଭାରତୀୟ-ଆମେରିକୀୟଙ୍କୁ ନିଯୁକ୍ତ କରିଛନ୍ତି। ଭାରତୀୟ-ଆମେରିକୀୟମାନେ ସେବା ଭାବନାରେ ପ୍ରଭାବିତ ହୋଇଛନ୍ତି ଏବଂ ଘରୋଇ କ୍ଷେତ୍ର ପରିବର୍ତ୍ତେ ଜନସେବାରେ ନିଜକୁ ନିୟୋଜିତ କରିବାକୁ କେତେ ଉତ୍ସାହୀ ତାହା ଏଥିରୁ ପ୍ରତିପାଦିତ ହେଉଥିବା ସିଲିକନ୍ ଭ୍ୟାଲି ଉଦ୍ୟୋଗୀ ତଥା ମାନବହିତୈଷୀ ଏମ୍. ଆର୍ ରଙ୍ଗାସ୍ୱାମୀ କହିଛନ୍ତି। ବାଇଡେନ୍ ସରକାରରେ ପ୍ରମୁଖ ପଦବୀରେ ଥିବା ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିମାନେ ହେଲେ ଉପରାଷ୍ଟ୍ରପତି କମ୍‌ଲା ହାରିସ୍, ସ୍ପିଚ୍ ଲେଖକ ବିନୟ ରେଡ୍ଡୀ, ରାଷ୍ଟ୍ରପତିଙ୍କ କୋଭିଡ୍-୧୯ ମୁଖ୍ୟ ପରାମର୍ଶଦାତା ଡା. ଆଶିଷ ଝା, ଜଳବାୟୁ ନୀତି ପରାମର୍ଶଦାତା ସୋନିଆ ଅଗ୍ରୱାଲ, ଅପରାଧ ନ୍ୟାୟର ସ୍ୱତନ୍ତ୍ର ଆସିଷ୍ଟାଣ୍ଟ ଚିରାଗ ବେନ୍‌ସ, କାର୍ମିକ ପରିଚାଳନା ଅଫିସ ମୁଖ୍ୟ କିରନ ଆହୁଜା, ବରିଷ୍ଠ ପରାମର୍ଶଦାତା ନୀରା ଟଣ୍ଡନ, ଡ୍ରଗ୍ କିଙ୍ଗପିନ୍ ରାହୁଲ ଗୁପ୍ତା। ଏବେ ବେଦାନ୍ତ ପଟେଲ ପରରାଷ୍ଟ୍ର ବିଭାଗର ମୁଖପାତ୍ର ଅଛନ୍ତି। ଆମେରିକା ପ୍ରଥମ ମହିଳାଙ୍କ ଅଫିସ୍‌ରେ ଗାରିମା ବର୍ମା ଡିଜିଟାଲ ନିର୍ଦ୍ଦେଶକ ପଦବୀ ସମ୍ଭାଳୁଛନ୍ତି।

## ମସ୍କଙ୍କ ଫଟୋ ନିଲାମ କରିବେ ପୂର୍ବତନ ପ୍ରେମିକା



**ୱାଶିଂଟନ୍:** ଟେସ୍‌ଲା ସିଇଓ ଏଲନ୍ ମସ୍କଙ୍କ ପୂର୍ବତନ ପ୍ରେମିକା ଜେନିଫର ଗ୍ୱେନି ପୁଅର ପାଠପଢ଼ା ଖର୍ଚ୍ଚ ତୁଲାଇବା ପାଇଁ ଅଭିନବ ବାଟ ବାଛିଛନ୍ତି। ସେ ମସ୍କଙ୍କ କଲେଜ ବେଳର ୧୮ଟି ଫଟୋ ନିଲାମ କରିବାକୁ ପୋଷ୍ଟ କରିଛନ୍ତି। ପେନ୍‌ସିଲ୍‌ଭାନିଆ ୟୁନିଭର୍ସିଟିରେ ପଢୁଥିବାବେଳେ ଜେନିଫର ସ୍ପେସ୍‌ଏକ୍ସ ମାଲିକ ମସ୍କଙ୍କୁ ଡେଟ୍ କରୁଥିଲେ। ୧୯୯୫ରେ ମସ୍କ ପାଲୋ ଅଲ୍‌ଟୋକୁ ପଳାଇ ଆସିଥିଲେ। ଫଳରେ ମାତ୍ର ଉଭୟଙ୍କ ମଧ୍ୟରେ ଥିବା ବର୍ଷକର ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ନିଜ ସାବତ ପୁଅର ପଢ଼ା ଖର୍ଚ୍ଚ ଉଠାଇବା ପାଇଁ ୪୮ ବର୍ଷୀୟା ଜେନିଫର ସେହି ପୁରୁଣା ଫଟୋକୁ ବ୍ୟବହାର କରିଛନ୍ତି। ଆର୍‌ଆର୍ ଅକ୍ସନ ୱେବ୍‌ସାଇଟ୍‌ରେ ଫଟୋଗୁଡ଼ିକ ଉପଲବ୍ଧ ଥିବାବେଳେ ଏହାର ସର୍ବନିମ୍ନ ନିଲାମ ମୂଲ୍ୟ ୧୦୦ ଡଲାର ରହିଛି। ଜେନିଫର କହିଛନ୍ତି,୧୯୯୪ରେ ସେ ଏବଂ ମସ୍କ ପ୍ରେମରେ ପଡ଼ିଥିଲେ। ସେ ମସ୍କଙ୍କ ଜୁନିୟର ଥିଲେ। ଉଭୟଙ୍କ ମଧ୍ୟରେ ସମ୍ପର୍କ ମଧୁର ଥିଲେ ହେଁ ସେମାନେ ସେତେ ଘନିଷ୍ଠ ହୋଇପାରି ନ ଥିଲେ।

# ମାତିଲେ ହାତୀ: ଆକ୍ରମଣରେ ୩ ମୃତ

## ମୟୂରଭଞ୍ଜରେ ୨, ଢେଙ୍କାନାଳରେ ଜଣଙ୍କ ଜୀବନ ଗଲା



ମୋରଡ଼ାରେ ଉତ୍ତେଜିତ ଗ୍ରାମବାସୀ ବନ ବିଭାଗ ଗାଡ଼ି ନିକଟରେ ହୋହଲ୍ଲା କରୁଛନ୍ତି।

ମୋରଡ଼ା/ରାସୋଳ, ୨୪।୮(ଡି.ଏନ୍.ଏ.)

ରାଜ୍ୟରେ ହାତୀ-ମଣିଷ ସଂଘର୍ଷ ତୀବ୍ର ରୂପ ନେଲାଣି। ପ୍ରାକୃତିକ ଆବାସସ୍ଥଳୀରେ ମନୁଷ୍ୟର ଅଯଥା ହସ୍ତକ୍ଷେପ ହାତୀ ଭଳି ବିଶାଳକାୟ ପ୍ରାଣୀଙ୍କୁ ଜନବସତିମୁହାଁ କରାଇଥିବାବେଳେ ସେମାନଙ୍କ ଉପଦ୍ରବରେ ବ୍ୟାପକ ଧନଜୀବନ ହାନି ହେଉଛି। ବର୍ଷା ବିତ୍ପାତ ସମୟରେ ମୟୂରଭଞ୍ଜ ଏବଂ ଢେଙ୍କାନାଳ ଜିଲାର ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିବା ଆଲୋଡ଼ନ ସୃଷ୍ଟି କରିଛି।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ହାତୀ ଉପଦ୍ରବ ଥମୁନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ଭିନ୍ନ ଭିନ୍ନ ସ୍ଥାନରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଡାଙ୍ଗରବିଲା ଗ୍ରାମର ଶ୍ରୀମତ୍ ହାଁସଦା ଘରେ ଶୋଇଥିବା ବେଳେ ଏକ ପଲରେ ୪ ହାତୀ ଆସି ତାଙ୍କୁ ଶୁଣ୍ଢରେ ଟେକି ନେଇ ଦଳିଦେଇଥିଲେ। ବନ କର୍ମଚାରୀ ଏବଂ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲକୁ ପଠାଇଥିଲେ। ସେହିପରି ବେତନଟୀ ରେଞ୍ଜ ଅଧୀନ ଅସନବଣି ଜଙ୍ଗଲରେ ହାତୀ ଆକ୍ରମଣରେ ଦୁର୍ଗାପୁର ପଞ୍ଚାୟତ ସଙ୍ଗାଡ଼ିହି ଗ୍ରାମର ଧନଞ୍ଜୟ ହାଁସଦାଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଅପରାହ୍ଣରେ ସେ ଗୋରୁ ଖୋଜିବା ପାଇଁ ଜଙ୍ଗଲକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ବୁଧବାର ଜଙ୍ଗଲରୁ ତାଙ୍କର ମୃତଦେହ ଠାବ କରାଯାଇଥିଲା। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଅନୁରୂପ ଭାବେ ଢେଙ୍କାନାଳ ଜିଲା ରାସୋଳ ଥାନା ଲହଡ଼ା ଗ୍ରାମର ଅନାଦି ସାମଲ (୬୭)ଙ୍କ ବୁଧବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସେ ଗ୍ରାମ ନିକଟ ବଗିଚାକୁ ଯାଇଥିବାବେଳେ ଏକ ହିଂସ୍ର ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଶୁଣ୍ଢରେ କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବନ କର୍ମଚାରୀ, ରାସୋଳ ଥାନାର କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଆବଶ୍ୟକ କାଗଜପତ୍ର ଦାଖଲ ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ରାସୋଳ ଫରେଷ୍ଟର ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି।

# ଲୋଇସିଂହା ଥାନା ଅଧିକାରୀ ଗିରଫ



ସଂଗ୍ରାମ କେଶରୀ ପଟ୍ଟନାୟକ।

## ମାମଲା ରଫାଦଫା କରିବାକୁ ମଦ ବ୍ୟବସାୟୀଙ୍କଠାରୁ ନେଉଥିଲେ ୨୦ ହଜାର

ଲୋଇସିଂହା,୨୪।୮(ଡି.ଏନ୍.ଏ.)

ଏକ ମାମଲାର ରଫାଦଫା କରିବାକୁ ଜଣେ ମଦ ବ୍ୟବସାୟୀଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେବା ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ମହଙ୍ଗା ପଡ଼ିଛି। ବୁଧବାର ଥାନା ପରିସରରେ ସେ ଉକ୍ତ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଟିମ୍ ଲୋଇସିଂହା ଥାନା ଅଫିସ ଏବଂ ବଲାଙ୍ଗୀର ପୋଲିସ କଲୋନୀସ୍ଥିତ ତାଙ୍କ ଘରେ ଚଢ଼ାଉ ଜାରି ରଖିଛି।

ମିଳିଥିବା ସୂଚନା ଅନୁସାରେ, ବଲାଙ୍ଗୀର ଜିଲା ଆଗଲପୁରଠାରେ ଥିବା ଏକ ବିଦେଶୀ ମଦ ଦୋକାନର ଜଣେ କର୍ମଚାରୀ ବେଆଇନ ମଦ ଚାଲାଣ ଅଭିଯୋଗରେ ଗିରଫ ହୋଇଥିଲେ। ଏଥିରେ ପୋଲିସ ତାଙ୍କ ବାଇକ୍‌କୁ ବି ଜବତ କରିଥିଲା। ଏହି ମାମଲାରେ ବାଇକ୍ ଛାଡ଼ିଦେବା ସହ ମାମଲା ରଫାଦଫା କରିଦେବାକୁ ଥାନା ଅଧିକାରୀ ପଟ୍ଟନାୟକ ୨୦ ହଜାର ଟଙ୍କା ଦାବି କରିଆସୁଥିଲେ। ଦୋକାନ ମାଲିକ ଗାଇସିଲେଟ ନିବାସୀ ଭାବଗ୍ରାହୀ ସାହୁ ଏ ନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ସମ୍ବଲପୁର ଭିଜିଲାନ୍ସ ଡିଭିଜନରେ ଏକ ମାମଲା(୨୯/୨୨)ରୁଜୁ ହୋଇଥିଲା। ବୁଧବାର ସକାଳୁ ଥାନା ଅଧିକାରୀଙ୍କ ଉପରେ ନଜର ରଖିଥିଲା ଭିଜିଲାନ୍ସ ଟିମ୍। ଯୋଜନା ମୁତାବକ, ଅଭିଯୋଗକାରୀ ସାହୁ ସନ୍ଧ୍ୟା ପ୍ରାୟ ୭ଟାରେ ଥାନା ଅଧିକାରୀଙ୍କୁ ତାଙ୍କ ଚାମ୍ବରରେ ଭେଟି ଦାବି ମୁତାବକ ଟଙ୍କା ଦେଇଥିଲେ। ଏହି ସମୟରେ ବରଗଡ଼ ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ଚାମ୍ବରକୁ ଯାଇ ଅଧିକାରୀ ପଟ୍ଟନାୟକଙ୍କୁ ଟଙ୍କା ସହ ଧରିଥିଲା। ପରେ ଟିମ୍ ତାଙ୍କୁ ବଲାଙ୍ଗୀର ଆଣି ଅଧିକ ପଚରାଉଚରା ଜାରି ରଖିଥିବା ଭିଜିଲାନ୍ସ ଡିଏସ୍‌ପି ମହାନନ୍ଦ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ମସିହାରେ ଲୋଇସିଂହା ଥାନାର ପୂର୍ବତନ ଆଇଆଇସି ଅନ୍ତର୍ଯ୍ୟାମୀ ବେହେରା ମଧ୍ୟ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।


ODISHA HYDRO POWER CORPORATION LTD
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H. E. PROJECT,
AT/P.O.: BARINIPUT; DIST.: KORAPUT(ODISHA) -764006
Telephone: 06854 - 242 001, Fax: 06854 - 242 092
Email ID: sgmel.ukhep@gmail.com, CIN: U40101OR1995SGC003963
TENDER CALL NOTICE NO. OHPC: SGM (EL): UKHEP: 19 /2022-23
Dated: 22.08.2022

No.CAD-1589:Sealed Tenders in duplicate are invited from the Registered Travel Agencies/Vehicle Owners for the works mentioned below.

| Sl. No. | Description/Type of Vehicle | Cost of Tender Paper (in Rs.) | EMD in shape of Declaration |
|---|---|---|---|
| | Deployment of 01 no. commercial registered light vehicle (Tuv 300/ Bolero/Sumo Gold / Ertiga) for official work of Utility Division, UKHEP, Bariniput. | Rs.7,080/- | Bid Security declaration form to be submitted duly filled in & signed. |

The sale of Tender Paper will be from :- 02.09.2022 to 11:00 Hrs. of 16.09.2022
The last date & time of receipt of tender : Up to 12:00 Hrs. of 16.09.2022
The date and time of opening of tender : 12:30 Hrs. of 16.09.2022
For details of tender documents, Terms & Conditions, Eligibility criteria and downloading please visit our website www.ohpcltd.com.
Sd./- C & P Head, Upper Kolab HEP,
OHPC Limited, Bariniput
OIPR-04002/11/0038/2223


# ୫.୧୦ କୋଟିର ମାନହାନି ମାମଲା କଲେ ପ୍ରକୃତି

ଭୁବନେଶ୍ୱର,(ବ୍ୟୁରୋ)୨୪।୮



### ବାବୁସାନ୍-ତୃପ୍ତି-ପ୍ରକୃତି ବିବାଦ

- ତୃପ୍ତି, ବାପା ଲଳିତ ଶତପଥୀଙ୍କ ସହ ଅନ୍ୟ ୮ ଜଣଙ୍କ ବିରୋଧରେ ଏତଲା
- ୟୁଟ୍ୟୁବ୍‌କୁ ମଧ କରାଗଲା ପକ୍ଷ
- 'ସମ୍ମାନ ହାନି ହେଉଥିବା ଭିଡିଓକୁ ହଟାଇବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ'

ଭୁବନେଶ୍ୱର ରାସ୍ତାରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁସାନ୍ ମହାନ୍ତି, ତାଙ୍କ ସ୍ତ୍ରୀ ତୃପ୍ତି ଏବଂ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ଗତ ଜୁଲାଇ ୨୩ରେ ଘଟିଥିବା ହାଇଡ୍ରାମା ଘଟଣା ଏବେ ଜଟିଳ ହେବାରେ ଲାଗିଛି। ଆକ୍ରମଣ ମାମଲାର ତଦନ୍ତରେ ମନ୍ଥରତା ଏବଂ କୋହଳ ଦଫା ଲଗାଇ ଏହି ମାମଲାକୁ କମିଶନରେଟ ପୋଲିସ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରି ପ୍ରକୃତି ମଙ୍ଗଳବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବୁଧବାର ସେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ତୃପ୍ତି ଏବଂ ତାଙ୍କ ବାପା ଲଳିତ ଶତପଥୀ ଏବଂ ଘଟଣାବେଳେ ଭିଡିଓ କରିବା ସହ ଗାଳି ଦେଇଥିବା ଅନ୍ୟ ୮ ଜଣଙ୍କ ବିରୋଧରେ ପ୍ରକୃତି ୫.୧୦ କୋଟି ଟଙ୍କାର ମାନହାନି ମାମଲା ଦାୟର କରିଛନ୍ତି। ଘଟଣା ପରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ପ୍ରକୃତିଙ୍କୁ ନେଇ ଖବର କରାଯାଇ ୟୁଟ୍ୟୁବ୍‌ରେ ଛଡ଼ାଯାଇଛି। ଉକ୍ତ ଭିଡିଓଗୁଡ଼ିକ ଦ୍ୱାରା ପ୍ରକୃତିଙ୍କ ସମ୍ମାନହାନି ହେଉଥିବା ଦର୍ଶାଯାଇ ଏହି ମାମଲାରେ ୟୁଟ୍ୟୁବ୍‌କୁ ମଧ୍ୟ ପକ୍ଷଭୁକ୍ତ କରାଯାଇଛି। ୟୁଟ୍ୟୁବ୍‌ରୁ ଉକ୍ତ ଭିଡିଓଗୁଡ଼ିକୁ ତୁରନ୍ତ ହଟାଇବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମାମଲାରେ ନିବେଦନ କରାଯାଇଥିବା ପ୍ରକୃତିଙ୍କ ଓକିଲ ବ୍ୟୋମକେଶ ତ୍ରିପାଠୀ କହିଛନ୍ତି। ଏନେଇ ପ୍ରକୃତି ଗଣମାଧ୍ୟମକୁ କହିଛନ୍ତି, ଆଇନ ତାର କାମ କରିବ। କୋର୍ଟ ଏନେଇ ଯାହାବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଦୃଢ଼ବିଶ୍ୱାସ ରହିଥିବା ସେ କହିଛନ୍ତି। ଅପରପକ୍ଷରେ ତୃପ୍ତିଙ୍କ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।


GOVERNMENT OF ODISHA
OFFICE OF THE EXECUTIVE ENGINEER
P.H. DIVISION, SAMBALPUR
Phone No. (0663)-2412135, Email ID- eephdsbp@gmail.com
No.C-1044: NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP- 07/2022-23 Dt. 19.08.2022

| | | |
|---|---|---|
| 01. | Name of the Work | : 1 No. Work |
| 02. | Type of Bid | : Two Bid System |
| 03. | Estimated Cost | : Rs.60.34 lakhs |
| 04. | Period of Completion | : 75 days |
| 05. | Date & Time of availability of bid document in the portal | : From 11.00 AM of dt.24.08.2022 to 5.00 PM of 08.09.2022 |
| 06. | Last date / time of receipt of bids in the portal | : 5.00 PM of 08.09.2022 |
| 07. | Date & Time of opening of technical bids | : At 11.30 AM of 09.09.2022 |
| 08. | Name and Address of the Officer Inviting Bid | : Superintending Engineer, P.H.Division, Sambalpur Brooks' Hill Near Stadium At/Po-Motijharan Dist-Sambalpur-768001 |

Further details can be seen from the web site http://tenders.ori.nic.in or www.tendersorissa.gov.in.
Sd./-Superintending Engineer, P.H.Division, Sambalpur
OIPR-13026/11/0007/2223



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
File No. HO/Civil/T&E-E- 4428 /04/ 2022/21433 Dt.22.8.22
CAD-1590: OFFICE OF THE
CHIEF GENERAL MANAGER (CIVIL) IDCO
IDCO TOWER, BHUBANESWAR
Bid Identification No. Civil/EST- 26/2022-23
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
1. Name of the Work : Construction of Compound Wall at Indira Gandhi Institute of Technology, Sarang, Dhenkanal.
2. Value of the Work:Rs.67.92 Lakhs (Approx.)
3. Period of completion:04(Four) Calendar Months
4. Availability of tender online for Bidding:
I. Start Date: 18:00 Hours of dt. 29.08.2022.
II. End date: 17:00 Hours of dt. 12.09.2022.
III. Opening date: 11:30 Hours of dt. 13.09.2022.
Tender details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Chief General Manager (Civil)
IDCO, Bhubaneswar
OIPR-14003/11/0122/2223


## ପାଠ୍ୟପୁସ୍ତକ ବ୍ୟବହାର ପାଇଁ ଏସ୍‌ଏଏ ଅନୁମୋଦନ କରିବ

**ଭୁବନେଶ୍ୱର, ୨୪।୮(ବ୍ୟୁରୋ):** ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ବ୍ୟବହାର ହେବାକୁଥିବା ପାଠ୍ୟକ୍ରମ ଏବଂ ପାଠ୍ୟ ପୁସ୍ତକକୁ ଷ୍ଟେଟ୍ ଏକାଡେମିକ ଅଥରିଟି (ଏସ୍‌ଏଏ) ଅନୁମୋଦନ କରିବ। ଏ ନେଇ ବୁଧବାର ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏ ସମ୍ପର୍କରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବିଭିନ୍ନ ବିଭାଗ, ନିର୍ଦ୍ଦେଶାଳୟ ଏବଂ ଏଜେନ୍ସିଦ୍ୱାରା ପ୍ରସ୍ତୁତ ହେଉଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟକ୍ରମ, ପାଠ୍ୟପୁସ୍ତକ ଏବଂ ସପ୍ଲିମେଣ୍ଟାରି ସାମଗ୍ରୀଗୁଡ଼ିକ ରାଜ୍ୟରେ କାର୍ଯ୍ୟକାରୀ ହେବା ପାଇଁ ଏସ୍‌ଏଏ ଦ୍ୱାରା ଅନୁମୋଦିତ ହେବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୧୦ ଅକ୍ଟୋବର ୨୦ରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିନିୟମ, ୨୦୦୯ ଅନୁସାରେ ପ୍ରାଥମିକ ଶିକ୍ଷା ପାଇଁ ପାଠ୍ୟକ୍ରମ ଏବଂ ମୂଲ୍ୟାୟନ ପ୍ରକ୍ରିୟା ସ୍ଥିର କରିବାକୁ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦକୁ ଷ୍ଟେଟ ଏକାଡେମିକ ଅଥରିଟି ଭାବେ ଘୋଷଣା କରିଥିଲେ।

## ବୈଠକରେ ହସିବାରୁ କନିଷ୍ଠଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍

**ବାଲିଆପାଳ, ୨୪।୮(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ସୁବର୍ଣ୍ଣରେଖା ନଦୀର ବନ୍ୟା ସମୀକ୍ଷା ବୈଠକ ଚାଲିଥିବା ବେଳେ ଏକ ନିର୍ଦ୍ଦିଷ୍ଟ ପଞ୍ଚାୟତରେ ଲୋକଙ୍କୁ ଦିଆଯାଇଥିବା ରନ୍ଧା ଖାଦ୍ୟ ରିପୋର୍ଟ ମୋବାଇଲରେ ମେସେଜ ଦେଖି ହସିବା ବ୍ଲକ କନିଷ୍ଠଯନ୍ତ୍ରୀଙ୍କୁ ମହଙ୍ଗା ପଡ଼ିଛି। ଏହାକୁ ନେଇ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ କରିଛନ୍ତି। ଏହାର ପ୍ରତିବାଦରେ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ପୂର୍ବାହ୍ଣରେ ବ୍ଲକ ପରିସରରେ ଧାରଣା ଦେଇଥିଲେ।

ବାଲିଆପାଳ ବ୍ଲକ ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁ ପ୍ରଶାସନ ପରିଚାଳନା, ଉଦ୍ଧାର ଓ ଥଇଥାନ ଏବଂ ରିଲିଫ କାର୍ଯ୍ୟ ଜାରି ରଖିଛି। ମଙ୍ଗଳବାର ସନ୍ଧ୍ୟାରେ ବନ୍ୟା ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏସବୁର ସମୀକ୍ଷା ହେଉଥିଲା। ବ୍ଲକ କନିଷ୍ଠଯନ୍ତ୍ରୀ ଡ. ମିହିର କୁମାର ପଣ୍ଡାଙ୍କ ପାଖକୁ ଏକ ମେସେଜ ଆସିଥିଲା, ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ପଞ୍ଚାୟତରେ ୮୫୦ ବନ୍ୟାବିପନ୍ନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ହେଲେ ଯନ୍ତ୍ରୀ ପଣ୍ଡା ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବାରୁ ୪୦ରୁ ୫୦ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଥିବା ତଥ୍ୟ ନିଜେ ରଖିଛନ୍ତି। ଏପରି ଅବାସ୍ତବ ତଥ୍ୟ ପାଇଁ ସେ ବୈଠକରେ ଜୋରରେ ହସି ଦେଇଥିଲେ। ବୈଠକରେ ଏଭଳି ଆଚରଣ ଲାଗି ପ୍ରକଳ୍ପ ନିର୍ଦ୍ଦେଶକ ତାଙ୍କୁ କୈଫିୟତ ତଲବ କରିବା ସହିତ ମଦ୍ୟପାନ କରିଥିବା ନେଇ ସର୍ବସମ୍ମୁଖରେ କହିଥିଲେ। ଘଟଣାରେ କନିଷ୍ଠଯନ୍ତ୍ରୀ ନିଜକୁ ଅସମ୍ମାନିତ ବୋଧ କରି ବ୍ଲକ ପରିସରରେ ଧାରଣାରେ ବସିରହିଥିଲେ।


GOVERNMENT OF ODISHA
OFFICE OF SPECIAL RELIEF COMMISSIONER
QUOTATION
No. 4906/R&DM(DM) Date: 23.08.2022
RDM-RLF-ESTT-0020-2020
No. F-210: Quotation is hereby invited from the registered firms/outsourcing agencies for deployment of manpower in State Emergency Operation Centre as Operator/ Supervisor for call tracking & supervising for Extension of Emergency Response Support System (ERSS) (Dial 112) for disaster emergencies in the Special Relief Establishment, Revenue & DM (DM) Department Odisha for a period of 3 years.
The intending firms/outsourcing agencies may submit quotation along with other supporting documents to the Joint Special Relief Commissioner, Office of the Special Relief Commissioner, Rajiv Bhawan, Bhubaneswar latest by date **08.09.2022 (5.00 P.M.)** through Registered Post/ Speed Post.
The prescribed quotation is available in the website **www.odisha.gov.in (link: http://odisha.gov.in/tender & http://srcodisha.nic.in (http://srcodisha.nic.in/tender.php)**.
The authority reserves every right to reject all or any of the tender without assigning any reason thereof.
Sd./- Joint Special Relief Commissioner
OIPR-24001/11/0089/2223



GOVERNMENT OF ODISHA
OFFICE OF THE EXECUTIVE ENGINEER
GANJAM [R&B] DIVISION NO.I, BERHAMPUR
Phone/Fax: (0680) 2233683, e-mail: eernb1_bam@yahoo.com
No.B-498: "e" Procurement Notice
Bid Identification No.EE R&B Divn.No.I Bam.33/2022-23
Lr.No.7944, Dtd.10.8.2022

| | |
|---|---|
| Name of Work | : Building works. |
| No.of works | : 7 (Seven) Nos |
| Estimated Cost | : Approximately Rs.12.15 to Rs.49.99 lakh |
| Period of completion | : Three Calendar months. |
| Date and time of Availability of bid document in the portal | : From 10.00 hours of 24.08.2022 to 16.00 hours of 05.09.2022 |
| Last date / time for receipt of bids in the portal | : Upto 16.00 hours of 05.09.2022 |
| Name & address of the Officer Inviting Bid | : Executive Engineer, Ganjam (R&B) Division No.I, Berhampur. |

Further details can be seen from the e-Procurement portal https://tendersodisha.gov.in.
Sd./- Executive Engineer
Ganjam (R&B) Division No.I, Berhampur
OIPR-34109/11/0012/2223


# ସବୁ ଦିଗରୁ ତଦନ୍ତ ହେଉଛି: ଡିସିପି

ଭୁବନେଶ୍ୱର,(ବ୍ୟୁରୋ)୨୪।୮

### ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଆତ୍ମହତ୍ୟା ଘଟଣା



- ଆସିଲା ପୋଷ୍ଟମର୍ଟମ ରିପୋର୍ଟ
- ଶ୍ୱାସରୁଦ୍ଧରୁ ହୋଇଛି ଶ୍ୱେତାଙ୍କ ମୃତ୍ୟୁ

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟରୁ ସଫ୍ଟୱେର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀ(୨୬)ଙ୍କ ମୃତଦେହ ମିଳିବା ଘଟଣାରେ ବୁଧବାର ପୋଲିସକୁ ବ୍ୟବଚ୍ଛେଦ ରିପୋର୍ଟ ମିଳିଛି। ଶ୍ୱେତାଙ୍କର ଶ୍ୱାସରୁଦ୍ଧରୁ ମୃତ୍ୟୁ ହୋଇଛି। ତାଙ୍କ ବେକ ବ୍ୟତୀତ ଶରୀରର ଅନ୍ୟ କୌଣସି ସ୍ଥାନରେ କ୍ଷତ ଚିହ୍ନ ନ ଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତେଣୁ ଶ୍ୱେତା ଆତ୍ମହତ୍ୟା କରିଥିବା ପୋଲିସ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ଆତ୍ମହତ୍ୟା ପାଇଁ ଦାୟୀ କରାଯାଉଥିବା ସମ୍ବଲପୁର ଅଇଁଠାପାଲି ଥାନା ବଂଶୀଧରନଗରର ପୁରୁଷବନ୍ଧୁ ସୌମ୍ୟଜିତ ମହାପାତ୍ରଙ୍କ ବିରୋଧରେ ବ୍ଲାକ୍‌ମେଲର କୌଣସି ପ୍ରମାଣ ମିଳୁ ନ ଥିବାରୁ ପୋଲିସ ଏନେଇ କାର୍ଯ୍ୟାନୁଷ୍ଠାନ ନେଇପାରୁ ନାହିଁ। ବୁଧବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଚନ୍ଦ୍ରଶେଖରପୁର ଥାନାକୁ ଯାଇ ଜୋନ୍ ଏସିପି, ଥାନାଧିକାରୀ ଓ ତଦନ୍ତକାରୀ ଅଧିକାରୀଙ୍କ ସହ ମାମଲାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଛନ୍ତି। ସେଠାରୁ ବାହାରିବା ପରେ ଡିସିପି ଗଣମାଧ୍ୟମକୁ କହିଛନ୍ତି, ଘଟଣାର ପ୍ରଥମ ଦିନ ଥାନାରେ ଶ୍ୱେତାଙ୍କ ପୁରୁଷ ବନ୍ଧୁ ସୌମ୍ୟଜିତଙ୍କୁ ପଚରାଉଚରା କରାଯାଇଥିଲା। ସେଦିନ ସୌମ୍ୟଜିତଙ୍କ ମାନସିକ ଅବସ୍ଥା ଭଲ ନ ଥିଲା। ଏପରିକି ଶ୍ୱେତାଙ୍କ ପରିବାର ଲୋକ ମଧ୍ୟ ଆସିଥିଲେ, ହେଲେ ସେତେବେଳେ ସେମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇ ନ ଥିଲା। ପରେ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ସବୁ ଦିଗରୁ ତଦନ୍ତ କରାଯାଉଥିବା ସେ କହିଛନ୍ତି। ତେବେ ପ୍ରେମ ସମ୍ପର୍କରୁ ତିକ୍ତତା ପରେ ଶ୍ୱେତା ଏଭଳି ନିଷ୍ପତ୍ତି ନେଇଥିବାବେଳେ ସୌମ୍ୟଜିତ ହିଁ ତାଙ୍କୁ ବ୍ଲାକ୍‌ମେଲ କରୁଥିଲେ ବୋଲି ଅଭିଯୋଗ ହୋଇଆସୁଛି। ହେଲେ ବ୍ଲାକମେଲ ସମ୍ପର୍କରେ ପ୍ରମାଣ ଏକାଠି କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଶ୍ୱେତାଙ୍କ ଘର ଭଦ୍ରକ ଟାଉନସ୍ଥିତ ଗବସାହିରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହି ଚାକିରି କରୁଥିଲେ। ତାଙ୍କ ସହ ୩ ସାଙ୍ଗ ରହୁଥିବାବେଳେ ସେ ଫ୍ଲାଟ୍‌ର ଗୋଟିଏ ରୁମ୍‌ରେ ରହୁଥିଲେ। ଜୁଲାଇ ୧୮ ରାତି ୧ଟା ୩୦ ପରେ ଶ୍ୱେତାଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା। ଏହାର ପରଦିନ ଅର୍ଥାତ୍ ଜୁଲାଇ ୧୯ ରାତିରେ ପରିବାର ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ଶ୍ୱେତାଙ୍କ ମୋବାଇଲ ଲୋକେଶନ୍ ଯାଞ୍ଚ କରିବାରୁ ସେ ତାଙ୍କ ରୁମ୍‌ରେ ଥିବା ଜଣାପଡ଼ିଥିଲା। ପୋଲିସ ରାତି ପ୍ରାୟ ୧୦ଟାରେ ଆପାର୍ଟମେଣ୍ଟସ୍ଥିତ ସି-ବ୍ଲକ୍‌ରେ ଥିବା ତାଙ୍କ ରୁମ୍‌କୁ ଯାଇ କବାଟ ଭାଙ୍ଗିଥିଲା। ଏହାପରେ ଶ୍ୱେତାଙ୍କ ମୃତଦେହ ଫ୍ୟାନ୍‌ରେ ଓଢ଼ଣି ଦ୍ୱାରା ଝୁଲୁଥିବା ଦେଖିବାକୁ ପାଇଥିଲା।


OFFICE OF THE MUNICIPALITY, UMERKOTE
NABARANGPUR (ODISHA), PIN- 764073
No.2985/Ukt-2022 Dated 20th August, 2022
QUOTATION CALL NOTICE
No.C-1047:Sealed quotations are invited from the intending firms/ dealers/industries for supply of the following office vehicles tyres and others for Umerkote Municipality. The quotationer should quote their rates inclusive all Tax / VAT / Transportation charge etc per each. The quotatiioners should submitted attested copies of up-to-date VAT and IncomeTax/GST/Sales Tax clearance certificate licenses along with the quotation. The quotations alongwith all documents shall be received by the undersigned through Regd/Speed post only on or before Date 30.08.2022 up to 4 pm and the quotations will be opened on the same day at 4.30 pm in presence of the quotationers or their authorized representative. The quotation received beyond the schedule date and time will not be considered at all.
Any correction / over writing in the quotation should be attested by the quotationers, otherwise it is liable for rejections. The undersigned reserve the right to accept, cancel or reject any or all the quotations without assigning any reason thereof.
Requirement of Tyres and others .

| Sl. No. | ITEM | SPECIFICATION |
|---|---|---|
| 1 | Tractor-Middle Tyre- 2 Nos.. | Size- 12.04.28, AAYUSMAN (CEAT/ B.K.T/MRF/J.K/APPLE) |
| 2 | Tractor-Middle Tyre-2 Nos. | Size- 13.06.28, AAYUSMAN (CEAT/ B.K.T/MRF/J.K/APPLE) |
| 3 | Trolley Tyre for Tractor- 4 Nos. | Size- 9.00.16, Steel Farm (CEAT/B.K.T/ MRF/J.K/APPLE) |
| 4 | Front Tyre for Tractor- 4 Nos. | Size- 6.00.16, Steel Farm (CEAT/B.K.T/ MRF/J.K/APPLE) |
| 5 | Tata S Magic Tyre- 4 Nos. | Size- 145R12TT (CEAT/B.K.T/MRF/ J.K/APPLE) |
| 6 | Bharat Petroleum Multi gread Engine Oil | 20W40-40 Litrs-1 nos, Filter Set etc. |

Sd./- Executive Officer
Umerkote Municipality
OIPR-13180/11/0006/2223



INSTITUTE OF MATHEMATICS & APPLICATIONS
(Established by the Govt. of Odisha)
Bhubaneswar-751029
Website: www.iomaorissa.ac.in
TENDER NOTICE
No. IMA / HOS/ 744 / 2022 date: 23.08.2022
No. CAD-1592: Two bids **(technical bid & the price bid should be sealed by the bidder in separate covers)** Quotations are invited for supply of **Sofa set with Centre Table, Bed with Mattress, Movable chair and Study table** from eligible firms/vendors. Sealed bids in the prescribed tabular format along with supporting document may be sent to the undersigned on or before 07.09.2022 (3:00 PM). Bids received beyond the above scheduled date and time shall not be considered. Authority reserves the right to cancel/reject all or any of the bids without assigning any reason there to. Detailed of the tender is available in the IMA website: www.iomaorissa.ac.in
Sd./- Registrar
OIPR-28010/11/0008/2223

# ବିଜୟରେ ଓଡ଼ିଶା ଜଗରନଟ୍ସର ହ୍ୟାଟ୍ରିକ

## ଅଲ୍‌ଟିମେଟ ଖୋ ଖୋ

ଭୁବନେଶ୍ୱର, ୨୪।୮ (କ୍ରୀଡ଼ା ପ୍ରତିନିଧି)

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ର ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଜଗରନଟ୍ସ ୧୦ (୫୧-୪୧) ପଏଣ୍ଟରେ ଚେନ୍ନାଇ କୁଇକ୍ ଗନ୍ସକୁ ପରାସ୍ତ କରିଛି। ଏଥିସହ ବିଜୟରେ ହ୍ୟାଟ୍ରିକ ଅର୍ଜନ କରିଛି ଭୁବନେଶ୍ୱର ଭିତ୍ତିକ ଏହି ଫ୍ରାଞ୍ଚାଇଜ୍। ଏହା ବ୍ୟତୀତ ଚେନ୍ନାଇ ଦଳ ବିପକ୍ଷରେ ଜଗରନଟ୍ସର ଏହାଥିଲା ଦ୍ୱିତୀୟ ବିଜୟ। ଓଡ଼ିଶା ଦଳ ପକ୍ଷରୁ ନିଲେଶ ଯାଦବ ୫ ଚିତ୍ତାକର୍ଷକ ଡ୍ରାଇଭ୍ ସହ ସର୍ବାଧିକ ୧୫ ପଏଣ୍ଟ ହାସଲ କରିଥିଲେ। ଅଧିନାୟକ ମିଲିନ୍ଦ ଚଭାରେକର ଓ ସୂରଜ ଲାଣ୍ଡେ ତାଙ୍କୁ ଉପଯୁକ୍ତ ସହାୟତା କରି ଯଥାକ୍ରମେ ୯ ଓ ୮ ପଏଣ୍ଟ ପାଇଥିଲେ। ଚେନ୍ନାଇ ପକ୍ଷରୁ ପି. ନରସାୟା ଓ ମନୋଜ ପାଟିଲ ୮ ପଏଣ୍ଟ ଲେଖାଏ ହାସଲ କରିଥିଲେ।

ଅଗଷ୍ଟ ୧୫ରେ ଜଗରନଟ୍ସ ଏହାର ପ୍ରଥମ ମ୍ୟାଚରେ କୁଇକ୍‌ଗନ୍ସକୁ ୮ ପଏଣ୍ଟରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଜାଏଣ୍ଟସଠାରୁ ମାତ୍ର ୫ ପଏଣ୍ଟରେ ହାରିଥିଲେ ହେଁ ପରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ରାଜସ୍ଥାନ ୱାରିୟର୍ସକୁ ୧୯, ଗୁଜରାଟ ଜାଏଣ୍ଟସ୍‌କୁ ୩ ପଏଣ୍ଟରେ ହରାଇବାପରେ ଓଡ଼ିଶା ଦଳ ଚେନ୍ନାଇକୁ ଦ୍ୱିତୀୟଥରପାଇଁ ମାତ୍ ଦେଇଛି। ଏହା ବ୍ୟତୀତ ଚେନ୍ନାଇ ବିଜୟରେ ମଧ୍ୟ ବ୍ରେକ୍ ଲଗାଇଛି। କୁଇକ୍ ଗନ୍ସ କ୍ରମାଗତ ୩ ବିଜୟ ହାସଲ କରିବାପରେ ପ୍ରଥମ ପରାଜୟ ସ୍ୱାଦ ଚାଖିଛି। ଜଗରନଟ୍ସ ୫ ମ୍ୟାଚରୁ ୪ ବିଜୟ ଓ ୧ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ତେଲଗୁ ଯୋଦ୍ଧାସ ସମାନ ୧୨ ପଏଣ୍ଟ ପାଇଥିଲେ ହେଁ ସ୍କୋର ବ୍ୟବଧାନରେ ଶୀର୍ଷରେ ରହିଛି। ଗୁଜରାଟ ଜାଏଣ୍ଟସ ୧୧ ପଏଣ୍ଟ ସହିତ ତୃତୀୟ ସ୍ଥାନ ପାଇଛି। ଗୁରୁବାର ଓଡ଼ିଶା ଜଗରନଟ୍ସ ଏହାର ପରବର୍ତ୍ତୀ ମ୍ୟାଚରେ ରାଜସ୍ଥାନ ୱାରିୟର୍ସକୁ ଭେଟିବ। ଅନ୍ୟଏକ ମ୍ୟାଚ ଗୁଜରାଟ ଜାଏଣ୍ଟସ ଓ ତେଲ୍‌ଗୁ ଯୋଦ୍ଧାସ ମଧ୍ୟରେ ଅନୁଷ୍ଠିତ ହେବ।


ଓଡ଼ିଶା ଜଗରନଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଫାଓ ଲିଗ୍: ରାଇଜିଂ ଷ୍ଟାର ବିଜୟୀ

**ଭୁବନେଶ୍ୱର, ୨୪।୮ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ରାଇଜିଂ ଷ୍ଟାର କ୍ଲବ ବିଜୟୀ ହୋଇଛି। ସମ୍ପୂର୍ଣ୍ଣ ଏକପାଖିଆ ଭାବେ ଶେଷ ହୋଇଥିବା ମ୍ୟାଚରେ ରାଇଜିଂ ଷ୍ଟାର ୫-୦ ଗୋଲରେ ସନ୍‌ସାଇନ୍ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜିତୁ ମୁଦୁଲି ୪ର୍ଥ, ଚନ୍ଦ୍ରଶେଖର ବେହେରା ୨୪, ପ୍ରକାଶ ନାଏକ ୩୭, ଉସ୍ତା ଜାନି ୪୦ ଏବଂ ପରେଶ ବେହେରା ୫୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗୁରୁବାର ସିଆରଆରଆଇ-ଇଲେଭେନ ଗନ୍ (ଅପରାହ୍ନ ୧ଟା ୩୦) ଏବଂ ରାଧାଗୋବିନ୍ଦ-ବିଡ଼ାନାସୀ କ୍ଲବ (ଅପରାହ୍ନ ୩ଟା ୩୦) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ଝିଲ୍ଲୀ, ଶ୍ରୀୟଙ୍କା ଶ୍ରେଷ୍ଠ କ୍ରୀଡ଼ାବିତ୍


ଝିଲ୍ଲୀ ଦଳବେହେରା


ଶ୍ରୀୟଙ୍କା ଷଡ଼ଙ୍ଗୀ


ଦେବାଶିଷ ମହାନ୍ତି

### ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

- ଦେବାଶିଷଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ
- ବିଷ୍ଣୁ, ବେଣୁଧର ପୁରସ୍କୃତ ହେବେ

ଭୁବନେଶ୍ୱର, ୨୪।୮ (କ୍ରୀଡ଼ା ପ୍ରତିନିଧି)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆଗାମୀ ୨୯ ତାରିଖରେ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିବେ। ୨୦୨୧ ବର୍ଷ ପାଇଁ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ୨ ଜଣ ପାଇବେ। ସେମାନେ ହେଲେ ତାରକା ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରା ଓ ଶୁଟିଂ ସେନ୍‌ସେସନ ଶ୍ରୀୟଙ୍କା ଷଡ଼ଙ୍ଗୀ। ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ତଥା ଏବେ ଜାତୀୟ ସିନିୟର କ୍ରିକେଟ ଦଳର ଚୟନକର୍ତ୍ତା ଥିବା ଦେବାଶିଷ ମହାନ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯିବ। ଶ୍ରେଷ୍ଠ କୋଚ୍ ପୁରସ୍କାର ପାଇବେ ବିଷ୍ଣୁ ପ୍ରସାଦ ମିଶ୍ର। ସେ ହେଉଛନ୍ତି ରାଜ୍ୟର ତାରକା ପାରା ଆଥ୍‌ଲେଟ ଜୟନ୍ତୀ ବେହେରାଙ୍କ ପ୍ରଶିକ୍ଷକ। ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ପ୍ରମୋଶନ ପାଇଁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟକୁ ମନୋନୀତ କରାଯାଇଛି। ଶ୍ରେଷ୍ଠ କ୍ରୀଡ଼ା ଖବରଦାତା ପୁରସ୍କାର ପାଇବେ ବେଣୁଧର ଦାସ। ପ୍ରକାଶଯୋଗ୍ୟ ଯେ, ୨୦୧୭ ପରେ କୌଣସି କ୍ରୀଡ଼ା ଖବରଦାତାଙ୍କୁ ପୁରସ୍କାର ପ୍ରଦାନ କରାଯାଇ ନ ଥିଲା। ଏଥିପାଇଁ ନୈରାଶ୍ୟ ପ୍ରକାଶ ପାଇଥିଲା। ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ୩ ବର୍ଷର ବ୍ରେକ୍ ପରେ ପୁଣି ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ପୁରସ୍କାର ଆକାରରେ ସମସ୍ତଙ୍କୁ ମାନପତ୍ର ଓ ଫଳକ ସହ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପାଇଁ ୩ ଲକ୍ଷ, ଶ୍ରେଷ୍ଠ କ୍ରୀଡ଼ାବିତ୍ ପାଇଁ ୨ ଲକ୍ଷ, ଶ୍ରେଷ୍ଠ କୋଚ୍ ଏବଂ ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ୧ ଲକ୍ଷ ଲେଖାଏ ଏବଂ ଶ୍ରେଷ୍ଠ କ୍ରୀଡ଼ା ଖବରଦାତାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଉଛି। କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ବୈଠକରେ ଉପରୋକ୍ତ ବ୍ୟକ୍ତି ଏବଂ ଅନୁଷ୍ଠାନକୁ ୨୦୨୧ ବର୍ଷର ପୁରସ୍କାର ପାଇଁ ମନୋନୀତ କରାଯାଇଛି।

## ଅଚିନ୍ତଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ ଜେରେମି

**ନୂଆଦିଲ୍ଲୀ, ୨୪।୮ (ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡା ସ୍ୱର୍ଣ୍ଣ ପଦକ ବିଜେତା ଭାରୋତ୍ତୋଳକ ଜେରେମି ଲାଲରିନୁଙ୍ଗା ଏଣିକି ୭୩ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସକୁ ଆଖି ଆଗରେ ରଖି ସେ ଏହି ନିଷ୍ପତ୍ତି ନେଇଛନ୍ତି। ଅଚିନ୍ତ ଶେଉଲୀଙ୍କ ନାମରେ ୭୩ କିଗ୍ରା ବର୍ଗର ଜାତୀୟ ରେକର୍ଡ ରହିଥିବା ବେଳେ ସମାନ ବର୍ଗରେ ଅଲିମ୍ପିକ୍ସ ଟିକଟ ପାଇଁ ଜେରେମି ଲଢେଇ କରିବେ। ସେ ବର୍ତ୍ତମାନ ୬୭ କିଗ୍ରା ବର୍ଗରେ ଭାରୋତ୍ତୋଳନ କରନ୍ତି। ତେବେ ପ୍ୟାରିସ୍ ଅଲିମ୍ପିକ୍ସରେ ୬୭ କିଗ୍ରା ଓଜନ ବର୍ଗ ସାମିଲ ନ ଥିବାରୁ ୭୩ କିଗ୍ରା ବର୍ଗରେ ଓହ୍ଲାଇବାକୁ ଜେରେମି ନିଷ୍ପତ୍ତି ନେଇଛନ୍ତି। ଉଭୟ ଖେଳାଳି ବର୍ତ୍ତମାନ ଆମେରିକାର ସେଣ୍ଟ ଲୁଇସ୍‌ରେ ଟ୍ରେନିଂ ନେଉଛନ୍ତି।

# ଲିଜେଣ୍ଡ୍ସ ଲିଗ୍ ପାଇଁ ପ୍ରସ୍ତୁତ ହେଉଛି ବାରବାଟୀ

**ଭୁବନେଶ୍ୱର, ୨୪।୮ (କ୍ରୀଡ଼ା ପ୍ରତିନିଧି):** ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୧୬ ତାରିଖରେ ଆରମ୍ଭ ହେବ। ଅକ୍ଟୋବର ୮ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ଟି୨୦ ଲିଗ୍‌ର ମ୍ୟାଚଗୁଡ଼ିକ ଭାରତର ୫ଟି ଭେନ୍ୟୁ କୋଲକାତା, ନୂଆଦିଲ୍ଲୀ, କଟକ, ଲକ୍ଷ୍ନୌ ଓ ଯୋଧପୁରରେ ଖେଳାଯିବ। କଟକର ବାରବାଟୀ ଷ୍ଟାଡିୟମରେ ୩ଟି ମ୍ୟାଚ ୨୭, ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ଆବ୍‌ସୋଲ୍ୟୁଟ ଲିଜେଣ୍ଡ୍ସ ସ୍ପୋର୍ଟ୍ସ କମ୍ପାନୀ ଆନୁକୂଲ୍ୟରେ ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଓମାନରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ତଥା ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡ଼ିଆ ଖେଳାଳି ପ୍ରଜ୍ଞାନ ଓଝା ପ୍ରମୁଖ ଆଗାମୀ ଲିଗ୍‌ରେ ଅଂଶଗ୍ରହଣ କରିବେ। ଖେଳିବାକୁ ଯାଉଥିବା ଅନ୍ୟ ପ୍ରମୁଖ ଖେଳାଳିମାନେ ହେଲେ ଗୌତମ ଗମ୍ଭୀର, ବୀରେନ୍ଦ୍ର ସେହ୍ୱାଗ, ଇରଫାନ ପଠାନ, ୟୁସୁଫ ପଠାନ, ହରଭଜନ ସିଂ ଓ ଏସ୍. ଶ୍ରୀସନ୍ଥ। ବାହାର ଦେଶରୁ କ୍ରିସ୍ ଗେଲ୍, ଶେନ ୱାଟସନ, ବ୍ରେଟ୍ ଲୀ, ଜଣ୍ଟି ରୋଡ୍ସ, ଡେଲ୍ ଷ୍ଟେନ, ସନଥ ଜୟସୂରିୟା ପ୍ରମୁଖ ଖେଳାଳିମାନେ ମଧ୍ୟ ଆକ୍ସନରେ ଦେଖିବାକୁ ମିଳିବେ। ପ୍ରତିଯୋଗିତାରେ ମୋଟ ୪ଟି ଦଳ ଅଂଶଗ୍ରହଣ କରିବେ। କାର୍ଯ୍ୟସୂଚୀ ଅନୁସାରେ କୋଲକାତା, ନୂଆଦିଲ୍ଲୀ ଓ କଟକରେ ୩ଟି ଲେଖାଏ ଏବଂ ଲକ୍ଷ୍ନୌ ଓ ଯୋଧପୁରରେ ୨ଟି ଲେଖାଏ ମ୍ୟାଚ ଖେଳାଯିବାର ଯୋଜନା ରହିଛି। ଲକ୍ଷ୍ନୌରେ ସେପ୍ଟେମ୍ବର ୨୧ ଓ ୨୨, ନୂଆଦିଲ୍ଲୀରେ ୨୪ରୁ ୨୬, ଯୋଧପୁରରେ ଅକ୍ଟୋବର ୧ ଓ ୩ରେ ମ୍ୟାଚ ଖେଳାଯିବ।


ସଞ୍ଜୟ ବେହେରା

# ପ୍ରିୟଙ୍କ ପଞ୍ଚାଲ ଭାରତ 'ଏ' ଅଧିନାୟକ

ନୂଆଦିଲ୍ଲୀ, ୨୪।୮ (ପି.ଟି)

ନ୍ୟୁଜିଲାଣ୍ଡ ଏ ବିପକ୍ଷ ୩ ଟି ୪ ଦିନିଆ ମ୍ୟାଚ୍ ପାଇଁ ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଗୁଜରାଟ ଓପନର ପ୍ରିୟଙ୍କ ପଞ୍ଚାଲଙ୍କୁ ଏହି ଦଳର ଅଧିନାୟକ ଘୋଷଣା କରାଯାଇଛି। ପଞ୍ଚାଲଙ୍କ ବ୍ୟତିତ ଋତୁରାଜ ଗାଏକ୍ୱାଡ, କୁଲଦୀପ ଯାଦବ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଏହି ଦଳରେ ସାମିଲ କରାଯାଇଛି। ଏହା ବ୍ୟତିତ ପେସ୍ ବୋଲିଂ ସେନସେଶନ ଉମରାନ୍ ମଲିକଙ୍କୁ ମଧ୍ୟ ଏହି ଦଳରେ ସ୍ଥାନ ମିଳିଛି। ଅନକ୍ୟାପଡ ଖେଳାଳି ତିଲକ ବର୍ମା, ଯଶ ଦୟାଲ ଏବଂ ମୁକେଶ କୁମାରଙ୍କୁ ମଧ୍ୟ ଏହି ଦଳରେ ସାମିଲ କରାଯାଇଛି। ଘରୋଇ ସିଜିନରେ ଭଲ ପ୍ରଦର୍ଶନ କରିଥିବା ଅଭିମନ୍ୟୁ ଇଶ୍ୱରନ୍, ରଜତ ପଟିଦାର ଓ ସର୍ଫରାଜ ଖାନଙ୍କୁ ଦଳରେ ସାମିଲ କରିଛନ୍ତି ଚୟନକର୍ତ୍ତା। ପ୍ରଥମ ଏବଂ ତୃତୀୟ ମୁକାବିଲା ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏବଂ ଦ୍ୱିତୀୟ ମ୍ୟାଚ୍ ହୁବଲିର ରାଜନଗର ଷ୍ଟାଡିୟମରେ ଖେଳାଯିବ।

ଭାରତ ଏ ଦଳ: ପ୍ରିୟଙ୍କ ପଞ୍ଚାଲ (ଅଧିନାୟକ), ଅଭିମନ୍ୟୁ ଇଶ୍ୱରନ୍, ଋତୁରାଜ ଗାଏକ୍ୱାଡ, ରଜତ ପଟିଦାର, ସର୍ଫରାଜ ଖାନ୍, ତିଲକ ବର୍ମା, କେ. ଏସ. ଭରତ, ଉପେନ୍ଦ୍ର ଯାଦବ, କୁଲଦୀପ ଯାଦବ, ସୌରଭ କୁମାର, ରାହୁଲ ଚହର, ପ୍ରସିଦ୍ଧ କ୍ରିଷ୍ଣା, ଉମରାନ ମଲିକ୍, ମୁକେଶ କୁମାର, ଯଶ୍ ଦୟାଲ ଓ ଆର୍ଜାନ ନାଗ୍ୱସ୍ୱଲା।

## ରାଜ୍ୟ ଖବର

### ଉତ୍ତର ନ ଦେବାରୁ ଛାତ୍ରଙ୍କୁ ମାଡ଼ ଅଭିଯୋଗ

**ହାଟଡିହୀ, ୨୪।୮ (ଡି.ଏନ.ଏ.):** ଉତ୍ତର ଦେଇ ନ ପାରିବାରୁ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୁନ୍ଦରାପାଳଠାରେ ଥିବା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଜଣେ ଷଷ୍ଠ ଶ୍ରେଣୀର ଛାତ୍ରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ବାବଦରେ ଅଭିଭାବକମାନେ ଅଭିଯୋଗ କରିବା ପରେ ଆନନ୍ଦପୁର ଉପଜିଲାପାଳ ଅନିଲ କୁମାର ସେଠି ଏବଂ ହାଟଡିହୀ ବିଡିଓ ବିଚିତ୍ର କର ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି। ତଦନ୍ତ ବେଳେ ଅଧ୍ୟକ୍ଷଙ୍କ ବିରୋଧରେ ଛାତ୍ର ଓ ଅଭିଭାବକମାନେ ଉପଜିଲାପାଳ ଏବଂ ବିଡିଓଙ୍କୁ କହିଥିଲେ। ଘଟଣା ବାବଦରେ ଜିଲାପାଳଙ୍କୁ ଜଣାଇ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ସେଠି କହିଛନ୍ତି। ଅପରପକ୍ଷେ ଛାତ୍ରଙ୍କୁ ମାଡ଼ ମାରିବା ଘଟଣାକୁ ଅଧ୍ୟକ୍ଷ ନିତ୍ୟାନନ୍ଦ ବାରିକ ଅସ୍ୱୀକାର କରିଛନ୍ତି।

# ନିଜ ଲୁଟ୍‌ର ବ୍ଲୁପ୍ରିଣ୍ଟ କରିଥିଲେ ଅଭିଯୋଗକାରୀ

### ୨ ସାଙ୍ଗ ସହ ଗିରଫ, ଟଙ୍କା ଜବତ

ସମ୍ବଲପୁର, ୨୪।୮ (ବ୍ୟୁରୋ)

ସମ୍ବଲପୁର ଜିଲା ଚାରମାଲ ଥାନା ଅନ୍ତର୍ଗତ ହେମନ୍ତକୁଳ ଗ୍ରାମ ରାସ୍ତାରୁ ମାଇକ୍ରୋ ଫାଇନାନ୍ସ କମ୍ପାନୀ ମ୍ୟାନେଜର ଜ୍ୟୋତିଲାଲ ବିଶ୍ୱାଳ (୨୨)ଙ୍କଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି। ମ୍ୟାନେଜର ବିଶ୍ୱାଳ ନିଜ ଲୁଟ୍‌ର ବ୍ଲୁପ୍ରିଣ୍ଟ ନିଜେ ପ୍ରସ୍ତୁତ କରିଥିଲେ। ଏଥିରେ ସେ ତାଙ୍କର ୨ ସାଙ୍ଗ ଶିବପ୍ରସାଦ ବିଶ୍ୱାଳ (୩୦) ଓ ଗୌତମ ପ୍ରଧାନ (୨୬)ଙ୍କୁ ନିୟୋଜିତ କରିଥିଲେ। ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ଅଭିଯୋଗକାରୀ ଜ୍ୟୋତିଲାଲଙ୍କ ସହିତ ଦୁଇ ସାଙ୍ଗଙ୍କୁ ଗିରଫ କରିଛି ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, ଅଭିଯୁକ୍ତମାନଙ୍କ ନିକଟରୁ ଲୁଟ୍ ଟଙ୍କାରୁ ୭ ହଜାର ଟଙ୍କା, ଟାବ୍‌ଲଏଡ, ୫ ମୋବାଇଲ ଫୋନ ଜବତ ହୋଇଛି। ଅଗଷ୍ଟ ୧୨ ତାରିଖରେ ଜ୍ୟୋତିଲାଲଙ୍କଠାରୁ ୫୪ ହଜାର ୬ ଶହ ଟଙ୍କା ଲୁଟ୍ ହୋଇଥିବା ନେଇ ଚାରମାଲ ଥାନାରେ ଅଭିଯୋଗ ହୋଇଥିଲା। ଏହା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗକାରୀ ବିଶ୍ୱାଳ ନିଜେ ଅଭିଯୁକ୍ତ ହୋଇଥିବାରୁ ପୋଲିସକୁ ଘଟଣାର ପର୍ଦ୍ଦାଫାଶ କରିବାରେ ବିଳମ୍ବ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଏକ ଟିମ୍ ଗଠନ କରାଯାଇଥିଲା। ଲୁଟ୍ ହୋଇଥିବା ସ୍ଥାନରେ ପୋଲିସକୁ ସେଭଳି କିଛି ସଫଳତା ମିଳି ନ ଥିଲା। ତେବେ ପରବର୍ତ୍ତୀ ସମୟରେ ମ୍ୟାନେଜର ବିଶ୍ୱାଳଙ୍କ ବୟାନ ଓ ପାରିପାର୍ଶ୍ୱିକ ସ୍ଥିତିରେ ତାଳମେଳ ରହିଲା ନାହିଁ। ତେଣୁ ସନ୍ଦେହ କରି ଟେକ୍‌ନିକାଲ ଟିମ୍‌ର ସହଯୋଗ ନିଆଯାଇଥିଲା। ପରେ ଅଭିଯୁକ୍ତ ବିଶ୍ୱାଳଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ସ୍ପଷ୍ଟ ହୋଇଥିଲା।


ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତମାନେ।

# ଶାରଦା ଖଣିରେ ପୁଣି ଇଡି ଚଢ଼ାଉ

ଯୋଡ଼ା, ୨୪।୮ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିକ୍ଷେତ୍ର ଅନ୍ତର୍ଗତ ସୟାବାଲିସ୍ଥିତ ଶାରଦା ଖଣି କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବେଆଇନ ଅର୍ଥ କାରବାରରେ ସମ୍ପୃକ୍ତି ଅଭିଯୋଗରେ ଏହି ଚଢ଼ାଉ ଚାଲିଥିବାବେଳେ ଇଡିର ୧୦ଜଣିଆ ଟିମ୍ ତନାଘନା ଜାରି ରଖିଛନ୍ତି। ଇଡି ଅଧିକାରୀମାନେ ଶାରଦା ଖଣି ନିର୍ଦ୍ଦେଶକ ଅର୍ଜୁନ ଶାଶ୍ୱତ ଶର୍ମା, ବିନୋଦ ବିହାରୀ ସାହୁ, କମ୍ପାନୀ ସେକ୍ରେଟାରି ଶିଶିର ଗୋଏଲଙ୍କ ବାସଭବନରେ ଯାଞ୍ଚ କରୁଛନ୍ତି। ନିର୍ଦ୍ଦେଶକ ଶର୍ମାଙ୍କୁ ଜେରା ମଧ୍ୟ କରାଯାଇଛି।

କୋଲକାତା, ଗୁରଗାଓଁ ଏବଂ ଓଡ଼ିଶାସ୍ଥିତ କାର୍ଯ୍ୟାଳୟରେ ଏକକାଳୀନ ଏହି ଚଢ଼ାଉ ଜାରି ରହିଛି। ଏଥିରେ ଦିଲ୍ଲୀ, କୋଲକାତା ଏବଂ ଓଡ଼ିଶାରେ ଅବସ୍ଥାପିତ ଇଡିର ପଦସ୍ଥ ଅଧିକାରୀ ସାମିଲ ହୋଇଛନ୍ତି। ତେବେ ଚଢ଼ାଉକୁ ଅତ୍ୟନ୍ତ ଗୋପନୀୟ ରଖାଯାଇଛି। କୌଣସି ଖବରଦାତାଙ୍କୁ ଭିତରକୁ ଛଡ଼ାଯାଉନାହିଁ। ଏପରି କି ସୁରକ୍ଷା କର୍ମଚାରୀଙ୍କ ମୋବାଇଲ ମଧ୍ୟ ଜବତ କରି ରଖାଯାଇଛି। ସମଗ୍ର ଅଞ୍ଚଳକୁ ପୋଲିସ ଛାଉଣି କରିଦିଆଯାଇଛି। ତେଣୁ ଚଢ଼ାଉ ସମ୍ପର୍କିତ ତଥ୍ୟ ସ୍ପଷ୍ଟ ହୋଇପାରିନାହିଁ।

ସୂଚନାଯୋଗ୍ୟ, ଅନିୟମିତତା ଅଭିଯୋଗରେ ଶାରଦା ଖଣିରେ ବାରମ୍ବାର ଚଢ଼ାଉ କରାଯାଉଛି। ଲୁହାପଥର ଟନ୍ ପ୍ରତି ୬୦୦୦ରୁ ୮୦୦୦ ଟଙ୍କା ଥିବାବେଳେ ଉକ୍ତ ଖଣି କମ୍ପାନୀ ମୂଲ୍ୟ ହ୍ରାସ କରି ଏକ ଶିଳ୍ପସଂସ୍ଥାକୁ ଖଣିଜ ବିକ୍ରି କରିଥିବା ନେଇ ଅଭିଯୋଗ ହୋଇଥିଲା। ଏବେ ଇଡି ପକ୍ଷରୁ ଏହାର ଖୋଳତାଡ଼ କରାଯାଉଥିବା ସୂଚନା ମିଳିଛି।

### ବଜ୍ରପାତରେ ୨ ମୃତ

**ମାଲକାନଗିରି, ୨୪।୮ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସଦର ବ୍ଲକ ପାଣ୍ଡ୍ରିପାଣି ପଞ୍ଚାୟତ ରାଉଳିଗୁଡ଼ା ଏବଂ ବାଉଁଶଗୁଡ଼ା ଗ୍ରାମରେ ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ଦୁଇ ମୃତକ ହେଲେ ବାଉଁଶଗୁଡ଼ାର ଦଇମତି ଖିଲ(୨୬) ଏବଂ ରାଉଳିଗୁଡ଼ାର ଲକ୍ଷ୍ମୀ କପେ(୧୭)। ଆହତଙ୍କ ମଧ୍ୟରେ ଗାଁର ସୁଶୀଳା ଖିଲ, ଦୀପା ପାଙ୍ଗୀ ଓ ଚିନ୍ତା ଖିଲ ରହିଛନ୍ତି। ଅପରାହ୍ନରେ ପାଣ୍ଡ୍ରିପାଣି ଅଞ୍ଚଳରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଗାଁର ମହିଳା ଓ ଯୁବତୀମାନେ ଧାନଜମିରୁ ଘାସ ବାହାର କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୁରୁତରମାନଙ୍କୁ ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ୪୦ ଛାତ୍ରୀ ଅସୁସ୍ଥ

**କେନ୍ଦୁଝର, ୨୪।୮ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନ ରାଇସୁଆଁସ୍ଥିତ ଆଦିବାସୀ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ହାଇସ୍କୁଲ ହଷ୍ଟେଲର ପ୍ରାୟ ୪୦ ଛାତ୍ରୀ ମଙ୍ଗଳବାର ରାତିରେ ଅସୁସ୍ଥ ହୋଇପଡ଼ିଥିଲେ। ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ତୁରନ୍ତ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଥିଲା। ବୁଧବାର ଚିକିତ୍ସା ପରେ ସୁସ୍ଥ ହୋଇ କେତେଜଣ ପିଲା ହଷ୍ଟେଲକୁ ଫେରିଥିବା ଜଣାପଡ଼ିଛି। ମେଡିକାଲ ଟିମ୍ ଘଟଣାସ୍ଥଳକୁ ଯାଇ ଅନ୍ୟ ପିଲାଙ୍କୁ ପରୀକ୍ଷା କରିଛନ୍ତି। ଅସୁସ୍ଥ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଥିବା ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ ଦାସ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସୁଜି ଖାଇବା ପରେ ଏଭଳି ଘଟଣା ଘଟିଥିଲା। ରାତିରେ ହଠାତ୍ ଜଣଙ୍କ ପରେ ଜଣଙ୍କର ମୁଣ୍ଡ ବୁଲାଇବା ସହ ଝାଡ଼ା ହୋଇଥିଲା। ତେବେ ସୁଜି ଖାଇ ନ ଥିବା ପିଲା ମଧ୍ୟ ଅସୁସ୍ଥ ହୋଇଥିବାରୁ ଏହାର କାରଣ ଠିକ୍ ଭାବେ ଜଣାପଡୁନାହିଁ।

## ସ୍କୁଲ ହଷ୍ଟେଲରେ ଛାତ୍ରଙ୍କୁ ରାଗିଂ ଅଭିଯୋଗ

### ପରିସ୍ରା ପିଆଇଥିଲେ ସହପାଠୀ

**ନବରଙ୍ଗପୁର, ୨୪।୮ (ବି.ପ୍ର.):** ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଏକ ପବ୍ଲିକ ସ୍କୁଲ ହଷ୍ଟେଲର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ପରିସ୍ରା ପିଆଇବା ଅଭିଯୋଗ ହୋଇଛି। ପୀଡିତ ଛାତ୍ରଙ୍କ ବାପା ବୁଧବାର ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏବେ ଘଟଣାର ତଦନ୍ତ କରୁଛି। ସ୍କୁଲରେ ରାଗିଂ ହେଉଛି। ୫ ଜଣ ସହପାଠୀ ସିଗାରେଟ ଟାଣିବା ସହ ଗୁଟ୍‌ଖା ଖାଇ ଛେପ ଡ୍ରେସ ଉପରେ ପକାଉ ଥିଲେ। ପାଣି ବୋତଲରେ ପରିସ୍ରା ମିଶାଇ ପିଇବାକୁ ଦେବା ସହ ବିଭିନ୍ନ ଭାଷାରେ ଗାଳି ଗୁଲଜ କରୁଥିଲେ ବୋଲି ପୀଡିତ ଛାତ୍ରଙ୍କ ବାପା ନିଜ ଏତଲାରେ ଉଲ୍ଲେଖ କରୁଛନ୍ତି। ଛାତ୍ର ଜଣଙ୍କ ୨୦ ତାରିଖରେ ୱାର୍ଡେନଙ୍କ ଫୋନରୁ ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ପରିବାର ଲୋକଙ୍କୁ ଡକାଇ ସ୍କୁଲରୁ ପଳାଇଥିଲେ ବୋଲି ଏତଲାରେ ଉଲ୍ଲେଖ ହୋଇଛି। ଏନେଇ ଅନୁଷ୍ଠାନର ସଭାପତି ମନୋଜ ପାଢ଼ିଙ୍କୁ ପଚରିବାରୁ ଘଟଣାରେ କୌଣସି ସତ୍ୟତା ନାହିଁ। ହଷ୍ଟେଲ ଭିତରେ ମୋବାଇଲ, ନିଶା ଦ୍ରବ୍ୟ ପ୍ରବେଶ ନାହିଁ। ବାହାର ଖାଦ୍ୟ ମଧ୍ୟ ହଷ୍ଟେଲରେ ପ୍ରବେଶ କରାଯାଉ ନାହିଁ। ଯେଉଁମାନଙ୍କ ନାଁରେ ଅଭିଯୋଗ ହୋଇଛି ସମ୍ପୃକ୍ତ ଛାତ୍ର ଓ ତାଙ୍କ ଅଭିଭାବକଙ୍କ ଉପସ୍ଥିତିରେ ତଦନ୍ତ ହେବ ବୋଲି ସେ କହିଛନ୍ତି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଉପେନ୍ଦ୍ର ସିଂହ
ରିଆ, ମାର୍କୋଣା, ସିମୁଳିଆ, ବାଲେଶ୍ୱର
ଧରାବତରଣ-୧୯।୦୪।୧୯୪୦
ସ୍ୱର୍ଗାରୋହଣ- ୦୪।୦୮।୨୦୨୨
କେହି ରହିନାହିଁ ରହିବେ ନାହିଁ କି ଭବରଙ୍ଗ ଧରାତଳେ
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ।
ବାପା, ଆମେ ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଆଦର୍ଶ, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ସରଳତା ଆମ ପାଇଁ ପଥ ପ୍ରଦର୍ଶକ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଧର୍ମପତ୍ନୀ, କନ୍ୟା, ଜ୍ୱାଇଁ, ନାତି, ନାତୁଣୀ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୧୩୪୧

**୪୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଡାକ୍ତର ହରିଶଙ୍କର ତରାସିଆ
ତିରୋଧାନ: ୨୫।୦୮।୧୯୭୭
ଆପଣଙ୍କ ମଧୁମୟ ସ୍ମୃତି ଆମ ପ୍ରାଣରେ ଚିରକାଳ ସତେଜ ଓ ସଂଜୀବିତ ରହିଛି। ଦିବ୍ୟଧାମରୁ ଆମମାନଙ୍କୁ ଆଶୀର୍ବାଦ କରୁଥାଆନ୍ତୁ।
-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀମାନେ।
ଧ-୭୧୦୪୧

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ବିଶ୍ୱନାଥ ତ୍ରିପାଠୀ
ପ୍ରଥମଖଣ୍ଡି, ବୀରରାମଚନ୍ଦ୍ରପୁର, ସତ୍ୟବାଦୀ
ଏହି ପୁଣ୍ୟ ତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ନିରୁପମା ତ୍ରିପାଠୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୬୬୪୭

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ରାସେଶ୍ୱରୀ ପଟ୍ଟନାୟକ (ଜଲି)
ଆବିର୍ଭାବ: ୦୪।୦୮।୧୯୪୭
ତିରୋଧାନ: ୧୫।୦୮।୨୦୨୨
ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲିଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଆପଣଙ୍କର ଶୋକସନ୍ତପ୍ତ: ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

**ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଭାଗବତ ପ୍ରସାଦ ପାତ୍ର
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଉତ୍କଳ ୟୁନିଭରସିଟି, ମିଲନ୍ ପାରାଡାଇଜ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୧।୧୨।୧୯୪୨
ତିରୋଧାନ: ୧୦।୦୯।୨୦୦୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।


ଦୀପକ-ଅନୁଭା

### ରିଲିଜ ଅପେକ୍ଷାରେ

# ଏଇ ବୋଧେ ଭଲ ପାଇବା

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଏଇ ବୋଧେ ଭଲ ପାଇବା'। ଏଥିରେ ଲଭ୍ ବ୍ୟତୀତ ଫ୍ୟାମିଲି ଡ୍ରାମା, ଇମୋଶନ ଭରି ରହିଛି। ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରୋଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ନିଜସ୍ୱ କାହାଣୀକୁ ନେଇ କଳିଙ୍ଗ ସୂର୍ଯ୍ୟ ସିନେ ପ୍ରଡକ୍ସନ୍ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ଆଲେକ୍‌ଜାଣ୍ଡର ଦାସ ଓ ସିଦ୍ଧାର୍ଥ ପାତ୍ର। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ ଏହାର ସଂଳାପ ରଚନା କରିଛନ୍ତି। ଏହି ସିନେମାରେ ନାୟକ ଭୂମିକାରେ ଦୀପକ ଅଭିନୟ କରିଥିବା ବେଳେ ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ଅନୁଭା ସୌର୍ଯ୍ୟା। ଅନ୍ୟପକ୍ଷରେ ସରୋଜ ଦାସ, ନନ୍‌ସେନ୍ସ ମଣି, ପ୍ରତିଭା ପଣ୍ଡା, ମଧୁ, ନମିତା ପ୍ରମୁଖଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ପ୍ରଡକ୍ସନ୍ ଡିଜାଇନର ଚିତ୍ତରଞ୍ଜନ ଆଚାର୍ଯ୍ୟ ଥିବା ବେଳେ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅଜିତ କିଶୋର ଦାସ। ଚଳଚ୍ଚିତ୍ରର କ୍ରିଏଟିଭ୍ ହେଡ୍ ରହିଛନ୍ତି ପ୍ରଣୟ ଜେଠୀ।


କଙ୍ଗନା

# କଙ୍ଗନାଙ୍କ 'ଇମରଜେନ୍‌ସି'

ପୁଣି ଥରେ ହଟ୍ ସିଟ୍‌ରେ ବସିଛନ୍ତି କଙ୍ଗନା ରାଣାୱତ। 'ମଣିକର୍ଣ୍ଣିକା: ଦ କୁଇନ୍ ଅଫ ଝାନ୍‌ସୀ' ପରେ ଏହା ହେବ ତାଙ୍କ ନିର୍ଦ୍ଦେଶିତ ଦ୍ୱିତୀୟ ଚଳଚ୍ଚିତ୍ର। ଏବେ ଏହାର ଶୁଟିଂ ଚାଲୁ ରହିଛି, ଯାହାର ଟାଇଟଲ ହେଉଛି 'ଇମରଜେନ୍‌ସି'। ଏହାର ସେ କେବଳ ନିର୍ଦ୍ଦେଶନା ଦେଉନାହାନ୍ତି, ଏଥିରେ ସେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି। ଏହି ଚିତ୍ରରେ ଶ୍ରେୟାସ ତଲପାଡେଙ୍କୁ ଅଟଳ ବିହାରୀ ବାଜପେୟୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ଉକ୍ତ ସିନେମା ବିଷୟରେ କଙ୍ଗନା କହନ୍ତି, 'ଏପରି କାହାଣୀକୁ ଚଏସ କରିବା ସମୟରୁ ହିଁ ଜାଣିଥିଲି ଯେ ଏହା ମୋ ପାଇଁ ଚ୍ୟାଲେଞ୍ଜ ହେବ। କାରଣ ଏହାର ନିର୍ଦ୍ଦେଶନା ଦେବା ସହ ଏଥିରେ ମୁଁ ଇନ୍ଦିରା ଗାନ୍ଧୀ ଭୂମିକାରେ ଅଭିନୟ କରୁଛି। ଶୁଟିଂ ସମୟରେ କିପରି ସବୁ ଦିଗକୁ ଦୃଷ୍ଟି ଦିଆଯିବ ସେ ନେଇ ଯଥା ସମ୍ଭବ ଚେଷ୍ଟା କରୁଛି।' ଏହି ଫିଲ୍ମରେ ଜୟ ପ୍ରକାଶ ନାରାୟଣଙ୍କ ଚରିତ୍ରରେ ଅନୁପମ ଖେରଙ୍କୁ ଦେଖିବାକୁ ମିଳିବ। 'ଇମରଜେନ୍‌ସି'ର କାହାଣୀ ରଚନା ସହ ଅନ୍ୟତମ ପ୍ରଯୋଜିକା ଅଛନ୍ତି କଙ୍ଗନା। ସଂଳାପ ରଚନା କରିଛନ୍ତି ରିତେଶ ଶାହା।

## ଆଜି ପରଦାରେ...

# ଲାଇଗର

ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ପୁରୀ ଜଗନ୍ନାଥଙ୍କ ଚଳଚ୍ଚିତ୍ର 'ଲାଇଗର' ଆଜି ପରଦା ଉପରକୁ ଆସୁଛି। କରନ୍ ଜୋହରଙ୍କ ଏହି ଫିଲ୍ମଟି ଏକ ସ୍ପୋର୍ଟସ ଆକ୍ସନଭିତ୍ତିକ ଫିଲ୍ମ। ତେଲୁଗୁ ଭାଷାରେ ଏହାର ଡାଏଲଗ୍ ପୁରୀ ଜଗନ୍ନାଥ ଲେଖିଥିବା ବେଳେ ହିନ୍ଦୀରେ ଏହି ଦାୟିତ୍ୱ ତୁଲାଇଛନ୍ତି ପ୍ରଶାନ୍ତ ପାଣ୍ଡେ। ଫିଲ୍ମର ମୁଖ୍ୟ ଭୂମିକାରେ ବିଜୟ ଦେବରକୋଣ୍ଡା ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ଅନନ୍ୟା ପାଣ୍ଡେ। ଏମାନଙ୍କ ବ୍ୟତୀତ ରମ୍ୟେୟା କ୍ରିଷ୍ଣା, ରୋନିତ ରୟ ଏବଂ ବିଷ୍ଣୁ ରେଡ୍ଡିଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଚିତ୍ରଟିର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ବିଷ୍ଣୁ ଶର୍ମା। ୧୪୦ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମଟି ହିନ୍ଦୀ ଏବଂ ତେଲୁଗୁ ଭାଷାରେ ପ୍ରସ୍ତୁତ ହୋଇଛି ଏବଂ ଏହାର ବଜେଟ୍ ରହିଛି ପାଖାପାଖି ୧୨୫ କୋଟି। ଏ.ଏ. ଫିଲ୍ମସ ଏହାର ବିଶ୍ୱ ବିତରଣ ଦାୟିତ୍ୱ ନେଇଛି। ୨୦୨୦ରେ ଏହାର ଶୁଟିଂ ବମ୍ବେରେ ଆରମ୍ଭ ହୋଇଥିଲା। ଏହି ଫିଲ୍ମରେ ବିଜୟ ଜଣେ କିକ୍ ବକ୍ସର ଭୂମିକାରେ ଅଭିନୟ କରିଛନ୍ତି। ତେବେ 'ଲାଇଗର' ବକ୍ସ ଅଫିସରେ କେତେ କମାଲ କରୁଛି ତାହା ଖୁବ୍ ଶୀଘ୍ର ଜଣାପଡ଼ିଯିବ।


'ଲାଇଗର' ଫିଲ୍ମରେ ବିଜୟ-ଅନନ୍ୟା


ସୋନାକ୍ଷୀ

# ୱେବ୍ ସିରିଜ ପାଇଁ..

ଏବେ ଓଟିଟି ପ୍ଲାଟଫର୍ମର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରି କି କେତେଜଣ ବଲିଉଡ୍ କଳାକାର ଏହି ଫର୍ମାଟମୁହାଁ ହୋଇଛନ୍ତି। ତେବେ ଏ ନେଇ ଅଡୁଆରେ ପଡିଯାଇଛନ୍ତି ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା। ନିକଟରେ ସେ ଦୁଇଟି ୱେବ୍ ସିରିଜ୍‌ରେ କାମ କରିବାକୁ ରାଜି ହୋଇଥିଲେ। ହେଲେ ଡେଟ୍ ପ୍ରୋବ୍ଲେମ୍ ପାଇଁ ସେ ଟେନସନରେ ଅଛନ୍ତି। ଏଭଳି ବିଷୟକୁ ନେଇ ସୋନାକ୍ଷୀ କହନ୍ତି, 'କିଛି ମାସ ପୂର୍ବରୁ ମୁଁ ଦୁଇଟି ୱେବ୍ ସିରିଜ୍‌ରେ ଅଭିନୟ କରିବି ବୋଲି ରାଜି ହୋଇଥିଲି। ଏହାର ଶୁଟିଂ ନିକଟରେ ଆରମ୍ଭ ହେବାକୁ ଯାଉଛି। ହେଲେ ଠିକ୍ ଏହି ସମୟରେ ମୁଁ ସାଇନ୍ କରିଥିବା ଏକ ଅନଟାଇଟଲଡ୍ ଫିଲ୍ମର ଶୁଟିଂ ସମାନ୍ତରାଳ ଭାବରେ ଆରମ୍ଭ ହେଉଛି। ତେଣୁ କାହା ପାଇଁ କେତେବେଳେ ସମୟ ଦେବି ତାହା ମୁଁ ଠିକ୍ କରିପାରୁନାହିଁ। ଏ ନେଇ ଚିନ୍ତା କରିବାକୁ ମୋତେ ୱେବ୍ ସିରିଜ୍‌ର ପ୍ରଯୋଜନା ସଂସ୍ଥା ପକ୍ଷରୁ ଦୁଇ ସପ୍ତାହ ସମୟ ଦିଆଯାଇଛି। ଏହା ଭିତରେ ମୋତେ ଯାହା କିଛି ଡିସିସନ ନେବାକୁ ପଡିବ।' ତେବେ ସୋନାକ୍ଷୀ ୱେବ୍ ସିରିଜ୍‌ରେ ଅଭିନୟ କରୁଛନ୍ତି ନା ଏଭଳି ଅଫରକୁ ହାତଛଡା କରିବେ ତାହା ଖୁବ୍ ଶୀଘ୍ର ଜଣାପଡ଼ିଯିବ।


ଲକି

### ଅପେରା ହାଲ୍‌ଚାଲ୍

# ହସାଇବାର ମଜା ନିଆରା

ମଞ୍ଚ ଉପରେ ହଜାର ହଜାର ଦର୍ଶକଙ୍କ ସାମନାରେ ସେମାନଙ୍କ ମନରେ ଖୁସିର ଲହରି ଖେଳାଇ ଦେବା ଛୋଟିଆ କଥା ନୁହେଁ। ଯାହାହେଉ ଭଗବାନଙ୍କ ଅଶୀର୍ବାଦରୁ ଆଜି ଜଣେ କମେଡିଆନ୍ ଭାବରେ ଦର୍ଶକଙ୍କ ମନରେ ଖୁସି ଆଣି ପାରିଛି ତାହା ମୋ ପାଇଁ ବଡ କଥା। ସତ କଥା ହେଲା, ହସାଇବାର ମଜା ନିଆରା ବୋଲି କହନ୍ତି ଗତ ପାଞ୍ଚ ବର୍ଷ ଧରି ଜଲିଉଡ୍ ସହ ଜଡିତ ହାସ୍ୟାଭିନେତା ପ୍ରଦୀପ କୁମାର ନାୟକ ଓରଫ ଲକି। ବର୍ତ୍ତମାନ ଅନ୍ୟତମ ଆଗଧାଡିର ଅପେରା ଅନୁଷ୍ଠାନ 'ଯାତ୍ରା ମାୟାନଗରୀ'ରେ ନିଜର ଅଭିନୟ କ୍ୟାରିୟର ଜାରି ରଖିଛନ୍ତି। ଏହି ପାର୍ଟିରେ ସେ ପ୍ରଥମେ ଡ୍ୟାନ୍ସର ଭାବରେ ଏଣ୍ଟ୍ରି କରିଥିଲେ। ତା'ପରେ ତୁଳସୀ ଗଣନାଟ୍ୟର 'ବରଷା ରାତିକୁ ଭରସା ନାହିଁ' ଏବଂ 'ସୁନ୍ଦରୀଙ୍କ ହସ ଦେଖିବ ଆସ'ରେ ଛୋଟ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିଥିଲେ। ଏ କ୍ଷେତ୍ରରେ ଅନ୍ୟତମ ଆଗଧାଡିର ନାୟକ ହୃଷୀକେଶ ମିଶ୍ରଙ୍କ ପ୍ରେରଣାକୁ ସ୍ମରଣ କରନ୍ତି ସେ। 'ମାୟାନଗରୀକୁ ମୁଁ ପୁଣି ଥରେ ଆସିବା ପରେ ଏହାର ମ୍ୟାନେଜର ଯୁଧିଷ୍ଠିର ସାହୁଙ୍କ ଉତ୍ସାହ ଏବଂ କେଇପଦ କଥା ମୋ ଅଭିନୟ ଜୀବନରେ ନୂଆ ମୋଡ ଆଣିଥିଲା। ତା'ପରେ ଏହି ପାର୍ଟି ଦ୍ୱାରା ପରିବେଷିତ ତୁମେ ହିଁ ସ୍ୱର୍ଗ ମୋର, ବିନା ଦୋଷରେ ମୁଁ ପାଉଛି ଫାଶୀ ଏବଂ ରିହଲର୍ସାଲ ଚାଲିଥିବା 'ବାପାଙ୍କ ଭୁଲ ମୋ ପାଇଁ ଗଙ୍ଗା ତୁଳସୀ'ରେ ମୋତେ ମନଲାଖି ଭୂମିକା ମିଳିଛି ବୋଲି କହନ୍ତି ଜଗତସିଂହପୁର କୁଜଙ୍ଗ ଅନ୍ତର୍ଗତ କରତୁପ ଗ୍ରାମରେ ଜନ୍ମିତ ତଥା ଶ୍ରୀଚରଣ ନାୟକଙ୍କ ପୁତ୍ର ଲକି।' ଭବିଷ୍ୟତରେ ନିଜକୁ ଜଣେ ଆଗଧାଡିର ହାସ୍ୟାଭିନେତା ଭାବରେ ପରିଚିତ କରାଇବାକୁ ଆଶା ରଖିଛନ୍ତି ସେ।

# ଶେଷ ହେଲା ଅପେକ୍ଷା

ଜଗତର ନାଥ ଜଗନ୍ନାଥ। ତାଙ୍କର ଲୀଳା ଅପାର। ସେହି ବିଶ୍ୱନିୟନ୍ତାଙ୍କ କଥାମୃତକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ମହାବାହୁ'। ଫିଲ୍ମଟି ସେପ୍ଟେମ୍ବର ୨ ତାରିଖରେ ପରଦା ଉପରକୁ ଆସୁଛି। ଏଥିରେ ଅଭିନେତା ଆକାଶ ଦାସନାୟକଙ୍କୁ ଦର୍ଶକ ଏକ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ। ଅନ୍ୟପକ୍ଷରେ ଏଭଳି ଏକ କଥାବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରକୁ କେବଳ ଜାତୀୟ ନୁହେଁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶନ କରିବାକୁ ଆଶା ରଖିଛନ୍ତି ପ୍ରଯୋଜକ ରମେଶ ବାରିକ। ଆର.ଆର. ଇଭେଣ୍ଟସ୍ ସିନେ ପ୍ରଡକ୍ସନ ଏବଂ ଷ୍ଟୁଡିଓ ଥ୍ରୀସିକ୍ସଟି ବ୍ୟାନରରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଶ୍ରୀତମ୍ ଦାସ। ଏଥିରେ ଆକାଶଙ୍କ ନାୟିକା ସାଜିଛନ୍ତି ପୁନମ୍ ମିଶ୍ର। ଆକାଶ-ପୁନମ୍ ଯୋଡି ବ୍ୟତୀତ ତନୁଶ୍ରୀ, ଦିବ୍ୟା, ଶ୍ରୀତମ୍ ଦାସ, ହରିହର ମହାପାତ୍ର, ଟୋପି, ଉଷସୀ ମିଶ୍ରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟିର ଅନ୍ୟତମ ପ୍ରଯୋଜକ ହେଉଛନ୍ତି କେ. ତମନ୍ନା। ଶରଣାରବିନ୍ଦ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ପ୍ରେମାନନ୍ଦ।

# ମାତ୍ର ୧୮ ବର୍ଷରେ..

ହିନ୍ଦୀ ସିନେମା ହେଉ ଅବା କୌଣସି ପ୍ରାନ୍ତୀୟ ଭାଷାରେ ନିର୍ମିତ ଚଳଚ୍ଚିତ୍ର-ଏଗୁଡ଼ିକରେ କଣ୍ଠଦାନ କରି ମାତ୍ର ବର୍ଷ କେଇଟାରେ ସେ ସାଉଁଟିଛନ୍ତି ଅନେକ ପ୍ରଶଂସା। କେବଳ ସେତିକି ନୁହେଁ, ପ୍ରଥମ ସିନେମା ଲାଗି ତାଙ୍କୁ ମିଳିଥିଲା ଜାତୀୟ ଚଳଚ୍ଚିତ୍ର ପୁରସ୍କାର (ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା)। ସେତେବେଳେ ତାଙ୍କର ବୟସ କେତେ ହୋଇଥିଲା ଜାଣନ୍ତି? ମାତ୍ର ୧୮ ବର୍ଷ। ଏହି ଲୋକପ୍ରିୟ ଗାୟିକା ଜଣକ ଆଉ କେହି ନୁହନ୍ତି, ସେ ହେଉଛନ୍ତି ପ୍ରାୟ ସମସ୍ତଙ୍କର ଅତି ପରିଚିତ ଶ୍ରେୟା ଘୋଷାଲ। ଏକ ସଙ୍ଗୀତ କାର୍ଯ୍ୟକ୍ରମରେ ତାଙ୍କର ପ୍ରତିଭାକୁ ଚିହ୍ନି ପାରିଥିଲେ ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲି। ତା'ପରେ ତାଙ୍କ ନିର୍ଦ୍ଦେଶିତ 'ଦେବଦାସ'ରେ ତାଙ୍କୁ ହିନ୍ଦୀ ସିନେମା ପାଇଁ ଗାଇବାର ପ୍ରଥମ ସୁଯୋଗ ଦେଇଥିଲେ। ଏହି ଫିଲ୍ମ ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ମାତ୍ର ଚାରି ବର୍ଷ ବୟସରୁ ସେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। କେବଳ ଚଳଚ୍ଚିତ୍ର ନୁହେଁ, ଗଜଲ, କ୍ଲାସିକାଲ, ପପ୍ ଏପରିକି ଭଜନ ଗାଇବାରେ ସେ ବେଶ୍ ସିଦ୍ଧହସ୍ତା। ଏ ପର୍ଯ୍ୟନ୍ତ ସେ ହିନ୍ଦୀ, ବେଙ୍ଗଲୀ, ଅହମୀୟା, ଭୋଜପୁରୀ, ତାମିଲ, ତେଲୁଗୁ, ମାଲୟାଲମ, କନ୍ନଡ, ନେପାଳୀ ଏବଂ ଓଡ଼ିଆ ଭାଷାରେ ପ୍ରାୟ ୧୦୦୦ରୁ ଅଧିକ ଗୀତ ଗାଇସାରିଛନ୍ତି। ନିଜର ଗାୟିକା ଜୀବନ ଭିତରେ ଶ୍ରେୟା ୪ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ୬ ଥର ଫିଲ୍ମ ଫେୟାର, ୮ ଥର ଫିଲ୍ମ ଫେୟାର ସାଉଥ ଆୱାର୍ଡ, ୭ ଥର ଆଇଫା ଆୱାର୍ଡ, ୪ ଥର ଗୁଲଡି ଆୱାର୍ଡ, ୩ ଥର ମିରଚି ମ୍ୟୁଜିକ ଆୱାର୍ଡ ଆଦି ଅନେକ ପୁରସ୍କାର ହାସଲ କରିସାରିଛନ୍ତି।


ଶ୍ରେୟା ଘୋଷାଲ

# ବଦମାସ ଟୋକା

ଜଣେ ସାଦାସିଧା କଲେଜ ପିଲା କିପରି ସମୟଚକ୍ରରେ ପଡ଼ି ବଦମାସ ଟୋକା ପାଲଟିଯାଉଛି ତାହାକୁ ନେଇ କାହାଣୀ ଗତି କରିଛି। ଏହାକୁ ଆଧାର କରି ନିର୍ମିତ ଓଡ଼ିଆ ସିନେମା 'ବଦମାସ ଟୋକା' ଏବେ ଓଟିଟି ପ୍ଲାଟଫର୍ମ କଞ୍ଚାଲଙ୍କା ଆପ୍‌ରେ ଷ୍ଟ୍ରିମିଂ ହେଉଛି। ଏସ୍.କେ. ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ସିନେମାରେ ନାୟକ ସାଜିଛନ୍ତି ଉଦୟନ ଅପରଜିତ ଏବଂ ତାଙ୍କ ବିପକ୍ଷରେ ନାୟିକା ରହିଛନ୍ତି ବେଙ୍ଗଲୀ ସୁନ୍ଦରୀ ମାଳବିକା ବାନାର୍ଜୀ। ଏସ୍.କେ. ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ସୌଭାଗ୍ୟ କୁମାର ପରିଡ଼ା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଶନ୍ତ ପାଲ୍। ସୂଚନାଯୋଗ୍ୟ, ଏହି ପ୍ଲାଟଫର୍ମରେ ଗ୍ୟାଙ୍ଗସ୍ ଅଫ୍ ପୁରୀକୁ ୫୦ଲକ୍ଷରୁ ଅଧିକ ଦର୍ଶକ ଦେଖି ସାରିଥିବା ବେଳେ ସ୍ୱର୍ଗତ ମିହିର ଦାସଙ୍କ ଅଭିନୀତ 'ଭିଜାମାଟିର ସ୍ୱର୍ଗ, ବ୍ରେକଅପ୍ ରୁଲ୍‌ସ, ମେନ୍ ଫର୍ ସେଲ, ଏକ୍ସପୋଜ, ଭଳି କଣ୍ଟେଣ୍ଟ ଦର୍ଶକାଦୃତ ହୋଇପାରିଛି।


ମାଳବିକା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଅଗଷ୍ଟ ୨୫/୨୦୨୨ Sambalpur, Thursday, August 25/ 2022

# ସୃଷ୍ଟି, ଶୁଭ୍ରାନ୍ତୋ ଶ୍ରେଷ୍ଠ ସନ୍ତରଣକାରୀ

**ରାଜ୍ୟ ସନ୍ତରଣ ଚାମ୍ପିୟନଶିପ୍ ଉଦ୍‌ଯାପିତ**

**■ ଭୁବନେଶ୍ୱର ଚାମ୍ପିୟନ, ସମ୍ବଲପୁର ରନର୍ସ ଅପ**

**ଭୁବନେଶ୍ୱର, ୨୪।୮ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ୬୨ତମ ରାଜ୍ୟ ସନ୍ତରଣ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଉଦ୍ୟମରେ ଏହି ଦୁଇଦିନିଆ ପ୍ରତିଯୋଗିତାରେ ୧୩ଟି ଜିଲ୍ଲାରୁ ୧୨୮ (୩୧ ମହିଳା, ୯୭ ପୁରୁଷ) ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭୁବନେଶ୍ୱର ୩୦୮ ପଏଣ୍ଟ ସହ ଦଳଗତ ଚାମ୍ପିୟନ ହୋଇଥିବାବେଳେ ୨୦୦ ପଏଣ୍ଟ ପାଇଥିବା ସମ୍ବଲପୁର ରନର୍ସଅପ୍ ଆଖ୍ୟା ଅର୍ଜନ କରିଛି। ବ୍ୟକ୍ତିଗତ ଭାବେ ୪ ସ୍ୱର୍ଣ୍ଣ ପଦକ ସହ ଭୁବନେଶ୍ୱରର ସୃଷ୍ଟି ଉପାଧ୍ୟାୟ ଏବଂ ୫ ସ୍ୱର୍ଣ୍ଣ ପଦକ ଜିତିଥିବା ଗଞ୍ଜାମର ଶୁଭ୍ରାନ୍ତୋ ପାତ୍ର ଯଥାକ୍ରମେ ଶ୍ରେଷ୍ଠ ମହିଳା ଓ ପୁରୁଷ ପ୍ରତିଯୋଗୀ ବିବେଚିତ ହୋଇଛନ୍ତି। ରାଜ୍ୟ ପ୍ରତିଯୋଗିତାରେ ପ୍ରଦର୍ଶନଭିତ୍ତିରେ ୬ ଜଣ ଲେଖାଏ ମହିଳା ଓ ପୁରୁଷ ପ୍ରତିଯୋଗୀ ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜାତୀୟ ପ୍ରତିଯୋଗିତା ଗୁଆହାଟୀଠାରେ ସେପ୍ଟେମ୍ବର ୬ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗୁଆହାଟୀ ପ୍ରତିଯୋଗିତା ପାଇଁ ମନୋନୀତ ମହିଳା ସନ୍ତରଣକାରୀ ହେଲେ ସୃଷ୍ଟି ଉପାଧ୍ୟାୟ, ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ଆଂଶିକା ଆରାଧନା ସାହୁ, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ଓ ଆଦ୍ୟାଶା ମିଶ୍ର। ସେହିପରି ପୁରୁଷ ବିଭାଗରେ ଶୁଭ୍ରାନ୍ତୋ ପାତ୍ର, ଜାଡୁ ବୁଡେକ, ଅମିୟ କୁମାର ପ୍ରଧାନ, ନବୀନ ଶର୍ମା, ବିକାଶ ହରିପାଲ ଓ ଅନମୋଲ ମହାନ୍ତି ଯୋଗ୍ୟତା ଅର୍ଜନ କରିଛନ୍ତି। ଅଲିମ୍ପିଆନ ସନ୍ଦୀପ ସେଜୱାଲ ଓ ଭୁବନେଶ୍ୱର ହାଇ ପରଫର୍ମାନ୍ସ ସେଣ୍ଟରର ଅନ୍ତର୍ଜାତୀୟ କୋଚ୍ ଡଗ୍‌ଲାନ ଇଗର ଓଡ଼ିଶା ଦଳ ସହ ଯଥାକ୍ରମେ ଟିମ୍ କୋଚ୍ ଓ ମ୍ୟାନେଜରଭାବେ ଗୁଆହାଟୀ ଯିବେ। ରାଜ୍ୟ ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ହେଲା ୪ ସନ୍ତରଣକାରୀ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ଦ୍ୱାରା ଧାର୍ଯ୍ୟ କରାଯାଇଥିବା 'କ୍ୱାଲିଫାଇଂ ଟାଇମ୍ ଷ୍ଟାଣ୍ଡାର୍ଡ'କୁ ସ୍ପର୍ଶ କରିଥିଲେ। ସେମାନେ ହେଲେ ମନ୍ନତା ମିଶ୍ର (୫୦, ୧୦୦, ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍), ପ୍ରତ୍ୟାଶା ରାୟ (୫୦ ଓ ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍), ସୃଷ୍ଟି ଉପାଧ୍ୟାୟ (୫୦ ମିଟର ଫ୍ରିଷ୍ଟାଇଲ ଓ ୧୦୦ ମିଟର ବଟରଫ୍ଲାଏ) ଏବଂ ଶୁଭ୍ରାନ୍ତୋ ପାତ୍ର (୧୦୦ ମିଟର ବଟରଫ୍ଲାଏ)। ଏହି ସମସ୍ତ ସନ୍ତରଣକାରୀଙ୍କୁ ରାଜ୍ୟ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ସୋମା ମିଶ୍ର, ସାଧାରଣ ସମ୍ପାଦକ ଗୋଲାପମଣି ମହନ୍ତ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତା ଆୟୋଜନ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିବାରୁ ରାଜ୍ୟ ସରକାରଙ୍କ ନିକଟରେ ମଧ୍ୟ କୃତଜ୍ଞତା ପ୍ରକାଶ କରାଯାଇଛି।



ପୁରସ୍କାର ସହ ଶୁଭ୍ରାନ୍ତୋ ପାତ୍ର ଓ ସୃଷ୍ଟି ଉପାଧ୍ୟାୟ।






କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ବୁଧବାର ଉଦ୍‌ଯାପିତ ରାଜ୍ୟ ସନ୍ତରଣ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ଭୁବନେଶ୍ୱର ଓ ରନର୍ସଅପ୍ ସମ୍ବଲପୁର ଦଳ ଟ୍ରଫି ସହ।




# ୪୫ ସ୍ଥାନ ଉପରକୁ ଉଠିଲେ ଗିଲ୍

**ଦୁବାଇ, ୨୪।୮ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ୪୫ଟି ସ୍ଥାନ ଉପରକୁ ଉଠିଛନ୍ତି ଭାରତୀୟ ବ୍ୟାଟର ଶୁବମନ ଗିଲ୍। ବୁଧବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍ ତାଲିକାରେ ସେ ୩୮ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ୨୨ ବର୍ଷୀୟ ଏହି ଯୁବ ଖେଳାଳି ନିକଟରେ ଶେଷ ହୋଇଥିବା ଜିମ୍ବାୱେ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏଥିରେ ସେ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଶତକ ମଧ୍ୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଜିମ୍ବାୱେ ବିପକ୍ଷ ସିରିଜରେ ଖେଳି ନ ଥିଲେ ହେଁ ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ୭୪୪ ରେଟିଂ ପଏଣ୍ଟ ସହିତ ର୍‍ୟାଙ୍କିଙ୍ଗ୍‌ର ୫ମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ସେହିପରି ଅଧିନାୟକ ରୋହିତ ଶର୍ମା ୬ଷ୍ଠ ସ୍ଥାନ ବଜାୟ ରଖିଛନ୍ତି। ତେବେ ଭେଟେରାନ ଭାରତୀୟ ବ୍ୟାଟର ଶିଖର ଧାୱନ ୨ଟି ଅର୍ଦ୍ଧଶତକ ସହ ୩ ମ୍ୟାଚରେ ୧୫୪ ରନ ସ୍କୋର କରିଥିଲେ ମଧ୍ୟ ଗୋଟିଏ ସ୍ଥାନ ତଳକୁ ଖସିଛନ୍ତି। ସେ ଏବେ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ପାକିସ୍ତାନ ଅଧିନାୟକ ବାବର ଆଜମ ୮୯୧ ପଏଣ୍ଟ ସହିତ ଦିନିକିଆ ବ୍ୟାଟର ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷସ୍ଥାନ ବଜାୟ ରଖିଥିବାବେଳେ ଦକ୍ଷିଣ ଆଫ୍ରିକାର ରସି ଭାନ୍ ଡର୍ ଡୁସେନ ୭୮୯ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାରେ ନ୍ୟୁଜିଲାଣ୍ଡର ତାରକା ପେସର ଟ୍ରେଣ୍ଟ ବୋଲ୍ଟ ଏବଂ ଅଲରାଉଣ୍ଡର ତାଲିକାରେ ବାଂଲାଦେଶର ଶକିବ ଅଲ୍ ହାସନ ଶୀର୍ଷରେ ରହିଛନ୍ତି।

# ଏସିଆ କପ୍‌ରେ ଫର୍ମକୁ ଫେରିବେ କୋହଲି: ୱାଟସନ୍

**ଦୁବାଇ,୨୪।୮(ପି.ଟି.):** କ୍ରିକେଟରୁ ଏକ ମାସର ବିରତି ବିରାଟ କୋହଲିଙ୍କ ପାଇଁ ବେଶ୍ ଲାଭଦାୟକ ହେବ। ଏସିଆ କପ୍‌ରେ ଉଭୟ ଶାରୀରିକ ଓ ମାନସିକ ଭାବରେ ସୁସ୍ଥ ବିରାଟ କୋହଲିଙ୍କୁ ଦେଖିବାକୁ ମିଳିବ ବୋଲି ପୂର୍ବତନ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ଶେନ୍ ୱାଟସନ୍ ପ୍ରକାଶ କରିଛନ୍ତି। ନଭେମ୍ବର ୨୦୧୯ ପରଠାରୁ ଗୋଟିଏ ବି ଅନ୍ତର୍ଜାତୀୟ ଶତକ ହାସଲ କରି ନ ଥିବା କୋହଲି ନିଜ କ୍ୟାରିୟର ଖରାପ ସମୟ ଦେଇ ଗତି କରୁଥିବା ବେଳେ ଏହି ବିରତି ତାଙ୍କ ପାଇଁ ବେଶ୍ ସହାୟକ ହେବ। ଆଇସିସିର ରିଭ୍ୟୁ ଶୋ' ସମୟରେ କୋହଲିଙ୍କୁ ନେଇ ଏମିତି କିଛି ପୂର୍ବାନୁମାନ କରିଛନ୍ତି ୱାଟସନ୍। ମାସାଧିକ କାଳ କୋହଲି କ୍ରିକେଟରୁ ଦୂରେଇ ରହିବା ସହିତ ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ ସିରିଜରେ ଖେଳି ନ ଥିଲେ। ବିରତି ପାଇଁ ସେ ନେଇଥିବା ସମୟ ନିଶ୍ଚିତ ଭାବରେ ସହାୟକ ହେବ ବୋଲି ୱାଟସନ କହିଛନ୍ତି।

# ପ୍ରି-କ୍ୱାର୍ଟରରେ ଲକ୍ଷ୍ୟ ସେନ୍, ପ୍ରଣୟ

**ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍**

**ଟୋକିଓ,୨୪।୮(ପି.ଟି.)**

ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ବୁଧବାର ଭାରତକୁ ମିଶ୍ରିତ ଫଳ ମିଳିଛି। ରାଜ୍ୟଗୋଷ୍ଠୀ ସିଙ୍ଗଲ୍ସ ସ୍ୱର୍ଣ୍ଣ ବିଜେତା ଲକ୍ଷ୍ୟ ସେନ୍ ଓ ଏଚ୍ ଏସ୍ ପ୍ରଣୟ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି କିଡାମ୍ବି ଶ୍ରୀକାନ୍ତ। ବିଗତ ସଂସ୍କରଣର ରୌପ୍ୟ ପଦକ ବିଜେତା ଶ୍ରୀକାନ୍ତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବିଶ୍ୱ ମାନ୍ୟତାରେ ୩୨ ନମ୍ବର ସ୍ଥାନରେ ରହିଥିବା ଚାଇନାର ଝାଓ ଜୁନ ପେଙ୍ଗଙ୍କଠାରୁ ପରାଜିତ ହୋଇଛନ୍ତି। ମାତ୍ର ୩୪ ମିନିଟରେ ଶେଷ ହୋଇଥିବା ଏହି ମ୍ୟାଚରେ ଶ୍ରୀକାନ୍ତ ୧୮-୨୧ ଓ ୧୭-୨୧ରେ ପରାଜିତ ହୋଇଥିଲେ। ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡର ମାନ୍ୟତା ପାଇଥିବା ସ୍ଥାନୀୟ ଖେଳାଳି କେଣ୍ଟୋ ମୋମୋଟାଙ୍କୁ ପରାସ୍ତ କରି ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି ଏଚ୍ ଏସ୍ ପ୍ରଣୟ। ମୋମାଟାଙ୍କ ବିପକ୍ଷରେ ଅଷ୍ଟମ ମ୍ୟାଚ୍ ଖେଳୁଥିବା ପ୍ରଣୟ ନିଜର ପ୍ରଥମ ବିଜୟ ହାସଲ କରିଛନ୍ତି। ଦୁଇ ଥର ବିଶ୍ୱ ଚାମ୍ପିୟନ୍ ମୋମୋଟାଙ୍କୁ ୨୧-୧୭ ଓ ୨୧-୧୬ର ସିଧାସଳଖ ସେଟରେ ପରାସ୍ତ କରିଥିଲେ ପ୍ରଣୟ। ଅନ୍ୟ ଏକ ମ୍ୟାଚରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ତଥା ବିଶ୍ୱ ମାନ୍ୟତାର ୯ ନମ୍ବର ସ୍ଥାନରେ ରହିଥିବା ଲକ୍ଷ୍ୟ ସେନ ସ୍ପେନର ଲୁଇସ ପେନାଲଭେରଙ୍କ ବିପକ୍ଷରେ ସହଜ ବିଜୟ ସହିତ ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୧ ଘଣ୍ଟା ୧୨ ମିନିଟ ଧରି ଖେଳା ଯାଇଥିବା ଏହି ମୁକାବିଲାକୁ ସେନ୍ ୨୧-୧୭ ଓ ୨୧-୧୦ରେ ଜିତି ନେଇଥିଲେ। ପୁରୁଷ ଡବଲ୍ସ ଯୋଡି ଏମ୍. ଆର. ଅର୍ଜୁନ ଓ ଧ୍ରୁବ କପିଲା ପ୍ରି- କ୍ୱାର୍ଟରରେ ପ୍ରବେଶ କରିଥିବା ବେଳେ ମହିଳା ଡବଲ୍ସ ଯୋଡି ଅଶ୍ୱିନୀ ପୋନାପ୍ପା ଓ ଏନ୍ ସିକି ରେଡ୍ଡୀ ପରାଜିତ ହୋଇଛନ୍ତି। ଅର୍ଜୁନ-କପିଳା ଗତ ସଂସ୍କରଣର ବ୍ରୋଞ୍ଜ ବିଜୟୀ ଡେନମାର୍କର କିମ୍ ଆଷ୍ଟ୍ରପ୍ ଓ ଆଣ୍ଡ୍ରେସ୍ ସ୍କାରୁପ୍ ରାସମୁସେନ୍‌ଙ୍କୁ ୨୧-୧୭ ଓ ୨୧-୧୬ରେ ପରାସ୍ତ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସିଙ୍ଗାପୁରର ହି ୟୋଙ୍ଗ କାଇ ଟେରୀ ଓ ଲୋ କିନ୍ ହିନଙ୍କୁ ଭେଟିବେ ଏହି ଭାରତୀୟ ଯୋଡି। ମହିଳା ଡବଲ୍ସରେ ପୋନାପ୍ପା ଓ ସିକ୍କି ୨୧-୧୫ ଓ ୨୧-୧୦ରେ ଟପ୍ ସିଡ୍ ଚେନ୍ କିଙ୍ଗ ଚେନ୍ ଓ ଜିଆ ୟି ଫାନଙ୍କ ନିକଟରୁ ପରାଜିତ ହୋଇଥିଲେ। ଏହି ମ୍ୟାଚଟି ମାତ୍ର ୪୨ ମିନିଟ ଧରି ଚାଲିଥିଲା।

# ଡୁରାଣ୍ଡ କପ୍‌ରେ ଜାତିଆଣ ଆକ୍ଷେପ

**କୋଲକାତା, ୨୪।୮ (ପି.ଟି):** ଡୁରାଣ୍ଡ କପ୍‌ରେ ଜାତିଆଣ ଆକ୍ଷେପର ଅଭିଯୋଗ ଆଣିଛି ବେଙ୍ଗାଲୁରୁ ଏଫ୍‌ସି(ବିଏଫ୍‌ସି)। ମଙ୍ଗଳବାର ବିଏଫ୍‌ସି ଓ ଇଣ୍ଡିଆନ୍ ଏୟାର ଫୋର୍ସ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ ସମୟରେ ଏହି ଅଭାବନୀୟ ଘଟଣା ଘଟିଥିବା ବେଙ୍ଗାଲୁରୁ ପକ୍ଷରୁ ଅଭିଯୋଗ କରାଯାଇଛି। କିଶୋର ଭାରତୀ କ୍ରୀଡାଙ୍ଗନରେ ଖେଳା ଯାଇଥିବା ଏହି ମ୍ୟାଚକୁ ବିଏଫ୍‌ସି ୪-୦ରେ ଜିତିଥିବା ବେଳେ ପ୍ରତିପକ୍ଷ ଦଳର ଜନୈକ ଖେଳାଳିଙ୍କ ପକ୍ଷରୁ ଏଭଳି ଜାତିଆଣ ଆକ୍ଷେପ କରାଯାଇଥିଲା। ଏ ସମ୍ପର୍କରେ ଏକ ଅଭିଯୋଗ କରାଯାଇଥିବା ବେଳେ ତଦନ୍ତ ପରେ ରିପୋର୍ଟ ଆସିବ ବୋଲି କୁହାଯାଇଛି।

# ଏସିଆ କପ୍‌ରେ ଲକ୍ଷ୍ମଣଙ୍କୁ ଅନ୍ତରୀଣ ମୁଖ୍ୟ କୋଚ୍ ଦାୟିତ୍ୱ

**ଦୁବାଇ,୨୪।୮(ପି.ଟି.):** ଭାରତୀୟ ଦଳର ମୁଖ୍ୟ କୋଚ ରାହୁଲ ଦ୍ରାବିଡଙ୍କ ଅନୁପସ୍ଥିତିରେ ଅନ୍ତରୀଣ ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିଛନ୍ତି ଭିଭିଏସ୍ ଲକ୍ଷ୍ମଣ। ଜିମ୍ବାୱେ ଗସ୍ତରେ ସମାନ ଦାୟିତ୍ୱରେ ରହିଥିବା ଲକ୍ଷ୍ମଣଙ୍କ କାନ୍ଧରେ ପୁଣି ଥରେ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ରାହୁଲ ଦ୍ରାବିଡ କରୋନା ପଜିଟିଭ୍ ହେବା କାରଣରୁ ଏନ୍‌ସିଏ ମୁଖ୍ୟ ରହିଥିବା ଲକ୍ଷ୍ମଣ ଭାରତୀୟ ଦଳ ସହିତ ଯୋଗ ଦେଇଛନ୍ତି। ଜିମ୍ବାୱେରୁ ଲକ୍ଷ୍ମଣ ସିଧାସଳଖ ଦୁବାଇ ଆସି ଭାରତୀୟ ଦଳ ସହିତ ଯୋଗ ଦେଇଛନ୍ତି। ଦ୍ରାବିଡ କୋଭିଡମୁକ୍ତ ହୋଇ ୟୁଏଇ ଗସ୍ତ ନ କରିବା ଯାଏଁ ଲକ୍ଷ୍ମଣ ଭାରତୀୟ ଦଳର ଦାୟିତ୍ୱରେ ରହିବେ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ସେପ୍ଟେମ୍ବର ୭ରେ କୋସଲ ମହାବନ୍ଦର ଡାକରା

ବଲାଙ୍ଗୀର ଅଫିସ,୨୪।୮: ବଲାଙ୍ଗୀର ଯାଦବ ଭବନଠାରେ କୋସଲ ସେନାର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ବଲାଙ୍ଗୀର ଜିଲାର କୌସ୍ତୁଭ ସାହୁଙ୍କୁ ନୂତନ ସଭାପତି ଭାବେ ମନୋନୀତ କରାଯାଇଛି। ଉପସଭାପତିଭାବେ ଝାରସୁଗୁଡା ଜିଲାର ଗଣେଶ ମଟାରୀ, ସମ୍ପାଦକ ବରଗଡ ଜିଲାର ବୀରବଲ ମହାକୁର, ସହସମ୍ପାଦକ ସୋନପୁର ଜିଲାର ସରୋଜ ପ୍ରଧାନ, କୋଷାଧକ୍ଷ ବରଗଡ ଜିଲାର ଅଶୋକ ଛତର, ସହସଂଯୋଜକ ଭାବେ ବରଗଡ ଜିଲାର ଅବିନାଶ ଚନ୍ଦ୍ର ବିଶିଙ୍କୁ ସଙ୍ଗଠନର ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ କୋସଲ ରାଜ୍ୟ ଦାବିରେ ଆସନ୍ତା ସେପ୍ଟେମ୍ବର ୭ରେ କୋସଲ ମହାବନ୍ଦର ଡାକରା ଦିଆଯାଇଛି। ଏହି ଡାକରାକୁ କୋସଲ ମୁକ୍ତିମୋର୍ଚ୍ଚା ସମ୍ପୂର୍ଣ୍ଣ ସମର୍ଥନ ଜଣାଇଥିବା ସୂଚନା ଦିଆଯାଇଛି। କିଛିଦିନ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଆସୁଥିବାରୁ ଏହି ପର୍ବରେ ତିନିଦିନିଆ ସରକାରୀ ଛୁଟି ଘୋଷଣା ପାଇଁ ଏକ ସ୍ୱତନ୍ତ୍ର ଦାବିପତ୍ର ସେନା ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ତେବେ ଆସନ୍ତା ସେପ୍ଟେମ୍ବର ୭ରେ ହେବାକୁ ଥିବା ମାଁ ମାଟି ପାଇଁ ହକ୍‌ର ଏହି ଲଢେଇରେ କୋସଲାଞ୍ଚଳରେ ଥିବା ସମସ୍ତ କୋସଲ ସଂଗ୍ରାମୀ, କୋସଲ ପ୍ରେମୀ, କୋସଲ ସଂଗଠନ, ଡ୍ରାଇଭର ସଂଘ, ଅଟୋ ଡ୍ରାଇଭର ସଂଘ, ସରକାରୀ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, କୋର୍ଟ କଚେରୀ ସହିତ ସମସ୍ତ ରାଜନୈତିକ ଦଳମାଙ୍କୁ ସାମିଲ ହେବାକୁ କୋସଲ ସେନା ପକ୍ଷରୁ ଅନୁରୋଧ କରାଯାଇଛି।

### କଳାକାର ସଂଘର ସାଙ୍ଗଠନିକ ବୈଠକ

ମୁରିବାହାଲ,୨୪।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କଳାକାର ସଂଘର ସାଙ୍ଗଠନିକ ବୈଠକ ବୁଧବାର ମୁରିବାହାଲ ଯାଦବ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ ସଭାପତି କୈଳାସ ଦଣ୍ଡସେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ଆଭିମୁଖ୍ୟ ଓ ଉପଯୁକ୍ତ କଳାକାରଙ୍କୁ ଭତ୍ତା ଯୋଗନାରେ ସାମିଲ କରି ପ୍ରୋତ୍ସାହନ ଓ ସଂଗଠନ ସୁଦୃଢ କରିବା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥିଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ଯୋଗଦେଇ କଳାକାରଙ୍କ କାର୍ଯ୍ୟ, ସରକାରୀ ଯୋଜନା ଅନୁସାରେ କଳାକାରଙ୍କୁ ଯେପରି ଭତ୍ତା ପ୍ରଦାନ କରାଯାଇ ପାରିବ ତାହା ଉପରେ ଯୋର ଦେଇଥିଲେ। ସମ୍ମାନୀତ ଆତିଥିଭାବେ ବିଶିଷ୍ଟ କଳାକର ଗଙ୍ଗାଧର ହେର୍ଣ୍ଣା ଯୋଗଦେଇ କଳାକାରମାନେ ସଦସ୍ୟତା ଚାନ୍ଦା ଦେଇ ସଂଗଠନକୁ ମଜଭୁତ କରିବାକୁ କହିଥିଲେ। ପ୍ରତି ମାସ ୨୪ତାରିଖରେ ମାସିକ ବୈଠକ ବସିବା, ପ୍ରତ୍ୟେକ ପଞ୍ଚାୟତରେ ୨ସକ୍ରିୟ କଳାକାର ଚୟନ ସହ ଅନେକ କାର୍ଯ୍ୟପନ୍ଥା ବିଷୟରେ ପ୍ରସ୍ତାବ ଗୃହୀତ କରାଯାଇଛି। କଳାକାର ଠିବୁ ବାଗ, ସୁଦାମ ଭୋଇ, କାନ୍ତ ବଗର୍ତ୍ତି, ସୁରେଶ ପଟନାୟକ, ଗଣ୍ଡରାମ ସାହୁ, ଦୟାନିଧି ନାଗ, ସୁଦର୍ଶନ ମହାକୁର, ରଥ ବେହେରା, ସୁରେନ୍ଦ୍ର ପସାୟତ, ମହେଶ୍ୱର ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁନରୁଦ୍ଧାର ହେଲା, ଗେଟ୍ ଲାଗିଲାନି

ଲୋଇସିଂହା,୨୪।୮(ଡି.ଏନ.ଏ.)


ବଙ୍ଗାବାହାଲର ଦେହୁରୀ କଟାଁ।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପଟ୍ଟଆପାଲି ପଞ୍ଚାୟତ ଅନ୍ତର୍ଗତ ବଙ୍ଗାବାହାଲ ଗାଁରେ ରହିଛି ଦେହେରୀ କଟାଁ। ୨୦ଏକର ପରିମିତ ଏହି ଜଳାଶୟର ପୁନରୁଦ୍ଧାର ଚଳିତ ବର୍ଷ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କରାଯାଇଛି। ହେଲେ ବନ୍ଧର ଜଳ ନିଷ୍କାସନ ପଥରେ ଗେଟ ଏଯାଏ ଲଗାଯାଇନାହିଁ। ଫଳରେ ଜଳାଶୟର ପାଣି ନିଷ୍କାସନ ପଥ ଦେଇ ଅଯଥାରେ ବାହାରକୁ ଚାଲି ଯାଉଛି। ବିଭାଗୀୟ ଅପାରଗତାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ବଙ୍ଗାବାହଲ ଗାଁମୁଣ୍ଡରେ ଥିବା ଦେହେରୀ କଟାଁ ବଲାଙ୍ଗୀର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଛି। ଚଳିତ ବର୍ଷ ବିଭାଗ ପକ୍ଷରୁ ପ୍ରାୟ ୨୦ଲକ୍ଷ ଟଙ୍କା ପୁନରୁଦ୍ଧାରରେ ଖର୍ଚ୍ଚ କରାଯାଇଥିଲେ ହେଁ ଅନୁଦାନ ମୁତାବକ କାମ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି। ପ୍ରକଳ୍ପର ନିଷ୍କାସନ ପଥରେ ଏକ ଗେଟ ଲାଗିବାକୁ ଥିଲା। ହେଲେ ଠିକାଦାର ଗେଟ ନ ଲଗାଇ ଚାଲି ଯାଇଛନ୍ତି। ଏବେ

**ଦେହେରୀ କଟାଁ**
■ଅଯଥାରେ ବୋହିଯାଉଛି ଜଳାଶୟ ପାଣି

ଲଘୁଚାପଜନିତ ବର୍ଷା ଲାଗିରହିଛି। ବର୍ଷା ହେବା ଫଳରେ ପ୍ରକଳ୍ପରେ ପାଣି ସଂରକ୍ଷିତ ହେବାରେ ଲାଗିଛି। ହେଲେ ଗେଟ ଲାଗି ନ ଥିବାରୁ ବର୍ଷା ପାଣି ସଂରକ୍ଷିତ ନ ରହି ନିଷ୍କାସନ ପଥରେ ବୋହି ଯାଉଛି। ଏଥିଯୋଗୁ ଆଗାମୀ ଦିନରେ ବର୍ଷା କମିଗଲେ ଦେହୁରୀ କଟାଁ ଶୁଖିଲା ପଡିବ। ବିଳମ୍ବିତ ଚାଷ ହୋଇଥିବାରୁ ପରିବର୍ତ୍ତୀ ସମୟରେ ବର୍ଷା ନ ହେଲେ ପ୍ରକଳ୍ପ ତଳମୁଣ୍ଡରେ ଥିବା ଚାଷଜମି ପ୍ରଭାବିତ ହେବା ନିଶ୍ଚିତ। ଗେଟ ପାଇଁ ଚାଷ ଓ ଚାଷୀ କ୍ଷତିଗ୍ରସ୍ତ ହେବେ ବୋଲି ବଙ୍ଗାବାହାଲ ଗ୍ରାମର ଚାଷୀ ଅଭିଯୋଗ କରିଛନ୍ତି। ବର୍ଷା ସରିଲା ପରେ ପ୍ରକଳ୍ପରେ ଗେଟ ଲାଗିବ କି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।

# ବେଆଇନ ଛଟେଇକୁ ବିରୋଧ


ବିଡିଓ ଭୀମସେନ କହଁରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖପ୍ରାଖୋଲ,୨୪।୮(ଡି.ଏନ.ଏ.)

**ବ୍ଲକସ୍ତରୀୟ ଗାଁ ସାଥୀ ସଂଘ ବୈଠକ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭା ଗୃହରେ ବ୍ଲକସ୍ତରୀୟ ଗାଁ ସାଥୀ ସଂଘର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ତପିନ୍ଦ୍ର ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗାଁ ସାଥୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ପଡ଼ିଆବାହାଲ ପଞ୍ଚାୟତ କନଗାଁର ଗାଁ ସାଥୀ କରମ ସିଂ ଛତର, ସାଲେପାଲି ଗାଁ ସାଥୀ କ୍ଷେତ୍ର ମେହେର ଓ ପାଚେର ଗାଁ ସାଥୀ ଅନାମିକା ସେଠଙ୍କୁ ବେଆଇନ ଭାବେ ବହିଷ୍କାର କରାଯାଇଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକ ପରେ ବିଡିଓ ଭୀମସେନ କହଁରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ୫ତାରିଖ ମଧ୍ୟରେ ଉଚିତ ନ୍ୟାୟ ନ ମିଳିଲେ ସଂଘ ତରଫରୁ ବ୍ଲକ ସାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି କାମ ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ଏପିଓ ପ୍ରଶାନ୍ତ କୁମାର ପ୍ରଧାନ, ସଂଘ ସମ୍ପାଦିକା ବୈଜୟନ୍ତୀ ସରାଫ, କରମ ସିଂ ଛତର, କ୍ଷେତ୍ର ମେହେର, ଅନାମିକା ସେଠ, ଯଶୋବନ୍ତ ସାହୁ, ବେଲମତି ମେହେରଙ୍କ ସମେତ ଶତାଧିକ ଗାଁ ସାଥୀ ଉପସ୍ଥିତ ଥିଲେ। ଏପିଓ ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ଏ ନେଇ ପଚାରିବାରୁ ବ୍ଲକ ପ୍ରଶାସନ ପାଖରେ କୌଣସି ସୂଚନା ନ ଥିବା କହିଛନ୍ତି।

# ଯୁବତୀଙ୍କ ମୁଣ୍ଡବିହୀନ ମୃତଦେହ ଜବତ

ସଇଁତଲା, ୨୪।୮(ଡି.ଏନ.ଏ.)

■ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍, ପୋଲିସ ତନାଘନା
■ମୁଣ୍ଡ କାଟି ନଦୀରେ ଫିଙ୍ଗି ଦେଇଥିବା ସନ୍ଦେହ

ବଲାଙ୍ଗୀର ଜିଲା ସଇଁତଲା ଥାନା କୁଇକେଡ଼ା ପଞ୍ଚାୟତ ନିକଟ ଲାଛନଦୀ ପଠାରୁ ଏକ ମୁଣ୍ଡବିହୀନ ମୃତଦେହ ପୋଲିସ ବୁଧବାର ଜବତ କରିଛି। ସକାଳୁ କମରଲଗା ଗ୍ରାମବାସୀ ଶୌଚ ପାଇଁ ନଦୀକୁ ଯାଇଥିବାବେଳେ ଏକ ମୃତଦେହ ଭାସୁଥିବା ଦେଖି ସଇଁତଲା ପୋଲିସକୁ ଖବର ଦେଇଥିଲେ। ସଇଁତଲା ଥାନାଧିକାରୀ ଅବନୀ ସାହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ଭାସୁଥିବା ସ୍ଥାନରୁ ପ୍ରାୟ ୧୫୦ ମିଟର ଦୂର କମରଲଗା ରାସ୍ତାର ଭଙ୍ଗା ବ୍ରିଜ୍‌ରେ ରକ୍ତ ପଡ଼ିଥିବା ପୋଲିସ ଦେଖିବାକୁ ପାଇଥିଲା। ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ଟିଟିଲାଗଡ଼ ଥାନା ଅଧିକାରୀ ରଞ୍ଜନ ବରିହା ସଇଁତଲା ଅଗ୍ନିଶମ ବିଭାଗ, ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ମୃତଦେହ ପାଣିରୁ ବାହାରକୁ ଆଣିବା ପରେ ଏହା ଜଣେ ଯୁବତୀଙ୍କର ଓ ମୁଣ୍ଡ ନ ଥିବା ଜଣାପଡ଼ିଥିଲା। ଯୁବତୀଙ୍କ ବୟସ ୨୦ରୁ ୨୫ ବର୍ଷ ହେବ ବୋଲି ଏସ୍‌ଡିପିଓ ଶତପଥୀ କହିଛନ୍ତି। ଯୁବତୀ ଜଣକ କଳାରଙ୍ଗର ପ୍ୟାଣ୍ଟ ଓ ଶାର୍ଟ ପିନ୍ଧିଥିବାବେଳେ ତାଙ୍କ ଗୋଡ଼ରେ ଦୁଇଟି କଳା ରଙ୍ଗର ସୂତା ବନ୍ଧାଯାଇଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଗଳା କାଟି ହତ୍ୟା କରି ତାଙ୍କୁ ନଦୀରେ ପକାଇ ଦିଆଯାଇଥିବା ପୋଲିସ ଅନୁମାନ କରୁଛି। ତେବେ ନଦୀରେ ସ୍ରୋତ କମ୍ ଥିବାରୁ ମୃତଦେହ ବେଶିଦୂର ଯାଇପାରି ନ ଥିବା ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟକରି ପୋଲିସ କହିଛି। ଜବତ ମୃତଦେହ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଯାଇଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ ଦିନତମାମ୍ ନଦୀକୂଳ ଓ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରୁଥିଲେ ହେଁ ମୁଣ୍ଡ ପାଇନାହିଁ। ଆଗାମୀ ଦିନରେ ପୋଲିସ ଏହି ମାମଲାର ପର୍ଦ୍ଦାଫାଶ କରିପାରୁଛି ନା ପୂର୍ବରୁ ସଇଁତଲା ଥାନା ଅଞ୍ଚଳରେ ହୋଇଥିବା ତିନୋଟି ହତ୍ୟା ଘଟଣା ଭଳି ଫାଇଲ ତଳେ ଚାପି ହୋଇଯିବ ତାହା ସାଧାରଣରେ ଚର୍ଚ୍ଚା ହେଉଛି।

## ଅବକାରୀ ଚଢ଼ାଉ, ୨ ଗିରଫ

ଲୋଇସିଂହା,୨୪।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା ଓ କରକଟିଆରେ ଅବକାରୀ ବିଭାଗ ଚଢାଉ କରି ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ବୁଧବାର ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଲୋଇସିଂହାର ମଙ୍ଗଳ ପାତ୍ର ଏବଂ କରକଟିଆସ୍ଥିତ ଏକ ଢାବାର କର୍ମଚାରୀ ରାତୁ ଧରୁଆ। ଲୋଇସିଂହା ଅଞ୍ଚଳରେ ଖୋଲା ଏବଂ ଅପମିଶ୍ରିତ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଲୋଇସିଂହା ଅବକାରୀ ଓଆଇସି ଜଗନ୍ନାଥ ମିଶ୍ର, ମୋବାଇଲ ସ୍କ୍ୱାଡ ଏସଆଇ ମଞ୍ଜୁ ପ୍ରତିମା ଏକ୍କା ଚଢାଉ କରିଥିଲେ। ୫୦ ଲିଟର ରନ୍ଧାମଦ ଓ ୧୮.୩୫୦ ଲିଟର ବିଅର ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ପାଟଣେଶ୍ୱର ମନ୍ଦିର ପରିଦର୍ଶନ କଲେ ନିରଞ୍ଜନ

ବଲାଙ୍ଗୀର ଅଫିସ,୨୪।୮

ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିର ପରିଦର୍ଶନ କରି ଏହି ମନ୍ଦିରର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବଲାଙ୍ଗୀର ଦେବାଳୟ ସୁରକ୍ଷା କମିଟି ଅନୁରୋଧ କ୍ରମେ ବିଶି ମନ୍ଦିରକୁ ଯାଇ ଦେବୀଙ୍କୁ ଦର୍ଶନ କରିବା ସହ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିର ଗର୍ଭଗୃହ, ରୋଷେଇ ଘର, ଝରକା ଫାଟ, ପିଏଚ୍‌ଡି ପାଣି ସମସ୍ୟା, ମନ୍ଦିରକୁ ବର୍ଷା ପାଣି ପଶିବା, ପାର୍କି ସୁବିଧା, ନାଳ ନଥିବା ଉପରେ ଆଲୋଚନା ହୋଇଥିଲା। ଏ ବିଷୟରେ ବିଶି ଜିଲାପାଳ ଏବଂ ଦେବୋତ୍ତର କମିଶନରଙ୍କୁ ଚିଠି ମାଧ୍ୟମରେ ସମସ୍ୟା ଅବଗତ କରାଇବେ ବୋଲି କହିଥିଲେ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନର ବାଟ ବାହାର କରିବା ପାଇଁ କହିଥିଲେ। ଦେବାଳୟ ସୁରକ୍ଷା କମିଟିର ପ୍ରଶାନ୍ତ ମହାକୁର, ପଙ୍କଜ ସେଲମା, ଡମନ ବଗର୍ତ୍ତି, ଦ୍ୟୁତି ବାହନ ଚନ୍ଦନ, ଅର୍ଜ୍ଜୁନ ସାହୁ, ଅଙ୍କୁଶ ପାଣ୍ଡିଆ, ଜୟକୃଷ୍ଣ ମିଶ୍ର, ଦୁଇ ପୂଜକ ଓ ପଡାର ଜନସାଧାରଣ ଉପସ୍ଥିତ ଥିଲେ।

# ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ତାଲିମ କାର୍ଯ୍ୟକ୍ରମ



ଶିଶୁ ସୁରକ୍ଷା ଉପରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତି ଅଧିକାରୀ ଓ ସ୍ୱେଚ୍ଛାସେବୀ।

ବଲାଙ୍ଗୀର ଅଫିସ,୨୪।୮

ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ସିଆରଏସ୍-ଅରୁଣା ପକ୍ଷରୁ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟଠାରେ ଦୁଇଦିନିଆ ଶିଶୁ ଯତ୍ନ ଅନୁଷ୍ଠାନରୁ ଶିଶୁଙ୍କ ପାରିବାରିକ ପୁନଃମିଶ୍ରଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ତଥା ଜିଲା ଶିଶୁ ସୁରକ୍ଷା ଅଧିକାରୀ ସନ୍ଥଲାନ ଦୀପ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଲିମ ଶିବିରରେ ସିଆରଏସ- ଅରୁଣାର ଜିଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଉପସ୍ଥିତ ଶିଶୁ ସୁରକ୍ଷା ସମୂହର କର୍ମକର୍ତ୍ତାମାନଙ୍କୁ ସ୍ୱାଗତ ଜଣାଇ ସିଟିଡବ୍ଲୁଡବ୍ଲୁସି ପ୍ରକଳ୍ପର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଶିଶୁ ମଙ୍ଗଳ କମିଟି ଅଧକ୍ଷ ଯୋଗେଶ୍ୱର ମହାନ୍ତି ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଏବଂ ଭୂମିକା ଉପରେ ଆଲୋକପାତ କରିବା ସହ ପାରିବାରିକ ପୁନଃ ମିଶ୍ରଣର ଗୁରୁତ୍ୱ ଉପରେ କହିଥିଲେ। ଏହି ଅବସରରେ ଶିଶୁ ସୁରକ୍ଷା ୟୁନିଟର ଶିଶୁ ଯତ୍ନ ଅନୁଷ୍ଠାନର ସୁରକ୍ଷା ଅଧିକାରୀ ଚୁଡାମଣି ପଣ୍ଡା ଶିଶୁ ଯତ୍ନ ଅନୁଷ୍ଠାନରୁ ଶିଶୁଙ୍କ ପାରିବାରିକ ପୁନଃ ମିଶ୍ରଣର ପ୍ରକ୍ରିୟା ଉପରେ ଜଣାଇଥିଲେ। ଶିବିରରେ ଅଣ ଅନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର କୁମ୍ଭାର ମିଶନ ବା ସଭ୍ୟର ନିୟମାବଳୀ ଉପରେ ଜଣାଇବା ସହ ପଶ୍ଚାତ କାର୍ଯ୍ୟକ୍ରମ ପାଇଁ ଶିଶୁ ଯତ୍ନ ଅନୁଷ୍ଠାନ, ଚାଇଲ୍ଡ ଲାଇନ ପାଇଁ ଏକ ଖସଡା ପ୍ରସ୍ତୁତ କରି ଜଣାଇଥିଲେ। ଶିବିରରେ ଶିଶୁ ମଙ୍ଗଳ ସମିତିର ଡା. ଗୋଦାବରୀଶ ରଥ, ବିରଞ୍ଚି ବହିଦାର, ନନ୍ଦି କିଶୋର ଷାଣ୍ଢ, ସୁନିତା ତ୍ରିପାଠୀ ମତାମତ ପ୍ରଦାନ କରିଥିଲେ। ପରିଶେଷରେ ଶିଶୁ ସୁରକ୍ଷା ୟୁନିଟ୍ ସାମାଜିକ କର୍ମି ଅରୁଣ କୁମାର ଖୁଆସ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସାମୁହିକ ସହଯୋଗ ଅପରିହାର୍ଯ୍ୟ ବୋଲି କହିଥିଲେ।

## କସ୍ତୁବ ସାହୁ କୋସଲ ସେନା ରାଜ୍ୟ ସଭାପତି ମନୋନୀତ

ଲୋଇସିଂହା,୨୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମଲେ ପଞ୍ଚାୟତ ସରପଞ୍ଚ କସ୍ତୁବ ସାହୁ କୋସଲ ସେନା ରାଜ୍ୟ ସଭାପତି ବୁଧବାର ମନୋନୀତ ହୋଇଛନ୍ତି। ବଲାଙ୍ଗୀର ଯାଦବ ଭବନ ଠାରେ କୋସଲ ସେନାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ କୋସଲ ସେନାର ଯୁବ ସଂଗଠନ ସାହୁଙ୍କୁ ରାଜ୍ୟ ସଭାପତି ଭାବେ ମନୋନୀତ କରାଯାଇଥିଲା। ସାହୁ କୋସଲ ସେନାର ଜଣେ ସକ୍ରିୟ ସଦସ୍ୟ ଏବଂ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ରଙ୍କ ଅନୁଗତ ଭାବେ ଜଣାଶୁଣା।

## ବିଜେଡି ପ୍ରତିଷ୍ଠା ଦିବସରେ ଚାରା ରୋପଣ


ମନ୍ତ୍ରୀ ଟୁକୁନୀ ସାହୁ ଚାରା ରୋପଣ କରୁଛନ୍ତି।

ଟିଟିଲାଗଡ,୨୪।୮(ଡି.ଏନ.ଏ.)

ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଟିଟିଲାଗଡ଼ ବ୍ଲକର ସମସ୍ତ ପଞ୍ଚାୟତରେ ଚାରା ରୋପଣ କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ ବାନ୍ଧୁପଲା ଗ୍ରାମ ପଞ୍ଚାୟତର ଦେଶିଲସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଗଛ ବଞ୍ଚିବା ପର୍ଯ୍ୟନ୍ତ ଏହାର ଯତ୍ନ ନେଲେ ଉଦ୍ଦେଶ୍ୟ ଫଳପ୍ରଦ ହେବ ବୋଲି ଏହି ଅବସରରେ ମନ୍ତ୍ରୀ ସାହୁ କହିଥିଲେ। ଏହି ଅବସରରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ପୌର ପରିଷଦ ଉପାଧ୍ୟକ୍ଷା ପୁଷ୍ପା ମଞ୍ଜରୀ ଜାଲ, କାଉନସିଲର ଚନ୍ଦ୍ରକାନ୍ତି ନାଗ, ସାବିତ୍ରୀ ବାରିକ, ସୁନିତା ଦାଶ, ସୁଧୀର ଅଗ୍ରୱାଲ, ଅଞ୍ଜନା ବର୍ମା, ଦଳୀୟ କର୍ମୀ ଦୁର୍ଯ୍ୟ ଛତର, ପିପୁ ବଗର୍ତ୍ତି, ଜଗଦୀଶ ମାଝି, ସୁରେନ୍ଦ୍ର ମହାରଣା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ଦଳ ତରଫରୁ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସଂଯୁକ୍ତା ନାୟକ, ଉପାଧ୍ୟକ୍ଷ ଜଗତରାମ ରଣା ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିକି ପୋଢ଼, ଓ ସଞ୍ଜୟ ବେହେରା, ବ୍ଲକ ବିଜେଡି ସଭାପତି ପୋଢ଼ ବାବୁ, ଦିଲୀପ ବାଗ, ରୁଟୁ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବାହାରିଲା କୃଷକ ସଚେତନତା ରଥ

ଖପ୍ରାଖୋଲ, ୨୪।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ବୁଧବାର କୃଷକ ସଚେତନତା ରଥ ବାହାରିଛି। ମୁଖ୍ୟ ଅତିଥିଭାବେ ପାଟଣାଗଡ ଅତିରିକ୍ତ କୃଷି ଜିଲା ଅଧିକାରୀ ଗୁରେନ୍ଦ୍ର ନାଥ ସିଂ ଯୋଗଦେଇ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଚେତନତା ରଥ ମାଧ୍ୟମରେ ସମସ୍ତ ଚାଷୀ କୃଷକ ଓଡ଼ିଶା ପୋର୍ଟାଲରେ ନାମ ପଞ୍ଜୀକରଣ, ପିଏମ୍ କିଷାନରେ ଇକେଓଆଇସି କରିବା, ଗୋସୁଗମ ଏପର ବ୍ୟବହାର ଉପରେ ସଚେତନ କରିବ। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେର, ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ଏଫିଏସ ଏମଟି ଅଭୟ ତ୍ରିପାଠୀ, କୃଷି ଅଧିଦର୍ଶକ ଧରମ ସିଂ ସରାଫ, କୁମୁଦିନୀ ପାଣିଗ୍ରାହୀ, ଇପ୍ସିତା ବାରିକ, ପରେଶ ମେହେର, ଛାୟାକାନ୍ତ ବାରିକ ପ୍ରମୁଖ କୃଷି କର୍ମଚାରୀ ଉପସ୍ଥିତ ଥିଲେ। ସଚେତନତା ରଥ ବ୍ଲକର ସମସ୍ତ ପଞ୍ଚାୟତ ବୁଲିବ।



ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି।

# ଶୋଧପତ୍ର ଲିଖନ ପ୍ରତିଯୋଗିତା ପୋଷ୍ଟର ବିମୋଚନ କଲେ କୁଳପତି

ବଲାଙ୍ଗୀର ଅଫିସ, ୨୪।୮

ଭାରତୀୟ ଶିକ୍ଷଣ ମଣ୍ଡଳ ଦ୍ୱାରା ସୁଭାଷ-ସ୍ୱରାଜ-ସରକାର ଶୋଧପତ୍ର ଲିଖନ ପ୍ରତିଯୋଗିତାର ପୋଷ୍ଟରକୁ ବୁଧବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କ ଉନ୍ମୋଚନ କରିଛନ୍ତି। ଶିକ୍ଷଣ ମଣ୍ଡଳର ପଶ୍ଚିମ ପ୍ରାନ୍ତୀୟ ଉପାଧ୍ୟକ୍ଷ ପ୍ରଫେସର ତରୁଣ କୁମାର ମିଶ୍ର, ପ୍ରାନ୍ତୀୟ ବିସ୍ତାରକ ଉମେଶ ସିଂ, ବରିଷ୍ଠ ସଦସ୍ୟ ଧର୍ମବ୍ରତ ରଥ ତଥା ସଭ୍ୟ ଦିବାକର ହୋତା ଉନ୍ମୋଚନ ସମୟରେ ଉପସ୍ଥିତ ଥିଲେ। ଉକ୍ତ ପ୍ରତିଯୋଗିତା ପାଇଁ ଯେକୌଣସି ସ୍ନାତକ କିମ୍ବା ତଦୁର୍ଦ୍ଧ ଡିଗ୍ରୀଧାରୀ କିମ୍ବା ୪୦ ବର୍ଷରୁ କମ୍ ବୟସର ବ୍ୟକ୍ତିବିଶେଷ ୩୦ ଅଗଷ୍ଟ ସୁଦ୍ଧା ପଞ୍ଜୀକରଣ କରି ୨୫ ସେପ୍ଟେମ୍ବର ସୁଦ୍ଧା ନିଜର ଶୋଧପତ୍ର ଅନ୍‌ଲାଇନରେ ପଠାଇ ପାରିବେ। ଆଗ୍ରହୀ ବ୍ୟକ୍ତିବିଶେଷ ସବିଶେଷ ବିବରଣୀ ପାଇଁ ନିକଟସ୍ଥ କଲେଜ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିପାରିବେ। କୃତୀ ଛାତ୍ରୀଛାତ୍ରଙ୍କୁ ଦିଲ୍ଲୀରେ ପୁରସ୍କୃତ କରି ସ୍କୋଲରଶିପ ପାଇବା ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି। ଉକ୍ତ ଶୋଧପତ୍ରର ପୋଷ୍ଟର ସ୍ଥାନୀୟ ଆୟୁର୍ବେଦିକ କଲେଜ, ମହିଳା ମହାବିଦ୍ୟାଳୟ, ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ଅଧିକାରୀଙ୍କୁ ପ୍ରଦାନ କରି ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା କରାଯାଇଛି। ଜିଲାର ଅନ୍ୟାନ୍ୟ କଲେଜ କର୍ତ୍ତୃପକ୍ଷମାନଙ୍କୁ ମଧ୍ୟ ଏସମ୍ପର୍କରେ ଅବଗତ କରାଯାଇଥିବା ଜଣାଯାଇଛି।


ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୫ ଅଗଷ୍ଟ, ୨୦୨୨

## ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତର ଜଟେସିଙ୍ଗା ଗ୍ରାମରେ ସାପ କାମୁଡାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ନରୋତ୍ତମ ବେହେରାଙ୍କ ପରିବାର ଲୋକେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କ ପୁଅ ଶ୍ରବଣ (୮ବର୍ଷ)ଙ୍କୁ କାମୁଡି ଦେଇଥିଲା। ତାଙ୍କୁ ବୌଦ୍ଧ ମେଡିକାଲକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।



## ସଂକ୍ଷେପରେ

### ଦୁର୍ଘଟଣା:୨ ଗୁରୁତର

ଅମରପାଲି,୨୪।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସୋନପୁର ରାସ୍ତାର ଉଫୁଲା ତାଳବନ୍ଧ ନିକଟରେ ଜଣେ ପଥଚାରୀଙ୍କୁ ଏକ ବାଇକ୍ ଧକ୍କା ଦେବା ଫଳରେ ପଥଚାରୀଙ୍କ ସମେତ ବାଇକ୍ ଆରେହୀ ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ବୀରମହାରାଜପୁର ଡାକ୍ତରଖାନା ରେ ଭର୍ତ୍ତି କରାଯାଇଛି । ବୀରମହାରାଜପୁର ଥାନା ଖଇରମାଳ ଗାଁର କୈବଲ୍ୟ ଶଙ୍ଖୁଆ ନିଜ ବନ୍ଧୁଘର ଉଫୁଲା ଗାଁକୁ ଆସିଥିଲେ । ସେ ସନ୍ଧ୍ୟାରେ ରାସ୍ତାରେ ଯାଉଥିବା ବେଳେ କେନ୍ଦୁପାଲି ଗାଁର ଜଣେ ବାଇକ୍ ଚାଳକ କୌଣସି କାରଣରୁ ଗାଡି ଉପରୁ ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲେ । ଉଭୟ ରାସ୍ତାରେ ଛିଟିକି ପଡି ଆହତ ହୋଇଥିଲେ ।

### ଅତାବିରା ଦୁର୍ଗାପୂଜା ପାଇଁ ରାବଣ ବରଣ

ଜାମଟିକ୍ରା, ୨୪।୮(ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ଶାରଦୀୟ ଦୁର୍ଗାପୂଜା ସକାଶେ ଆୟୋଜିତ ହେଉଥିବା ରାବଣ ଦରବାର ପାଇଁ ଚଳିତ ବର୍ଷ ଗୋପାଳ ଦାସ ରାବଣ ଭୂମିକାରେ ଅଭିନୟ କରିବେ। ପୂଜାକମିଟିର ନିଷ୍ପତ୍ତିକ୍ରମେ ବୁଧବାର ବିଧିବଦ୍ଧଭାବେ ରାବଣ ବରଣ ପରମ୍ପରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଦୁର୍ଗାପୂଜା କମିଟି ସଭାପତି ଦୈତାରୀ ପଧାନ, ଉପସଭାପତି ସୁରେନ୍ଦ୍ର ସ୍ୱାଇଁ, ସମ୍ପାଦକ କାଦର ଖାନ, ସହ ସମ୍ପାଦକ ରାଜେଶ ପଧାନ, କୋଷାଧ୍ୟକ୍ଷ ଅମୃତ ପଧାନ, କମିଟି ସଭାପତି ଜଗୁ କୋଟାଲ, ସଳର୍ଯ୍ୟକିରଣ ପଧାନ, ଧୀରଜ ପଧାନ ପ୍ରମୁଖ ଉପସ୍ଥିତ ଥାଇ ରାବଣ ବରଣ କରିଥିଲେ ।

### ଆଞ୍ଚଳିକ କୃଷକ ଶ୍ରମିକ ସଂଘ ଉପଜିଲାପାଳଙ୍କୁ ଫେରାଦ

ପଦ୍ମପୁର,୨୪।୮(ଡି.ଏନ.ଏ.): ପ୍ରଧାନ ମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ପ୍ରଦାନ ଏବଂ ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ଅଙ୍ଗ ନଦୀବନ୍ଧ ଜଳସେଚନ ପ୍ରକଳ୍ପ ନିର୍ମାଣ ଦାବି କରିଛି ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଆଞ୍ଚଳିକ କୃଷକ ଶ୍ରମିକ ସଂଘ। ସଂଘ ସଭାପତି ଗୋବର୍ଦ୍ଧନ ଭୂଏଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ଉପ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ସବ ରେଜିଷ୍ଟ୍ରାର ଅଫିସ ନ ଥିବାରୁ ପଦ୍ମପୁର ସବଡିଭିଜନ ଅନ୍ତର୍ଗତ ଅନେକ ଶିକ୍ଷିତ ଯୁବକ ନିଜ ନାମ ପଞ୍ଜିକରଣ ପାଇଁ ବରଗଡ଼ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ସେଥିପାଇଁ ପଦ୍ମପୁରରେ ସବ ରେଜିଷ୍ଟ୍ରାର ଅଫିସ ଖୋଲିବାକୁ ଦାବି କରାଯାଇଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ୩ରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ

ସୋନପୁର,୨୪।୮(ନି.ପ୍ର.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବିଶାଳପାଲି ଖେଳପଡିଆଠାରେ ସମଲେଶ୍ୱରୀ ଆଥେଲେଟିକ ଆସୋସିଏଶନ ତରଫରୁ ଆସନ୍ତା ୩ ତାରିଖରୁ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଆସୋସିଏଶନ ସଭାପତି ଟଙ୍କଧର ମେଣ୍ଡଲି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିରେ କନ୍ଧମାଳ, ଅତାବିରା, ଲାତୁରପେଟ, ରୋଏଲଷ୍ଟାର, କମସରା, ନୂଆଁବାଟିମୁଣ୍ଡା, ସୋନପୁର, ବୀରମହାରାଜପୁର, ବଲାଙ୍ଗୀର, ବୌଦ୍ଧ, ଉଲୁଣ୍ଡା, କର୍ଲାମୁହାଣ ଓ ସମ୍ବଲପୁର ପ୍ରଭୃତି ଦଳ ଭାଗ ନେବେ ବୋଲି ଜଣାପଡିଛି ।

# ସୋନପୁର ଡିଷ୍ଟ୍ରିବ୍ୟୁଟାରି କେନାଲରେ ପାଣି ଆସିଲା

- ଅଙ୍ଗ କେନାଲ ସମ୍ପ୍ରସାରଣ ଯୋଜନା
- ୪ ଗାଁର ଚାଷୀଙ୍କ ଜମିରେ ମାଡ଼ିଲା ପାଣି

ସୋନପୁର,୨୪।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ବହୁ ପ୍ରତୀକ୍ଷିତ ଅଙ୍ଗ କେନାଲ ସମ୍ପ୍ରସାରଣ ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଦେବାର ୧୬ ବର୍ଷ ପରେ ବି ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁ ନ ଥିଲା। ତେବେ ବୁଧବାର ସୋନପୁର ଡିଷ୍ଟ୍ରିବ୍ୟୁଟାରି କେନାଲରେ ପ୍ରଥମ ଥର ପାଣି ଆସିଛି। ସୋନପୁର ବ୍ଲକ ପଣ୍ଡକିଟାଲରୁ ବିଶିମୁଣ୍ଡା ପର୍ଯ୍ୟନ୍ତ କେନାଲରେ ୭କିଲୋମିଟର ପର୍ଯ୍ୟନ୍ତ ପାଣି ଆସିଥିବା ଜଣାପଡିଛି। ଏଥିଯୋଗୁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି କେନାଲର ୬ଟି ଆଉଟ ଲେଟ କସୁରପାଲି, କେନ୍ଦୁମୁଣ୍ଡା, ଚନ୍ଦ୍ରପୁର ଓ ପଣ୍ଡିକିଟାଲ ଗାଁରେ ରହିଛି।


କେନାଲ ପାଣି ବିଶିମୁଣ୍ଡା ଗାଁ ପର୍ଯ୍ୟନ୍ତ ଆସିଛି।

ଗାଁର ଚାଷୀ ମାନେ କେନାଲ ପାଣିକୁ ଧାନ କ୍ଷେତରେ ମଡାଇବା ପରେ ଖୁସି ବ୍ୟକ୍ତ କରିଛନ୍ତି। ଜିଲାର ସୋନପୁର ବ୍ଲକ ମରୁଡି ପ୍ରବଣ ଅଞ୍ଚଳ ଭାବେ ପରିଗଣିତ। ଚାଷୀଙ୍କ ଦୀର୍ଘ ଦିନର ଆନ୍ଦୋଳନ ଓ ଦାବି ପରେ ଆରମ୍ଭ ହୋଇଥିଲା ଅଙ୍ଗ ଜଳସେଚନ ସମ୍ପ୍ରସାରଣ ଯୋଜନା। ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ବିଜୟ ମହାପାତ୍ର କେନାଲ ସମ୍ପ୍ରସାରଣ ପାଇଁ ଶୁଭ ଦେଇଥିଲେ। ମାତ୍ର କାମ ହୋଇ ପାରି ନ ଥିଲା। ପୁଣି ୨୦୦୬ ଡିସେମ୍ବର ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋନପୁର ବ୍ଲକ ରେଙ୍ଗାଲି ପଞ୍ଚାୟତର ବାଶାଳପାଲି କେନାଲର ବ୍ରିଜ୍ ନିକଟରେ କେନାଲ ସମ୍ପ୍ରସାରଣ ପାଇଁ ଶୁଭ ଦେଇଥିଲେ। ଲକ୍ଷ୍ୟ ଥିଲା ୧୩କିଲୋମିଟର ଲମ୍ବ ସୋନପୁର ଡିଷ୍ଟ୍ରିବ୍ୟୁଟାରି କେନାଲ କାର୍ଯ୍ୟକ୍ଷମ ହେଲେ ଖରିଫରେ ପ୍ରାୟ ୧୦ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ କରିବା। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ପ୍ରକଳ୍ପକୁ ଅଗ୍ରାଧିକାର ଦେଇ ଆସୁଛନ୍ତି। ପର୍ଯ୍ୟାପ୍ତ ଅନୁଦାନ ଆଣିବା ସତ୍ତ୍ୱେ ରାଜସ୍ୱ ଓ ବନ ବିଭାଗର ଅସହଯୋଗ କାରଣରୁ ବେସରକାରୀ ଓ ଜଙ୍ଗଲ ଜମି ଅଧିଗ୍ରହଣରେ ବିଳମ୍ବ ହୋଇଛି। ତେଣୁ ପ୍ରକଳ୍ପ କାର୍ଯ୍ୟ ସରି ପାରିନି। ରୁଗୁଡିପାଲି ଡିଷ୍ଟ୍ରିବ୍ୟୁଟାରି କାମ ଅଧାରେ ଅଟକିଥିଲା ବେଳେ କୁଟାସିରା ଡିଷ୍ଟ୍ରିବ୍ୟୁଟାରି କାମ ଆଦୌ ଆରମ୍ଭ ହୋଇନି। ଏ ସମ୍ପର୍କରେ ତେଲ ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଜିତେନ୍ଦ୍ର କୁମାର ପାଢୀ କୁହନ୍ତି ୧୩ କିଲୋମିଟର ସୋନପୁର କେନାଲ ଡିଷ୍ଟ୍ରିବ୍ୟୁଟାରି କାମ ସମ୍ପୂର୍ଣ୍ଣ ହୋଇପାରିନି। ଜମି ଅଧିଗ୍ରହଣରେ ସମସ୍ୟା ଥିଲା ତାହାର ସମାଧାନ କରାଯାଉଛି। ବିଶିମୁଣ୍ଡା ପର୍ଯ୍ୟନ୍ତ କେନାଲ କାମ ସରି ଥିବାରୁ ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପରୀକ୍ଷାମୂଳକ ଭାବେ ପାଣି ଛଡାଯାଇଛି।

## ୩୦ କେଜି ଗଞ୍ଜେଇ ଜବତ: ମହିଳା ଗିରଫ

ବୌଦ୍ଧ,୨୪।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ଅବକାରୀ ବିଭାଗ ପକ୍ଷରୁ ବୁଧବାର ଚଢାଉ କରାଯାଇ ୩୦ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

ସୂଚନା ମୁତାବକ, ହରଭଙ୍ଗା ବ୍ଲକ ଲୁଣିବାହାଲ ଗ୍ରାମ ପଞ୍ଚାୟତ ବାରବାଣି ଗ୍ରାମର ବାସନ୍ତୀ ପାତ୍ର (୪୨) ଗଞ୍ଜେଇ ରଖିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ପରେ ଅବକାରୀ ବିଭାଗ କର୍ମଚାରୀମାନେ ବାସନ୍ତୀଙ୍କ ଘରେ ଚଢାଉ କରି ୩୦ କେଜି ଗଞ୍ଜେଇ ଜବତ କରିଥିଲେ। ଚଢାଉରେ ଅବକାରୀ ଇନ୍ସପେକ୍ଟର ସାଗରିକା ପ୍ରଧାନ, ଏସଆଇ ସୂର୍ଯ୍ୟକାନ୍ତ ମଲିକ, ଏଏସଆଇ ପବିତ୍ର ଜଗଦେବଙ୍କ ସମେତ କର୍ମଚାରୀମାନେ ସାମିଲ ଥିଲେ। ଏ ନେଇ ଏକ ମାମଲା ରୁଜୁ ହୋଇଛି।

# ବସଷ୍ଟାଣ୍ଡ ସ୍ଥାନାନ୍ତର ହେଲେ ଆନ୍ଦୋଳନ


ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ ଭାଜପା ନେତୃବୃନ୍ଦଙ୍କ ଠାରୁ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ସୋନପୁର,୨୪।୮(ନି.ପ୍ର.)

ସୁବର୍ଣ୍ଣପୁର ସହର ମଧ୍ୟଭାଗରେ ଥିବା ବସଷ୍ଟାଣ୍ଡକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଯୋଜନା ହେଉଛି। ତେବେ ଭାଜପା ଏହାର ଦୃଢ ବିରୋଧ କରିଛି। ବୁଧବାର ଭାଜପା ଯୁବମୋର୍ଚ୍ଚାର କର୍ମକର୍ତ୍ତାମାନେ ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିବା ସହ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ଦଳ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍ ସ୍ମାରକପତ୍ର ଗ୍ରହଣ କରିଥିଲେ।

ଜିଲା ସଦର ମହକୁମାରେ ମଡେଲ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଆସିଛି। ତେବେ ସ୍ଥାନ ନିରୂପଣ ହୋଇ ପାରୁ ନ ଥିବାରୁ ଅନୁଦାନ ଖର୍ଚ୍ଚ ନ ହୋଇ ପଡିରହିଛି। ଅନ୍ୟପକ୍ଷେ ବସଷ୍ଟାଣ୍ଡର ଦୁରାବସ୍ଥା ଯୋଗୁ ଯାତ୍ରୀ ଖରା ଓ ବର୍ଷାରେ ହଇରାଣ ହେଉଛନ୍ତି। ବର୍ତ୍ତମାନ ଯେଉଁଠି ବସଷ୍ଟାଣ୍ଡ ଅଛି ତାହା ମଡେଲ ବସଷ୍ଟାଣ୍ଡ ପାଇଁ ପ୍ରକୃଷ୍ଟ ସ୍ଥାନ। ବସଷ୍ଟାଣ୍ଡକୁ ଲାଗି ରହିଥିବା ପୁରାତନ ଟାଉନ ହଲକୁ ଭାଙ୍ଗି ନୂତନ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହେଉଛି। ଭାଜପାର ଦାବି ଅନୁଯାୟୀ ମ୍ୟୁନିସିପାଲିଟିର ମୋଟ ୧୫ଟି ୱାର୍ଡ ମଧ୍ୟରୁ ୧୪ଟି ୱାର୍ଡର ଜନସାଧାରଣ ପୁରୁଣା ସ୍ଥାନରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଚାହୁଁଛନ୍ତି। ବସଷ୍ଟାଣ୍ଡ ଥିବା ସ୍ଥାନରେ ଟାଉନ ଥାନା ରହିଛି। ମହିଳା ଯାତ୍ରୀମାନେ ବିଳମ୍ବିତ ରାତିରେ ବସ୍‌ରୁ ଓହ୍ଲାଇ ଘରକୁ ଯାଇ ପାରୁଛନ୍ତି। ସହର ବାହାରେ ବସଷ୍ଟାଣ୍ଡ ନିର୍ମାଣ ହେଲେ ଲୋକେ ଅଯଥାରେ ଖର୍ଚ୍ଚାନ୍ତ ହେବେ। ସେହିପରି ବସଷ୍ଟାଣ୍ଡ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଛୋଟ ବ୍ୟବସାୟୀ କ୍ଷତି ସହିବେ। ତେଣୁ ସମସ୍ତ ଦିଗକୁ ବିଚାରକୁ ନେଇ ବସଷ୍ଟାଣ୍ଡ ସ୍ଥାନାନ୍ତର ନ କରିବାକୁ ଭାଜପା ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ପ୍ରଶାସନ ସହର ବାହାରେ ବସଷ୍ଟାଣ୍ଡ ନିର୍ମାଣ କଲେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ଦୋଳନ ଜୋରଦାର କରାଯିବ ବୋଲି ଭାଜପା ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ଟାଉନ ସଭାପତି ଜ୍ୟୋତି ତ୍ରିପାଠୀ, କାଉନସିଲର ଗଙ୍ଗାଧର ତରିଆ, ସୁକାନ୍ତ ସାହୁ, ନିରଞ୍ଜନ ତ୍ରିପାଠୀ, ପ୍ରଫୁଲ୍ଲ ସାହୁ, ତ୍ରିଲୋଚନ ତରିଆ, ସୁରେଶ ଚନ୍ଦ୍ର ବିଶ୍ୱାଳ, ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଦେବାଶିଷ ପୂଜାହାରୀ ଓ ସୁରୁବାବୁ ସାହୁ ପ୍ରମୁଖ ସାମିଲ ଥିଲେ।

## ଲଗାଣବର୍ଷାରେ ବହୁ ପରିବାର ବାସହରା

**ଘର ଭାଙ୍ଗିଲା, ଫସଲ ନଷ୍ଟ**

ତରଭା,୨୪।୮(ଡି.ଏନ.ଏ.)

ଲଘୁଚାପଜନିତ ଲଗାଣ ବର୍ଷାରେ ତରଭା ବ୍ଲକର ବିଭିନ୍ନ ଗ୍ରାମରେ ଅନେକ ଘର ଭାଙ୍ଗିଥିବା ବେଳେ ବ୍ୟାପକ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହେଉଛି । ମିଳିଥିବା ସୂଚନା ଅନୁଯାୟୀ, ଶିବତୁଳା ପଞ୍ଚାୟତ ଅତାସିଂହା ଗ୍ରାମର ହୀରା ଗୁରୁଙ୍କ କଚ୍ଚା ଘର ଲଗାଣ ବର୍ଷାରେ ଭାଙ୍ଗିଯିବାରୁ ପରିବାର ଲୋକେ ବହୁ ଅସୁବିଧାରେ ଦିନ କାଟୁଛନ୍ତି । ସେହିପରି ଉକ୍ତ ଗ୍ରାମର ଉମେଶ ଚୌହାନ, ରାଜେଶ୍ୱରୀ ବଗର୍ତ୍ତୀ, ମହାରଗୁ ନାଏକ, ଦଶରଥ ନାଏକଙ୍କ ଘର ଭାଙ୍ଗିଯାଇଛି । ସିଂହାରୀ ପଞ୍ଚାୟତ ଅନ୍ତର୍ଗତ ବାଲିପଟା ନିବାସୀ ପଦ୍ମାବତୀ ରଣା, ଜୟରାମ ରଣାଙ୍କ ସମେତ ଅନେକ ଲୋକଙ୍କ ଘର ଭାଙ୍ଗିଥିବାର ଅଭିଯୋଗ ହେଉଛି। କମସରା ଓ ସିଂହାରୀ ପଞ୍ଚାୟତର କମସରା,ବଡ଼ଯୋର ଓ ଜାମକାନିର ୨୦ ହେକ୍ଟରର ଚାଷଜମିର ଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବାଲିପଟା, କୁଚାମୀ ପ୍ରଭୃତି ଗ୍ରାମରେ ପନିପରିବା ଚାଷ ବର୍ଷା ପାଣିରେ ବୁଡି ନଷ୍ଟ ହୋଇଯାଇଛି । ଲଘୁଚାପଜନିତ କ୍ଷୟକ୍ଷତି ଆକଳନ ନେଇ ତରଭା ଭାରପ୍ରାପ୍ତ ତହସିଲଦାର ସୁଶ୍ରୀ ସୂର୍ଯ୍ୟମଣି ଭୋଇଙ୍କୁ ଯୋଗାଯୋଗ କରାଯିବାରୁ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ତରଭା ସର୍କଲରେ ୨୭ ଜଣ କ୍ଷତିଗ୍ରସ୍ତ ହେବା ନେଇ ଅଭିଯୋଗ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି । ବ୍ରାହ୍ମଣୀରେ ୧୫ ଜଣଙ୍କୁ, କମସରାରେ ୨୫ ଜଣଙ୍କୁ, ଚାରଭଟାରେ ୫, ବଡଭୋଇରେ ୪, ଶିବତୁଳାରେ ୧୧ ଜଣ ଅଭିଯୋଗ କରିଥିବା ବେଳେ ୫ ଜଣଙ୍କୁ ଓ ମେଣ୍ଡା ସର୍କଲରେ ୭ ଜଣ ଅଭିଯୋଗ କରିଥିବା ବେଳେ ୩ ଜଣଙ୍କୁ ପଲିଥିନ ଦିଆଯାଇଛି। ତରଭା ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା କ୍ଷୟକ୍ଷତି ଆକଳନ କର୍ମଚାରୀମାନେ କରୁଛନ୍ତି ବୋଲି ସୂଚନା ମିଳିଛି।

## ସମ୍ପର୍କର ସେତୁ କାର୍ଯ୍ୟକ୍ରମ

ଉଲୁଣ୍ଡା,୨୪।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜଡଉଁରାଭଡଉଁରା ପଞ୍ଚାୟତର ରାଧାନଗର ମନ୍ଦିରଠାରେ ସମ୍ପର୍କର ସେତୁ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲାପାଳ ଆବୋଲି ସୁନିଲ ନରୱାଣେ ଯୋଗଦେଇ ଲୋକଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ। ବିଶେଷକରି ଜଡଉଁରାଭଡଉଁରା ପଞ୍ଚାୟତ ଉପାନ୍ତ ଅଞ୍ଚଳରେ ରହିଥିବା ବେଳେ ସେଠାରେ ମୁଖ୍ୟତଃ ଆଦିବାସୀ ସଂପ୍ରଦାୟର ଲୋକମାନେ ବସବାସ କରୁଛନ୍ତି। ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ ସମସ୍ତଙ୍କ ପାଖରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକାରୀ ହେଉଥିବା ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ କ'ଣ ସବୁ ସୁବିଧା ସୁଯୋଗ ପାଇପାରିବେ ସେ ଉପରେ ବୁଝାଇଥିଲେ। ଏହି ଅବସରରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଜଡଉଁରାଭଡଉଁରାଠାରେ ଏକ ଆଦିବାସୀ ହଷ୍ଟେଲ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବସ ଚଳାଚଳ ସୁବିଧା ଏବଂ ଧାନ ମଣ୍ଡି ଖୋଲିବା ପାଇଁ ଦାବି କରିବା ସହ ବିଭିନ୍ନ ସମସ୍ୟା ନେଇ ଲିଖିତ ଭାବରେ ଜିଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡିଆରଡିଏ ନିହାର ରଞ୍ଜନ କହଁର, ସିଡିଏମଓ ବିଶ୍ୱ ରଞ୍ଜନ ପତି, ଉଲୁଣ୍ଡା ବିଡିଓ ହେମସାଗର ଭୋଇ, ଡିଏସଡବ୍ଲୁଓ ଗୌରିମଣୀ ହାଂସଦା, ସ୍ଥାନୀୟ ସରପଞ୍ଚ ସୁନିତା ସିଙ୍ଗରା, ସମିତି ସଭ୍ୟା ସୁଷମା ଭୋଇ ମଞ୍ଚାସୀନ ହୋଇଥିଲେ। ପିଇଓ ସ୍ୱୟମ୍ଭୁ ପୁରୋହିତ ଏବଂ ଜିଆରଏସ ମନମୋହନ ମିଶ୍ର ସହଯୋଗ କରିଥିଲେ।

## ବିଧାୟକଙ୍କ ୫-ଟି ହାଇସ୍କୁଲ ପରିଦର୍ଶନ


ବୀରମହାରାଜପୁର ୫-ଟି ବାଳକ ହାଇସ୍କୁଲରେ ବିଧାୟକ ଓ ଅନ୍ୟମାନେ।

ଅମରପାଲି,୨୪।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ବିଭିନ୍ନ ୫-ଟି ହାଇସ୍କୁଲ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ବୀରମହାରାଜପୁର ସରକାରୀ ୫-ଟି ବାଳକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଅଧ୍ୟୟନରତ ଛାତ୍ରୀଛାତ୍ର ଓ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ୫-ଟି ଅନ୍ତର୍ଭୁକ୍ତ ହେବା ପରେ ନିର୍ମିତ ସ୍କୁଲ କୋଠରୀ ଗୃହ, ଲାଇବ୍ରେରୀ, କମ୍ପ୍ୟୁଟର, ବିଜ୍ଞାନ ସମ୍ବନ୍ଧୀୟ ଉପକରଣ ଓ ସେଗୁଡିକର ଉପଯୁକ୍ତ ବ୍ୟବହାର ଉପରେ ପଚାରି ବୁଝିଥିଲେ। ଏହି ଅବସରରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ବିଡ଼ିଓ ମୋତିଲାଲ ସୁଲିଆ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ସ୍କୁଲର ପ୍ରଧାନ ଶିକ୍ଷକ ଦୟାସାଗର କଲତା,ଉକ୍ତ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ବିଧାୟକ ବେହେରା ଉଲୁଣ୍ଡା ବ୍ଲକ ଧର୍ମଶାଳା ୫-ଟି ଉଚ୍ଚ ବୋଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ବିଧାୟକଙ୍କ ସହିତ ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର,ବିଡିଓ ହେମସାଗର ଭୋଇ,ମୁଣ୍ଡଘାଟ ସରପଞ୍ଚ କିଶାନ ଜଗଦଲା ,କୁର୍ତ୍ତିବାସ ମିଶ୍ର, ଧର୍ମଶାଳା ୫-ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଶିକ୍ଷାନୁଷ୍ଠାନରେ ଆର୍ଥିକ ସୁପରିଚାଳନାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨୪।୮

ବରଗଡ଼ ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ବରଗଡ଼ ଜର୍ଜ ହାଇସ୍କୁଲ ପରିସରରେ ଶିକ୍ଷାଜିଲା ସ୍ତରୀୟ ଆର୍ଥିକ ସୁପରିଚାଳନା ପାଇଁ ତିନିଦିନିଆଁ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସୋହେଲା ବ୍ଲକ ଶିକ୍ଷା ଅଧିକାରୀ ଅମୃତା ସାହୁ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଶିବିରରେ ଜିଲାର ସମସ୍ତ ଗୋଷ୍ଠି ସାଧନ କର୍ମୀ, ହିସାବ ରକ୍ଷକ, ସହକାରୀ ଗୋଷ୍ଠି ଶିକ୍ଷାଧିକାରୀମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଗୁରୁବାର ଶିବିର ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଅର୍ଥ ପରାମର୍ଶଦାତା ସୁଜିତ କୁମାର ନାଏକ, ହିସାବ ରକ୍ଷକ ଲକ୍ଷ୍ମୀ ନାରାୟଣ ପାତ୍ର, ଶଙ୍କର ମିଶ୍ର ପ୍ରମୁଖ ଯୋଗଦାନ କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନୂତନ ପଦ୍ଧତିରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆର୍ଥିକ ପରିଚାଳନା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

# ଲଗାଣବର୍ଷାରେ ଭାଙ୍ଗିଲା କଚ୍ଚାଘର

ଅମରପାଲି,୨୪।୮(ଡି.ଏନ.ଏ.)

**ଲୁତୁରପଙ୍କ ପଞ୍ଚାୟତ**


ଲୁତୁରପଙ୍କ ମୁଣ୍ଡାପଡାରେ ଭାଙ୍ଗିଥିବା କଚ୍ଚା ଘର।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗତ ଲଘୁଚାପଜନିତ ଲଗାଣ ବର୍ଷାରେ ଅନେକ ଲୋକଙ୍କ କଚ୍ଚାଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ଲୁତୁରପଙ୍କ, ମେଣ୍ଡିଲିପାଲି, ପୁରୁଷୋତ୍ତମପାଲି, ଘିଚାପାଲି, ମୁଣ୍ଡାପଡ଼ା ଆଦି ଗ୍ରାମରେ ବହୁ ଲୋକଙ୍କ ଘର ଭାଙ୍ଗିଛି। ଲୁତୁରପଙ୍କ ମୁଣ୍ଡାପଡାର ବରୁଣ ମୁଣ୍ଡା, ଜଗଡ଼ା ବାଘ, ପଦ୍ମାବତୀ ମୁଣ୍ଡା, ଲୁତୁରପଙ୍କ ଗ୍ରାମର ରଥ ବିଶିଙ୍କ ସମେତ ଆହୁରି ଅନେକ ଲୋକଙ୍କ କଚ୍ଚାଘର ଭାଙ୍ଗିଛି। ଯେଉଁମାନଙ୍କ ଘର ଭାଙ୍ଗିଛି ସେମାନେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦଙ୍କୁ ଜଣାଇଥିଲେ। ଏହାମଧ୍ୟରେ ସରପଞ୍ଚ ଭାଙ୍ଗିଥିବା ଘରଗୁଡ଼ିକ ପରିଦର୍ଶନ କରିଥିଲେ। ସେ ପଞ୍ଚାୟତରେ ଭାଙ୍ଗିଥିବା ଘରଗୁଡିକର ସ୍ଥିତି ନେଇ ବୀରମହାରାଜପୁର ବିଡିଓଙ୍କୁ ସୂଚନା ଦେଇଛନ୍ତି। ଯେଉଁମାନଙ୍କର ଘର ଭାଙ୍ଗିଛି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦେବାକୁ ସରପଞ୍ଚ ଦାବି କରିଛନ୍ତି। ପ୍ରଶାସନ ତରଫରୁ ଘର ଭାଙ୍ଗିଥିବା ପରିବାରଙ୍କୁ ପଲିଥିନ ଦିଆଯାଇଛି। ରାଜସ୍ୱ ବିଭାଗର ରିପୋର୍ଟ ପରେ ଏସଇସିସି ତାଲିକାରେ ନାମ ଥିଲେ ଅଗ୍ରାଧିକାର ଭିତ୍ତିରେ ଆବାସ ଯୋଜନାରେ ସାମିଲ କରାଯିବ। ଯଦି ଉକ୍ତ ତାଲିକାରେ ନାଁ ନ ଥିବ ତାହେଲେ ନୂତନ ଭାବେ ଏସଇସିସି ତାଲିକାରେ ସାମିଲ କରାଯିବ ଏବଂ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଦିଆଯିବ ବୋଲି ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆ ପ୍ରକାଶ କରିଛନ୍ତି।

# ୩ ବ୍ଲକର ୨୮୮୫ ହେକ୍ଟର ଜମିର ଧାନଫସଲ କ୍ଷତିଗ୍ରସ୍ତ

ବୌଦ୍ଧ,୨୪।୮(ସ୍ୱ.ପ୍ର.)

**ବୌଦ୍ଧ ଜିଲା**

- ବନ୍ୟା କ୍ଷୟକ୍ଷତି ନେଇ କନ୍ଧମାଳ ଏମ୍‌ପିଙ୍କ ସମୀକ୍ଷା

ବୌଦ୍ଧ ଜିଲାରେ ବନ୍ୟାଜନିତ କ୍ଷୟକ୍ଷତି ନେଇ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତାନନ୍ଦ ସାମନ୍ତ ବୁଧବାର ଦିନ ଏକ ସମୀକ୍ଷା ବୈଠକ କରିଛନ୍ତି। ବୌଦ୍ଧ ସର୍କିଟ ହାଉସଠାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଏମ୍‌ପି ସାମନ୍ତ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା କରିଥିବାରୁ ଜିଲାର ଅଧିକାରୀମାନଙ୍କୁ ପ୍ରଶଂସା କରିଥିଲେ। ବୈଠକରେ ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ସ୍ୱାଗତ ଭାଷଣ ଦେଇଥିଲେ। ଜିଲାପାଳ ସତ୍ୟ ରଞ୍ଜନ ସାହୁ ବନ୍ୟାଜନିତ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିଥିଲେ।

ସୂଚନା ମୁତାବକ, ଗତ ବନ୍ୟାରେ ଜିଲାର ତିନୋଟି ବ୍ଲକର ୫୧ ଟି ପଞ୍ଚାୟତ ଅନ୍ତର୍ଗତ ୨୨୨ ଟି ଗ୍ରାମର ୬୧୩୫୩ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ବନ୍ୟା ସମୟରେ ୪୦୫୧ ଲୋକଙ୍କୁ ବିଭିନ୍ନ ସ୍ଥାନରେ ଆଶ୍ରୟ ଦିଆଯାଇଥିବା ବେଳେ ୬୩୨୭ ଜଣଙ୍କ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ବନ୍ୟା ସମୟରେ ୭ ଗୋଟି ମେଡିକାଲ ଟିମ୍ ଓ ୩ ଗୋଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର ଜରିଆରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଔଷଧପତ୍ର ବଣ୍ଟନ କରାଯାଇଥିଲା। ସେହିପରି ୫୫ଟି ଖୋଲା କୂପ ଓ ୧୬୬୪ଟି ନଳକୂପକୁ ବିଶୋଧନ କରାଯାଇଥିଲା। ବନ୍ୟା ଦ୍ୱାରା ତିନି ବ୍ଲକର ୧୧୨୯୪ ପଶୁ ସହିତ ୩୫ ଟି ପକ୍ଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ୮ଗୋଟି ଟିମ୍ ଗଠନ କରାଯାଇ ୬୭ ଗୋଟି ଶିବିର ଜରିଆରେ ୫୫୨୧ଟି ପଶୁ ପକ୍ଷୀଙ୍କ ଚିକିତ୍ସା କରାଯାଇଥିଲା। ବନ୍ୟା ସମୟରେ ୧୪.୫୫ ମେଟ୍ରିକ ଟନ ପଶୁଖାଦ୍ୟ ବଣ୍ଟନ କରାଯାଇଥିବା ବେଳେ ୭୬୦୦ ଟିକାକରଣ କରାଯାଇଛି। ବନ୍ୟାରେ ୪ଟି ପଶୁଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବରେ ରେକର୍ଡ କରାଯାଇଛି। ବୈଠକରେ ଦିଆଯାଇଥିବା ତଥ୍ୟ ମୁତାବକ ଜିଲାର ତିନୋଟି ବ୍ଲକରେ ୨୮୮୫ ହେକ୍ଟର ଜମିରେ ଧାନଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୫୮୮ ହେକ୍ଟର ଜମିରେ ଅଣଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ସେହିପରି ୨୧୫ ହେକ୍ଟର ଜମିରେ ହୋଇଥିବା ଉଦ୍ୟାନ କୃଷି ନଷ୍ଟ ହୋଇଥିବା ପ୍ରାଥମିକ ଭାବରେ ଆକଳନ କରାଯାଇଛି। ବନ୍ୟାରେ ୪୭ଟି ପଞ୍ଚାୟତର ୫୮.୩୦ କିଲୋମିଟର ରାସ୍ତା କ୍ଷତିଗସ୍ତ ହୋଇଛି। ଜିଲାରେ ବିଶେଷ ଭାବରେ ପାନୀୟ ଜଳର ଘୋର ସଙ୍କଟ ଥିବା ଏମ୍‌ପି ଡ. ସାମନ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦୂଷିତ ପାନୀୟ ଜଳ କାରଣରୁ ବହୁ ବ୍ୟକ୍ତି କିଡ୍‌ନୀ ଭଳି ରୋଗରେ ପୀଡିତ ହୋଇ ମୃତ୍ୟୁର ଶିକାର ହେବା ନେଇ ବୈଠକରେ ସୂଚନା ଦିଆଯିବା ପରେ ଏହାକୁ ନେଇ ଏମ୍‌ପି ସାମନ୍ତ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାର ନିରାକରଣ ସଂପର୍କରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାଇ ମିନା, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା,ଉପଜିଲାପାଳ ସନତ କୁମାର ନାଏକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ। କନ୍ଧମାଳ ବିଧାୟକ ମହୀଧର ରଣା ଓ ଏମ୍‌ପିଙ୍କ ପ୍ରତିନିଧି ତାରେଣି ମହାପାତ୍ର ସର୍କିଟ ହାଉସଠାରେ ପହଞ୍ଚି ଏମ୍‌ପି ଡ. ସାମନ୍ତଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଧ୍ୱଂସ ଅପେକ୍ଷାରେ ଡୁଆଁଝର ସମବାୟ ସମିତି କାର୍ଯ୍ୟାଳୟ

**ଖଡ଼ିଆଳ,୨୪।୮(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଁଝର ଗ୍ରାମଠାରେ ଅବସ୍ଥିତ ସମବାୟ ସମିତି କାର୍ଯ୍ୟାଳୟ ନିର୍ମାଣ ଦିନଠାରୁ ଥରେ ରଙ୍ଗ ଦିଆଯାଇଥିବା ବେଳେ ଏହାର ଅବସ୍ଥା ବର୍ତ୍ତମାନ ଧ୍ୱଂସ ଅପେକ୍ଷାରେ। କାର୍ଯ୍ୟରତ କର୍ମଚାରୀମାନେ ମଧ ବିପଦ ସଙ୍କୁଳ ଅବସ୍ଥାରେ କାର୍ଯ୍ୟ ସମ୍ପାଦାନ କରୁଛନ୍ତି। ଏହି ସରକାରୀ ସଂସ୍ଥାରେ ଚାଷୀ ପରିବାର ସିଧା ସଳଖ ଭାବରେ ଯୋଡି ହୋଇଥାନ୍ତି। ଧାନ ବିହନ କ୍ରୟଠାରୁ ଆରମ୍ଭ କରି ଧାନ ବିକ୍ରି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସମିତି ଦ୍ୱାରା ଅନୁଷ୍ଠିତ ହୋଇଥାଏ। କିନ୍ତୁ ସରକାର ଏହି ସଂସ୍ଥାକୁ ଅଣଦେଖା କରୁଛନ୍ତି। ନୂଆପଡା ଜିଲାରେ ୨୨ଟି ସମବାୟ ସମିତି ରହିଛି। ଏହି ସମିତି ଦ୍ୱାରା ଚାଷୀଙ୍କୁ କମ ସୁଧରେ ଋଣ ଦେବା ବ୍ୟବସ୍ଥା କରାଯାଇଥାଏ। ଅନେକ ସମିତି ନିଜସ୍ୱ ଜମି ରହିଥିବା ବେଳେ ଅନେକ ସ୍ଥାନରେ ଜମିକୁ ଜବରଦଖଲ କରି ନେଉଛନ୍ତି। ସେହିପରି ଅନେକ ସ୍ଥାନରେ ଜମିର ରକ୍ଷଣ ବେକ୍ଷଣ ଅଭାବରୁ ଭଙ୍ଗାଦଦରା ହୋଇ ପଡିରହିଛି। ଡୁଆଁଝର ସମବାୟ ସମିତି ଛାତ ତଳ ପଟୁ ରଡ଼ ଦିଶୁଛି।

### ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅସାମାଜିକଙ୍କ ଉନ୍ମତ୍ତକାଣ୍ଡ

**ଖଡ଼ିଆଳ,୨୪।୮(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ସ୍ୱଂୟଶାସିତ ମହାବିଦ୍ୟାଳୟରେ ପଶି ମଙ୍ଗଳବାର ରାତିରେ କିଛି ଅସାମାଜିକ ଯୁବକ ଉନ୍ମତକାଣ୍ଡ ନିଭାଇଛନ୍ତି। ପଡିଆରେ ଥିବା ଗ୍ୟାଲେରି ଗେଟ ଭାଙ୍ଗିବା ସହ ଗ୍ୟାଲେରି ଚତୁଃପାର୍ଶ ପାଚେରୀ ଖମ୍ବ ମଧ ଭାଙ୍ଗି ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାର ଐତିହାସିକ ଖଡିଆଳ ସ୍ୱଂୟଶାସିତ ମହାବିଦ୍ୟାଳୟ ଏକମାତ୍ର ସର୍ବ ପୁରାତନ ସ୍ୱଂୟଶାସିତ ବିଦ୍ୟାଳୟ। ଏଥିରେ ଫୁଟବଲ ଖେଳଠାରୁ ଆରମ୍ଭ କରି ଭଲିବଲ, ଜିମ ଭଳି ମଲଟି ଖେଳ ପଡିଆ ରହିଛି। ପ୍ରତଦିନ ଖଡିଆଳର ବୟସ୍କଙ୍କଠାରୁ ଯୁବକମାନେ ପ୍ରାତ ଓ ସନ୍ଧ୍ୟାକାଳୀନ ଭ୍ରମଣରେ ଆସି ହେଲଥ କ୍ଲବ ଟିମ ଗେଲେରିରେ ଯୋଗାଭ୍ୟାସ କରନ୍ତି। ଅନ୍ୟପକ୍ଷେ ଗତ ଦିନରେ ଗାର୍ଲସ ହଷ୍ଟେଲର ସିସିଟିଭି ଚୋରୀ ହେବା ସହ କଲେଜ ପାଣି ଟେପ ଚୋରି ହୋଇଛି। କଲେଜରେ ମଙ୍ଗଳବାର ରାତିରେ ହୋଇଥିବା ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ପୁରାତନ ଛାତ୍ରମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଅସାମାଜିକ ଯୁବକମାନେ ଗ୍ୟାଲେରି ଚତୁଃପାର୍ଶ ପାଚେରି ଖମ୍ବ ଭାଙ୍ଗି ଦେଇଛନ୍ତି।

# ନିୟମ ମାନୁନାହାନ୍ତି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ

**ଭବାନୀପାଟଣା,୨୪।୮(ସ୍ୱ.ପ୍ର.)**



ଭବାନୀପାଟଣାସ୍ଥିତ ପ୍ରସୂତିକାଳୀନ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର।




ମୁଖ୍ୟ ଫାଟକ ଉଭୟ ପାର୍ଶ୍ୱରେ କାନ୍ଥରେ ସୂଚନା ଦିଆଯାଇଛି।

- **କାନ୍ଥରେ ସୀମିତ ରହିଛି ନିୟମ**
- **ପ୍ରସୂତିକାଳୀନ, ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜୋତା ମନା**

ପ୍ରସୂତିକାଳୀନ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ମା' ଓ ନବଜାତ ଶିଶୁ ରହୁଥିବାରୁ ପରିବେଶକୁ ସମ୍ପୂର୍ଣ୍ଣ ସୁସ୍ଥ ରଖିବା ସହ ସଂକ୍ରମଣକୁ ରୋକିବା ପାଇଁ ଭିତରକୁ ଜୋତା ନେବା ପାଇଁ ବାରଣ କରାଯାଇଛି। ଏଥିପାଇଁ ମୁଖ୍ୟ ଫାଟକ ଉଭୟ ପାର୍ଶ୍ୱରେ କାନ୍ଥରେ ବଡ ବଡ ଆକାରରେ ସୂଚନା ମଧ ଦିଆଯାଇଛି। ହେଲେ ଏହି ନିୟମକୁ ପ୍ରାୟ ଜନସାଧାରଣ ମାନୁ ଥିବାବେଳେ ଖୋଦ୍ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ନିୟମ ମାନୁନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ପ୍ରସୂତିକାଳିନ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର(ଏମ୍‌ସିଏଚ୍)ରେ ଏଭଳି ଘଟଣା ଦେଖିବାକୁ ମିଳିଛି। ପ୍ରତିଦିନ ଜିଲାର ବିଭିନ୍ନ ଅଞ୍ଚଳରୁ ମହିଳାମାନେ ପ୍ରସୂତି ପାଇଁ ଏଠାକୁ ଆସିଥାନ୍ତି। ଏଠାରେ କର୍ମଚାରୀମାନେ କେନ୍ଦ୍ର ଭିତରେ ରହିବା ସମୟରେ ଏକ ସ୍ୱତନ୍ତ୍ର ଜୋତା ଲଗାଇବା କଥା। କିନ୍ତୁ ସେମାନେ ଏହା ନ ଲଗେଇ ଘରୁ ଯେଉଁ ଜୋତା ଲଗାଇ ଆସୁଛନ୍ତି, ସେହି ଜୋତା ପିନ୍ଧି ସିଧାସଳଖ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଶିଯାଉଛନ୍ତି। ଫଳରେ ରୋଗ ଜିବାଣୁ ମଧ ସିଧାସଳଖ ଡାକ୍ତରଖାନା ଭିତରକୁ ଚାଲିଯାଉଛି। ଖୋଲାଖୋଲି ସରକାରୀ ନିୟମକୁ ଉଲ୍ଲଂଘନ କରିବା ସହ ସ୍ୱାସ୍ଥ୍ୟ କର୍ମଚାରୀ ହୋଇ ମଧ ସେମାନେ ସଚେତନ ନୁହନ୍ତି ବୋଲି ଏଥିରୁ ପ୍ରମାଣିତ ହୋଇଛି। ସର୍ବସାଧାରଣଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଭିତରକୁ ଯିବା ପୂର୍ବରୁ ସିକ୍ୟୁରିଟି ଗାର୍ଡ ମୁଖ୍ୟ ଫାଟକ ସମ୍ମୁଖରେ କହୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଜୋତା ପିନ୍ଧି ଗଲେ ଚୁପ୍ ରହୁଛନ୍ତି। ସେହିପରି ଗାର୍ଡଙ୍କ ଚିହ୍ନା ଲୋକ ମଧ ବେଫିକର ଭାବେ ଭିତରକୁ ଜୋତା ପିନ୍ଧି ଯାଉଥିବା ଦେଖିବାକୁ ମିଳିଛି। ଏହାର ଏକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଡ.ରଞ୍ଜନ କୁମାର ମିତ୍ରଙ୍କୁ ପଚାରିବାରୁ ଅତି ହାଲୁକା ଭାବେ ନ୍ୟୁଜ କରନ୍ତୁ ଏ ବିଷୟରେ ବୋଲି କହିଥିଲେ।

ରିପୋର୍ଟ–ଉତ୍ତମ କୁମାର ଦାଶ

# କଳାକାର ଚୟନ: ୨୬୩ କଳାକାରଙ୍କ ଅଂଶଗ୍ରହଣ

**ରୁପ୍ରା ରୋଡ଼,୨୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗତ ୨ଦିନ ଧରି କଳାକାର ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୬ଟି ପଞ୍ଚାୟତର ୨୬୩ଜଣ କଳାକାର ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିବସରେ ବ୍ଲକର ।ଲସିଙ୍ଗା, ଭାନପୁର, ଭୀମକେଲା, ଘଣ୍ଟମାଲ, ଘୋଡାନ୍ଧ କମେଗା, ନିଶାଣପୁର, ମାଣ୍ଡେଲ ନର୍ଲା, କୁର୍ମେଲ ଓ ସଗିଗୁଡା ପଞ୍ଚାୟତ କଳାକାର ଯୋଗଦେଇଥିଲେ। ୨ୟ ଦିବରେ ଗିଗିନା, ମସ୍କୁଟି, ରୁପ୍ରା, ରୁପ୍ରାରୋଡ଼, ରାକ୍ସି, ଉଲିକୁପା, ଶାନ୍ତପୁର, ସରିଆ, ସେରଗଡ, ଟକର୍ଲା ଓ ତୁଲାପଡା ପଞ୍ଚାୟତର କଳାକାର ଭାଗ ନେଇ ନିଜ କଳା ପ୍ରଦର୍ଶନ କରିଥିଲେ। ଜିଲାସ୍ତରୀୟ ସରକାରୀ ସ୍ୱକୃତିପ୍ରାପ୍ତ କଳାକାରମାନଙ୍କ ମଧ୍ୟରେ କରୁଣାକର ଦାସ, ପ୍ରଣବ ପାଣିଗ୍ରାହୀ, ଏଓ ପଞ୍ଚାନନ ତାଣ୍ଡି ଉପସ୍ଥିତ ଥିଲେ। ବ୍ଲକ ଉପସଭାପତି ସର୍ବେଶ୍ୱର ଭୋଇ ଓ ବିଜୟ କୁମାର ପଣ୍ଡା ପ୍ରମୁଖ କଳାକାରମାନଙ୍କୁ ଚୟନ କରି ଜିଲାକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ମାସକୁ ୧୨୦୦ ଟଙ୍କା କଳାକାର ଭତ୍ତା ପାଇଥାନ୍ତି। ପରବର୍ତ୍ତୀ ସମୟରେ ଜିଲାସ୍ତରରେ ଚୟନ କରି ରାଜ୍ୟସ୍ତରକୁ ପଠାଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ପ୍ରଦୀପ କୁମାର ବେହେରା କହିଛନ୍ତି।

# ରକ୍ଷକ ସଚେତନତା କାର୍ଯ୍ୟକ୍ରମ




ପ୍ରୋଜେକ୍ଟ ରକ୍ଷକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଦେଓଗାଁ, ୨୪।୮(ଡି.ଏନ.ଏ.)**

ଦେଓଗାଁ ଡିଗ୍ରୀ କଲେଜରେ ବୁଧବାର ବଲାଙ୍ଗୀର ଆରଟିଓ ତରଫରୁ ପ୍ରୋଜକ୍ଟ ରକ୍ଷକ ଫେଜ ୨ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରଟିଓ ଅଧିକାରୀ ଦାସ ପ୍ରଭାତ କୁମାର ବଘେଲ, ଉପଜିଲାପାଳ କୁମାର ନାଗ ଭୂଷଣ, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଦେଓଗାଁ ଏଏସଆଇ ଜଗତ ଜୀବନ ସା ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ରାଜପଥ ପାର୍ଶ୍ୱରେ ଥିବା ଦୋକାନୀମାନେ ରାଜପଥ ଦୁର୍ଘଟଣାଗ୍ରସ୍ତଙ୍କୁ କିପରି ସାହାଯ୍ୟ କରି ପାରିବ ତାହା ଉପରେ ସଚେତନ କରିଥିଲେ। ଦୁର୍ଘଟଣାରେ ଆହତଙ୍କୁ ସହଯୋଗ କରିଥିବା ଦୋକାନୀକୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ବ୍ୟବସ୍ଥା ରହିଥିବା ସୂଚନା ଦେଇଥିଲେ।

# ଘର ଭାଙ୍ଗିଲା, ଅଳ୍ପକେ ବର୍ତ୍ତିଲେ ପରିବାରବର୍ଗ



ଘର ଭାଙ୍ଗିପଡ଼ିଥିବା ପରିବାରବର୍ଗ।

**ଖଡ଼ିଆଳ,୨୪।୮(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖାସବାହାଲ ଗ୍ରାମପଞ୍ଚାୟତ ବଙ୍କାପୁର ଗ୍ରାମର ଦଳିତପଡାର ବୁଡୁ ଛତ୍ରିଆଙ୍କ ଘର ଭାଙ୍ଗି ଯାଇଛି। ସେ ଓ ତାଙ୍କ ମା' ଏବେ ଅସହାୟ ଅବସ୍ଥାରେ ରହିଛନ୍ତି। ଏହି ପଡାର ସୁନ୍ଦର ଲାଲ ଛତ୍ରିଆ, ଜୟରାମ ତାଣ୍ଡି, ଚିତ୍ରା ହରିଜନ ଭଙ୍ଗା ଘରେ ରହୁଛନ୍ତି। କେତେବେଳେ ଘର କାନ୍ଥ ପଡିଯିବ, ସେହି ଆଶଙ୍କାରେ ପରିବାର ଲୋକଙ୍କ ଆଖିରେ ନିଦନାହିଁ। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଗ୍ରାମର ଅନେକ ଘର ଭାଙ୍ଗିଯାଇଥିବା ବେଳେ ଦୈନନ୍ଦିନ ଚଳଣି ଜିନିଷ ସହ ଚାଉଳ, ଡାଲି, ତେଲ, ଲୁଣ ଆଦି ନଷ୍ଟ ହୋଇଯାଇଛି। ଉକ୍ତ ପଡ଼ାରେ ପୂର୍ବରୁ ଶତାଧିକ ପରିବାର ରହୁଥିବା ବେଳେ ଏବେ ସମସ୍ତେ ଦାଦନ ଖଟିବା ପାଇଁ ବାହାରକୁ ଯାଇଛନ୍ତି। କିଛି ପରିବାର ଭିଟାମାଟି ଛାଡିବାକୁ ଚାହୁଁ ନ ଥିବା ବେଳେ ଭଙ୍ଗା ଦଦରା ଘରେ ରହୁଛନ୍ତି। କିନ୍ତୁ କେହି ମଧ ଆବାସ ଯୋଜନାରେ ଘର ପାଇନାହାନ୍ତି। ସେହିପରି ବ୍ଲକର ବିଭିନ୍ନ ଗ୍ରାମରେ ବର୍ଷା ଯୋଗୁ ଅନେକଙ୍କ ଘର ଭାଙ୍ଗି ଯାଇଛି। କିନ୍ତୁ ପ୍ରଶାସନ ସବୁ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେବା ବ୍ୟତୀତ କିଛି କରୁନାହିଁ। କାହାକୁ ପଲିଥିନ ଦିଆଯାଇଛି ତ କାହାକୁ ଦିଆଯାଇନି। ଅନ୍ୟପକ୍ଷରେ ରାଜସ୍ୱ ନିରୀକ୍ଷକଙ୍କୁ ପରିଦର୍ଶନ କରି ନିୟମ ଅନୁସାରେ ସହଯୋଗ ପ୍ରଦାନ ଓ ଦରକାର ପଡ଼ିଲେ ସରପଞ୍ଚଙ୍କୁ ଖାଦ୍ୟ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଖଡ଼ିଆଳ ଅତିରିକ୍ତ ତହସିଲଦାର ଭୁପିନ୍ଦର ସିଂ କହିଛନ୍ତି।

### ବସ୍‌ଷ୍ଟାଣ୍ଡ ନିକଟରୁ ଯୁବକଙ୍କ ମୃତଦେହ ଜବତ

**କୋକସରା,୨୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ବସଷ୍ଟାଣ୍ଡ ଛକ ଦୁର୍ଗା ମଣ୍ଡପ ନିକଟରେ ବୁଧବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ମୋଟେରର ଶାନ୍ତି ନଗର ପଡ଼ାର ନାରାୟଣ ସରାଫ (୪୭)। ସ୍ଥାନୀୟ ଲୋକେ ବସଷ୍ଟାଣ୍ଡ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ମୋଟେର ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ଜବତ କରି କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। କୋକସରା ଥାନାରେ ଏକ ଏକ ଅପମୃତ୍ୟୁ ମାମଲା (ନଂ. ୧୬/୨୨) ରୁଜୁ କରି ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

### ହାତୀ ଆକ୍ରମଣରେ ବୃଦ୍ଧ, ମହିଳା ଗୁରୁତର

**ନର୍ଲା,୨୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ରେଞ୍ଜ ଅନ୍ତର୍ଗତ ପଲସାପଡ଼ାସ୍ଥିତ ବୁଡିପଡ଼ା ଗ୍ରାମର ହୃଷୀକେଷ ସା (୭୫) ଜଣେ ବୃଦ୍ଧ ବୁଧବାର ସକାଳେ ବିଲକୁ ଯାଉଥିବା ସମୟରେ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ବୃଦ୍ଧଙ୍କ ହାତରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ସେହିପରି ନର୍ଲା ରେଞ୍ଜ କେରାଣ୍ଡିଖୁଣ୍ଟି ଗ୍ରାମର ଦୀପାଞ୍ଜଳୀ ଗଉଡ଼ (୨୫) ଜଣେ ମହିଳା ସ୍ଥାନୀୟ ନାଳକୁ ସକାଳେ ଶୌଚ ପାଇଁ ଯାଉଥିବା ବେଳେ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଆକ୍ରମଣରେ ମହିଳାଙ୍କ ହାତରେ ଓ ଛାତିରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ଉଭୟଙ୍କୁ ନର୍ଲା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣାସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ନୂଆଁଖାଇ ପାଇଁ ଗ୍ରାମାଞ୍ଚଳ ମହିଳାଙ୍କ ପ୍ରସ୍ତୁତି ଆରମ୍ଭ



ଜଣେ ମହିଳା ଘର ଲିପାପୋଛା କରୁଛନ୍ତି।

**ଖଡ଼ିଆଳ,୨୪।୮(ଡି.ଏନ.ଏ.)**

ନୂଆପଡା ଜିଲା ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ସବୁ ସ୍ଥାନରେ ନୂଆଁଖାଇ ପାଳନ ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗ୍ରାମାଞ୍ଚଳର ମହିଳାମାନେ ଘର ଲିପା ପୋଛାରେ ବ୍ୟସ୍ତ ଦେଖାଯାଉଛନ୍ତି। ବିଶେଷ କରି ବର୍ଷ କର ଏହି ପର୍ବ ପାଳନ ନେଇ ଅଜବ ଉତ୍ସାହ ରହିଛି। ବନ୍ଧୁ ସମ୍ପର୍କମାନେ ମଧ ମନ ଭିତରେ ଥିବା ରାଗ ରୋଷ, ମାନ ଅଭିମାନ, ତିକ୍ତତାକୁ ଦୂର କରି ଏକାଠି ହୋଇ ପର୍ବ ପାଳନ କରିବାରେ ବ୍ୟସ୍ତ। ସମସ୍ତେ ଏକାକାର ହୋଇ ଦୂର ଦୂରାନ୍ତରେ କର୍ମ ସଂସ୍ଥାନ ପାଇଁ ଯାଇଥିବା ସଦସ୍ୟଙ୍କୁ ନୂଆଁଖାଇ ପର୍ବ ପାଳନ ପାଇଁ ଆହ୍ୱାନ କରିଥାନ୍ତି। ଗତ ଦୁଇ ବର୍ଷ କୋଭିଡ୍ କଟକଣା ନିଜ ସମ୍ପର୍କକୁ ଦୂର କରିଥିବା ବେଳେ ଚଳିତବର୍ଷ ସମସ୍ତେ ଏକାଠି ପର୍ବ ପାଳନ ପାଇଁ ଉତ୍ସାହିତ ହୋଇଛନ୍ତି। ଖଡ଼ିଆଳ ବ୍ଲକ ମହୁଲଝରଣ ଗ୍ରାମରେ ମହିଳାମାନେ ଜଙ୍ଗଲରୁ ମାଟି ସଂଗ୍ରହ କରି ମାଟିକୁ ଲିପିବା ପାଇଁ ପ୍ରସ୍ତୁତ କରନ୍ତି। ନିଜ ଘର କାନ୍ଥ, ବାଡ଼, ଘର ଦ୍ୱାରା ଲିପା ପୋଛା କରିଥାନ୍ତି।

# ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଗୋଷ୍ଠୀ ମହିଳାଙ୍କୁ ଋଣ

**କୋକସରା,୨୪।୮(ଡି.ଏନ.ଏ.)**



ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ଋଣ ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା କୋକସରା ବ୍ଲକ ଜୀବିକା ମିଶନ ପକ୍ଷରୁ ବୁଧବାର କୋକସରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଗୋଷ୍ଠୀ ମହିଳାଙ୍କୁ ଋଣ ପ୍ରଦାନ କରାଯାଇଛି। ଏଥିରେ କୋକସରା, ଚିଲିଗୁଡା ଓ ଗଡରାମାଲ ଗ୍ରାମରେ କାର୍ଯ୍ୟରତ ୨୧ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସିଆଇଏଫ ଅନୁଦାନରୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି। ଏହି ଋଣ ପ୍ରଦାନ ଅବସରରେ କୋକସରା ବ୍ଲକ ବିପିଏମ ସୁରେଶ କୁମାର ରାଉତ, କୋକସରା ପଞ୍ଚାୟତ ଓଏଲଏମ ସଭାପତି, ସମ୍ପାଦକ, ଏମବିକେ, ସିଆରପି, ବ୍ୟାଙ୍କମିତ୍ର ଉପସ୍ଥିତ ରହି ୨୧ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଓଡିଶା ଜୀବିକା ମିଶନ ପକ୍ଷରୁ ଋଣ ପ୍ରଦାନ କରାଯାଇଛି।

# ରୋଗ ପୋକ ପରିଚାଳନା ସମ୍ପର୍କିତ ତାଲିମ

**କର୍ଲାମୁଣ୍ଡା,୨୪।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆତ୍ମା ପକ୍ଷରୁ ସ.ମାଲପଡା ପଞ୍ଚାୟତ ପୁଟିଗାଁଠାରେ ବୁଧବାର ଧାନ ଚାଷରେ ରୋଗ ପୋକ ପରିଚାଳନା ସମ୍ପର୍କିତ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କୃଷି ଅଧିକାରୀ ବାସୁଦେବ ଶତପଥୀ, ଭାରପ୍ରାପ୍ତ ସହକାରୀ କୃଷି ଅଧିକାରୀ ଅରୁଣ ଚନ୍ଦ୍ର ପାଢ଼ୀ, ଗ୍ରାମ୍ୟ କୃଷି କର୍ମୀ ସୁରଜ ଶେଖର ସାହୁ ପ୍ରମୁଖ ଯୋଗଦେଇଥିଲେ। ଚାଷୀମାନେ କିଭଳି ରୋଗ ପୋକ ନିୟନ୍ତ୍ରଣ କରିବେ, ସେ ଉପରେ ତାଲିମ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏଟିଏମ ମିଳନ କୁମାର ଗୋଛାୟାତ, ଓଁମ ପ୍ରକାଶ ମିଶ୍ର ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଚାଷୀଙ୍କୁ ତାଲିମ ଦିଆଯାଉଛି।

# ବାଦୀ ଗ୍ରାମକୁ ସଂଯୋଗ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି

**ଖଡ଼ିଆଳ,୨୪।୮(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବାଦୀ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ଯାତାୟାତରେ ବ୍ୟାପକ ଅସୁବିଧା, ପାରମ୍ପାରିକ ଜଳ ନିଷ୍କାସନ ପାଇଁ ଖଞ୍ଜା ଯାଇଥିବା ପୋଲ ପୋତି ଦେବାରୁ ଜଳ ନିଷ୍କାସିତ ହେବା ବଦଳରେ ଲୋକେ ରାସ୍ତା ପରିବର୍ତ୍ତନ କରି ଯାତାୟାତ କରୁଛନ୍ତି। ଏକ ହୋଟେଲର ପାଣି ମଧ ରାସ୍ତା ଉପରେ ଜମା ହୋଇ ରହୁଛି। ତେଣୁ ବାଦୀ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କରେ ଆଣ୍ଠୁଏ ପାଣି ଜମି ରହିଛି। ଏହି ସଡ଼କ ଉପରେ ଆଦର୍ଶ ବିଦ୍ୟାଳୟ, ଖଡ଼ିଆଳ ଶିଳ୍ପ ତାଲିମ କେନ୍ଦ୍ର ଏବଂ ବାଦୀ ଉଦ୍ୟାନ ରହିଛି। ନିକଟ ଭବିଷ୍ୟତରେ ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ହେବ। ତେଣୁ ଛାତ୍ରୀଛାତ୍ରମାନେ ଯାତାୟାତ ନେଇ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ସଡ଼କ ଅବରୋଧ କଲେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ନାମରେ ଅପରାଧ ମାମଲା ରୁଜୁ ହେଉଥିବା ବେଳେ ବାଦୀ ସଡ଼କ ଏକ ପ୍ରକାର ଅବରୋଧ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ମଧ ଅପରାଧ ମାମଲା ରୁଜୁ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।




ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିଛି।।

## ସଂକ୍ଷେପରେ

### ସେପ୍ଟେମ୍ବର ୭ରେ କୋସଲ ମହାବନ୍ଦର ଡାକରା

**ବଲାଙ୍ଗୀର ଅଫିସ,୨୪।୮:** ବଲାଙ୍ଗୀର ଯାଦବ ଭବନଠାରେ କୋସଲ ସେନାର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ବଲାଙ୍ଗୀର ଜିଲାର କୌସ୍ତୁଭ ସାହୁଙ୍କୁ ନୂତନ ସଭାପତି ଭାବେ ମନୋନୀତ କରାଯାଇଛି। ଉପସଭାପତିଭାବେ ଝାରସୁଗୁଡା ଜିଲାର ଗଣେଶ ମଟାରୀ, ସମ୍ପାଦକ ବରଗଡ ଜିଲାର ବୀରବଲ ମହାକୁର, ସହସମ୍ପାଦକ ସୋନପୁର ଜିଲାର ସରୋଜ ପ୍ରଧାନ, କୋଷାଧକ୍ଷ ବରଗଡ ଜିଲାର ଅଶୋକ ଛତର, ସହସଂଯୋଜକ ଭାବେ ବରଗଡ ଜିଲାର ଅବିନାଶ ଚନ୍ଦ୍ର ବିଶିଙ୍କୁ ସଙ୍ଗଠନର ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ କୋସଲ ରାଜ୍ୟ ଦାବିରେ ଆସନ୍ତା ସେପ୍ଟେମ୍ବର ୭ରେ କୋସଲ ମହାବନ୍ଦର ଡାକରା ଦିଆଯାଇଛି। ଏହି ଡାକରାକୁ କୋସଲ ମୁକ୍ତିମୋର୍ଚ୍ଚା ସମ୍ପୂର୍ଣ୍ଣ ସମର୍ଥନ ଜଣାଇଥିବା ସୂଚନା ଦିଆଯାଇଛି। କିଛିଦିନ ପରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଆସୁଥିବାରୁ ଏହି ପର୍ବରେ ତିନିଦିନିଆ ସରକାରୀ ଛୁଟି ଘୋଷଣା ପାଇଁ ଏକ ସ୍ୱତନ୍ତ୍ର ଦାବିପତ୍ର ସେନା ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ତେବେ ଆସନ୍ତା ସେପ୍ଟେମ୍ବର ୭ରେ ହେବାକୁ ଥିବା ମାଁ ମାଟି ପାଇଁ ହକ୍‌ର ଏହି ଲଢେଇରେ କୋସଲାଞ୍ଚଳରେ ଥିବା ସମସ୍ତ କୋସଲ ସଂଗ୍ରାମୀ, କୋସଲ ପ୍ରେମୀ, କୋସଲ ସଂଗଠନ, ଡ୍ରାଇଭର ସଂଘ, ଅଟୋ ଡ୍ରାଇଭର ସଂଘ, ସରକାରୀ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, କୋର୍ଟ କଚେରୀ ସହିତ ସମସ୍ତ ରାଜନୈତିକ ଦଳମାଙ୍କୁ ସାମିଲ ହେବାକୁ କୋସଲ ସେନା ପକ୍ଷରୁ ଅନୁରୋଧ କରାଯାଇଛି।

### କଳାକାର ସଂଘର ସାଙ୍ଗଠନିକ ବୈଠକ

**ମୁରିବାହାଲ,୨୪।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କଳାକାର ସଂଘର ସାଙ୍ଗଠନିକ ବୈଠକ ବୁଧବାର ମୁରିବାହାଲ ଯାଦବ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ ସଭାପତି କୈଳାସ ଦଣ୍ଡସେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ଆଭିମୁଖ୍ୟ ଓ ଉପଯୁକ୍ତ କଳାକାରଙ୍କୁ ଭତ୍ତା ଯୋଗନାରେ ସାମିଲ କରି ପ୍ରୋତ୍ସାହନ ଓ ସଂଗଠନ ସୁଦୃଢ କରିବା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥିଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ଯୋଗଦେଇ କଳାକାରଙ୍କ କାର୍ଯ୍ୟ, ସରକାରୀ ଯୋଜନା ଅନୁସାରେ କଳାକାରଙ୍କୁ ଯେପରି ଭତ୍ତା ପ୍ରଦାନ କରାଯାଇ ପାରିବ ତାହା ଉପରେ ଯୋର ଦେଇଥିଲେ। ସମ୍ମାନୀତ ଆତିଥିଭାବେ ବିଶିଷ୍ଟ କଳାକର ଗଙ୍ଗାଧର ହେର୍ଣ୍ଣା ଯୋଗଦେଇ କଳାକାରମାନେ ସଦସ୍ୟତା ଚାନ୍ଦା ଦେଇ ସଂଗଠନକୁ ମଜଭୁତ କରିବାକୁ କହିଥିଲେ। ପ୍ରତି ମାସ ୨୪ତାରିଖରେ ମାସିକ ବୈଠକ ବସିବା, ପ୍ରତ୍ୟେକ ପଞ୍ଚାୟତରେ ୨ସକ୍ରିୟ କଳାକାର ଚୟନ ସହ ଅନେକ କାର୍ଯ୍ୟପନ୍ଥା ବିଷୟରେ ପ୍ରସ୍ତାବ ଗୃହୀତ କରାଯାଇଛି। କଳାକାର ଠିବୁ ବାଗ, ସୁଦାମ ଭୋଇ, କାନ୍ତ ବଗର୍ତ୍ତି, ସୁରେଶ ପଟନାୟକ, ଗଣ୍ଡରାମ ସାହୁ, ଦୟାନିଧି ନାଗ, ସୁଦର୍ଶନ ମହାକୁର, ରଥ ବେହେରା, ସୁରେନ୍ଦ୍ର ପସାୟତ, ମହେଶ୍ୱର ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁନରୁଦ୍ଧାର ହେଲା, ଗେଟ୍ ଲାଗିଲାନି

**ଲୋଇସିଂହା,୨୪।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପଟୁଆପାଲି ପଞ୍ଚାୟତ ଅନ୍ତର୍ଗତ ବଙ୍ଗାବାହାଲ ଗାଁରେ ରହିଛି ଦେହେରୀ କଟାଁ। ୨୦ଏକର ପରିମିତ ଏହି ଜଳାଶୟର ପୁନରୁଦ୍ଧାର ଚଳିତ ବର୍ଷ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କରାଯାଇଛି। ହେଲେ ବନ୍ଧର ଜଳ ନିଷ୍କାସନ ପଥରେ ଗେଟ ଏଯାଏ ଲଗାଯାଇନାହିଁ। ଫଳରେ ଜଳାଶୟର ପାଣି ନିଷ୍କାସନ ପଥ ଦେଇ ଅଯଥାରେ ବାହାରକୁ ଚାଲି ଯାଉଛି। ବିଭାଗୀୟ ଅପାରଗତାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ବଙ୍ଗାବାହଲ ଗାଁମୁଣ୍ଡରେ ଥିବା ଦେହେରୀ କଟାଁ ବଲାଙ୍ଗୀର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଛି। ଚଳିତ ବର୍ଷ ବିଭାଗ ପକ୍ଷରୁ ପ୍ରାୟ ୨୦ଲକ୍ଷ ଟଙ୍କା ପୁନରୁଦ୍ଧାରରେ ଖର୍ଚ୍ଚ କରାଯାଇଥିଲେ ହେଁ ଅନୁଦାନ ମୁତାବକ କାମ ହୋଇ ନ ଥିବା



ବଙ୍ଗାବାହାଲର ଦେହୁରୀ କଟାଁ।

ଗ୍ରାମବାସୀ କହିଛନ୍ତି। ପ୍ରକଳ୍ପର ନିଷ୍କାସନ ପଥରେ ଏକ ଗେଟ ଲାଗିବାକୁ ଥିଲା। ହେଲେ ଠିକାଦାର ଗେଟ ନ ଲଗାଇ ଚାଲି ଯାଇଛନ୍ତି। ଏବେ

**ଦେହେରୀ କଟାଁ**
- ଅଯଥାରେ ବୋହିଯାଉଛି ଜଳାଶୟ ପାଣି

ଲଘୁଚାପଜନିତ ବର୍ଷା ଲାଗିରହିଛି। ବର୍ଷା ହେବା ଫଳରେ ପ୍ରକଳ୍ପରେ ପାଣି ସଂରକ୍ଷିତ ହେବାରେ ଲାଗିଛି। ହେଲେ ଗେଟ ଲାଗି ନ ଥିବାରୁ ବର୍ଷା ପାଣି ସଂରକ୍ଷିତ ନ ରହି ନିଷ୍କାସନ ପଥରେ ବୋହି ଯାଉଛି। ଏଥିଯୋଗୁ ଆଗାମୀ ଦିନରେ ବର୍ଷା କମିଗଲେ ଦେହୁରୀ କଟାଁ ଶୁଖିଲା ପଡିବ। ବିଳମ୍ବିତ ଚାଷ ହୋଇଥିବାରୁ ପରିବର୍ତ୍ତୀ ସମୟରେ ବର୍ଷା ନ ହେଲେ ପ୍ରକଳ୍ପ ତଳମୁଣ୍ଡରେ ଥିବା ଚାଷଜମି ପ୍ରଭାବିତ ହେବା ନିଶ୍ଚିତ। ଗେଟ ପାଇଁ ଚାଷ ଓ ଚାଷୀ କ୍ଷତିଗ୍ରସ୍ତ ହେବେ ବୋଲି ବଙ୍ଗାବାହାଲ ଗ୍ରାମର ଚାଷୀ ଅଭିଯୋଗ କରିଛନ୍ତି। ବର୍ଷା ସରିଲା ପରେ ପ୍ରକଳ୍ପରେ ଗେଟ ଲାଗିବ କି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

**ବୌଦ୍ଧ,୨୪।୮(ସ୍ୱ.ପ୍ର.)**

**ମିଥ୍ୟା ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ଅପହରଣ ମାମଲା**

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଲ୍ପନା ସ୍ୱାଇଁ ବୁଧବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କୁ ଅପହରଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ମହୁମୁଣ୍ଡିଆ (ଛତରଙ୍ଗ) ଗ୍ରାମର ବିବାହିତ ଯୁବକ ସୁଜନ ବେହେରା (୨୬)ପ୍ରେମ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ବିଭିନ୍ନ ପ୍ରଲୋଭନ ଦେଖାଇ ଗତ ୧୯।୫।୨୦୨୦ରେ ସମ୍ପୃକ୍ତା ନାବାଳିକାଙ୍କୁ ନେଇ ପଳାଇଥିଲେ। ନାବାଳିକାଙ୍କ ପରିବାର ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କର ସନ୍ଧାନ ପାଇ ନ ଥିଲେ। ୨୭।୫।୨୦୨୦ରେ ଏକ ଅଜଣା ଫୋନ୍ ନମ୍ବରରୁ ନାବାଳିକା ଜଣକ ଅଭିଯୁକ୍ତ ସୁଜନଙ୍କ ସହିତ ଭୁବନେଶ୍ୱରରେ ଆସି ରହୁଥିବା ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ନାବାଳିକାଙ୍କ ବାପା ଝିଅକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଅପହରଣ କରି ନିଆଯାଇଥିବା ନେଇ ୨୮।୫।୨୦୨୦ରେ ହରଭଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ହରଭଙ୍ଗା ଥାନା ପୋଲିସ ନଂ.୭୬/୨୦ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗତ ୬।୬।୨୦୨୦ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ମାମଲାଟି ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ୍ ୧୫/୨୦(ପୋକ୍‌ସୋ) ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୮ ଜଣ ସାକ୍ଷୀ ଓ ଅଭିଯୁକ୍ତଙ୍କ ପକ୍ଷରୁ ଜଣେ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସ୍ୱାଇଁ ପ୍ରମାଣ ଥିବା ନେଇ ଉପରୋକ୍ତ ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ଆଉ ଅଧିକ ୧ ବର୍ଷ କାରାଦଣ୍ଡାଦେଶ ଆଦେଶ ଦେଇଛନ୍ତି। ଏହାଛଡ଼ା ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦ ୬ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ସରକାରୀ ଓକିଲ ଧୁରୀଣ କୁମାର ଦେହୁରୀ ପରିଚାଳନା କରୁଥିଲେ।

# ଯୁବତୀଙ୍କ ମୁଣ୍ଡବିହୀନ ମୃତଦେହ ଜବତ

**ସଇଁତଲା, ୨୪।୮(ଡି.ଏନ.ଏ.)**

- ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍, ପୋଲିସ ତନାଘନା
- ମୁଣ୍ଡ କାଟି ନଦୀରେ ଫିଙ୍ଗି ଦେଇଥିବା ସନ୍ଦେହ

ବଲାଙ୍ଗୀର ଜିଲା ସଇଁତଲା ଥାନା କୁଇକେଡ଼ା ପଞ୍ଚାୟତ ନିକଟ ଲାନ୍ଥନଦୀ ପଠାରୁ ଏକ ମୁଣ୍ଡବିହୀନ ମୃତଦେହ ପୋଲିସ ବୁଧବାର ଜବତ କରିଛି। ସକାଳୁ କମରଲଗା ଗ୍ରାମବାସୀ ଶୌଚ ପାଇଁ ନଦୀକୁ ଯାଇଥିବାବେଳେ ଏକ ମୃତଦେହ ଭାସୁଥିବା ଦେଖି ସଇଁତଲା ପୋଲିସକୁ ଖବର ଦେଇଥିଲେ। ସଇଁତଲା ଥାନାଧିକାରୀ ଅବନୀ ସାହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ଭାସୁଥିବା ସ୍ଥାନରୁ ପ୍ରାୟ ୧୫୦ ମିଟର ଦୂର କମରଲଗା ରାସ୍ତାର ଭଙ୍ଗା ବ୍ରିଜ୍‌ରେ ରକ୍ତ ପଡ଼ିଥିବା ପୋଲିସ ଦେଖିବାକୁ ପାଇଥିଲା। ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ଟିଟିଲାଗଡ଼ ଥାନା ଅଧିକାରୀ ରଞ୍ଜନ ବରିହା ସଇଁତଲା ଅଗ୍ନିଶମ ବିଭାଗ, ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ମୃତଦେହ ପାଣିରୁ ବାହାରକୁ ଆଣିବା ପରେ ଏହା ଜଣେ ଯୁବତୀଙ୍କର ଓ ମୁଣ୍ଡ ନ ଥିବା ଜଣାପଡ଼ିଥିଲା। ଯୁବତୀଙ୍କ ବୟସ ୨୦ରୁ ୨୫ ବର୍ଷ ହେବ ବୋଲି ଏସ୍‌ଡିପିଓ ଶତପଥୀ କହିଛନ୍ତି। ଯୁବତୀ ଜଣକ କଳାରଙ୍ଗର ପ୍ୟାଣ୍ଟ ଓ ଶାର୍ଟ ପିନ୍ଧିଥିବାବେଳେ ତାଙ୍କ ଗୋଡ଼ରେ ଦୁଇଟି କଳା ରଙ୍ଗର ସୂତା ବନ୍ଧାଯାଇଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଗଳା କାଟି ହତ୍ୟା କରି ତାଙ୍କୁ ନଦୀରେ ପକାଇ ଦିଆଯାଇଥିବା ପୋଲିସ ଅନୁମାନ କରୁଛି। ତେବେ ନଦୀରେ ସ୍ରୋତ କମ୍ ଥିବାରୁ ମୃତଦେହ ବେଶିଦୂର ଯାଇପାରି ନ ଥିବା ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟକରି ପୋଲିସ କହିଛି। ଜବତ ମୃତଦେହ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଯାଇଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ ଦିନତମାମ୍ ନଦୀକୂଳ ଓ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରୁଥିଲେ ହେଁ ମୁଣ୍ଡ ପାଇନାହିଁ। ଆଗାମୀ ଦିନରେ ପୋଲିସ ଏହି ମାମଲାର ପର୍ଦ୍ଦାଫାଶ କରିପାରୁଛି ନା ପୂର୍ବରୁ ସଇଁତଲା ଥାନା ଅଞ୍ଚଳରେ ହୋଇଥିବା ତିନୋଟି ହତ୍ୟା ଘଟଣା ଭଳି ଫାଇଲ ତଳେ ଚାପି ହୋଇଯିବ ତାହା ସାଧାରଣରେ ଚର୍ଚ୍ଚା ହେଉଛି।

### ନୃତ୍ୟ ସଙ୍ଗୀତରେ ଦୁଲୁକିବ ଫୁଲମୁଠି ନୂଆଁଖାଇ ଭେଟଘାଟ

**ସୋନପୁର,୨୪।୮(ନି.ପ୍ର.)**

ଗଣପର୍ବ ନୂଆଁଖାଇ ଭେଟଘାଟ ସାଂସ୍କୃତିକ କାର୍ଯ୍ୟକ୍ରମ ଗତ ଦୁଇ ବର୍ଷ ଧରି କରୋନା ମହାମାରୀ ଯୋଗୁ ବନ୍ଦ ରହିଥିଲା। ତେବେ କଟକଣା ହଟିଥିବାରୁ ଚଳିତଥର ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଫୁଲମୁଠିରେ ନୂଆଁଖାଇ ଭେଟଘାଟ ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯିବ। ଅଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କ ନୃତ୍ୟ ଓ ସଙ୍ଗୀତରେ ନୂଆଁଖାଇ ଭେଟଘାଟ ଉତ୍ସବ ଦୁଲୁକିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଫୁଲମୁଠି ଗ୍ରାମବାସୀଙ୍କ ମନରେ ଉତ୍ସାହ ଦେଖାଦେଇଛି। ଆୟୋଜକ ଆଜାଦ ୟୁଥ କ୍ଲବର ସଦସ୍ୟମାନଙ୍କ ଦାରା ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। କ୍ଲବ ସଭାପତି ଆନନ୍ଦ କୁମାର ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମ୍ପାଦକ ନୀଳାମ୍ବର ସାହୁ କାର୍ଯ୍ୟକ୍ରମର ରୂପରେଖ ଉପରେ ସୂଚନା ପ୍ରଦାନ କରିଥିଲେ। ଖୋଲାମଞ୍ଚ ପେଣ୍ଡାଲରେ ଭେଟଘାଟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ଏବଂ ଲୋକଙ୍କୁ ରାତି ତମାମ ବାନ୍ଧି ରଖିବା ପାଇଁ ଗ୍ରାମର କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ ସାଙ୍ଗକୁ ଗ୍ରୁପ ଡ୍ୟାନସ ଆୟୋଜିତ ହେବ। ଏହି ଅବସରରେ କୃତି ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ।

# ଅନ୍ଧାରରେ ଟାଙ୍ଗୁରୁକୁପା ଗାଁ

**ବୌଦ୍ଧ,୨୪।୮(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ପଞ୍ଚାୟତର ଟାଙ୍ଗୁରୁକୁପା ଗାଁ ୧୫ରୁ ଉର୍ଦ୍ଧ୍ୱ ଦିନ ହେଲା ଅନ୍ଧାରରେ ରହିଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ବଣପାହାଡ ଘେରା ଟାଙ୍ଗୁରୁକୁପା ଏକ ଛୋଟିଆ ଗାଁ। ୧୫ ଦିନ ତଳେ ଗ୍ରାମର ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯିବାରୁ ଗ୍ରାମବାସୀ ଡିବିରି ଆଲୁଅରେ ଚଳୁଛନ୍ତି। ଟ୍ରାନ୍ସଫର୍ମର ପୋଡିଯିବା ନେଇ ଗ୍ରାମବାସୀ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଜଣାଇଥିଲେ। ହେଲେ ବକେୟା ବିଦ୍ୟୁତ୍ ବିଲ ପଇଠ କଲେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏହାମଧରେ ବକେୟା ବିଦ୍ୟୁତ୍ ବିଲ ପଇଠ କରିଥିଲେ ମଧ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପଟେ ବିଦ୍ୟୁତ୍ ନ ଥିବାରୁ ଗ୍ରାମର ପିଲାମାନେ ପାଠ ପଢି ପାରୁ ନ ଥିବା ବେଳେ ବର୍ଷା ଯୋଗୁ ପାହାଡରୁ ବିଷଧର ସାପ ଗାଁକୁ ପଶି ଆସୁଛନ୍ତି। ଫଳରେ ରାତି ହୋଇଗଲେ ଗ୍ରାମବାସୀ ଭୟ ଓ ଆତଙ୍କ ମଧରେ ଦିନ କାଟୁଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଟ୍ରାନ୍ସଫର୍ମର ବସାଇବା ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ୫୦୯ ୟୁନିଟ ରକ୍ତ ସଂଗ୍ରହ




ଶିବିରରେ ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

**ଉଲୁଣ୍ଡା,୨୪।୮(ଡିଏନଏ)**

**କଲେଜରେ ମେଗା ରକ୍ତଦାନ ଶିବିର**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି କଲେଜଠାରେ ମେଗା ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଥାନା ପକ୍ଷରୁ ଆୟୋଜିତ ହୋଇଥିବା ଏହି ରକ୍ତଦାନ ଶିବିରକୁ ସୁବର୍ଣ୍ଣପୁର ଜିଲାପାଳ ଆବୋଲି ସୁନିଲ ନରୱାଣେ, ଏସ୍‌ପି ଅମରେଶ ପଣ୍ଡା ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢୀ,ଏସଡିପିଓ ଡୋଲାମଣି ଭୋଇ, ଆରଟିଓ ରବିନ ପଟ୍ଟନାଏକ, ବ୍ଲକ ଶିକ୍ଷାଧିକାରୀ ରାଜେନ୍ଦ୍ର ମିଶ୍ର ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ୫୭ ଜଣ ଛାତ୍ରୀ ଓ ମହିଳାଙ୍କ ସମେତ ୫୦୯ ଜଣ ରକ୍ତଦାନ କରିଥିଲେ। ବୁର୍ଲା, ବରଗଡ ଏବଂ ସୋନପୁର ଡାକ୍ତରଖାନାରୁ ଡାକ୍ତର ମାନେ ଆସି ରକ୍ତସଂଗ୍ରହ କରିଥିଲେ। ଆଇଆଇସି ଚନ୍ଦ୍ର ମୋହନ ସିଂଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ଆମ ପୁଲିସ ସମତିର ସଭାପତି ନରେନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ପଶ୍ଚିମ ଓଡିଶା ଯୁବମଞ୍ଚ, ଡ୍ରାଇଭର ମହାସଂଘ, ସିନ୍ଦ୍ରିଆବାହାଲ ରଘୁନାଥ ଯୁବକ ସଂଘ, କୋଟସମଲାଇ ଜଗନ୍ନାଥ ଯୁବକ୍ଲବ, ବଣିକ ସଂଘ, ସ୍ୱଚ୍ଛ ଭାରତ ସଂଗଠନ ସୋନପୁର, ବାଘପାଲି ଚନ୍ଦ୍ରମଣି ଯୁବକ ସଂଘ, ଉଲୁଣ୍ଡା ଯୁବ ମହାସଂଘ, ଉଲୁଣ୍ଡା ଆମ ପୁଲିସ ସମିତି, ବିଦ୍ୟୁତ ବିଭାଗ, ବନବିଭାଗ, ଅଗ୍ନିଶମ ବିଭାଗ, ସମସ୍ତ ଜିଲା ପରିଷଦ, ସମିତି ସଭ୍ୟ, ସରପଞ୍ଚ ଯୋଗଦେଇ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିମାନେ ରକ୍ତଦାତା ମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

### କସ୍ତୁବ ସାହୁ କୋସଲ ସେନା ରାଜ୍ୟ ସଭାପତି ମନୋନୀତ

**ଲୋଇସିଂହା,୨୪।୮(ଡି.ଏନ.ଏ.)**

ଲୋଇସିଂହା ବ୍ଲକ କୁଶମଲେ ପଞ୍ଚାୟତ ସରପଞ୍ଚ କସ୍ତୁବ ସାହୁ କୋସଲ ସେନା ରାଜ୍ୟ ସଭାପତି ବୁଧବାର ମନୋନୀତ ହୋଇଛନ୍ତି। ବଲାଙ୍ଗୀର ଯାଦବ ଭବନ ଠାରେ କୋସଲ ସେନାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ କୋସଲ ସେନାର ଯୁବ ସଂଗଠନ ସାହୁଙ୍କୁ ରାଜ୍ୟ ସଭାପତି ଭାବେ ମନୋନୀତ କରାଯାଇଥିଲା। ସାହୁ କୋସଲ ସେନାର ଜଣେ ସକ୍ରିୟ ସଦସ୍ୟ ଏବଂ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ରଙ୍କ ଅନୁଗତ ଭାବେ ଜଣାଶୁଣା।

# ବିଜେଡି ପ୍ରତିଷ୍ଠା ଦିବସରେ ଚାରା ରୋପଣ



ମନ୍ତ୍ରୀ ଟୁକୁନୀ ସାହୁ ଚାରା ରୋପଣ କରୁଛନ୍ତି।

**ଟିଟିଲାଗଡ,୨୪।୮(ଡି.ଏନ.ଏ.)**

ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଟିଟିଲାଗଡ଼ ବ୍ଲକର ସମସ୍ତ ପଞ୍ଚାୟତରେ ଚାରା ରୋପଣ କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ ବାନ୍ଧୁପଲା ଗ୍ରାମ ପଞ୍ଚାୟତର ଦେଶିଲସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଗଛ ବଞ୍ଚିବା ପର୍ଯ୍ୟନ୍ତ ଏହାର ଯତ୍ନ ନେଲେ ଉଦ୍ଦେଶ୍ୟ ଫଳପ୍ରଦ ହେବ ବୋଲି ଏହି ଅବସରରେ ମନ୍ତ୍ରୀ ସାହୁ କହିଥିଲେ। ଏହି ଅବସରରେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା ରମାକାନ୍ତି ପୁଟେଲ, ପୌର ପରିଷଦ ଉପାଧକ୍ଷା ପୁଷ୍ପା ମଞ୍ଜରୀ ଜାଲ, କାଉନସିଲର ଚନ୍ଦ୍ରକାନ୍ତି ନାଗ, ସାବିତ୍ରୀ ବାରିକ, ସୁନିତା ଦାଶ, ସୁଧୀର ଅଗ୍ରୱାଲ, ଅଞ୍ଜନା ବର୍ମା, ଦଳୀୟ କର୍ମୀ ଦୁର୍ଯ୍ୟ ଛତର, ପିପୁ ବଗର୍ତ୍ତି, ଜଗଦୀଶ ମାଝି, ସୁରେନ୍ଦ୍ର ମହାରଣା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ଦଳ ତରଫରୁ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତା ନାୟକ, ଉପାଧକ୍ଷ ଜଗତରାମ ରଣା ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିଂକି ପୋଢ଼, ଓ ସଞ୍ଜୟ ବେହେରା, ବ୍ଲକ ବିଜେଡି ସଭାପତି ପୋଢ଼ ବାବୁ, ଦିଲୀପ ବାଗ, ରୁଟୁ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ନିଯୁକ୍ତି ମେଳା

**ଡୁଙ୍ଗୁରିପାଲି,୨୪।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ବୁଧବାର ସ୍ଥାନୀୟ ଆରଏମସି ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଏବିଡ଼ିଓ ଆନନ୍ଦଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ସିଡିପିଓ ଜୟନ୍ତୀ ଗଡତିଆ, ଜିଲା ସଂଯୋଜନା ଓରମାସ ଅଧିକାରୀ ବିଶ୍ୱମ୍ବର ପରିଡା ଯୋଗ ଦେଇଥିଲେ। ଏହି ଅବସରରେ ମୋଟ ୧୧୧ଜଣ ଆଶାୟୀ ପଞ୍ଜିକରଣ କରିଥିଲେ। ଏଥିରେ ବିଭିନ୍ନ ବିଭାଗରେ ନିଯୁକ୍ତି ନେଇ ପରାମର୍ଶ ଦିଆଯାଇଥିଲା। ପୂର୍ବରୁ ଆମ୍ବା ନିଯୁକ୍ତି ପାଇଥିବା ଶୁଖା ଗ୍ରାମର ପ୍ରିୟା ନନ୍ଦଙ୍କୁ ୫୦୦ ଟଙ୍କା ସହ ଉପଢୀକନ ଦେଇ ସମ୍ମାନିତ କରାଯାଇଥିଲା। ସୁବର୍ଣ୍ଣପୁର ଇଡୁ ଜବ ଏକାଡେମୀର ନୀଲୁ ପାଣିଗ୍ରାହୀ ଓ ବ୍ଲକ ପ୍ରୋଗ୍ରାମ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବ୍ଲକସ୍ତରୀୟ ନିଯୁକ୍ତି ମେଳାରେ ଯୋଗଦେଇଥିବା ଅତିଥି।

# ଶୋଧପତ୍ର ଲିଖନ ପ୍ରତିଯୋଗିତା ପୋଷ୍ଟର ବିମୋଚନ କଲେ କୁଳପତି

**ବଲାଙ୍ଗୀର ଅଫିସ, ୨୪।୮**

ଭାରତୀୟ ଶିକ୍ଷଣ ମଣ୍ଡଳ ଦ୍ୱାରା ସୁଭାଷ-ସ୍ୱରାଜ-ସରକାର ଶୋଧପତ୍ର ଲିଖନ ପ୍ରତିଯୋଗିତାର ପୋଷ୍ଟରକୁ ବୁଧବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କ ଉନ୍ମୋଚନ କରିଛନ୍ତି। ଶିକ୍ଷଣ ମଣ୍ଡଳର ପଶ୍ଚିମ ପ୍ରାନ୍ତୀୟ ଉପାଧକ୍ଷ ପ୍ରଫେସର ତରୁଣ କୁମାର ମିଶ୍ର, ପ୍ରାନ୍ତୀୟ ବିସ୍ତାରକ ଉମେଶ ସିଂ, ବରିଷ୍ଠ ସଦସ୍ୟ ଧର୍ମବ୍ରତ ରଥ ତଥା ସଭ୍ୟ ଦିବାକର ହୋତା ଉନ୍ମୋଚନ ସମୟରେ ଉପସ୍ଥିତ ଥିଲେ। ଉକ୍ତ ପ୍ରତିଯୋଗିତା ପାଇଁ ଯେକୌଣସି ସ୍ନାତକ କିମ୍ବା ତଦୁର୍ଦ୍ଧ ଡିଗ୍ରୀଧାରୀ କିମ୍ବା ୪୦ ବର୍ଷରୁ କମ୍ ବୟସର ବ୍ୟକ୍ତିବିଶେଷ ୩୦ ଅଗଷ୍ଟ ସୁଦ୍ଧା ପଞ୍ଜୀକରଣ କରି ୨୫ ସେପ୍ଟେମ୍ବର ସୁଦ୍ଧା ନିଜର ଶୋଧପତ୍ର ଅନ୍‌ଲାଇନରେ



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ପଠାଇ ପାରିବେ। ଆଗ୍ରହୀ ବ୍ୟକ୍ତିବିଶେଷ ସବିଶେଷ ବିବରଣୀ ପାଇଁ ନିକଟସ୍ଥ କଲେଜ କର୍ତ୍ତୃପକ୍ଷଙ୍କ ସହ ଯୋଗଯୋଗ କରିପାରିବେ। କୃତୀ ଛାତ୍ରୀଛାତ୍ରଙ୍କୁ ଦିଲ୍ଲୀରେ ପୁରସ୍କୃତ କରି ସ୍କୋଲରଶିପ ପାଇବା ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି। ଉକ୍ତ ଶୋଧପତ୍ରର ପୋଷ୍ଟରର ସ୍ଥାନୀୟ ଆୟୁର୍ବେଦିକ କଲେଜ, ମହିଳା ମହାବିଦ୍ୟାଳୟ, ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ଅଧିକାରୀଙ୍କୁ ପ୍ରଦାନ କରି ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା କରାଯାଇଛି। ଜିଲାର ଅନ୍ୟାନ୍ୟ କଲେଜ କର୍ତ୍ତୃପକ୍ଷମାନଙ୍କୁ ମଧ ଏସମ୍ପର୍କରେ ଅବଗତ କରାଯାଇଥିବା ଜଣାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୫ ଅଗଷ୍ଟ, ୨୦୨୨

### ନିଶ୍ଚିତ କର୍ମନିଯୁକ୍ତି କର୍ମଶାଳା

ଜାମଟିକ୍ରା,(ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ବ୍ଲକ ଅମଲିପାଲି ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ସରପଞ୍ଚ ସୁନନ୍ଦା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାର ନିଶ୍ଚିତ କର୍ମନିଯୁକ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସିଆରପି ଲିଳାବତୀ ମହାକୁର, ଲୋଚନେ ବାଗ, କୁଞ୍ଜଲତା କୁମ୍ଭାର ଓ ଏମବିକେ ମନ୍ଦାକିନୀ କରାଲା ଉପସ୍ଥିତ ଥିଲେ। ଅନେକ ଯୁବତୀଯୁବକ ଯୋଗଦେଇ ଏହି ଯୋଜନା ଉପରେ ଆଗ୍ରହ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୁନୁ ବିଶ୍ୱାଳ, ପ୍ରଦୀପ ମହାପାତ୍ର ସହଯୋଗ କରିଥିଲେ।



# ୪ ଆନ୍ତଃଜିଲା ଚୋର ଗିରଫ

ଅତାବିରା/ସରଣ୍ଡା,୨୪।୮



୪ଚୋରି ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ୪ ଆନ୍ତଃଜିଲା ଚୋରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ କୁଚିପାଲି ଗ୍ରାମର ବିଶ୍ୱଜିତ ସାହୁ(୨୦), ଝପାଲି ଗ୍ରାମର ଅମିତ ଓରଫ ଦୁଃଖନାଶନ ବିଶି(୨୧), ଭଟଲି ଥାନା ବଡ଼ମାଲ ଗ୍ରାମର ବିକାଶ ଓରଫ୍ ଲାଣ୍ଡୁ ଓରଫ୍ ବୁଦ୍ଧଦେବ ବାରିକ(୧୯) ଏବଂ ପ୍ରଫୁଲ୍ଲ ଓରଫ ଡିଲେଶ୍ୱର ମେହେର(୩୨)। ଅତାବିରା ଥାନା ପୋଲିସ ସେମାନଙ୍କ ବିରୋଧରେ ଦଫା ୪୫୭, ୩୮୦ ଆଇପିସିରେ ଏକ ମାମଲା(୨୮୪/୨୨) ରୁଜୁ କରିଛି। ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି ।

ପ୍ରକାଶ ଯେ, ଗତ ୧୪ତାରିଖ ବିଳମ୍ବିତ ରାତ୍ରିରେ ଅତାବିରା ଥାନା ଲସ୍ତଲା ଗ୍ରାମର ଅନିଲ ସରାଫଙ୍କ ଗହଣା ଦୋକାନରୁ ଚୋରି ହୋଇଥିଲା। ଅଭିଯୁକ୍ତମାନେ ସୁନା,ରୁପା ଅଳଙ୍କାର ଚୋରି କରି ନେଇଥିଲେ। ଏ ନେଇ ସରାଫ ଥାନାରେ ଏତଲା ଦେବା ପରେ ପୋଲିସ ଉପରୋକ୍ତ ମାମଲା ରୁଜୁ କରି ଅନୁସନ୍ଧାନ ଚଲାଇଥିଲା। ତଦନ୍ତରେ ଉପରୋକ୍ତ ଅଭିଯୁକ୍ତଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ପାଖରୁ ୨ଟି ବାଇକ୍, ଚୋରି ହୋଇଥିବା ସୁନା,ରୁପା ଅଳଙ୍କାର, ଗ୍ୟାସ ସିଲିଣ୍ଡର ଆଦି ଜବତ୍ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ଜିଲାର ଅତାବିରା ସମେତ ବରଗଡ଼ ସଦର, ଭଟଲି, ଅମ୍ବାଭୋନା ଆଦି ଥାନା ଅଞ୍ଚଳରେ ସଂଘଟିତ ବିଭିନ୍ନ ଚୋରି ମାମଲାରେ ସମ୍ପୃକ୍ତି ଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ ସୂଚନା ଦେଇଛି।

# ଏଏସଓ ପରୀକ୍ଷା ପରିଚାଳନା ପ୍ରସ୍ତୁତି

ବରଗଡ଼ ଅଫିସ୍,୨୪।୮

ଆସନ୍ତା ୨୭ତାରିଖ ଓଡ଼ିଶା ଲୋକସେବା ଆୟୋଗ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏ.ଏସ.ଓ ପରୀକ୍ଷା ପରିଚାଳନା ପାଇଁ ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅତାବିରା ତହସିଲଦାର ସୌଭାଗ୍ୟ ନାୟକ ପରୀକ୍ଷା ସଂଯୋଜକଭାବେ ଯୋଗଦାନ କରିଥିଲେ। ସେ ପରୀକ୍ଷା ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ଦେଇଥିଲେ। ବୈଠକରେ ୧୬ଜଣ ପରୀକ୍ଷା ନିରୀକ୍ଷକ ଯୋଗଦାନ କରିଥିଲେ। ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦିବସରେ ସକାଳ ୮ଟାରେ ପ୍ରବେଶ କରିବାକୁ ଥିବାବେଳେ ଦିନ ୯ଟାରେ ପରୀକ୍ଷା ହେବ ବୋଲି ସୂଚନା ଦିଆଯାଇଥିଲା। ୩ଟି ସିଟିଂରେ ପରୀକ୍ଷା ହେବ ବୋଲି ବୈଠକରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ।

# ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ


ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢାଉ କରାଯାଉଛି ।

ବଘିଆପଡା,୨୪।୮(ଡି.ଏନ.ଏ.)

## ୪ ହଜାର ଟଙ୍କା ଜରିମାନା ଆଦାୟ

ଖାଦ୍ୟ ନିରାପତ୍ତା ଓ ସୁରକ୍ଷା ବିଭାଗ ପକ୍ଷରୁ ବୁଧବାର ବୌଦ୍ଧ ଜିଲା ବଘିଆପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମେଣ୍ଡିମାଲ ଓ ଆଖପାଖ ଅଞ୍ଚଳରେ ଥିବା କେତେକ ଦୋକନ ଉପରେ ଚଢାଉ କରାଯାଇ ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଖାଦ୍ୟ ନିରାପତ୍ତା ସୁରକ୍ଷା ବିଭାଗ, ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଅପରାହ୍ନରେ ବଘିଆପଡା ଅଞ୍ଚଳର ୧୫ ଗୋଟି ଦୋକାନ ଉପରେ ଚଢାଉ କରାଯାଇଥିଲା। ସେଥିମଧ୍ୟରୁ କେତେକ ଦୋକାନରେ ତମାଖୁ, ଗୁଟଖା ଆଦି ରଖାଯାଇଥିବା ଅଭିଯୋଗରେ ୩ ହଜାର ଓ ଖାଦ୍ୟ ନିରାପତ୍ତା କାରଣରୁ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢାଉରେ ଖାଦ୍ୟ ନିରାପତ୍ତା ଅଧିକାରୀ ଧରଣୀଧର ନାଏକ , ଭେଷଜ ନିରୀକ୍ଷକ ସନ୍ତୋଷ ପ୍ରଧାନ, ଜିଲା କନସଲାଣ୍ଟ ଆଲୋକ କୁମାର ମିଶ୍ର, ଅବକାରୀ ଓ ପୋଲିସ କର୍ମଚାରୀ ସାମିଲ ଥିଲେ।

# ଭୋଟର ପରିଚୟ ପତ୍ର, ଆଧାର ସଂଯୋଗୀକରଣ ତାଲିମ ଶିବିର

ପାଇକମାଲ, ୨୪।୮(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବିନ୍ଧ୍ୟବାସିନୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ, ଜାତୀୟ ସେବାସଂସ୍ଥା ଓ ମୋ କଲେଜ ଅଭିଯାନ ମିଳିତ ଆନୁକୂଲ୍ୟରେ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗୀକରଣ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଲୋହିତ କୁମାର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପାଇକମାଲ ବିଡିଓ ଦେବାଶିଷ ସିହ୍ନା ଉପସ୍ଥିତ ରହି ଅଡିଓ ଭିଜୁଆଲ ମାଧମରେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ। ଜିପିଓ ଅନିଲ କୁମାର ପାଣିଗ୍ରାହୀ ଭୋଟର ପରିଚୟପତ୍ର ସହ ଆଧାର ନମ୍ବର କିପରି ସଂଯୋଗ କିପରି କରାଯିବ ତାର ଉଦେଶ୍ୟ ତଥା ଉପାଦେୟତା ସମ୍ବନ୍ଧରେ ବାର୍ତ୍ତା ପ୍ରଦାନ କରିଥିଲେ। ଶେଷରେ ଅଧାପକ ପ୍ରଦୀପ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିୟମ ବାହାରେ ବଦଳି

ଦେଓଗାଁ,୨୪।୮(ଡି.ଏନ.ଏ.)

## ପୂର୍ବସ୍ଥାନକୁ ଫେରି ପାରୁ ନାହାନ୍ତି ପାକ୍ସ ଡିଇଓ

ସରକାରୀ ନିୟମ ମୁତାବକ ପାକ୍ସରେ କାର୍ଯ୍ୟ କରୁଥିବା ଡାଟା ଏଣ୍ଟ୍ରି ଅପରେଟର (ଡିଇଓ)ମାନଙ୍କ ବଦଳି ନାହିଁ। ହେଲେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ଓ ଧଣ୍ଡାମାଲ ପାକ୍ସରେ କାର୍ଯ୍ୟରତ ଡିଇଓଙ୍କ ବଦଳି କରାଯାଇଛି। ଗତ ୨ବର୍ଷ ହେଲା ଉଭୟ ପାକ୍ସର ଡିଇଓମାନେ ନିଜ ଅଞ୍ଚଳ ଛାଡି ଅନ୍ୟ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି। ପୂର୍ବ ନିଷ୍ପତ୍ତିର ସଂଶୋଧନ କରି ନିକଟରେ ଏଆରସିଏସ (ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ କୋଅପରେଟିଭ ସୋସାଇଟି) ପ୍ରଭାକର ନାୟକ ଉଭୟ ଡିଇଓଙ୍କୁ ପୂର୍ବ ପରି ନିଜ ପାକ୍ସରେ ଯୋଗ ଦେବାପାଇଁ ପତ୍ର କରିଥିଲେ। ଗତ ସୋମବାର ବଦଳି ଖବର ଜଣା ପଡିବା ପରେ ବନ୍ଧପଡା ପାକ୍ସ ସଭାପତି ଚିମନ ପଧାନ ଓ କେତେକ ଚାଷୀ ପାକ୍ସରେ ତାଲା ପକାଇଥିଲେ। କୌଣସିମତେ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଇ ଦେବେନାହିଁ ବୋଲି କହିଥିଲେ। ପରେ ସେ ଏ ନେଇ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କୁ ଫେରାଦ ହୋଇଥିଲେ। ଚାଷୀଙ୍କ ଅଭିଯୋଗ ଆଧାରରେ ବିଧାୟକ ମିଶ୍ର ସମ୍ପୃକ୍ତ ବିଭାଗକୁ ତର୍ଜମା କରି ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ଏହି ଅନୁସାରେ ସଦ୍ୟତମ ନିର୍ଦ୍ଦେଶନାମାକୁ ବାତିଲ କରାଯାଇଥିବା ଏଆରସିଏସ ନାଏକ କହିଛନ୍ତି। ଏ ନେଇ ବିଧାୟକ ମିଶ୍ରଙ୍କ ପ୍ରତିକ୍ରିୟା ନେବାରୁ ଚାଷୀଙ୍କ ଅଭିଯୋଗ ପରେ ତର୍ଜମା କରି ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲି ବୋଲି କହିଛନ୍ତି।

ସୂଚନା ଅନୁସାରେ ବନ୍ଧପଡା ପାକ୍ସର ଡିଇଓ ବସନ୍ତ ପୋଡଙ୍କୁ କୌଣସି କାରଣରୁ ୨ବର୍ଷ ତଳେ ଧଣ୍ଡାମାଲ ପାକ୍ସକୁ ପୂର୍ବତନ ଏଆରସିଏସ ଅନନ୍ତ କୁମାର ନାଏକ ଅସ୍ଥାୟୀ ଭାବେ ବଦଳି କରିଥିଲେ। ସେହିଭଳି ଧଣ୍ଡାମାଲ ପାକ୍ସର ଡିଇଓ ରାକେଶ ମିଶ୍ରଙ୍କୁ ବନ୍ଧପଡା ଡିଇଓ ଦାୟିତ୍ୱ ଦିଆଯାଇଥିଲା।

# ଘୁଙ୍ଗିଯୋର ପୋଲ ଉପରେ ୩ ଫୁଟ ପାଣି


ଘୁଙ୍ଗିଯୋର ପୋଲ ଉପରେ ସ୍କୁଲ ପିଲାଙ୍କୁ କାଖେଇ ପାରି କରାଯାଉଛି ।

ଅମରପାଲି,୨୪।୮(ଡି.ଏନ.ଏ.)

## ସ୍କୁଲ ପିଲାଙ୍କୁ ପାରି କଲେ ସ୍ଥାନୀୟ ଲୋକେ

ଲଘୁଚାପ ପ୍ରଭାବରେ ବୁଧବାର ଦିନ ବୀରମହାରାଜପୁର ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି । ଅପରାହ୍ନ ସାଢେ ଗୋଟାଏରୁ ପ୍ରାୟ ୪ଟା ପର୍ଯ୍ୟନ୍ତ ମୁଷଳ ଧାରାରେ ବର୍ଷା ହେବାରୁ ବୀରମହାରାଜପୁର-ଅମରପାଲି ରାସ୍ତାର ଭୁତିଆପାଲି ନିକଟସ୍ଥ ଘୁଙ୍ଗିଯୋର ପୋଲ ଉପରେ ପ୍ରାୟ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ଫଳରେ ଦୀର୍ଘ ୫ ଘଣ୍ଟା ଧରି ଉକ୍ତ ରାସ୍ତା ଦେଇ ଯାତାୟତ ଠପ୍ ହୋଇପଡିଥିଲା। ପୋଲ ଉପରେ ପାଣି ଯାଉଥିବାରୁ ଗାଡିମୋଟର ଚଳାଚଳ କରି ନ ଥିଲା । ସମ୍ବଲପୁରରୁ ମୁର୍ଷୁଣ୍ଡିକୁ ଆସୁଥିବା ବସ ଆସି ପାରି ନ ଥିଲା। ଏପରିକି ବୀରମହାରାଜପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ସହିତ ଅନ୍ୟ ସ୍କୁଲକୁ ଲୁଡୁରପଙ୍କ ଅଞ୍ଚଳରୁ ପଢିବାକୁ ଯାଇଥିବା କେତେକ ଛାତ୍ରୀଛାତ୍ର ପୋଲ ପାରି ହୋଇ ଆସି ପାରି ନ ଥିଲେ। ଦୀର୍ଘ ସମୟ ପୋଲ ପାର୍ଶ୍ୱରେ ଅପେକ୍ଷା କଲାପରେ ସ୍ଥାନୀୟ ଲୋକେ ଏବଂ ଅଭିଭାବକ ସ୍କୁଲ ଛାତ୍ରୀଛାତ୍ରଙ୍କୁ କାଖେଇ ପୋଲ ପାରି କରାଇଥିଲେ। ସୂଚନାଯୋଗ୍ୟ, ଉକ୍ତ ପୋଲ କମ ଉଚ୍ଚତା ଥିବା ଯୋଗୁ ଅସରାଏ ବର୍ଷା ହେଲେ ପୋଲ ଉପରେ ପାଣି ଯାଇଥାଏ। ଚଳିତବର୍ଷ ନୂତନ ଭାବେ ପୋଲ ତିଆରି ହେଉଥିବା ବେଳେ ଜମି ଅଧିଗ୍ରହଣ ନ କରି ରୟତି ଜମିରେ ପୋଲ ହେଉଥିବାରୁ କାମ ଅଧାରେ ବନ୍ଦ ରହିଛି। କାମ କରୁଥିବା ଠିକା ସଂସ୍ଥା ମାଟି ପକାଇ ଦେଇଥିବାରୁ ଏବେ ଯୋର ମଧ୍ୟ ଦେଇ ବନ୍ୟା ପାଣି ଠିକ ଭାବେ ନିସ୍କାସନ ହୋଇ ପାରୁନାହିଁ । ତେଣୁ ଯାତାୟାତରେ ସମସ୍ୟା ହେଉଛି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଲୁଡୁରପଙ୍କର ଜଣେ ଅଭିଭାବକ ରଘୁନାଥ ପ୍ରଧାନ ଓ ଅଞ୍ଚଳବାସୀ ଦାବି କରିଛନ୍ତି।


OFFICE OF THE PRINCIPAL,
GOVT. WOMEN'S COLLEGE, BHAWANIPATNA-766001
Email: gwc.bpt@gmail.com, Phone No. 0670-230723,
Website: gwcbhawanipatna.ac.in
Notice No.1119//GWC, Dt.23.8.22

**CANCELLATION OF WALK-IN-INTERVIEW**

**No.N-35:** In pursuance to the letter no. 35010/HE Dtd. 20.08.2022 of Department of Higher Education, Govt. of Odisha, the Walk-in-Interview for selection of Guest Faculties in the subjects of Education, History, Political Science, Home Science and Environmental Studies of Govt. Women's College, Bhawanipatna scheduled to be held on 27.08.2022 has been cancelled.

Sd./-Principal
Govt.Women's College, Bhawanipatna
OIPR-11035/11/0005/2223

GOVERNMENT OF ODISHA "e" PROCUREMENT NOTICE
Bid Identification No.: Online-05 of 2022-23
E-Mail ID: rwd.padampur@yahoo.co.in, Ph. No.: 9437255440
No. O-862

1. Name of the work : Building Works (As per Annexure - 'A')
2. Amount put to Bid Excluding GST : As per Annexure - 'A'
3. Class of Contractor : 'B' & 'A'
4. Cost of Tender Paper : As per Annexure - 'A'
5. Date & time of availability of bid document in the portal : From Dt,29.08.2022 at 10.00 A.M.
6. Last date & time for receipt of bids in the portal : Dt.07.09.2022 upto 05.00 P.M.
7. Last date of seeking clarification : Dt.06.09.2022 upto 05.00 P.M.
8. Date of Opening of Bid : Dt.08.09.2022 at 11.00 A.M.
9. Name and address of the Officer Inviting Bid : Executive Engineer, R.W. Division, Padampur, At/P.O.: Padampur, Dist.- Bargarh, PIN - 768036

(1) Other details can be seen from DTCN available in website **www.tendersorissa.gov.in**.
(2) Corrigendum if any shall only be published in the above website.

Sd./- Executive Engineer
OIPR-25069/11/0018/2223 Rural Works Division, Padampur

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE CHIEF GENERAL MANAGER (P&C)
IDCO, IDCO TOWER, BHUBANESWAR
No. CAD-1584
Tender Call Notice No. File No. IDCO/HO-P&C/0-2925/04/2020/V-1 21294 Dated: 20.08.2022

**NOTICE INVITING TENDER THROUGH e-Procurement**

Name of the Work : Supply and Installation of CCTV Camera inside and outside of Administrative Building, Paradeep Plastic Park at Paradeep.
Period of Completion : 3 (Three) Calendar Months

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-55/2022-23 | 17.00 hours of Dt.30.08.2022 | 17.00 hours of Dt.12.09.2022 |

Further details can be seen from the e-Procurement Portal: **www.Tendersodisha.gov.in.** and Corrigendum if any will be published in Newspapers and can only be seen in the e-Procurement portal as well as in IDCO website.
OIPR-14003/11/0121/2223 Sd./- Chief General Manager (P&C), IDCO, Bhubaneswar

GOVT. OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, NUAPADA
Email-rd_nuapada@rediffmail.com

**BID IDENTIFICATION NO. RWNPD - 06 (Online) of 2022-23 Date- 22.08.22**
**"e" PROCUREMENT NOTICE**

**No.O-877:** Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in.**
1.Name of the Work : Road & Building works in the District of Nuapada as mentioned in DTCN. 2. Total No of Works : 03 Nos. 3.Estimated Cost: Rs.4.20 lakhs to 35.17 Lakhs. 4.Period of Completion: 01 (One) to 06 (Six) Calendar Months. 5.Other Details:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Nuapada | RWNPD-06/2022-23 (Online) | 30.08.2022 at 10.00 A.M. | 13.09.2022 upto 5.00 PM | 12.09.2022 upto 5.00 PM | 14.09.2022 at 11.00 AM |

Further details can be seen from the website www.tendersorissa.gov.in.
Sd./- Executive Engineer, Rural Works Division, Nuapada
OIPR-25050/11/0010/2223

DISTRICT SOCIAL WELFARE OFFICER, KEONJHAR
**NOTICE**

**No.g-49:** The advertainment published vide this office Advertisement No.3018/Dtd.23.08.2022 inviting application from eligible experienced organization / Agencies for submission of proposal for "Selection and Management of Creches" in Keonjhar District under DMF, Keonjhar.
The details, terms and conditions along with the RFP documents can be downloaded from the district website www.keonjhar.nic.in.
The proposal complete in all respect should reach the undersigned before 21.09.2022 by 5 PM, Via means of courier / speed -post only.
The undersigned reserves the right to reject or cancel any or all the tenders, without assigning any reason thereof.

Sd./-District Social Welfare Officer,Keonjhar
OIPR-19223/11/0001/2223

OFFICE OF THE SUPERINTENDING ENGINEER
RURAL WORKS DIVISION No. - I, KEONJHAR
**"e" Procurement Notice for Building Works**
No. O-870
Indentification No. Online NCB - 03/2022-23

1. Name of the Work : R.I. Office-cum-Residence Building
2. Total Number of Work : 06 Nos.
3. Estimated Cost : Rs.40.70 lakhs to Rs.47.11 lakhs
4. Class of Contractor : 'C', 'B' & 'A'
5. Period of Completion : 6 (Six) Months
6. Other details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, R.W. Divn. No. I, Keonjhar | Building Works Online N.C.B. 03/2022-23 | Dt.30.08.2022 at 10.00 A.M. | Dt.13.09.2022 upto 5.00 P.M. | Dt.14.09.2022 at 11.30 A.M. |

Further details can be seen from the website **www.tenderorissa.gov.in.**
OIPR-25110/11/0005/2223 Sd./- Superintending Engineer, R.W. Divn. No.-I, Keonjhar

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DHENKANAL
E-Mail: eerwdkl@yahoo.co.in
No. O-872
**e-Procurement Notice**
No. 03/Building Works/2022-23

1. Name of the work : Building Works
2. Total No. of Works : 16 (Sixteen) Nos.
3. Estimated Cost : Rs.49.53 to 52.83 lakh (approx.)
4. Class of Contractor : "B" & "A" Class
5. Period of Completion : 8 (Eight) Calendar Months
6. Online for Bidding : 29.08.2022 at 11.00 A.M. to 11.09.2022 upto 5.00 P.M.
7. Last date & time of seeking tender clarification : 09.09.2022 upto 4.00 P.M.
8. Date & time of opening of tender (Technical Bid) : 12.09.2022 at 11.00 A.M.
9. Date & time of opening of tender (Financial Bid) : 14.09.2022 at 11.00 A.M.

Other details can be seen from the website **http://tendersorissa.gov.in.**
Sd./- Executive Engineer
OIPR-25101/11/0005/2223 R.W. Division, Dhenkanal

GOVERNMENT OF ODISHA
Office of the Chief Construction Engineer, N.H. Circle,Keonjhar
Email-senhkeonjhar@gmail.com
**INVITATION FOR BIDS**
**BID IDENTIFICATION NO.02/CCE-NHC-KJR of 2022-23**
**OFFICE ORDER NO.512/Dt.17.08.2022**

**No.b-12:** 1.Sealed tender in the prescribed form to be eventually drawn-up in PWD Form P-1 (Percentage Rate bids) in conformity with detailed Tender Call Notice is invited by the Chief Construction Engineer, N.H. Circle, Keonjhar on behalf of Governor of Odisha for tender in double cover system for construction of Road works as detailed in the table below from "B" Class / "A" Class Contractors registered with the State Government and contractor of equivalent grade/class registered with Central Government/MES/Railways, having registration for Civil works on production of definite proof from the appropriate authority. 2.The bidders may submit bid for the following work.

| Sl. No. | Name of the Work | Name of the Concerned N.H. Division | Value of Work (Approx) (Rupees in Lakhs) | Bid Security | Cost of tender Documents to be remitted online (Rupees) | Class of Eligible contractor | Period of completion in months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Providing C.C. paver Block to Road berm at Stretches of NH-220 from km 36/000 to 71/120 km for the year 2022-23 | Baripada | 146.75 Lakhs | As per Bid Security Declaration | 10,000/- | B & A | 3 (Three) Months |

3. Bid documents consisting of plans, specifications, the schedule of quantities and the set of terms and conditions of contract and other necessary documents can be seen in the website: https://tendersorissa,gov.in.
4. The Bid documents will be available in the website: https://tendersorissa.gov.in from 11.00 AM of 25.08.2022 to 05.00 PM of 05.09.2022 for online bidding.
5. The bidder must possess compatible Digital Signature Certificate (DSC) of Class-II or Class-III.
6. Bids shall be received only "online" up to **05.00 PM of 05.09:2022**
7. Bids received online shall be opened at **12.30 PM. on 06.09.2022** in the office of the Chief Construction Engineer, N.H. Circle, Keonjhar in presence of the bidders who wish to attend. Bidders who participated in the bid can witness the opening of bids by logging on to the site through their DSC. If the office happens to be closed on the date of opening of the bids as specified, the bids will be opened on the next working day at the same time and venue.
8. Other details can be seen in the bidding documents.
9. The authority reserves the right to cancel any or all bids without assigning any reason.
10. The Addendum/ Corrigendum / Cancellation of tender if any will be hosted in the website only.
11. The authority will not be held responsible for any technical problem or failure of network server during the online bidding.

OIPR-34145/11/0001/2223 Sd./- Chief Construction Engineer, N.H.Circle, Keonjhar

OFFICE OF THE SUPERINTENDING ENGINEER, RWSS DIVISION, RAIRANGPUR
**INVITATION FOR BIDS**
E-mail: eerwss_rai@nic.in, eerwss.rai@gmail.com
**e-PROCUREMENT NOTICE**
**IDENTIFICATION No. 23 RWSS/RRPUR-2022-23 / Dated: 19.08.2022**

No. O-869: The Superintending Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/Class registered with Central Govt./Railways.

1. Nature of work : a) Execution of clubbed up of PWS schemes to different villages of Bahalda & Thakurmunda Block under RWS&S Division, Rairangpur in the District of Mayurbhanj.
2. No. of packages : 03 (Three) Nos.
3. Period of Completion : 11 (Eleven) Months
4. Cost of Tender : Rs.10000.00
5. Estimated Cost : Rs.239.05 lakhs to Rs.403.96 lakhs
6. Class of Contractor : (As mentioned in Tender Call Notice)
7. Date and time of availability of bid documents in portal : From 10 hours of 29.08.2022 to 17.00 hours of 17.09.2022
8. Receipt of bid cost, bid security, documents : Online only
9. Date & time of opening of technical bid : Dt.19.09.2022 at 11.00 hours onwards
10. Other documents : (As mentioned in DTCN)
11. The bidders have to participate in Online bidding only. Further details can be seen from the website **https://www.tendersodisha.gov.in**.
12. Any addendum/corrigendum/cancellation of tender can also be seen in the said website.

Sd./- Superintending Engineer
OIPR-25010/11/0023/2223 RWSS Division, Rairangpur